ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୦/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, December 30/2019 | ★★★★★★
୪୬ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ହମ୍ପିଙ୍କୁ ଟାଇଟଲ

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ମହିଳା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି।

୧୯ ୦୯

## ପ୍ରଥମ ଥର ଭନ୍‌ସାଲିଙ୍କ ଫିଲ୍ମରେ ଆଲିୟା

ପ୍ରଥମ ଥର ପାଇଁ ସଞ୍ଜୟ ଲୀଲା ଭନ୍‌ସାଲିଙ୍କ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡ଼ି'ରେ ନଜର ଆସିବେ ଆଲିୟା। ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଛି।



# ଦାଦାସାହେବ ଫାଲ୍‌କେ ଗ୍ରହଣ କଲେ ଅମିତାଭ



ଅମିତାଭ ବଚ୍ଚନ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

ବଲିଉଡ୍ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କୁ ରବିବାର ଭାରତୀୟ ଚଳଚ୍ଚିତ୍ର ଜଗତର ସର୍ବଶ୍ରେଷ୍ଠ ପୁରସ୍କାର ଦାଦାସାହେବ ଫାଲ୍‌କେ ଆୱାର୍ଡରେ ସମ୍ମାନିତ କରିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ଗତ ସୋମବାର ଅନୁଷ୍ଠିତ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଅମିତାଭ ଏହି ପୁରସ୍କାର ଗ୍ରହଣ କରିବାକୁ ଥିଲେ ହେଁ ଅସୁସ୍ଥତା କାରଣରୁ ସେ ଆସିପାରି ନ ଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ ହିନ୍ଦୀ ସିନେମାର ବର୍ଷିୟାନ ଅଭିନେତାଙ୍କୁ ରାଷ୍ଟ୍ରପତି ସମ୍ମାନିତ କରିବେ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଡ୍‌କର ଘୋଷଣା କରିଥିଲେ।

ଭାରତୀୟ ସିନେମାର ଜନକ କୁହାଯାଉଥିବା ଧୁଣ୍ଡିରାଜ ଗୋବିନ୍ଦ ଫାଲ୍‌କେଙ୍କ ନାମରେ ୧୯୬୯ରେ ଏହି ପୁରସ୍କାର ସୃଷ୍ଟି ହୋଇଥିଲା। ସେହିବର୍ଷ ଅମିତାଭ 'ସାତ ହିନ୍ଦୁସ୍ତାନୀ' ମାଧ୍ୟମରେ ହିନ୍ଦୀ ଚଳଚ୍ଚିତ୍ର ଶିଳ୍ପ ଜଗତରେ ପଦାର୍ପଣ କରିଥିଲେ। ଦାଦାସାହେବ ଫାଲ୍‌କେ ପୁରସ୍କାର ବାବଦରେ ଏକ ସ୍ୱର୍ଣ୍ଣ କମଳ ପଦକ, ଏକ ଉତ୍ତରୀୟ ଏବଂ ୧୦ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ କରିବା ଅବସରରେ ଅମିତାଭ ଭାରତ ସରକାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଜାତୀୟ ଚଳଚ୍ଚିତ୍ର ପୁରସ୍କାରର ଜୁରୀ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଭଗବାନଙ୍କ ଦୟା, ମାତାପିତାଙ୍କ ଆଶୀର୍ବାଦ, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ ଓ ସହକଳାକାରମାନଙ୍କ ସହଯୋଗ ତାଙ୍କୁ ଏତେବାଟ ଆଣିପାରିଛି। ଏଥିସହିତ ଭାରତୀୟ ଦର୍ଶକମାନଙ୍କ ଭଲପାଇବା କ୍ରମାଗତ ପ୍ରୋତ୍ସାହନ ପାଇଁ ସେମାନଙ୍କ ନିକଟରେ ଋଣୀ ବୋଲି ୭୭ ବର୍ଷୀୟ ମେଗାଷ୍ଟାର କହିଥିଲେ। ଏହି ଉତ୍ସବରେ ପତ୍ନୀ ତଥା ଏମ୍‌ପି ଜୟା ବଚ୍ଚନ, ପୁଅ ଅଭିଷେକ ଓ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ସମସ୍ତ ବିଜେତାଙ୍କ ପାଇଁ ଚା'ଭୋଜିର ଆୟୋଜନ କରିଥିଲେ।

## ରେଲୱେ ଓଭରବ୍ରିଜ୍ ନିର୍ମାଣ ବେଳେ ଦୁର୍ଘଟଣା

# ଖସିଲା ୩୭ ମିଟର ଲମ୍ବ ଗାର୍ଡର୍

- ଘଟିନି ଜୀବନହାନି
- ଟ୍ରେନ ଚଳାଚଳ ପ୍ରଭାବିତ
- ବିଦ୍ୟୁତ ତାର ମରାମତି ସରି ନ ଥିବାରୁ ସ୍ୱାଭାବିକ ହୋଇପାରିନି ଚଳାଚଳ

**ବାଲେଶ୍ୱର ଅଫିସ, ୨୯।୧୨**

ବାଲେଶ୍ୱର ସହର ଶୋଭାରାମପୁର ଲେଭଲ କ୍ରସିଂ ନିକଟରେ ଓଭରବ୍ରିଜ୍ ନିର୍ମାଣ ଚାଲିଥିବାବେଳେ କ୍ରେନ୍ ଦ୍ୱାରା ପିଲାର ଉପରକୁ ୩୭ ମିଟର ଲମ୍ବର ୫ନଂ. ଗାର୍ଡର୍ (ଷ୍ଟିଲ ସ୍ପାନ୍) ଉଠାଇ ଯୋଡାଯିବା ସମୟରେ ଏହା ତଳକୁ ଖସିପଡ଼ିଛି। ଉକ୍ତ ଗାର୍ଡର ରେଳଧାରଣା ଉପରେ ପଡିବାରୁ ରେଳପଥ ଦେଇ ଯାଇଥିବା ବିଦ୍ୟୁତ୍ ତାର ଅଢେଇ କି.ମି. ଦୂର ପର୍ଯ୍ୟନ୍ତ ଛିଣ୍ଡିପଡିଥିଲା। ଓଭରବ୍ରିଜ୍‌ର ଅନ୍ୟ ପିଲାର ଉପରେ ଥିବା ୪ଟି ଗାର୍ଡ଼ର୍ ବଙ୍କା ହୋଇଯାଇଥିଲା। ନିର୍ମାଣ କାମ ଲାଗି ଫାଟକ ବନ୍ଦ ରଖାଯାଇଥିବାରୁ କୌଣସି ଜୀବନହାନି ଘଟିନାହିଁ। ଗାର୍ଡର ରେଳପଥ ଉପରେ ପଡିବା ଓ ବିଦ୍ୟୁତ୍ ବିଚ୍ଛିନ୍ନ ହେବା କାରଣରୁ ରବିବାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟ୍ରେନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଦକ୍ଷିଣ-ପୂର୍ବ ରେଳପଥ ସମେତ ପୂର୍ବତଟ ରେଳପଥର ବିଭିନ୍ନ ଷ୍ଟେଶନରେ ଟ୍ରେନ ସବୁ ଅଟକି ରହିଥିବାରୁ ରେଳଯାତ୍ରୀଙ୍କୁ ହଇରାଣ ହେବାକୁ ପଡିଛି। ଷ୍ଟିଲ ସ୍ପାନ ରେଳଧାରଣା ଉପରୁ ଉଠାଇ ବିଦ୍ୟୁତ୍ ସରବରାହ ଜାରି ରଖିବାକୁ ଉଦ୍ୟମ କରାଯାଉଛି। ଏହା ମଧ୍ୟରେ ସନ୍ଧ୍ୟା ସମୟରେ ପ୍ରଥମେ ଏକ ଯାତ୍ରୀବାହୀ ଲୋକାଲ ପାସେଞ୍ଜର ଟ୍ରେନ୍‌କୁ ଡିଜେଲ ଇଞ୍ଜିନ୍ ଲଗାଇ ଏଠାରେ ପାର କରାଯାଇଛି। ଦୁର୍ଘଟଣା ଖବରପାଇ ଖଡ଼୍ଗପୁର ଡିଭିଜନ୍‌ର ଡିଆର୍‌ଏମ୍ ମନୋରଞ୍ଜନ ପ୍ରଧାନଙ୍କ ସମେତ ଦକ୍ଷିଣ-ପୂର୍ବ ରେଳପଥର ବହୁ ବରିଷ୍ଠ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଯାନ୍ତ୍ରିକ ତ୍ରୁଟି କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ରେଲୱେ ପକ୍ଷରୁ କୁହାଯାଇଛି।



ଖସି ପଡ଼ିଥିବା ଗାର୍ଡ଼ରକୁ ଉଠାଯାଉଛି।

ଉଲ୍ଲେଖନୀୟ ଯେ, ଶୋଭାରାମପୁର ରେଲୱେ ଗେଟ୍ ନିକଟରେ ରେଳ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ୬୦ ଓ ୪୦ ପ୍ରତିଶତ ଅନୁଦାନରେ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଗତ ଫେବୃୟାରୀ ୨୩ରୁ ଆରମ୍ଭ ହୋଇଛି। ଏଥିଲାଗି ମଞ୍ଜୁର ହୋଇଛି ୫୧କୋଟି ୬୨ଲକ୍ଷ ଟଙ୍କା। ଏହାସହ ସୁରଜ ହୋଟେଲ୍ ରାସ୍ତାରୁ ଓଟି ରୋଡ୍ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଓ ନବୀକରଣ କାର୍ଯ୍ୟ ପୂର୍ତ୍ତବିଭାଗ ପକ୍ଷରୁ କରାଯାଉଛି। ଓଭରବ୍ରିଜ୍ ପାଇଁ ୩୦ଟି ପିଲାର ନିର୍ମାଣ ହେବାକୁ ଥିବାବେଳେ ପୂର୍ତ୍ତ ବିଭାଗ ୨୬ଟି ଏବଂ ରେଲୱେର ନିଜସ୍ୱ ଠିକାଦାର ଅନ୍ୟ ୪ଟି ପିଲାର ନିର୍ମାଣ କରୁଛନ୍ତି। ରେଲୱେ ପକ୍ଷରୁ ନିର୍ମିତ ୪ ପିଲାର ମଧ୍ୟରେ ୩ଟି ସ୍ଲାପ୍ ରହିଛି। ଗୋଟିକରେ ୩୭ମିଟର ଓ ଅନ୍ୟ ୨ଟିରେ ୨୫ମିଟର ଲେଖାଏଁ ସ୍ଲାପ୍ ପକାଇବା କାର୍ଯ୍ୟ ଜାରି ରହିଥିଲା। ରେଲୱେ ଠିକାଦାର କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଉକ୍ତ ଫାଟକ ରାସ୍ତାକୁ ଜନସାଧାରଣଙ୍କ ଲାଗି ବନ୍ଦ କରାଯିବା ସକାଶେ ସପ୍ତାହେ ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ଶୁକ୍ରବାରଠାରୁ ରେଳ ଫାଟକକୁ ବନ୍ଦ କରାଯାଇ ୨ ପ୍ଲାଟୁନ ଆର୍‌ପିଏଫ୍ ମୁତୟନ ପରେ କାମ ଆରମ୍ଭ ହୋଇଥିଲା। ରବିବାର ପୂର୍ବାହ୍ନରେ ରେଲୱେ ଠିକାସଂସ୍ଥା ପକ୍ଷରୁ ଦୁଇଟି ପିଲାର ଉପରକୁ ୪ଟି ଗାର୍ଡ଼ର୍ କ୍ରେନ୍ ଦ୍ୱାରା ଉଠାଯିବା ପରେ ୫ମ ଗାର୍ଡ଼ର୍‌କୁ ଉଠାଯାଇ ଯୋଡାଯାଉଥିଲା। କିନ୍ତୁ ହଠାତ୍ ଭାରସାମ୍ୟ ହରାଇ ତାହା ତଳକୁ ଖସି ପଡ଼ିଥିଲା। ଏ ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ଭାଗବତ ଦାସ କହିଛନ୍ତି, ନିର୍ମାଣାଧୀନ ଓଭରବ୍ରିଜ୍ ଉପରକୁ ରବିବାର ଗାର୍ଡ଼ର ଉଠାଇବା ସକାଶେ ସମ୍ପୃକ୍ତ କମ୍ପାନୀକୁ ଅନୁମତି ଦିଆଯାଇଥିଲା। ବର୍ତ୍ତମାନ ସ୍ଥିତି ସମୀକ୍ଷା କରି ପୁନର୍ବାର କାର୍ଯ୍ୟ ଲାଗି ଅନୁମତି ଦିଆଯିବ। ଦକ୍ଷିଣ-ପୂର୍ବ ରେଳପଥର ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଆଶିଷ କୁମାର ଖୁଣ୍ଟିଆ କହିଛନ୍ତି, ଓଭରବ୍ରିଜ୍ ନିର୍ମାଣ ବେଳେ ଗାର୍ଡର ଖସି ଛିଣ୍ଡି ପଡିଥିବା ବିଦ୍ୟୁତ୍ ତାର ସଜାଡ଼ିବା ପାଇଁ ଆଉ କିଛି ସମୟ ଲାଗିବ। ଖୁବ୍‌ଶୀଘ୍ର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି।

# ମୁଖ୍ୟମନ୍ତ୍ରୀ ଚୌକିକୁ ଫେରିଲେ ହେମନ୍ତ

## ଶପଥ ଗ୍ରହଣ ମଞ୍ଚରେ ବିରୋଧୀ ଏକ



ହେମନ୍ତ ସୋରେନଙ୍କ ଶପଥ ଗ୍ରହଣ ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଅନ୍ୟ ବିରୋଧୀ ଦଳର ନେତାମାନେ।

**ରାଞ୍ଚି, ୨୯।୧୨(ପି.ଟି./ଆଇଏଏନ୍ଏସ୍)**

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ନେତା ହେମନ୍ତ ସୋରେନ ରବିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚୌକିକୁ ଫେରିଛନ୍ତି। ସେ ରାଜ୍ୟର ଏକାଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହି ଅବସରରେ ଅନେକ ବିରୋଧୀ ଦଳ ନେତା ଉପସ୍ଥିତ ରହି ଏକତା ଦେଖାଇଛନ୍ତି।

ରାଞ୍ଚିର ମୋରାଡି ଗ୍ରାଉଣ୍ଡରେ ରବିବାର ଅପରାହ୍ନ ୨ଟାରେ ହେମନ୍ତ ସୋରେନଙ୍କ ଶପଥଗ୍ରହଣ ଉତ୍ସବ ହୋଇଥିଲା। ଏହି ୪୪ ବର୍ଷୀୟ ଆଦିବାସୀ ନେତାଙ୍କ ସହ କଂଗ୍ରେସର ୨ ବିଧାୟକ ରାମେଶ୍ୱର ଓରାଓନ ଓ ଆଲାମଗିର ଆଲାମ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ସତ୍ୟାନନ୍ଦ ଭୋକ୍ତା ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଶପଥ ଗ୍ରହଣ ଉତ୍ସବ ଭାଜପା ବିରୋଧୀ ଦଳଙ୍କ ମଞ୍ଚ ପାଲଟିଯାଇଥିଲା। ଏଥିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ସମେତ ଅନେକ ବିରୋଧୀ ଦଳ ନେତା ଏଥିରେ ଯୋଗଦେଇଥିଲେ। ସେହିପରି ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ଓ ତାଙ୍କ ଭଉଣୀ କାନିମୋଝି, ଆର୍‌ଜେଡିର ତେଜସ୍ୱୀ ଯାଦବ, ସିପିଏମ୍‌ର ସୀତାରାମ ୟେଚୁରୀ, ସିପିଆଇ ନେତା ଡି. ରାଜା ଏବଂ ଏନ୍‌ସିପି ମୁଖ୍ୟ ଶରଦ ପାୱାର ମଧ୍ୟ ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ହେମନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଯେ, ୮୧ ସଦସ୍ୟତା ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାର ନିର୍ବାଚନ ନିକଟରେ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ-ଜେଏମ୍ଏମ୍-ଆର୍‌ଜେଡି ମେଣ୍ଟକୁ ୪୭ ଆସନରେ ସଫଳତା ମିଳିଥିଲା। ନିର୍ବାଚନ ପରେ ହେମନ୍ତଙ୍କ ନେତୃତ୍ୱ ପ୍ରତି ଝାଡ଼ଖଣ୍ଡ ବିକାଶ ମୋର୍ଚ୍ଚା (ଜେଭିଏମ୍)ର ୩ ଓ ସିପିଆଇଏମ୍ଏଲ୍‌ର ଜଣେ ବିଧାୟକ ସମର୍ଥନ କରୁଛନ୍ତି। ଏହା ହେଉଛି ହେମନ୍ତଙ୍କ ଦ୍ୱିତୀୟ ପାଳି। ସେ ୨୦୧୩ ଜୁଲାଇ ୧୫ରୁ ୨୦୧୪ ଡିସେମ୍ବର ୨୮ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ। ଏହା ପୂର୍ବରୁ ହେମନ୍ତ ୨୦୧୦ ସେପ୍ଟେମ୍ବର ୧୧ରୁ ୨୦୧୩ ଜାନୁୟାରୀ ୮ ଯାଏ ଉପମୁଖ୍ୟମନ୍ତ୍ରୀ ଥିଲେ।



ନନ୍ଦନକାନନର ୬୦ତମ ପ୍ରତିଷ୍ଠା ଦିବସରେ ନୂତନ କରି ଲୋକାର୍ପିତ ହୋଇଥିବା କଳା ଲୋମଯୁକ୍ତ ବାଘ ଏନ୍‌କ୍ଲୋଜର। (ବିସ୍ତୃତ ରିପୋର୍ଟ: ପୃଷ୍ଠା-୫)

**ଆଜିର ସମ୍ପାଦକୀୟ**

### ଅବସର ପରେ

**ଆଜିର ମନ୍ତବ୍ୟ**

"ସିଏଏ ଏବଂ ଏନ୍‌ପିଆର୍ ଉପରେ ଗଠନମୂଳକ ବିତର୍କ ହେବାର ଆବଶ୍ୟକତା ରହିଛି।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

Vencobb FRESH CHICKEN — Taste the difference!

29.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 86 | 140 | 150 |
| DKL | 87 | 141 | 151 |
| BDK | 82 | 135 | 145 |
| BLS | 81 | 133 | 143 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers

## ଶୀତରେ ଥରୁଛି ସାରା ଓଡ଼ିଶା

# ନୂଆବର୍ଷରେ ବର୍ଷା

- ୩.୪ ଡିଗ୍ରୀରେ ସୋନପୁର ସହର
- ୧୦ ଡିଗ୍ରୀ ତଳେ ୧୫ ସହରର ତାପମାତ୍ରା
- ଶୀତ ଲହରୀ ନେଇ ୬ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଅସହ୍ୟ ଶୀତରେ ଥରୁଛି ସାରା ଓଡ଼ିଶା। ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ କେଉଁଠାରେ ବି ଶୀତ ଦାଉରୁ ଲୋକଙ୍କୁ ନିସ୍ତାର ମିଳୁନାହିଁ। ତେବେ ଏହିଭଳି ଶୀତର ଲହରୀ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଲାଗିରହିବ। ଅନ୍ୟପଟେ ନୂଆବର୍ଷରେ ବର୍ଷା ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଆସନ୍ତା ୧ ରୁ ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକା ବର୍ଷା ହେବ। ୧ ତାରିଖରେ ବରଗଡ଼, ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର ଓ ଦେବଗଡ଼ ଜିଲାର କେତେକ ସ୍ଥାନରେ ବର୍ଷା ହେବ। ୨ ଓ ୩ ତାରିଖରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ କୁଆପଥର ମଧ୍ୟ ପଡ଼ିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ କମ୍ ରହିବ।

ଶନିବାର ରାଜ୍ୟର ୯ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବାବେଳେ ରବିବାର ୧୫ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଏହାସହ ସୋନପୁର ପୁଣି ଥରେ ସବୁଠୁ ଥଣ୍ଡା ସହରରେ ପରିଣତ ହୋଇଛି। ଶନିବାର ଏଠାରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ରହିଥିବାବେଳେ ରବିବାର ୩.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଅନୁଗୋଳରେ ୪.୬ ଡିଗ୍ରୀ, ଫୁଲବାଣୀରେ ୫, ଦାରିଙ୍ଗବାଡ଼ିରେ ୫.୫ ଏବଂ ଟିଟିଲାଗଡ଼ରେ ୬.୧ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ଭବାନୀପାଟଣାରେ ୬.୫, କେନ୍ଦୁଝରରେ ୬.୬, ଶିଳ୍ପନଗରୀ ଝାରସୁଗୁଡ଼ାରେ ୭.୩, ସମ୍ବଲପୁରରେ ୭.୪, ବଲାଙ୍ଗିରରେ ୮, ବାଲେଶ୍ୱରରେ ୮.୬ ଏବଂ କଟକରେ ୮.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସୁନ୍ଦରଗଡ଼ ଓ ବାରିପଦାର ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରହିଥିବାବେଳେ କୋରାପୁଟର ୯.୬ ଡିଗ୍ରୀ ରହିଥିଲା। ରାଜଧାନୀ ଭୁବନେଶ୍ୱର ସମେତ ତାଳଚେର ଓ ଚାନ୍ଦବାଲିରେ ତାପମାତ୍ରା ୧୦.୨ ଡିଗ୍ରୀ ରହିଥିବାବେଳେ ହୀରାକୁଦରେ ୧୦.୧ ଡିଗ୍ରୀ ରହିଛି। ଏହାଛଡ଼ା ପାରାଦୀପରେ ୧୨.୮ ଡିଗ୍ରୀ ରେକର୍ଡ ☞ପୃଷ୍ଠା-୪

# ରାଷ୍ଟ୍ରଦୂତ ପଦରୁ ହଟିଲେ ରେଣୁ ପଲ୍

## ଅଷ୍ଟ୍ରିଆରେ ଭଡ଼ା ନେଇଥିଲେ ୧୫ ଲକ୍ଷର ଘର

**ନୂଆଦିଲ୍ଲୀ,୨୯।୧୨(ଆଇଏଏନ୍ଏସ୍)**

ଅଷ୍ଟ୍ରିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ରେଣୁ ପଲ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ସେ ସେଠାରେ ମାସକୁ ୧୫ ଲକ୍ଷ ଟଙ୍କାର ଏକ ଆପାର୍ଟମେଣ୍ଟ ନିଜ ପାଇଁ ଭଡ଼ାରେ ନେଇଥିଲେ। ରେଣୁଙ୍କ ବିରୋଧରେ ଆର୍ଥିକ ଅନିୟମିତତା ଓ ସରକାରୀ ଅର୍ଥର ଦୁରୁପଯୋଗ ଅଭିଯୋଗ ଆସିବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିଛି।

୧୯୮୮ ବ୍ୟାଚ୍ ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଅଧିକାରୀ ରେଣୁଙ୍କ ଅଷ୍ଟ୍ରିଆରେ କାର୍ଯ୍ୟକାଳ ଆସନ୍ତା ମାସରେ ଶେଷ ହେବାକୁ ଥିଲା। ହେଲେ



ରେଣୁ ପଲ୍

ଏହା ପୂର୍ବରୁ ତାଙ୍କୁ ରାଷ୍ଟ୍ରଦୂତ ପଦରୁ ବିଦା କରାଯାଇଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ରେଣୁଙ୍କ ☞ପୃଷ୍ଠା-୪



ପ୍ରତିଦ୍ୱନ୍ଦ୍ୱୀ ଚାଇନାଠାରୁ ତାଇୱାନର ଗଣତନ୍ତ୍ର ପ୍ରତି ବିପଦ ଅଛି।

-ସଇ ଇଙ୍ଗ୍-ୱେନ୍, ତାଇୱାନ ରାଷ୍ଟ୍ରପତି

■ କଶ୍ମୀର ଉପରେ ଚର୍ଚ୍ଚା ପାଇଁ ରିୟାଧ ଡାକିଲା ଆଇଓସି ବୈଠକ

# ଭାରତକୁ ସୌଦି ଝଟକା

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୯।୧୨

ପାକିସ୍ତାନକୁ ଖୁସି କରିବା ପାଇଁ ଇସ୍‌ଲାମିକ ସହଯୋଗ ସଙ୍ଗଠନ (ଆଇଓସି)ର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ବୈଠକ ଡାକିବାକୁ ରାଜି ହୋଇଯାଇଛି ସୌଦି ଆରବ। ଏହି ବୈଠକ କେବେ ହେବ ସେନେଇ କିଛି ଜଣାପଡ଼ି ନ ଥିଲେ ବି ଏଥିରେ କଶ୍ମୀର ସ୍ଥିତି ଉପରେ ଆଲୋଚନା କରାଯିବ ବୋଲି ସ୍ପଷ୍ଟ ହୋଇଛି। ସୌଦି ଆରବର ଏହି ପଦକ୍ଷେପକୁ ଭାରତ ପାଇଁ କୂଟନୈତିକ ଝଟକା ବୋଲି କୁହାଯାଉଛି। କାରଣ ଆରବ ୱାର୍ଲ୍ଡରେ ପାକିସ୍ତାନ ଓ ସୌଦି ହେଉଛନ୍ତି ପରସ୍ପରର ବଡ଼ ସମର୍ଥକ।

ପାକିସ୍ତାନୀ ମିଡିଆ ରିପୋର୍ଟ ଅନୁସାରେ ସୌଦି ଆରବର ବହିର୍ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ ବିନ୍ ଫରହାନ ଅଲ୍-ସୌଦ ନିକଟରେ ପାକିସ୍ତାନ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କ ସହ ସାକ୍ଷାତ୍ କରି ଆଲୋଚନା ବେଳେ ଆଇଓସି ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ। ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁସାରେ ଦୁଇନେତାଙ୍କ ମଧ୍ୟରେ ହୋଇଥିବା ବୈଠକ ବେଳେ କୁରେଶୀ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇବା, ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ପ୍ରସଙ୍ଗ ଉଠାଇଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାଗୁଡ଼ିକ ଯୋଗୁ ଭାରତରେ ସଂଖ୍ୟାଲଘୁ ଏବଂ ବିଶେଷକରି ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଉଥିବା ସେ ଅଭିଯୋଗ ଆଣିଥିଲେ। ଦୁଇ ବହିର୍ବ୍ୟାପାର ମନ୍ତ୍ରୀ କଶ୍ମୀର ପ୍ରସଙ୍ଗରେ ଆଇଓସିର ଭୂମିକା ଉପରେ ମଧ୍ୟ ଆଲୋଚନା କରିଥିବା ବିବୃତିରେ କୁହାଯାଇଛି।

ଅନ୍ୟପକ୍ଷରେ କିଛି ଦିନ ତଳେ ମାଲେସିଆରେ ମଧ୍ୟ ଏକ ଇସ୍‌ଲାମିକ ଶିଖର ସମ୍ମିଳନୀ ଆୟୋଜନ କରାଯାଇଥିଲା। ସୌଦି ଆରବ ଚାପ ପକାଇବା ପରେ ପାକିସ୍ତାନ ଉକ୍ତ ବୈଠକରେ ସାମିଲ ହୋଇ ନ ଥିଲା। ରିୟାଧର କଥା ମାନି ଇସ୍‌ଲାମାବାଦ ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦଙ୍କ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିବା ସହ ବୈଠକକୁ ବର୍ଜନ କରିଥିଲା। ସେହି କ୍ଷତିପୂରଣ ପାଇଁ ସୌଦି ଆରବ କଶ୍ମୀର ଉପରେ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ ଲାଗି ପାକିସ୍ତାନକୁ ଭରସା ଦେଇଛି। ଏହି ନିଷ୍ପତ୍ତିକୁ ଇସ୍‌ଲାମାବାଦ ପାଇଁ ନିଜ ପକ୍ଷ ରଖିବା ସକାଶେ ସୁଯୋଗ ପ୍ରଦାନ ଲାଗି ଏକ ପଦକ୍ଷେପ ବୋଲି କୁହାଯାଉଛି। ପ୍ରକାଶ ଯେ, କିଛିଦିନ ତଳେ ମୁସ୍‌ଲିମ ରାଷ୍ଟ୍ରଗୁଡ଼ିକର ନେତୃତ୍ୱକୁ ନେଇ ସୌଦି ଆରବ ଓ ମାଲେସିଆ-ତୁର୍କୀ-ପାକିସ୍ତାନ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଥିଲା। ପାକିସ୍ତାନ ବିବେଚନା କରୁଛି ଯେ, ତାକୁ କଶ୍ମୀର ପ୍ରସଙ୍ଗରେ ଆଇଓସିରେ ପର୍ଯ୍ୟାପ୍ତ ସମର୍ଥନ ମିଳିନାହିଁ। ଏବେ କଶ୍ମୀର ଉପରେ ସୌଦି ଆରବ ବୈଠକ ଆୟୋଜନ କଲେ ଭାରତ ପାଇଁ ତାହା କୂଟନୈତିକ ଝଟକା ହେବ। କାରଣ ସୌଦି ଆରବ ନିଜ ପ୍ରଭାବ ଥିବା ଦେଶଗୁଡ଼ିକରେ କଶ୍ମୀର ପ୍ରସଙ୍ଗରେ ସମର୍ଥନ ଯୋଗାଡ଼ କରିବାରେ ଭାରତକୁ ସହଯୋଗ କରିଛି। କେବଳ ସୌଦି ଆରବ ନୁହେଁ, ଏହାସହ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଇସ୍‌ଲାମିକ୍ ଦେଶଗୁଡ଼ିକରେ ଭାରତର ନୂଆ ବିଦେଶ ନୀତିର ପ୍ରମୁଖ ସ୍ତମ୍ଭ। ଏହି ଦେଶଗୁଡ଼ିକ ଯୋଗୁ ପାକିସ୍ତାନ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ଭାରତର ନିଷ୍ପତ୍ତି ବିରୋଧରେ ସମର୍ଥନ ଜୁଟାଇ ପାରି ନ ଥିଲା। ଇସ୍‌ଲାମିକ ଦେଶଗୁଡ଼ିକ ମଧ୍ୟରେ ନେତୃତ୍ୱ ନେବା ପ୍ରସଙ୍ଗରେ ରାଜନୈତିକ ଟଣାଓଟରା ଚାଲିଛି। ଗୋଟିଏ ପଟେ ସୌଦି ଆରବ, ୟୁଏଇ ଏବଂ ସେମାନଙ୍କ ପ୍ରଭାବ ଥିବା ଦେଶ ରହିଛନ୍ତି। ଅନ୍ୟପଟେ ତୁର୍କୀ ଓ ମାଲେସିଆ ଅଛନ୍ତି। ତୁର୍କୀ ଓ ମାଲେସିଆ ପକ୍ଷରୁ ଡକାଯାଇଥିବା ବୈଠକରେ ଇରାନ ଭାଗନେଇଥିବାରୁ ସୌଦି ଆରବ ସହିପାରୁ ନାହିଁ। ଏଭଳି ସମୟରେ ନିଜ ଆଧିପତ୍ୟ ବିସ୍ତାର ସହ ଇସ୍‌ଲାମିକ ରାଷ୍ଟ୍ରଗୁଡ଼ିକର ମଙ୍ଗ ଧରିବା ପାଇଁ ରିୟାଧ ଏଭଳି ପଦକ୍ଷେପ ନେଉଥିବା କୂଟନୈତିକ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।



ସୌଦି ଆରବର ବହିର୍ବ୍ୟାପାର ମନ୍ତ୍ରୀ ପ୍ରିନ୍ସ ଫୈଜଲ ବିନ୍ ଫରହାନଙ୍କ ସହ ପାକିସ୍ତାନ ପ୍ରତିପକ୍ଷ ଶାହ ମେହମୁଦ କୁରେଶୀ।

■ରିୟାଧ କଥା ମାନି ମାଲେସିଆ ସମ୍ମିଳନୀ ବର୍ଜନ କରିଥିଲା ଇସ୍‌ଲାମାବାଦ

■ଏହି କ୍ଷତି ଭରଣା କରି ପାକିସ୍ତାନକୁ ଖୁସି କରିବା ଲାଗି ସୌଦି ଆରବର ଉଦ୍ୟମ

■ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ସୌଦି ପ୍ରତିପକ୍ଷ

■ଆଇଓସି ବୈଠକ ପରେ ବିଗିଡ଼ିବ ଭାରତ-ସୌଦି ସମ୍ପର୍କ

## 'ଅରାଜକତାକୁ ଘୃଣା କରନ୍ତି ଯୁବ ସମାଜ'

ନୂଆଦିଲ୍ଲୀ,୨୯।୧୨(ପି.ଟି.)



ନରେନ୍ଦ୍ର ମୋଦି

୨୦୧୯ର ଶେଷ ମନ୍ କୀ ବାତ୍

ସ୍ୱଦେଶୀ ପ୍ରସାର ପାଇଁ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷର ଶେଷ ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆଗାମୀ ଦଶନ୍ଧି ଯୁବପିଢ଼ିଙ୍କର ବୋଲି କହିଛନ୍ତି। ଦେଶର ବ୍ୟବସ୍ଥାରେ ଯୁବ ସମାଜ ବିଶ୍ୱାସ କରିବା ସହ ବିଶୃଙ୍ଖଳା ଓ ଅରାଜକତାକୁ ଘୃଣା କରନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମାନେ ଜାତିବାଦ, ବଂଶବାଦ ଓ ପକ୍ଷପାତିତାକୁ ପସନ୍ଦ କରନ୍ତି ନାହିଁ। ସଂଶୋଧିତ ନାଗରିକତ୍ୱ ଆଇନ ଏବଂ ପ୍ରସ୍ତାବିତ ଏନ୍‌ଆର୍‌ସିକୁ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିସରରେ ଘଟିଥିବା ହିଂସାତ୍ମକ ଆନ୍ଦୋଳନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ଆଧୁନିକ ଭାରତ ଗଢ଼ିବାରେ ଯୁବ ଭାରତ ମୁଖ୍ୟ ଭୂମିକା ନେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଆଗାମୀ ଦଶନ୍ଧି କେବଳ ଯୁବ ସମାଜର ବିକାଶ ଓ ଅଗ୍ରଗତି କରିବନାହିଁ ବରଂ ଦେଶ ପାଇଁ ସମୃଦ୍ଧି ଆଣିବା ସହ ସେମାନଙ୍କର ସାମୂହିକ ଶକ୍ତିକୁ କାର୍ଯ୍ୟରେ ଲଗାଇବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଭାରତର ଆଧୁନିକୀକରଣରେ ଏହି ପିଢ଼ି ପ୍ରମୁଖ ଭୂମିକା ନେବ ଏଥିରେ ଦ୍ୱିମତ ନାହିଁ। ଜାନୁୟାରୀ ୧୨ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀରେ ଏହାକୁ ସଂକଳ୍ପ ଭାବେ ନେବାକୁ ପ୍ରଧାନମନ୍ତ୍ରୀ ଯୁବସମାଜକୁ ଆହ୍ୱାନ ଦେଇଛନ୍ତି। କନ୍ୟାକୁମାରୀରେ ଥିବା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ଶିଳା ପରିଦର୍ଶନ କରି ଦେଶର ଦରିଦ୍ରରୁ ଦରିଦ୍ରତମ ଲୋକଙ୍କ ସେବା କରିବା ଲାଗି ଅନୁପ୍ରାଣିତ ହେବା ଲାଗି ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

କଲେଜ ଓ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାଜ ପ୍ରତି ଅନେକ ଅବଦାନ ରଖିଥାଏ। ଏନେଇ ସେ ବିହାର ପଶ୍ଚିମ ଚମ୍ପାରନ ଜିଲା ଭୈରବଗଞ୍ଜ ସ୍ୱାସ୍ଥ୍ୟକେନ୍ଦ୍ରର ଉଦାହରଣ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ସ୍ୱଦେଶୀର ପ୍ରସାର ପାଇଁ ୭୫ତମ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ସ୍ଥାନୀୟ ସାମଗ୍ରୀ କିଣିବା ଲାଗି ପରାମର୍ଶ ଦେଇଥିଲେ। ଗତ ପାର୍ଲାମେଣ୍ଟ ଅଧିବେଶନ ବେଶ୍ ଫଳପ୍ରଦ ହୋଇଥିବାରୁ ପ୍ରଧାନମନ୍ତ୍ରୀ ସଦସ୍ୟମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ନୂଆ ବର୍ଷ ଏବଂ ନୂଆ ଦଶନ୍ଧି ସମସ୍ତଙ୍କ ପାଇଁ ନୂତନ ସଂକଳ୍ପ, ନୂଆ ଶକ୍ତି, ନୂଆ ଉତ୍ସାହ ଓ ଉଦ୍ଦୀପନା ଆଣିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆମ ଦେଶକୁ ସଫଳତାର ନୂଆ ସୋପାନକୁ ନେଇଯିବାକୁ ହେଲେ ଆମକୁ ଅନେକ ବାଟ ଯିବାକୁ ହେବ ଓ ଅନେକ କିଛି ହାସଲ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ମହନ୍ତ ବିଶ୍ୱେଷ ତୀର୍ଥ ସ୍ୱାମୀଙ୍କ ଦେହାନ୍ତ

ଉଡୁପି,୨୯।୧୨(ପି.ଟି.)



କର୍ଣ୍ଣାଟକରେ ୩ ଦିନିଆ ଶୋକ ପାଳନ

ଦକ୍ଷିଣ ଭାରତର ଅନ୍ୟତମ ପ୍ରଖ୍ୟାତ ଧର୍ମୀୟ ନେତା ପେଜାୱାର ମଠ ମହନ୍ତ ବିଶ୍ୱେଷ ତୀର୍ଥ ସ୍ୱାମୀଜୀଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ରାମ ଜନ୍ମଭୂମି ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିବା ସ୍ୱାମୀଜୀ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କର ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେବାରୁ ୧୯ରେ ତାଙ୍କୁ ମଣିପାଲ ନିକଟବର୍ତ୍ତୀ କେଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତିରେ ତାଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇପଡ଼ିବାରୁ ତାଙ୍କୁ ମଠକୁ ଫେରାଇ ନିଆଯାଇଥିଲା। ତାଙ୍କ ପରଲୋକରେ କର୍ଣ୍ଣାଟକ ସରକାର ୩ ଦିନିଆ ରାଜ୍ୟସ୍ତରୀୟ ଶୋକ ଘୋଷଣା କରିଛନ୍ତି। ତାଙ୍କର ଶେଷକୃତ୍ୟ ବେଙ୍ଗାଲୁରୁସ୍ଥିତ ବିଦ୍ୟାପୀଠରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିଛନ୍ତି। ୮୦୦ ବର୍ଷ ତଳେ ଦ୍ୱୈତବାଦର ପ୍ରବକ୍ତା ଶ୍ରୀ ମାଧବାଚାର୍ଯ୍ୟ ପ୍ରତିଷ୍ଠା କରିଥିବା ଅଷ୍ଟମଠ ମଧ୍ୟରେ ବିଶ୍ୱେଷ ତୀର୍ଥ ସର୍ବବରିଷ୍ଠ ମହନ୍ତ।

ସ୍ୱାମୀଜୀଙ୍କ ମରଶରୀରକୁ ଉଡୁପିର ଶ୍ରୀକୃଷ୍ଣ ମଠକୁ ନିଆଯାଇ ମାଧବ ସରୋବରରେ ସ୍ନାନ କରାଯାଇଥିଲା। ଭଗବାନ କୃଷ୍ଣଙ୍କ ଦର୍ଶନ ପରେ ମରଶରୀରକୁ ବାଉଁଶ ଝୁଡ଼ିରେ ରଖି ଶୋଭାଯାତ୍ରାରେ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ୟେଦୁରପ୍ପାଙ୍କ ସମେତ ରାଜ୍ୟର ଅନେକ ମନ୍ତ୍ରୀ, ଭାଜପା ନେତା, ସଂଘ ପରିବାର ସଦସ୍ୟମାନେ ସ୍ୱାମୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ଲକ୍ଷ ଲକ୍ଷ ଲୋକଙ୍କୁ ଜ୍ଞାନାଲୋକ ବିତରଣ କରିଥିବା ସ୍ୱାମୀଜୀଙ୍କ ପାଇଁ ଉଡୁପି ସେମାନଙ୍କ ମନ ଓ ହୃଦୟରେ ରହିବ ବୋଲି ମୋଦି ଟୁଇଟ୍ କରିଛନ୍ତି। ହିନ୍ଦୁ ଧର୍ମରେ ରହିଥିବା ଅସମାନତା ଦୂର କରିବା ଲାଗି ସେ ଦଳିତମାନଙ୍କ ସହିତ ସହଭୋଜନ ପ୍ରଥା ଆରମ୍ଭ କରିଥିଲେ। ହିନ୍ଦୁ ଧର୍ମର ଉତ୍ଥାନ ପାଇଁ ସ୍ୱାମୀଜୀଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ୟେଦୁରପ୍ପା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

## ହସ୍ପିଟାଲରେ ମୁଲାୟମ

ମୁମ୍ବାଇ,୨୯।୧୨(ପି.ଟି.)

ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପେଟରେ ଯନ୍ତ୍ରଣା ହେବାରୁ ମୁଲାୟମ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ତାଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ତିନିଦିନ ପୂର୍ବରୁ ମୁମ୍ବାଇ ଆସିଥିଲେ।

## ଆଜି ଅଜିତ ପାୱାର ହେବେ ଉପମୁଖ୍ୟମନ୍ତ୍ରୀ

ମୁମ୍ବାଇ,୨୯।୧୨

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ତାଙ୍କ ମନ୍ତ୍ରିମଣ୍ଡଳ ସୋମବାର ସମ୍ପ୍ରସାରଣ କରିବାକୁ ଯାଉଛନ୍ତି। ଏନ୍‌ସିପ ନେତା ଅଜିତ୍ ପାୱାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ଏବଂ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଛି। ମୋଟ ୩୬ ଜଣ ମନ୍ତ୍ରୀ ଶପଥ ନେବେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଠାକ୍‌ରେଙ୍କ ସହିତ ୬ ମନ୍ତ୍ରୀ ଶପଥ ନେଇଥିଲେ।

## ଇଜିପ୍ଟରେ ଦୁର୍ଘଟଣା: ୩ ଭାରତୀୟ ମୃତ

କାଇରୋ,୨୯।୧୨(ପି.ଟି.)

ଇଜିପ୍ଟର ସୁଏଜ୍ ଗଭର୍ନୋରେଟ୍‌ରେ ଦୁଇଟି ପର୍ଯ୍ୟଟକ ବସ୍ ଓ ଗୋଟିଏ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ୩ ଭାରତୀୟଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ଶନିବାର ବସ୍ ଦୁଇଟି ହୁର୍‌ଘାଡ଼ାର ବ୍ରିଟ୍-ରିସର୍ଟ ସହର ଅଭିମୁଖେ ଯାଉଥିବାବେଳେ ଐନ ସୋଖ୍‌ନା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଆହତମାନଙ୍କୁ ମେଡିକାଲରେ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଦୂତାବାସ ଅଧିକାରୀମାନେ ହସ୍ପିଟାଲରେ ଉପସ୍ଥିତ ରହି ଆହତମାନଙ୍କ ଚିକିତ୍ସା ସମ୍ପର୍କରେ ବୁଝିଥିଲେ। ବସ୍‌ରେ ୧୬ ଭାରତୀୟ ପର୍ଯ୍ୟଟକଙ୍କ ସମେତ ମାଲେସିଆରୁ ୨ ଏବଂ ଇଜିପ୍ଟରୁ ୩ ଜଣ ଥିଲେ। ମୋଟ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

## ସିଡିଏସ୍ ପାଇଁ ସର୍ବାଧିକ ବୟସସୀମା ୬୫

ନୂଆଦିଲ୍ଲୀ,୨୯।୧୨(ପି.ଟି.): ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦବୀ ପାଇଁ ସରକାର ସେନାବାହିନୀ ନିୟମାବଳୀ, ୧୯୫୪ରେ ସଂଶୋଧନ କରି ସର୍ବାଧିକ ବୟସସୀମା ୬୫ ବର୍ଷ ଧାର୍ଯ୍ୟ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ମଙ୍ଗଳବାର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ସିଡିଏସ୍ ସୃଷ୍ଟି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ତିନି ବାହିନୀର ସମସ୍ତ ଘଟଣାକୁ ନେଇ ସିଡିଏସ୍ ପ୍ରତିରକ୍ଷାମନ୍ତ୍ରୀଙ୍କର ପ୍ରମୁଖ ସାମରିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ନିୟମାନୁଯାୟୀ ତିନି ବାହିନୀର ମୁଖ୍ୟମାନେ ସର୍ବାଧିକ ୩ ବର୍ଷ କିମ୍ବା ୬୨ ବର୍ଷ ହେବା ପର୍ଯ୍ୟନ୍ତ ସେମାନଙ୍କ ପଦବୀରେ ରହିପାରିବେ।

## ଏନ୍‌ଆର୍‌ସି ଭାରତର ଆଭ୍ୟନ୍ତରୀଣ ବ୍ୟାପାର

ନୂଆଦିଲ୍ଲୀ,୨୯।୧୨(ପି.ଟି.)

ବିଜିବି ଡିଜିଙ୍କ ମତ

ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସମ୍ପୂର୍ଣ୍ଣ ଭାବେ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ବାଂଲାଦେଶ ସୀମା ସୁରକ୍ଷା ବାହିନୀ (ବିଜିବି) ମହାନିର୍ଦ୍ଦେଶକ ମେଜର ଜେନେରାଲ ଶଫିନୁଲ ଇସ୍‌ଲାମ କହିଛନ୍ତି। ଦୁଇ ଦେଶର ସୀମା ସୁରକ୍ଷା ବାହିନୀ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି। ବେଆଇନ ଅନୁପ୍ରବେଶ ରୋକିବା ଦିଗରେ ବିଜିବି ଏହାର କାର୍ଯ୍ୟ ଜାରି ରଖିଥିବା ଏହାର ଡିଜି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଆସାମକୁ ଲାଗି ଦୁଇ ଦେଶ ମଧ୍ୟରେ ରହିଥିବା ନଦୀନାଳ ଅଞ୍ଚଳରେ ଆସନ୍ତାବର୍ଷ ଜୁଲାଇ ସୁଦ୍ଧା ସ୍ମାର୍ଟ ବାଡ଼ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମୁଖ୍ୟ ଭି.କେ. ଜୋହରି କହିଛନ୍ତି। ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ଏହି ପ୍ରକଳ୍ପ କାର୍ଯ୍ୟ ୬ ମାସ ବିଳମ୍ବ ହୋଇଛି। ଡିସେମ୍ବରରେ କାର୍ଯ୍ୟ ଶେଷ କରିବାକୁ ପୂର୍ବରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ବୋଲି ମିଳିତ ଖବରଦାତା ସମ୍ମିଳନୀରେ ଜୋହରି କହିଛନ୍ତି। ଜେନେରାଲ ଶଫିନୁଲଙ୍କ ନେତୃତ୍ୱରେ ବିଜିବିର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ ଭାରତୀୟ ପ୍ରତିପକ୍ଷଙ୍କ ସହ ସୀମା ସୁରକ୍ଷା ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

### ଇତିହାସର ଆଇନାରେ

ଡିସେମ୍ବର ୩୦ର ପ୍ରମୁଖ ଘଟଣା

୧୯୨୨ ଡିସେମ୍ବର ୩୦ରେ ୟୁନିୟନ ଅଫ୍ ସୋଭିଏଟ୍ ସୋସିଆଲିଷ୍ଟ ରିପବ୍ଲିକ୍ ଅଫ ରୁଷିଆ (ୟୁଏସ୍‌ଏସ୍‌ଆର୍) ପ୍ରତିଷ୍ଠା ହୋଇଥିଲା। ଉତ୍ତର ୟୁରେସିଆରେ ଏହି ସଂଘୀୟ ରାଷ୍ଟ୍ର ୧୯୯୧ ପର୍ଯ୍ୟନ୍ତ ଖୁବ୍ ଶକ୍ତିଶାଳୀ ଥିଲା।

୧୯୪୩ ଡିସେମ୍ବର ୩୦ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ପୋର୍ଟ ବ୍ଲେୟାରଠାରେ ଆଜାଦ ହିନ୍ଦ୍ ସରକାର ଗଠନ ଘୋଷଣା କରିବା ସହ ସ୍ୱାଧୀନତାର ପତାକା ଉଡ଼ାଇଥିଲେ।

■ ଶାହାଙ୍କ ଫୋନ୍ ନମ୍ବରରେ ଜାଲିଆତି

## ୩ କୋଟି ଦାବିକରି ୨ ଗିରଫ

ନୂଆଦିଲ୍ଲୀ,୨୯।୧୨(ଆଇଏଏନ୍‌ଏସ୍)

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବାସଭବନ ଓ କାର୍ଯ୍ୟାଳୟରେ ଥିବା ଲ୍ୟାଣ୍ଡଲାଇନ୍ ଫୋନ୍ ନମ୍ବରକୁ ଜାଲିଆତି କରି ହରିୟାଣାର ଜଣେ ମନ୍ତ୍ରୀଙ୍କଠାରୁ ୩ କୋଟି ଟଙ୍କା ଦାବି କରିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଗତର ସିଂ ଓ ଉପକାର ସିଂ ହରିୟାଣା ଶକ୍ତିମନ୍ତ୍ରୀ ରଞ୍ଜିତ୍ ସିଂ ଚୌତାଲାଙ୍କୁ ଫୋନ୍ କରି ଦଳୀୟ ପାଣ୍ଠିକୁ ୩ କୋଟି ଦେବା ପାଇଁ ଦାବି କରିଥିଲେ। ସେମାନେ ଶାହାଙ୍କ ବାସଭବନରୁ ଫୋନ୍ କରୁଥିବା କହିଥିଲେ। ତେବେ ଚୌତାଲାଙ୍କର ସନ୍ଦେହ ହେବାରୁ ସେ ରାଜ୍ୟ ପୋଲିସକୁ ଜଣାଇଥିଲେ। ହରିୟାଣା ପୋଲିସ ଏନେଇ ଦିଲ୍ଲୀ ପୋଲିସ ସହ ଯୋଗାଯୋଗ କରିଥିଲା। ଦିଲ୍ଲୀ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ହରିୟାଣା ଭବନରୁ ଗିରଫ କରିଛି। ସେମାନେ ମିଥ୍ୟା ଫୋନ୍ କଲ୍‌ରେ ସମ୍ପୃକ୍ତ ଥିବା ସ୍ୱୀକାର କରିଛନ୍ତି। ଭାରତରେ ନିଷିଦ୍ଧ ଥିବା ଏକ ଆପ୍‌କୁ ବ୍ୟବହାର କରି ସେମାନେ ଚୌତାଲାଙ୍କୁ କଲ୍ କରିଥିଲେ।




## ସଂକ୍ଷେପରେ

### ଅବକାରୀ ବିଭାଗ ସହକାରୀ ଆୟୁକ୍ତଙ୍କ ଆତ୍ମହତ୍ୟା

**ପାତ୍ରପଡା,୨୯।୧୨ (ଡି.ଏନ୍.ଏ.):** ଖଣ୍ଡଗିରି ଥାନା ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ପ୍ଲଟ ନଂ. ୩୩୮ରେ ରହୁଥିବା କେନ୍ଦ୍ରୀୟ ଅବକାରୀ ବିଭାଗ ସହକାରୀ ଆୟୁକ୍ତ ଅର୍ଜୁନ କୁମାର ଧଳ(୫୯)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ନିଜ ବାସଭବନରୁ ପୋଲିସ ରବିବାର ଉଦ୍ଧାର କରିଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ଜଣାପଡୁଥିଲେ ହେଁ ପୋଲିସ ବିଭିନ୍ନ ଦିଗକୁ ଯାଞ୍ଚ କରି ମୃତ୍ୟୁର କାରଣ ଖୋଜୁଛି। ମୃତ ଧଳଙ୍କ ଘର ଯାଜପୁର ଜିଲା ଯଖପୁରା ଅଞ୍ଚଳରେ। ଶନିବାର ଧଳଙ୍କ ପରିବାର ଲୋକେ ଗାଁକୁ ଯାଇଥିବାବେଳେ ସେ ଏକାକୀ ପ୍ଲଟ ନଂ. ୩୩୮ରେ ଥିବା ଘରେ ଥିଲେ। ରବିବାର ସକାଳୁ ଧଳଙ୍କ ପରିବାର ଲୋକେ ତାଙ୍କ ସହ ଫୋନ୍‌ରେ ଯୋଗାଯୋଗ କରିବାରେ ସେ ଫୋନ୍ ଉଠାଇ ନ ଥିଲେ। ପରିବାର ଲୋକେ ପାଖ ପଡୋଶୀଙ୍କୁ ଏ ସମ୍ପର୍କରେ ଜଣାଇବାରେ ଘରର କବାଟ ଭିତରପଟୁ ବନ୍ଦ ରହିଥିବା ସେମାନେ କହିଥିଲେ। ଏହା ଶୁଣି ପରିବାର ଲୋକେ ତୁରନ୍ତ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘରର କବାଟ ଭାଙ୍ଗି ଭିତରେ ଯାଇ ଦେଖିବା ବେଳକୁ ଅର୍ଜୁନ ବେକରେ ବେଡଶିଟ୍ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତଦେହକୁ ପୋଲିସ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକେ ପହଞ୍ଚିବା ପରେ କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (୩୪୩/୧୯) ରୁଜୁ କରିଥିଲା। ଅର୍ଜୁନ କିଛିଦିନ ହେଲା ପାରିବାରିକ କାରଣରୁ ଚିନ୍ତାଗ୍ରସ୍ତ ଥିଲେ ବୋଲି ପୋଲିସ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି।

### ତାଲିବାନ୍ ଆକ୍ରମଣରେ ୧୯ ମିଲିସିଆ ନିହତ

**କାବୁଲ,୨୯।୧୨:** ଆଫଗାନିସ୍ତାନର ଉତ୍ତରାଞ୍ଚଳରେ ତାଲିବାନ ଆକ୍ରମଣରେ ୧୭ ଜଣ ମିଲିସିଆ ନିହତ ହୋଇଛନ୍ତି। ସ୍ଥାନୀୟ ମିଲିସିଆ କମାଣ୍ଡଙ୍କୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲେ ହେଁ ସେ ଖସି ପଳାଇଥିଲେ। ମିଲିସିଆମାନେ ପ୍ରତିରକ୍ଷା କିମ୍ବା ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଅଧୀନରେ କାମ କରିଥାନ୍ତି। ତାଲିବାନ ପକ୍ଷରୁ ଆକ୍ରମଣ କରାଯାଇଥିବା ଏହାର ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଦାବି କରିଛନ୍ତି।

## ଶ୍ରୀମନ୍ଦିର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

# ୱାଚ୍‌ଟାୱାରରେ ଚଢ଼ିଲେ ୩ ବିଦେଶିନୀ

**ପୁରୀ ଅଫିସ, ୨୯।୧୨**

ଆସୁଛି ନୂଆବର୍ଷ। ପୁରୀରେ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ବଡଦାଣ୍ଡରୁ ବେଳାଭୂମି ସବୁଠି ମାଳ ମାଳ ପୋଲିସ। ବଡଦିନଠାରୁ ନୂଆବର୍ଷ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପାଇଁ ମଧ୍ୟ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ହୋଇଛି। ସୁରକ୍ଷା ଜୋନ୍‌ରେ ଚାଲିଛି ସୌନ୍ଦର୍ଯ୍ୟକରଣ କାମ। ଶ୍ରୀମନ୍ଦିର ଚାରିଦ୍ୱାରରେ ଏକାଧିକ ସୁରକ୍ଷା କର୍ମୀ। ତେବେ ଏ ସବୁକୁ ଚ୍ୟାଲେଞ୍ଜ ଦେବା ଭଳି ଏକ ଭିଡିଓ ଏବେ ଭାଇରାଲ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ୱାଚ୍‌ଟାୱାରରେ ସ୍ପଷ୍ଟ ଦିବାଲୋକରେ ଚଢିଛନ୍ତି ୩ ବିଦେଶିନୀ। ବଡଦେଉଳର ଫଟୋ ଉଠାଇବା ସହ ଭିଡିଓ ବି ଉତ୍ତୋଳନ କରିଥିବା ଚର୍ଚ୍ଚା ହେଉଛି। ଏହି ଘଟଣା ଜଣାପଡ଼ିବା ପରେ ଏବେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। ତିନିଜଣ ବିଦେଶିନୀ ଯଦି ଟାୱାର ଉପରକୁ ଉଠିପାରିଲେ ତେବେ ମନ୍ଦ ଉଦ୍ଦେଶ୍ୟ ରଖି ଅନ୍ୟ କେହି ବି ଉଠିଯାଇ କୌଣସି ପ୍ରକାର ଘଟଣା ଘଟାଇପାରନ୍ତି ବୋଲି ଆଲୋଚନା ହେଉଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀଙ୍କ ନଜର ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଉଛି। ଏଥିଯୋଗୁ ଗତ କିଛିବର୍ଷ ହେଲା ଜାତୀୟ ସୁରକ୍ଷା ବାହିନୀ (ଏନ୍‌ଏସ୍‌ଜି) ଶ୍ରୀମନ୍ଦିର ଆସି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ଗତବର୍ଷ ଏନ୍‌ଏସ୍‌ଜି ଟିମ୍ ଶ୍ରୀମନ୍ଦିର ପରିଦର୍ଶନ କରିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ କେତେକ ପରାମର୍ଶ ଦେଇଥିଲେ। ସେବାୟତ, ଅଣସେବାୟତ ଏବଂ ଶ୍ରୀମନ୍ଦିର କର୍ମଚାରୀଙ୍କୁ ଚିହ୍ନଟ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରିଥିଲେ। ସେହିପରି ପ୍ରବେଶ ପଥରେ ମେଟାଲ ଡିଟେକ୍ଟର, ସ୍କାନର, ମନ୍ଦିର ଭିତରେ ପର୍ଯ୍ୟାପ୍ତ ସୁରକ୍ଷା କର୍ମଚାରୀ ମୁତୟନ ସହ ବେଢା ଚତୁଃପାର୍ଶ୍ୱରେ ୱାଚ୍ ଟାୱାର ଉପରେ ଗୁରୁତ୍ୱ ଦେଇଥିଲେ। ହେଲେ ସେହି ୱାଚ୍‌ଟାୱାର ହିଁ ସୁରକ୍ଷା ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଦେଇଛି। ୱାଚ୍‌ଟାୱାରରେ ୨୪ଘଣ୍ଟିଆ ସୁରକ୍ଷା କର୍ମଚାରୀ ମୁତୟନ ଲାଗି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅନେକେ ଏହାକୁ ମାନୁନାହାନ୍ତି। ୱାଚ୍‌ଟାୱାରକୁ ଫୁଙ୍ଗୁଳା ପକାଇ ମନଇଚ୍ଛା କେଉଁଆଡେ ବୁଲିବାକୁ ଚାଲିଯାଉଛନ୍ତି। ଫଳସ୍ୱରୂପ ୩ ବିଦେଶିନୀ ୱାଚ୍‌ଟାୱାର ଉପରକୁ ଉଠି ଶ୍ରୀମନ୍ଦିର ଦର୍ଶନ କରିବା ସହ ଭିତର ଫଟୋ ଏବଂ ଭିଡିଓ ଉତ୍ତୋଳନ କରିଛନ୍ତି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରି ପାର୍ଶ୍ୱରେ ୪ଟି ୱାଚ୍‌ଟାୱାର ରହିଛି। ଏଠାରେ ସୁରକ୍ଷା କର୍ମୀ ରହି ବାହାର ଗତିବିଧି ଉପରେ ନଜର ରଖିଥାନ୍ତି। କୌଣସି ବ୍ୟକ୍ତିଙ୍କ ଉପରେ ଯଦି ସନ୍ଦେହ ଉପୁଜେ ତେବେ ସଙ୍ଗେ ସଙ୍ଗେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିବା ସହ ତାଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇ ନ ଥାଏ। ଭଲ ଭାବେ ଯାଞ୍ଚ କରି ପରେ ଛଡ଼ାଯାଏ। କିନ୍ତୁ ଶ୍ରୀମନ୍ଦିର ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିଲେ ମଧ୍ୟ ସୁରକ୍ଷା କର୍ମୀ ବେଫିକର। ସୁରକ୍ଷାକର୍ମୀଙ୍କ ଖାମଖିଆଲ ଯୋଗୁ ଉତ୍ତର-ପଶ୍ଚିମ କୋଣରେ ଥିବା ଏକ ୱାଚ୍‌ଟାୱାର ଉପରେ ୩ଜଣ ବିଦେଶିନୀ ଚଢିବା ଭିଡିଓ ଭାଇରାଲ ହୋଇଛି। ତେବେ ଏହା କେଉଁଦିନର ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇ ନ ଥିବାବେଳେ ଶନିବାର ଘଟଣା ବୋଲି ଚର୍ଚ୍ଚା ହେଉଛି। ସ୍ପଷ୍ଟ ଦିବାଲୋକରେ କାହିଁକି ଓ କିପରି ଏମାନେ ୱାଚ୍‌ଟାୱାର ଉପରକୁ ଉଠିଲେ, ସେଠାରେ କାହାର ଡ୍ୟୁଟି ଥିଲା, ସେ କିପରି ଜାଣିପାରିଲେ ନାହିଁ ନା ତାଙ୍କ ଜାଣତରେ ଏହା ହୋଇଛି ଏମିତି ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତରକୁ ଅଣହିନ୍ଦୁଙ୍କ ପ୍ରବେଶ ଉପରେ କଟକଣା ରହିଛି। ସେମାନେ ମନ୍ଦିର ଭିତରକୁ ନ ଯାଇ ଯେପରି ମହାପ୍ରଭୁଙ୍କ ଦର୍ଶନ ପାଇପାରିବେ ସେଥିଲାଗି ସିଂହଦ୍ୱାର ଗୁମୁଟରେ ପତିତପାବନ ରହିଛନ୍ତି। କିନ୍ତୁ ୩ଜଣ ବିଦେଶିନୀ କି ଉଦ୍ଦେଶ୍ୟ ରଖି ୱାଚ୍‌ଟାୱାର ଉପରକୁ ଉଠିଥିଲେ ତାହାକୁ ନେଇ ଚାଲିଛି ଚର୍ଚ୍ଚା। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, କେଉଁ ପରିସ୍ଥିତିରେ ୩ଜଣ ବିଦେଶିନୀ ୱାଚଟାୱାର ଉପରେ ଚଢିଲେ ସେ ନେଇ ଶ୍ରୀମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିବା ପରେ ଏହାର ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

**ବେଢ଼ା ଭିତର ଫଟୋ ଉଠାଇଲେ, ଭିଡିଓ ନେଲେ**



### ପୂର୍ବ ଭାଇରାଲ ଘଟଣା

- ୨୦୧୮ ସେପ୍ଟେମ୍ବରରେ ଦିଲ୍ଲୀର ଜଣେ ଖବରଦାତା ଶ୍ରୀମନ୍ଦିର ଉପରୁ ହେଲିକପ୍ଟରରେ ଫଟୋ ଉଠାଇ ଭାଇରାଲ କରିଥିଲେ।
- ୨୦୧୯ ଅକ୍ଟୋବର ୫ରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଅଭିନେତ୍ରୀ ସମର୍ଥକଙ୍କ ସହିତ ଆନନ୍ଦବଜାରରେ ପ୍ରସାଦସେବନ ବେଳର ଫଟୋ ଭାଇରାଲ ହୋଇଥିଲା।
- ୨୦୧୯ ଅକ୍ଟୋବର ୨୮ରେ ଶ୍ରୀମନ୍ଦିର ପରିସରରେ ଅବଢା ବିକ୍ରି ଫଟୋ ଭାଇରାଲ ହୋଇଥିଲା।
- ୨୦୧୯ ଡିସେମ୍ବର ୨୧ରେ ଚାହାଣି ମଣ୍ଡପରେ କୋଲକାତାର ଜଣେ ଯୁବକ ଠିଆ ହୋଇ କଥା ହେଉଥିବା ବେଳର ଫଟୋ ଭାଇରାଲ ହୋଇଥିଲା। ଏଥିସହ ଶ୍ରୀମନ୍ଦିର କୀର୍ତ୍ତନ ଚକଡ଼ା ଏବଂ ଗୁଣ୍ଡିଚା ମନ୍ଦିର ଫଟୋ ଭାଇରାଲ ହୋଇଥିଲା।

## ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପ୍ରସଙ୍ଗ

# ଅର୍ଥ ପାଇଁ ଆବାସିକ କମିଶନ କାର୍ଯ୍ୟାଳୟର ତତ୍ପରତା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅର୍ଥରାଶିରେ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯୋଜନା ବାବଦକୁ ଅର୍ଥ ଠିକ୍ ସମୟରେ ମିଳିବାରେ ବିଳମ୍ବ ହେଉଛି। ତେଣୁ ଏହି ଅର୍ଥ ଯେପରି ତୁରନ୍ତ ମିଳିପାରିବ, ସେ ଦିଗରେ ନୂଆଦିଲ୍ଲୀସ୍ଥିତି ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ତତ୍ପରତା ପ୍ରକାଶ କରିଛି।

ମିଳିଥିବା ସୂଚନାନୁଯାୟୀ, କେନ୍ଦ୍ର ନିକଟରୁ ଓଡ଼ିଶା କୃଷି ବିଭାଗ ୩୫୦ କୋଟି ଟଙ୍କା, ଏସ୍‌ଟିଏସ୍‌ସି ଉନ୍ନୟନ ବିଭାଗ ୪୧୩ କୋଟି, ମହିଳା ଓ ଶିଶୁ ବିକାଶ ବିଭଗ ୪୬୫ କୋଟି ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ୧୬୮୩ କୋଟି ଟଙ୍କା ପାଇବାକୁ ରହିଛି। ଗତ ଗୁରୁବାର ସୁଦ୍ଧା ରାଜ୍ୟକୁ ଗ୍ରାମ୍ୟ ଉନ୍ନୟନ ବାବଦକୁ ୧୭୪୦ କୋଟିରୁ ୯୭ କୋଟି, ଏସ୍‌ଟିଏସ୍‌ସି ଉନ୍ନୟନକୁ ୧୦୦୦ କୋଟିରୁ ୫୮୭ କୋଟି, ମହିଳା ଓ ଶିଶୁ ବିକାଶକୁ ୧୨୧୮ କୋଟିରୁ ୭୫୩ ଏବଂ କୃଷି ବିଭାଗକୁ ୮୨୦ କୋଟିରୁ ୩୭୦ କୋଟି ଟଙ୍କାର ଅନୁଦାନ ମିଳିଛି। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷର କେନ୍ଦ୍ରୀୟ ଅନୁଦାନ ମଧ୍ୟ ବାକି ରହିଥିବା ଜଣାପଡ଼ିଛି। କୃଷି ବିଭାଗ ଅର୍ଥ ବାକି ଥିବାରୁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା(ଆରକେଭିୱାଇ), ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(ପିଏମ୍‌କେସିୱାଇ) ଏବଂ ପରମ୍ପରାଗତ କୃଷି ବିକାଶ ଯୋଜନା(ପିକେଭିୱାଇ) ଇତ୍ୟାଦି ପ୍ରଭାବିତ ହେଉଛି। କୃଷି ପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ବହୁପରିମାଣର ଅର୍ଥ ବାକି ରହିଛି। ଏହି ବିଭାଗ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୨୪୪୭ କୋଟି ପାଇବାକୁ ରହିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୯ରେ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରୀୟ ଅନୁଦାନ ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଥିଲେ। ସେହି ସମୟରେ କେନ୍ଦ୍ର ନିକଟରୁ ପ୍ରାୟ ୬୦୦୦ କୋଟିରୁ ଅଧିକ ଅର୍ଥ ପାଇବାକୁ ଥିବା ଜଣାପଡ଼ିଥିଲା। ଏହି ପରିମାଣ ପୂର୍ବାପେକ୍ଷା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଏପରି କି ଗତ ଜାନୁୟାରୀରେ ମଧ୍ୟ ମୁଖ୍ୟମନ୍ତ୍ରୀ ଠିକ୍ ସମୟରେ କେନ୍ଦ୍ରୀୟ ଅନୁଦାନ ମିଳିବା ନେଇ ସମୀକ୍ଷା ବୈଠକ କରିଥିଲେ। ଏ ନେଇ ନିୟମିତ ଭାବେ ରାଜ୍ୟ ସରକାର କେନ୍ଦ୍ରୀୟ ଅଧିକାରୀଙ୍କ ସହ ଆଲୋଚନା କରୁଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ଟ୍ରେନ୍‌ରେ ମିଲ୍ ମୂଲ୍ୟ ବଦଳିଲା

## ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଆଇଆର୍‌ସିଟିସିର ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ବିଭିନ୍ନ ମେଲ୍ ଓ ଏକ୍ସପ୍ରେସ ଟ୍ରେନ୍‌ରେ ଦିଆଯାଉଥିବା ଖାଦ୍ୟ ପଦାର୍ଥର ମୂଲ୍ୟ ସଂଶୋଧନ କରି ନୂଆ ମୂଲ୍ୟ ଧାର୍ଯ୍ୟ କରିଛି ରେଲୱେ ବୋର୍ଡ। ଇଣ୍ଡିଆନ ରେଲୱେ କ୍ୟାଟେରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ ଲିମିଟେଡ (ଆଇଆର୍‌ସିଟିସି)ର ଅନୁରୋଧ ରକ୍ଷା କରି ରେଲୱେ ଖାଦ୍ୟାବଳୀର ମୂଲ୍ୟ ତାଲିକା ସମୀକ୍ଷା କରି ନୂଆ ମୂଲ୍ୟ ତାଲିକା ଜାରି କରିଛି। ସକାଳ ଜଳଖିଆ(ଆମିଷ)- ୪୫ ଟଙ୍କା, ସକାଳ ଜଳଖିଆ (ନିରାମିଷ)- ୩୫ ଟଙ୍କା ରଖାଯାଇଛି। ସେହିପରି ଅଣ୍ଡା ମିଲ୍- ୮୦ ଟଙ୍କା, ନିରାମିଷ ମିଲ୍- ୭୦ ଟଙ୍କା, ଚିକେନ୍ ମିଲ୍-୧୨୦ ଟଙ୍କା, ଅଣ୍ଡା ବିରିୟାନି- ୮୦ ଟଙ୍କା, ନିରାମିଷ ବିରିୟାନି- ୭୦ ଟଙ୍କା, ଚିକେନ୍ ବିରିୟାନି- ୧୦୦ ଟଙ୍କା ଓ ସ୍ନାକ୍ସ ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହ ଟ୍ରେନରେ ଦିଆଯାଉଥିବା ଖାଦ୍ୟ ପଦାର୍ଥର ଗୁଣାତ୍ମକ ମାନ ଆହୁରି ଭଲ କରିବାକୁ ଆଇଆର୍‌ସିଟିସିକୁ ନିର୍ଦ୍ଦେଶ ଦିଆଯାଇଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ରାକେଶ ରୋଶନ ଦାସ



ଗୀତାଞ୍ଜଳି ପାଣିଗ୍ରାହୀ



ଲୋପାଲି ପଟ୍ଟନାୟକ



ଅନାଦି ମେହେର

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ମହିଳା ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ

# ଏସ୍‌ପ୍ଲାନେଡ୍ ମଲ୍ ଆଗରେ ଧାରଣା



ଧାରଣାରେ ବସିଥିବା ବିଭିନ୍ନ ଗଣମାଧ୍ୟମ ସଂସ୍ଥାର କର୍ମଚାରୀ। ଗିରଫ ପରେ ଜାମିନରେ ମୁକୁଳିଥିବା ମଲ୍‌ର ମାର୍କେଟିଂ ଅଧିକାରୀ ଶ୍ୟାମା ଝା (ଇନ୍‌ସେଟ୍)।

- ଗିରଫ ପରେ ଜାମିନରେ ମୁକୁଳିଲେ ମାର୍କେଟିଂ ଅଧିକାରୀ ଶ୍ୟାମା ଝା
- ସିପି ଅଫିସ, ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଏସ୍‌ପ୍ଲାନେଡ୍ ମଲ୍‌ରେ ମହିଳା ଖବରଦାତାଙ୍କୁ ଆକ୍ରମଣ ଏବଂ ଅସଦାଚରଣ ଘଟଣାକୁ ନେଇ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦର ସ୍ୱର ଦେଖିବାକୁ ମିଳିଛି। ସାମାଜିକ କର୍ମୀ, ମାନବାଧିକାର କର୍ମୀ, ବିଭିନ୍ନ ରାଜନୈତିକ ଦଳର ନେତା ଓ ଛାତ୍ରୀମାନେ ଖବରଦାତାଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ତୀବ୍ର ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିପରି ମଲ୍ ମାଲିକ ଓ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ଖବରଦାତା ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ଗେଟ୍ ଆଗରେ ଧାରଣାରେ ବସିଥିଲେ। ସେମାନେ ଏସ୍‌ପ୍ଲାନେଡ୍‌ର ୩ଟି ଗେଟକୁ ବନ୍ଦ କରି ପ୍ରତିବାଦ ଜଣାଇଥିଲେ। କୌଣସି କର୍ମଚାରୀ ଓ ଗ୍ରାହକଙ୍କୁ ମଲ ଭିତରକୁ ଛାଡ଼ି ନ ଥିଲେ। ଫଳରେ ଅନ୍‌ଲାଇନରେ ଫିଲ୍ମ ଟିକେଟ କରିଥିବା ଦର୍ଶକ ନିରାଶରେ ଫେରିଯାଇଥିଲେ। ସେମାନେ ଟିକେଟର ମୂଲ୍ୟ ଫେରି ପାଇବାକୁ ଦାବି କରିଥିଲେ ମଧ୍ୟ କୌଣସି କର୍ମଚାରୀ ଧରାଛୁଆଁ ଦେଇ ନ ଥିଲେ। ଅନ୍ୟପକ୍ଷରେ ପୋଲିସ ଉପରେ ଚାପ ବଢ଼ିବାରୁ ସନ୍ଧ୍ୟାରେ ମଲ୍‌ର ମାର୍କେଟିଂ ଅଧିକାରୀ ଶ୍ୟାମା ଝାଙ୍କୁ ଗିରଫ କରାଯାଇଥିଲା। ହେଲେ ତାଙ୍କ ବିରୋଧରେ କୋହଳ ଦଫା ଲାଗିଥିବାରୁ ରାତାରାତି ଏସ୍‌ଡିଜେଏମ୍ କୋର୍ଟରୁ ତାଙ୍କୁ ଜାମିନ ମିଳିଛି। ଏହି ଘଟଣାରେ ଶନିବାର ରାତିରେ ଗିରଫ ହୋଇଥିବା ୨ସିକ୍ୟୁରିଟି ଗାର୍ଡଙ୍କ ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ଝାରପଡ଼ା ଜେଲ୍‌କୁ ପଠାଇ ଦିଆଯାଇଛି।

ଏସ୍‌ପ୍ଲାନେଡ ମଲ୍ ଆଗରେ ଖବରଦାତାଙ୍କ ଧାରଣାକୁ ସମର୍ଥନ ଜଣାଇ ଭାଜପା ନେତା ଜଗନ୍ନାଥ ପ୍ରଧାନ, କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ ଏବଂ ଅନ୍ୟ ନେତାମାନେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ଅନୁପ ସାହୁ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଖବରଦାତାମାନେ ଶୁଣି ନ ଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ କେହି ଧାରଣାରୁ ଉଠିବେ ନାହିଁ ବୋଲି ଜିଦ୍ ଧରିଥିଲେ। ଡିସିପିଏ ସଂକ୍ରାନ୍ତରେ ପୋଲିସ କମିଶନର(ସିପି)ଙ୍କୁ ଅବଗତ କରି ସେଠାରୁ ଚାଲିଯାଇଥିଲେ। ଏ ନେଇ ଡିସିପି ଗଣମାଧ୍ୟମକୁ କହିଛନ୍ତି ଯେ, ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। କାହାକୁ ଛଡ଼ାଯିବ ନାହିଁ। ଅତିରିକ୍ତ ଡିସିପି ର୍‍ୟାଙ୍କର ଜଣେ ଅଫିସର ତଦନ୍ତ କରି ଆଇନଗତ ପଦକ୍ଷେପ ନେବେ ବୋଲି ଡିସିପି ସାହୁ କହିଥିଲେ। ଅନ୍ୟପକ୍ଷରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖବରଦାତା ଏବଂ ରାଜନୈତିକ ନେତା ସିପିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଦାବିପତ୍ର ଦେଇଥିଲେ। ଏପରି କି ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଧିକ ଛାତ୍ର ଏହି ଘଟଣାକୁ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ଏବଂ ଭାଜପା ମଧ୍ୟ ଏହି ଘଟଣାକୁ ନିନ୍ଦା କରି ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ଆଣିବାକୁ ଦାବି କରିଛନ୍ତି।

**ଦିନତମାମ ମଲ୍ ବନ୍ଦ:** ରବିବାର ଦିନତମାମ ମଲ୍ ବନ୍ଦ ରହିବାରୁ କୋଟି କୋଟି ଟଙ୍କାର ବେପାର କ୍ଷତି ହୋଇଛି। ଏହାସହ ଯେଉଁ କର୍ମଚାରୀ ମଲ୍ ଭିତରେ ରହିଥିଲେ ସେମାନଙ୍କୁ ବାହାରକୁ ଛଡ଼ାଯାଇ ନ ଥିଲା। ମଲ୍ ଭିତରେ ଏକାଧିକ ବ୍ୟକ୍ତି ଦୀର୍ଘ ସମୟ ଅଟକି ରହିଥିଲେ। ଶେଷରେ ସନ୍ଧ୍ୟା ୫ଟାରେ ସେମାନଙ୍କୁ ବାହାରକୁ ଛଡ଼ାଯାଇଥିଲା। ହେଲେ ମଲ୍‌ର ୩ନମ୍ବର ଗେଟ୍‌ରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଶାନ୍ତିପୂର୍ଣ୍ଣଭାବେ ଧାରଣା ଦେଉଥିବା ଖବରଦାତାଙ୍କୁ ମଲ୍‌ର ଜଣେ ବାଉଁସର ଦୁର୍ବ୍ୟବହାର କରି ନାଲି ଆଖି ଦେଖାଇଥିଲେ। ଫଳରେ ଖବରଦାତାମାନେ ବାଉଁସରଙ୍କୁ ଧାରଣାସ୍ଥଳ ନିକଟରୁ ଧରି ନେବା ସମୟରେ ଆଉ କେତେଜଣ ସାଧାରଣ ଲୋକେ ତାଙ୍କୁ ଆକ୍ରମଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁଡୁଲି
ପରିବାରବର୍ଗ


କାହ୍ନା
ପରିବାରବର୍ଗ


ଖୁସି
ପରିବାରବର୍ଗ


ଶୁଭଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ସାଇକେଲରେ ୯ ଦିନରେ ୭୦୦ କି.ମି. ଯାତ୍ରା**

# ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଅମରେଶ

ବ୍ରହ୍ମପୁର ଅଫିସ,୨୯।୧୨

ପରିବେଶ ସୁରକ୍ଷା ନିମନ୍ତେ ଚାରାରୋପଣ କରିବା ସଚେତନତା ବାର୍ତ୍ତା ନେଇ ଗତ ୨୧ ତାରିଖରୁ ପାରାଦୀପରୁ ସାଇକେଲରେ ବାହାରି ଥିବା ଇଂ. ଅମରେଶ ନରେଶ ସାମନ୍ତ ରବିବାର ପୂର୍ବାହ୍ନରେ ବ୍ରହ୍ମପୁରରେ ତାଙ୍କ ଯାତ୍ରା ଶେଷ କରିଛନ୍ତି। ବ୍ରହ୍ମପୁର ଷ୍ଟାଡିୟମ ପରିସରରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ପାରାଦୀପ ପୋର୍ଟରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଅମରେଶ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରତିବର୍ଷ ଦେଖା ଦେଉଥିବା ବାତ୍ୟାକୁ ଏଡ଼ାଇବା ପାଇଁ ଚାରାରୋପଣ କରିବା ଓ ପରିବେଶ ପ୍ରଦୂଷଣକୁ ରୋକିବା ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ। ୯ ଦିନରେ ସାଇକେଲରେ ସେ ୭୦୦ କି.ମି. ଅତିକ୍ରମ କରିଥିଲେ। କେନ୍ଦ୍ରାପଡା, ଯାଜପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡର ବିଭିନ୍ନ ଅଞ୍ଚଳକୁ ଯାଇ ଚାରାରୋପଣ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପରେ ବ୍ରହ୍ମପୁରଠାରେ ଯାତ୍ରା ସମାପନ କରିଛନ୍ତି। ବ୍ରହ୍ମପୁର ଷ୍ଟାଡିୟମ ପରିସରରେ ଅମରେଶଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଡିଏଫ୍‌ଓ ଅମ୍ଳାନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ପରିବେଶବିତ ସୁଧୀର ରାଉତ, ସବୁଜବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ଇକୋ କ୍ଲବର ସଂଯୋଜକ ଡ. ଶଙ୍କର ନାରାୟଣ ବେଜ, ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡଙ୍ଗା ଅତିଥି ଭାବେ ଯୋଗଦେଇ ଅମରେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅମରେଶ ଦୀର୍ଘ ୨୦ ବର୍ଷ ହେଲା ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନ ନେଇ ଉଦ୍ୟମ କରି ଆସୁଥିବା କହିବା ସହ ଚାରାରୋପଣ ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସବୁଜ ବାହିନୀ, ଆଞ୍ଚଳିକ ବିକାଶ ପରିଷଦ, ମହାତ୍ମା ଗାନ୍ଧୀ ହେଲ୍ପିଂ ହ୍ୟାଣ୍ଡସ୍, ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ, ଟିମ କ୍ଲିନ ସିଟି, ସିଟି ହାଇସ୍କୁଲର ଏନସିସି କ୍ୟାଡେଟ ଚିଫ ଗୋପାଳକୃଷ୍ଣ ମିଶ୍ରଙ୍କ ସମେତ ସ୍କୁଲ ଏନସିସି କ୍ୟାଡେଟମାନେ ଉପସ୍ଥିତ ଥିଲେ ।


ଷ୍ଟାଡିୟମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅମରେଶ, ଡିଏଫଓ ଓ ଅନ୍ୟମାନେ।

## ପେଟ୍ରୋଲ୍ ପମ୍ପ ମାଲିକଙ୍କୁ ଗୁଳିମାଡ଼

ସାକ୍ଷୀଗୋପାଳ,୨୯।୧୨(ଡି.ଏନ.ଏ)

ପୁରୀ ଜିଲା ସତ୍ୟବାଦୀ ଥାନା ଅର୍ନ୍ତଗତ ସାକ୍ଷୀଗୋପାଳ-ଅଳଗୁମା ରାସ୍ତାର ପୁରୁଣା ସୋମେଶ୍ୱରପୁର ଛକ ନିକଟ ଏକ ପେଟ୍ରୋଲ୍ ପମ୍ପରେ ରବିବାର ରାତିରେ ଏକ ଗୁଳିକାଣ୍ଡ ଘଟିଛି। ଲୁଟ୍ ଉଦ୍ଦେଶ୍ୟରେ କେତେକ ଦୁର୍ବୃତ୍ତ ଆସି ପମ୍ପ ମାଲିକ ଶ୍ରୀକାନ୍ତ ରଥଙ୍କ ଉପରକୁ ଗୁଳିମାଡ଼ କରିଛନ୍ତି। ପେଟରେ ଗୁଳି ବାଜିଯିବା ଯୋଗୁ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସୂଚନାଯୋଗ୍ୟ, ରବିବାର ରାତି ୯ଟା ସମୟରେ ପମ୍ପ ମାଲିକ ରଥ କ୍ୟାସ୍‌କାଉଣ୍ଟର୍ ପାଖରେ ବସିଥିଲେ। ଗୋଟିଏ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଟଙ୍କା ମାଗିଥିଲେ। କିନ୍ତୁ ମାଲିକ ଟଙ୍କା ନ ଦେବାରୁ ଦୁର୍ବୃତ୍ତମାନେ ତାଙ୍କ ପେଟରେ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ସେଠାରୁ ଫେରାର୍ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ରଥଙ୍କୁ କର୍ମଚାରୀମାନେ ଉଦ୍ଧାରକରି ଭୁବନେଶ୍ୱରରେ ଚିକିତ୍ସା କରୁଛନ୍ତି। ଖବରପାଇ ସତ୍ୟବାଦୀ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ରେଳ ଟ୍ରାକ୍‌ରେ ବ୍ରିଜ୍ ଗାର୍ଡ଼ର ପଡ଼ି ଟ୍ରେନ ଚଳାଚଳ ବାଧାପ୍ରାପ୍ତ
# ୫ଟିର ମାର୍ଗ ପରିବର୍ତ୍ତନ, ଗୋଟିଏ ବାତିଲ୍

■ ଫେରିଗଲା ଧଉଳି ଏକ୍ସପ୍ରେସ, ଭଦ୍ରକ-ଖଡ଼ଗପୁର ମେମୁ

ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)

ବାଲେଶ୍ୱର-ନୀଳଗିରି ରୋଡ଼ ରେଳଷ୍ଟେଶନ ମଧ୍ୟରେ ରବିବାର ନିର୍ମାଣାଧୀନ ବ୍ରିଜ୍‌ରୁ ଗାର୍ଡ଼ର ଖସିପଡ଼ିବାରୁ ଭଦ୍ରକ-ଖଡ଼ଗପୁର ସେକ୍ସନ ମଧ୍ୟରେ ରେଳ ସେବା ବାଧାପ୍ରାପ୍ତ ହୋଇଛି। ଗାର୍ଡ଼ରଟି ବ୍ରିଜ୍‌ରୁ ଖସି ଟ୍ରାକ୍‌ରେ ପଡ଼ିବା ସହ ବିଦ୍ୟୁତ୍ ତାରଗୁଡ଼ିକ ମଧ୍ୟ ଛିଣ୍ଡିଯାଇଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରେ ଦୁର୍ଘଟଣା ଘଟିଥିବାରୁ ରବିବାର ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଟ୍ରେନ୍ ସେବା ବ୍ୟାହତ ହୋଇଥିଲା। ସୁରକ୍ଷା ଓ ଯାତ୍ରୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି କେତେକ ଟ୍ରେନର ମାର୍ଗ ପରିବର୍ତ୍ତନ କରାଯାଇଥିଲା। ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଓ ଯଶୋବନ୍ତପୁର-କାମାକ୍ଷା ଏକ୍ସପ୍ରେସ ଜଖପୁରା-ଜରୋଲି-ଆଦ୍ରା ମାର୍ଗରେ ଚଳାଚଳ କରିଛି। ହାଓଡ଼ା-ଯଶୋବନ୍ତପୁର ଦୁରନ୍ତୋ ଏକ୍ସପ୍ରେସ୍, ଅଗରତାଲା-ବେଙ୍ଗାଲୁରୁ କ୍ୟାଣ୍ଟ ଖଡ଼ଗପୁର-ଟାଟା-ଜରୋଲି-ଜଖପୁରା ମାର୍ଗରେ ଚଳାଚଳ କରିଛି। ପୁରୀ-ଆନନ୍ଦବିହାର ଟର୍ମିନାଲ ନୀଳାଚଳ ଏକ୍ସପ୍ରେସ ଜଖପୁରା-ଜରୋଲି-ଟାଟା ଦେଇ ଚଳାଚଳ କରୁଛି। ଏହା ପ୍ରଭାବରେ ୩ଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନର ସମୟସୂଚୀ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। ଭୁବନେଶ୍ୱର-ଆନନ୍ଦବିହାର ଟର୍ମିନାଲ ସନ୍ଧ୍ୟା ୬ଟା, ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ ସନ୍ଧ୍ୟା ୬ଟା ଓ ପୁରୀ-ସିଆଲଦା ସ୍ପେଶାଲ ଟ୍ରେନ୍‌କୁ ପ୍ରାଥମିକ ଷ୍ଟେଶନରୁ ରାତି ୭.୪୫ରେ ଛଡ଼ାଯାଇଥିଲା। ହାଓଡ଼ାରୁ ପୁରୀ ଆସୁଥିବା ଧଉଳି ଏକ୍ସପ୍ରେସକୁ ବସ୍ତା ନିକଟରେ ଅଟକାଯାଇ ପୁନଶ୍ଚ ହାଓଡ଼ାକୁ ସ୍ପେଶାଲ ଟ୍ରେନ ଭାବେ ଯାଇଥିଲା। ସେହିପରି ଖଡ଼ଗପୁର-ଭଦ୍ରକ ମେମୁକୁ ହଳଦୀପଦା ନିକଟରେ ଅଟକାଯାଇ ହାଓଡ଼ାକୁ ସ୍ପେଶାଲ ପାସେଞ୍ଜର ଟ୍ରେନ ଭାବେ ଫେରିଥିଲା। ଏଥିସହ ଚେନ୍ନାଇ-ହାଓଡ଼ା କରମଣ୍ଡଳ ଏକ୍ସପ୍ରେସ୍, ସିକନ୍ଦରାବାଦ-ହାଓଡ଼ା ଫଲକନାମା ଏକ୍ସପ୍ରେସ୍, ହାଓଡ୍ରାବାଦ-ହାଓଡ଼ା ଇଷ୍ଟକୋଷ୍ଟ ଏକ୍ସପ୍ରେସ, ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସକୁ ବିଭିନ୍ନ ସ୍ଥାନରେ ନିୟନ୍ତ୍ରିତ କରାଯାଇଥିଲା। ଭଦ୍ରକ-ଖଡ଼ଗପୁର ମେମୁ ସଂଲଗ୍ନ ଟ୍ରେନ ନ ଆସିବାରୁ ବାତିଲ୍ କରାଯାଇଥିଲା। ସୋମବାର ପାଇଁ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସର ସମୟସୂଚୀ ପରିବର୍ତ୍ତନ କରାଯାଇଛି। ସଂଲଗ୍ନ ଟ୍ରେନ ଆସିବାରେ ବିଳମ୍ବ ଯୋଗୁ ଏହା ସୋମବାର ଭୁବନେଶ୍ୱରରୁ ସନ୍ଧ୍ୟା ୪.୩୦ରେ ଯାତ୍ରା ଆରମ୍ଭ କରିବ। ଯାହା ପୂର୍ବରୁ ସକାଳ ୯.୩୦ରେ ଛାଡ଼ିବା ପାଇଁ ଧାର୍ଯ୍ୟ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆପଣଙ୍କୁ ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ସବିଶେଷ ଆଲୋଚନାପୂର୍ବକ ପୂର୍ବ ସ୍ଥିରୀକୃତ ଯାନବାହନ, ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବା ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରୁ ଫେରିବା ବାଟରେ ବନ୍ଧୁଙ୍କୁ ଭେଟି କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ କରିପାରନ୍ତି।

**ବୃଷ** ଅଫିସ୍ କାମରେ ବ୍ୟସ୍ତ ରହି ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ରୋହିଣୀ ଖଳ ଲୋକମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅର୍ଥ ସମ୍ପର୍କିତ କାମ ହାସଲରେ ସଫଳତା ପାଇବେ।

**ମିଥୁନ** ବହୁତ ଦିନରୁ ସମାଧାନ ହୋଇପାରୁନଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ ଓ ଘରେ ଏଥି ସକାଶେ ସ୍ତ୍ରୀଙ୍କୁ ଦାୟୀ କରି ବିଭିନ୍ନ ପ୍ରକାରର କଥା କହି ପାରନ୍ତି। ମନ ଭଲ ନ ଥିବା କାରଣରୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁ ଅର୍ଥ ସାହାଯ୍ୟର ଦୃଢ଼ ପ୍ରତିଶ୍ରୁତି ଦେଇପାରନ୍ତି।

**କର୍କଟ** କେତେକ କ୍ଷେତ୍ରରେ ବିରକ୍ତିଜନିତ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ । ବ୍ୟବସାୟ,ପରିବହନ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ସେତେଟା ଉତ୍ସାହଜନକ ହେବନାହିଁ। ଆର୍ଥିକ ଦିଗଟି ମନ୍ଦ ହେବ ନାହିଁ କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ।

**ସିଂହ** ସବୁ ଦିଗରୁ ହଇରାଣ ହେବା ସକାଶେ ମନ ଭାବନାରେ ବୁଡି ରହିବ। କେତେକ କ୍ଷେତ୍ରରେ ଅନୁତାପ କରିବେ ସିନା କିଛି ଲାଭ ମଧ୍ୟ ହେବନି। ବନ୍ଧୁଙ୍କ ମିଥ୍ୟା ଅଭିଯୋଗକୁ ପରୋକ୍ଷ ସମର୍ଥନ ଦେବା କାରଣରୁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁ କିମ୍ବା ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା** କେତେକ ବ୍ୟତିକ୍ରମ ଓ କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହୋଇପାରନ୍ତି। ହଠାତ୍ ପୁରାତନ ରୋଗର ପୀଡା ଅନୁଭବ ହୋଇପାରେ। ଅଫିସରେ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ହତଚକିତ ହେବେ। ପ୍ରକାଶନ, ପ୍ରଶାସନ, କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ତୁଳା** ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଶାରୀରିକ ଅସୁସ୍ଥତା ହେତୁ ବ୍ୟସ୍ତ ବିବ୍ରତ ରହିପାରନ୍ତି। ପରିବାରରେ କାହା ସହ କାହାର କଥା ମେଳ ଖାଇବ ନାହିଁ। ବନ୍ଧୁମିଳନ ସଙ୍ଗକୁ ଦେବଦର୍ଶନର ସୁଯୋଗ ପାଇପାରନ୍ତି। ଆର୍ଥିକ ଦିଗଟି ଦୁର୍ବଳ ରହିଥିବାରୁ ସବୁ କାମରେ ପଛେଇ ଯିବେ।

**ବିଛା** ମନ କଥା ମନଭିତରେ ରଖି ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଲାଭବାନ ହେବେ। ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଦୀର୍ଘଦିନର ପ୍ରତୀକ୍ଷାରତ ଖୁସିଖବର ପାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ଧନୁ** କୌଣସି କ୍ଷେତ୍ରରେ ଅତ୍ୟଧିକ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବ ନାହିଁ, କାରଣ ଭଲ କରିବାକୁ ଯାଇ ଅପଦସ୍ଥ ହେବାକୁ ପଡିବ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ସାମାନ୍ୟ ଶାରୀରିକ ଅସୁସ୍ଥି ମଧ୍ୟ ଅନୁଭବ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** ହାତକୁ ନେଇଥିବା କାମଟି ସହଜରେ ସମ୍ପନ୍ନ ହେବାରୁ ଖୁସୀ ଅନୁଭବ କରିବେ। ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ନିକଟ ସମ୍ପର୍କୀୟ ବନ୍ଧୁଙ୍କ ଠାରୁ ହଠାତ୍ ଏକ ଶୁଭ ଖବର ପାଇ ଖୁସି ହେବେ। ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଭିତରେ ଭିତରେ ଶତ୍ରୁତା ଆଚରଣ କରୁଥିବା ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା କାରଣରୁ ମନ ଖୁସି ରହିବ।

**ମୀନ** ଆଜିର ଆଲୋଚନା ସମୟରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥାକୁ ଶୁଣି କୌଣସି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ପରିବାରର ଖର୍ଚ୍ଚ ଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ପୌଷ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର,ଡିସେମ୍ବର ୩୦ ତାରିଖ,ରାଶି ନକ୍ଷତ୍ର-ଧନିଷ୍ଠା/ମକର, ଦିବା ଘ୯।୫୨ମି. ଗତେ, କୁମ୍ଭଚନ୍ଦ୍ର, ମିଥୁନ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟଶ୍ରାଦ୍ଧ, ଦିବା ଘ୯।୧୭ମି. ଗତେ ଘ୧୧।୨୭ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୧ମି. ଗତେ ଘ୧୦।୩୨ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୪୬ମି. ଗତେ, ଘ୯।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**
**SALE**

**Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952.** D-68451

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। **8249728525.** D-68458

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30'ft. road ଏବଂ ବାସୋପଯୋଗୀ plot ଦିଆଯାଉଛି sqft. 650/-। 7008045582, 9692003948. D-15873

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ **3K.m well developed demarcated plot sqft. 650/-, 9348063060.** D-68464

ଭୁବନେଶ୍ୱର କଟଣ ଗେଟ୍ ଠାରେ **sqft.-180/-,** ଅରଗୁଲ ରେଲ୍‌ଓ୍ୱେଷ୍ଟେସନ ପାଖରେ **sqft.-180/-,** ନଖରା ତ୍ରିନାଥ ବଜାର **SC** ପ୍ଲଟ୍ **370/-** ଘରବାରି **outright/ instalment- 9348817649, 7750909843.** D-68462

Bhubaneswar ଏୟାରପୋର୍ଟରୁ 7k.m ଦୂରରେ 1500ବର୍ଗଫୁଟ ପ୍ଲଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

ଭୁବନେଶ୍ୱର **Sum Hospital, IIIT, NALCO** ଗୋଠପାଟଣା ନିକଟସ୍ଥ କାଟେଣୀ **Zeeschool** ରେ ଘରବାରି, **Boundary Patta plot-550/-, 9777553622.** D-68461

**Bhubaneswar Infocity-II** ମଦନପୁର ନିକଟରେ **sqft.499/- demarcation plot** କିଣନ୍ତୁ **9861218400** D-68463

**construction**

Construct your building as per your terms and condition. Contact: 9937064680. D-27284

**to-let**

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Independent house 1600sqft. 3BHK with Pujaghar, Garrage borewell at Jagamara-Khandagiri, rent-Rs. 13500/-, Mob: 8585088850. D-15934

**packers & movers**

India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**healthcare**

Rejuvenate and ayurvedic full body massage by smart therapist. 9114402304. D-68904

Take full body therapy. Just call 7852986810. D-68528

Sai herbal spa refresh your body with smart, expert therapist. 7608062524. D-68937

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment-9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

**business**

3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

**Farmhouse available for Private Party, Birthday Party, New Year Party. Contact: 9178367766, 7978456831.** D-68044

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 20.12.2019, I Ranjulata Nayak, W/o- Baikuntha Bihari Nayak and Ranjulata Swain D/o- Baburam Swain is one and same person. I changed my surname to Ranjulata Nayak for all purposes. D-15979

By virtue of an affidavit bearing CF No-30/ 20.12.2019, I declare that Lochan Behera W/o Gangadhar Behera and Kanchan Behera W/o Gangadhar Behera is one and same person. D-15982

**LEGAL NOTICE**

To,
Nilamani Muduli,
S/o- Laba Muduli,
aged 24 years,
resident of village-Kumandra guda, Dist-Nabarangapur,
C.S No- 08/ 2013

Whereas the plaintiff Bansidhar Bisoi, S/o Balavadra Bisoi, aged 56 years of village Hardoli, PS: Boriguma, Dist: Koraput has filed a suit against you as one of the defendants for a mandatory injunction over the suit lands at Mouza-Boda Majhiguda covered by Khata No. 14 having plot Nos. 101 measuring A.C 1-68 Units, plot No. 137 measuring A.C 4-150 and plot No. 138 measuring A.C 2-140 you are hereby directed to appear before this court in person or through your lawyer to file your written statement if any against the said claim on the date 21st, January 2020, at 10.AM failing which the case will be decided on its own merits.

Civil Judge (SD)
Jeypore
D- 53226

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


**ପ୍ରଥମ ପୃଷ୍ଠାରୁ...**

### ରାଷ୍ଟ୍ରଦୂତ...

ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରିବା ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ଦତନ୍ତରୁ ଜଣାପଡ଼ିଛି ଯେ, ସେ ମନ୍ତ୍ରଣାଳୟର ବିନା ଅନୁମତିରେ ସରକାରୀ ବାସଭବନରୁ କୋଟି କୋଟି ଟଙ୍କା ଆୟ କରିଛନ୍ତି। ଏହି କୂଟନୀତିଜ୍ଞ ଜାଲିଆତି କରି ସରକାରଙ୍କଠାରୁ ଭିଏଟି ରିଫଣ୍ଡସ ନେଇଥିଲେ। ସିଭିସି ଅଧିକାରୀଙ୍କ ନେତୃତ୍ୱରେ ମନ୍ତ୍ରଣାଳୟର ଏକ ତଦନ୍ତକାରୀ ଟିମ୍ ଗତ ସେପ୍ଟେମ୍ବରରେ ସବୁ ବିଷୟର ଯାଞ୍ଚ ପାଇଁ ଭିଏନା ଗସ୍ତ କରିଥିଲା। ରେଣୁଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ ବୋଲି ତଦନ୍ତ ରିପୋର୍ଟରେ ଟିମ୍ ଉଲ୍ଲେଖ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ରେଣୁଙ୍କୁ ଗତ ୯ ତାରିଖରେ ମୁଖ୍ୟାଳୟକୁ ବଦଳି କରିଛି। ଏହାସହ ସେ ଜଣେ ରାଷ୍ଟ୍ରଦୂତ ଭାବେ କୌଣସି ପ୍ରକାର ପ୍ରଶାସନିକ କିମ୍ବା ଆର୍ଥିକ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି କଟକଣା ଜାରି କରିଛି। ରେଣୁ ରବିବାର ସନ୍ଧ୍ୟାରେ ଭିଏନାରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

### ନୂଆବର୍ଷରେ...

ହୋଇଥିବାବେଳେ ଗୋପାଳପୁରରେ ୧୨.୭ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଥଣ୍ଡା ରହିବ। ପ୍ରବଳ ଶୀତ ଲହରୀ ନେଇ କଳାହାଣ୍ଡି, ବଲାଙ୍ଗୀର, ସୁବର୍ଣ୍ଣପୁର, ଅନୁଗୋଳ, କେନ୍ଦୁଝର ଓ ଦେବଗଡ଼ ଆଦି ୬ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।

ଓଡ଼ିଶାର କେତେକ ଜିଲାକୁ ବିଳମ୍ବରେ ଶୀତ ଛୁଇଁଥିଲେ ମଧ୍ୟ ଗତ ୨-୩ ଦିନ ହେବ ସାରା ରାଜ୍ୟ ଶୀତ ଦାଉରେ ଥରୁଛି। ଅନେକ ସ୍ଥାନରେ ତୁଷାରପାତ ହେଉଥିବାର ମଧ୍ୟ ସୂଚନା ରହିଛି। ପ୍ରବଳ ଶୀତ ଯୋଗୁ ସଞ୍ଜ ନଇଁଲେ ଲୋକେ ଘରୁ ବାହାରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ସେହିପରି ପ୍ରବଳ କୁହୁଡ଼ି ଯୋଗୁ ସକାଳ ୧୦ଟା ପର୍ଯ୍ୟନ୍ତ ରାସ୍ତାଘାଟ ମଧ୍ୟ ଦେଖା ଯାଉନାହିଁ।

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ପ୍ରଥମ ୬ ମାସରେ ଦେଶର ୫୦ ପ୍ରମୁଖ କର୍ପୋରେଟ କମ୍ପାନୀଙ୍କ ଋଣ ୬୦ ହଜାର କୋଟି ଟଙ୍କା ହ୍ରାସ ଘଟିଛି।

– ଅର୍ଥ ମନ୍ତ୍ରଣାଳୟ

## ସଂକ୍ଷେପରେ

### ସୋମବାର ବି ଚାଲିବ ହୀରାକୁଦ ରୋପ୍‌ୱେ

**ସମ୍ବଲପୁର,୨୯।୧୨(ବ୍ୟୁରୋ):** ସମ୍ବଲପୁର ହୀରାକୁଦରେ ଥିବା ରୋପ୍‌ୱେ ଏଣିକି ସୋମବାର ବି ଚାଲିବ। ଏବେ ପର୍ଯ୍ୟଟନ ଋତୁ ହେତୁ ଏଠାରେ ପର୍ଯ୍ୟଟକଙ୍କ ଭିଡ ରହୁଛି। ଏଣୁ ସୋମବାର ରୋପ୍‌ୱେ ବନ୍ଦ ରହିବା ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ଏହାସହ ଡିସେମ୍ବର ୩୦ ତାରିଖଠାରୁ ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ରୋପୱେ ଚଳାଚଳ ସମୟରେ ପରିବର୍ତ୍ତନ ହେବ। ଅପରାହ୍ନ ୩ଟା ୪୦ରେ ଟିକେଟ କାଉଣ୍ଟର ବନ୍ଦ ହେବ। ହେଲେ ପୂର୍ବ ଭଳି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରୋପ୍‌ୱେ ଚାଲିବ। ମହାନଗର ନିଗମ ପକ୍ଷରୁ ଏହି ସୂଚନା ଦିଆଯାଇଛି।

### ଏଲ୍‌ଓସିରେ ବ୍ୟାଟ୍ ଆକ୍ରମଣକୁ ପଣ୍ଡ କଲା ଭାରତୀୟ ସେନା



**ଜମ୍ମୁ,୨୯।୧୨(ଆଇଏଏନ୍‌ଏସ୍):** ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅନ୍ତର୍ଗତ ଜମ୍ମୁ-କଶ୍ମୀରର ରାଜୌରୀ ଜିଲାରେ ରବିବାର ପାକିସ୍ତାନୀ ସେନାର ସୀମାନ୍ତ କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ଆକ୍ରମଣ ଯୋଜନାକୁ ଭାରତୀୟ ଯବାନମାନେ ପଣ୍ଡ କରିଦେଇଛନ୍ତି। ବ୍ୟାଟ୍ ଆକ୍ରମଣ ପାଇଁ ସୁଯୋଗ ସୃଷ୍ଟି କରିବା ନିମନ୍ତେ ପାକିସ୍ତାନୀ ସୈନ୍ୟମାନେ ଗୁଳି ବର୍ଷଣ କରିବା ସହ କେର୍ନି ସେକ୍ଟରରେ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ଆଗୁଆ ଘାଟିଗୁଡ଼ିକରେ ଥିବା ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିଲେ। ଫଳରେ ଅନୁପ୍ରବେଶ ଉଦ୍ୟମ କରୁଥିବା ବ୍ୟାଟ୍ ସଦସ୍ୟମାନେ ପାକିସ୍ତାନ ପଟକୁ ଫେରିଯିବାକୁ ବାଧ ହୋଇଥିଲେ। ପ୍ରାୟ ଘଣ୍ଟାଏ ଧରି ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ଜାରି ରହିଥିଲା। ଗୁଳି ବିନିମୟ ବେଳେ ଭାରତୀୟ ପାର୍ଶ୍ୱରେ କେହି ମୃତାହତ ହୋଇନାହାନ୍ତି।

### ଅପହରଣରେ ବିଫଳ ହେବାରୁ ଦଳିତ ଯୁବତୀଙ୍କ ନାକ କାଟିଦେଲେ

**ଗୁରୁଗ୍ରାମ,୨୯।୧୨(ପି.ଟି.):** ହରିୟାଣାର ଗୁରୁଗ୍ରାମ ସହର ଅନ୍ତର୍ଗତ ଚକ୍କରପୁର ଗ୍ରାମର ଜଣେ ଦଳିତ ଯୁବତୀଙ୍କୁ ଅପହରଣ କରିବାରେ ବିଫଳ ହେବାରୁ ଦୁର୍ବୃତ୍ତମାନେ ତାଙ୍କ ନାକ କାଟିଦେଇଛନ୍ତି। ପୁନମ କୁମାରୀ ନାମ୍ନୀ ଯୁବତୀ ଜଣକ ଘରେ ଥିବାବେଳେ ଗୌରବ ଯାଦବ, ଆକାଶ ଯାଦବ, ସତୀଶ ଯାଦବ, ମନୁ ଯାଦବ ଓ ଲିଲୁ ଯାଦବ ତାଙ୍କ ଘର ଭିତରେ ଧସେଇ ପଶି ଅପହରଣ ଉଦ୍ୟମ କରିଥିଲେ। ପୁନମଙ୍କ ଭାଇ ସେମାନଙ୍କୁ ପ୍ରତିରୋଧ କରିଥିଲେ। ଦୁର୍ବୃତ୍ତମାନେ ପରିବାର ଲୋକଙ୍କୁ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ପୁନମଙ୍କ ନାକ କାଟିଦେଇଥିଲେ। ପୁନମଙ୍କ ଭାଇ ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଛି।

## ■ ସୂଚନା କର୍ମୀ ଅଭିମନ୍ୟୁ ହତ୍ୟା ଘଟଣା

# ମାଷ୍ଟରମାଇଣ୍ଡଙ୍କ ସହ ୫ ଗିରଫ

**ଫୁଲବାଣୀ ଅଫିସ, ୨୯।୧୨**

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାର ଫର୍ଦ୍ଦାଫାସ କରିଛି ପୋଲିସ। ପୂର୍ବ ଶତ୍ରୁତା ହିଁ ହତ୍ୟାକାଣ୍ଡରେ ମୁଖ୍ୟ କାରଣ ବୋଲି ରବିବାର ଏସ୍‌ପି ପ୍ରତୀକ ଗୀତା ସିଂ ବାଲିଗୁଡାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଏବଂ ୨ ସୁପାରି କିଲରଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ମାଷ୍ଟରମାଇଣ୍ଡ ବାଲିଗୁଡା ଥାନା ସୁନାପାଙ୍ଗାର କେ. ବିଶ୍ୱଜିତ ପାତ୍ର, ସହଯୋଗୀ ଗଞ୍ଜାମ ଜିଲା ଧରାକୋଟ ଥାନା ମୁଣ୍ଡମରାଇର ବାଲାଜି ଆଚାର୍ଯ୍ୟ, ବଡଗଡ ଥାନା ବନ୍ଧଗୁଡାର ରାସ ବିହାରି ଦାସ। ୨ ସୁପାରି କିଲରଙ୍କ ଟିଆଇ ପରେଡ ହେବାକୁ ଥିବାରୁ ସେମାନଙ୍କ ନାମ ଗୋପନ ରଖାଯାଇଛି। ଗିରଫ ଯୁବକମାନଙ୍କ ପାଖରୁ ଗୋଟିଏ ଦେଶୀ ପିସ୍ତଲ, ୩ ରାଉଣ୍ଡ ଜୀବନ୍ତ ଗୁଳି, ୬ଟି ମୋବାଇଲ ଫୋନ, ଗୋଟିଏ ବାଇକ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି।

ଅଭିମନ୍ୟୁ ଓ ବିଶ୍ୱଜିତ୍‌ଙ୍କ ମଧ୍ୟରେ ଜଗନ୍ନାଥ ମନ୍ଦିର ମାର୍କେଟ କମ୍ପ୍ଲେକ୍ସ ଘର ଏବଂ ଅନ୍ୟ କାରଣକୁ ନେଇ ଶତ୍ରୁତା ରହିଥିଲା। ବିଶ୍ୱଜିତ ନେଇଥିବା ମାର୍କେଟ କମ୍ପ୍ଲେକ୍ସ ଘରକୁ ଉଚ୍ଛେଦ କରିବାକୁ ଅଭିମନ୍ୟୁ ଚେଷ୍ଟା କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ସହ କୋର୍ଟରେ ମାମଲା ପହଞ୍ଚିଥିଲା। ଅଭିମନ୍ୟୁଙ୍କୁ ରାସ୍ତାରୁ ହଟାଇବା ପାଇଁ ବିଶ୍ୱଜିତ୍ ଯୋଜନା କରିଥିଲେ। ଏନେଇ ସେ ବିଦ୍ୟୁତ୍ ବିଭାଗରେ କାମ କରୁଥିବା ବାଲାଜି ଏବଂ ରାସବିହାରୀଙ୍କ ସହ ଯୋଗାଯୋଗ କରିଥିଲେ। ସେମାନେ ୨ ସୁପାରି କିଲର ଠିକ୍ କରିଥିଲେ। ଏଥିପାଇଁ ୧ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ଆର୍‌ଟିଆଇକୁ ନେଇ ନୁହେଁ, ମାର୍କେଟ କମ୍ପ୍ଲେକ୍ସକୁ ନେଇ ହତ୍ୟା ହୋଇଛି। ଯେଉଁ ସୁପାରି କିଲର ହତ୍ୟା କରିଛନ୍ତି, ସେମାନଙ୍କୁ କିଛି ଲୋକ ଦେଖିଛନ୍ତି। ଟିଆଇ ପରେଡ ପାଇଁ ସେମାନଙ୍କ ନାମ ଗୋପନ ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି। ତଦନ୍ତବେଳେ ଗଞ୍ଜାମ ଜିଲା ଆସିକା ଅଞ୍ଚଳର ଯୁବକ ସୁପାରି ନେଇ ହତ୍ୟା କରିଥିବା ଜାଣିବାକୁ ପାଇଥିଲୁ। ସେମାନେ ୮ ତାରିଖରେ ବାଲିଗୁଡା ଆସି ଅଭିମନ୍ୟୁଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏହି ଘଟଣାରେ ଅନ୍ୟ ଜଣେ ମଧ୍ୟସ୍ଥି ଅଛନ୍ତି। ତାଙ୍କୁ ଧରିବା ପାଇଁ ଚେଷ୍ଟା ଚାଲିଥିବା ଏସ୍‌ପି ପ୍ରତୀକ ଗୀତା ସିଂ ପ୍ରକାଶ କରିଛନ୍ତି। ଅନୁଷ୍ଠିତ ଖବରଦାତା ସସମ୍ମିଳନୀରେ ବାଲିଗୁଡା ଏସ୍‌ଡିପିଓ ମାନସ ରଂଜନ ବାରିକ, ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଗତ ୧୦ ତାରିଖ ସକାଳେ ୨ଜଣ ଯୁବକ ଏକ ବାଇକରେ ଆସି ଅଭିମନ୍ୟୁଙ୍କୁ ତାଙ୍କ ଘରୁ ଡାକିଥିଲେ। ଘର ସମ୍ମୁଖରେ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ଅଭିମନ୍ୟୁଙ୍କୁ ସ୍ଥାନୀୟ ଲୋକେ ମେଡିକାଲ ନେଇଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୮୮/୧୯ରେ ମାମଲା ରୁଜୁ ହୋଇଥିଲା।



ଏସ୍‌ପି,ଏସ୍‌ଡିପିଓ, ଥାନାଧିକାରୀଙ୍କ ସହ ଗିରଫ ଯୁବକ।

■ ଘଟଣା ପଛରେ ପୂର୍ବ ଶତ୍ରୁତା
■ ନିୟୋଜିତ ହୋଇଥିଲେ ୨ ସୁପାରି କିଲର

## ■ ରାଜ୍ୟ ସିଟିଜେନ୍ସ ଫୋରମ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ

# ‘ସାମ୍ବିଧାନିକ ବ୍ୟବସ୍ଥାକୁ ହତ୍ୟା କରୁଛି କେନ୍ଦ୍ର’

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ବର୍ତ୍ତମାନର କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ସ୍ୱାୟତ୍ତତା ଉପରେ ବାରମ୍ବାର ହସ୍ତକ୍ଷେପ କରୁଛି। ଦେଶର ସାମ୍ବିଧାନିକ ବ୍ୟବସ୍ଥାକୁ କେନ୍ଦ୍ର ସରକାର ହତ୍ୟା କରୁଛନ୍ତି ବୋଲି ବିଶିଷ୍ଟ ବାମପନ୍ଥୀ ନେତା ତଥା କେରଳର ଅର୍ଥମନ୍ତ୍ରୀ ଡ. ଥୋମାସ୍ ଆଇଜାକ୍ କହିଛନ୍ତି। ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଶନ୍ସ ଅଫ୍ ଇଞ୍ଜିନିୟର୍ସ ପ୍ରେକ୍ଷାଳୟରେ ରାଜ୍ୟ ସିଟିଜେନ୍ସ ଫୋରମ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବକୁ ରବିବାର ଉଦ୍‌ଘାଟନ କରି ସେ ଏହି ଅଭିଯୋଗ କରିବା ସହିତ କହିଛନ୍ତି, ସଂଘୀୟ ବ୍ୟବସ୍ଥାର ସୁରକ୍ଷା ପାଇଁ ରାଜ୍ୟ ଶାସକ ଦଳ ବିଜେଡି ଅନ୍ୟ ଗଣତାନ୍ତ୍ରିକ ଆଞ୍ଚଳିକ ଦଳ ସହ ହାତ ମିଳାଇବା ଉଚିତ।

ଏହି ଅବସରରେ ଥୋମାସ୍ ‘ଫେଡେରାଲିଜମ୍ ଆଟ୍ ଦ କ୍ରସରୋଡସ୍: ପର୍ସେପଶନ୍, ଥ୍ରେଟ୍ ଆଣ୍ଡ ଅପର୍ଚୁନିଟି’ ଶୀର୍ଷକ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ଅବସରପ୍ରାପ୍ତ ଆଇଏଏସ୍ କଲ୍ୟାଣ ରାୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଫୋରମ୍‌ର ମୁଖପତ୍ର ‘ନାଗରିକ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ‘ଫେଡେରାଲିଜମ୍ ଟୁଡେ: ହ୍ୱାଟ୍ ଇଜ୍ ଆଟ୍ ଷ୍ଟେକ୍’ ଶୀର୍ଷକ ଆଲୋଚନାରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଅବସରପ୍ରାପ୍ତ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ, ସିପିଏମ ନେତା ଜନାର୍ଦ୍ଦନ ପତି, କବି ଅଶ୍ୱିନୀ ମିଶ୍ର ଅଂଶ ଗ୍ରହଣ କରିଥିଲେ। ଫୋରମ୍ ଅଧ୍ୟକ୍ଷ ଡା. ମଧୁସୂଦନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନ ଖବରଦାତା ରାଜେଶ ମହାପାତ୍ର ପରିଚାଳନା କରିଥିଲେ।

ତୃତୀୟ ପର୍ଯ୍ୟାୟରେ ‘ସିଟିଜେନଶିପ୍ ଆଣ୍ଡ ଫେଡେରାଲିଜମ୍’ ଶୀର୍ଷକ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଆଇଏଏସ୍ କାନନ୍ ଗୋପୀନାଥନ ଏଥିରେ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଶିକ୍ଷକ ମହାସଂଘର ଆନ୍ତର୍ଜାତିକ ସଭାପତି ଡ. ଅମିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନକୁ ପ୍ରଫେସର ସୁରେନ୍ଦ୍ର ଜେନା ସଞ୍ଚାଳନ କରିଥିଲେ। ଦିବସବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୋରମ୍ ଆବାହକ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିମାନେ ଫୋରମ୍‌ର ମୁଖପତ୍ର ‘ନାଗରିକ’କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଆର୍ଥିକ ଫାଇଦା କମ୍ | ଆଗେଇପାରୁନି ବୁଢ଼ାମୁରା-ଚକୁଳିଆ ରେଳଲାଇନ ପ୍ରକଳ୍ପ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

**ଉତ୍ତର ରଖିଲା ରେଳ ମନ୍ତ୍ରଣାଳୟ**

ରୂପ୍‌ସା - ବାଙ୍ଗିରିପୋଷି(୯୦ କି.ମି.) ରେଳ ଲାଇନ ଗଜ୍ କନ୍‌ଭରସନ୍(ଜିସି)ର ଏକ ଅଂଶ ସ୍ୱରୂପ ମୟୂରଭଞ୍ଜସ୍ଥିତ ବୁଢ଼ାମୁରା-ଚକୁଳିଆ(ଝାଡ଼ଖଣ୍ଡ) ୫୦ କି.ମି.ର ନୂଆ ରେଳଲାଇନକୁ ରେଳବାଇ ପକ୍ଷରୁ ଅନୁମୋଦନ ମିଳିଛି। ରୂପସା-ବାଙ୍ଗିରୀପୋଷୀ ଲାଇନ୍‌ନିର୍ମାଣ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟକାରୀ ହେଲାଣି। ହେଲେ ବୁଢ଼ାମୁରା-ଚକୁଳିଆ ପ୍ରକଳ୍ପକୁ ଆର୍ଥିକ ଦୃଷ୍ଟିରୁ ଉପଯୁକ୍ତ ମନେ କରାଯାଇନାହିଁ ବୋଲି ରେଳ ବିକାଶ ନିଗମ ଲିଃ(ଆରଭିଏନ୍‌ଏଲ୍) ପକ୍ଷରୁ କୁହାଯାଇଛି। ଏ ସବୁ ସତ୍ତ୍ୱେ ଏହି ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ ନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଦ୍ୱାରା ଗତ ୧୩ ତାରିଖରେ ପଚରା ଯାଇଥିବା ଏକ ଅଣତାରକା ପ୍ରଶ୍ନ ନଂ.୨୯୯୭ର ଉତ୍ତର ଦେଇ ରେଳମନ୍ତ୍ରୀ ପୀୟୁଷ ଗୋଏଲ ଉପରୋକ୍ତ ତଥ୍ୟ ଦେଇଛନ୍ତି।

ବୁଢ଼ାମୁରା-ଚକୁଳିଆ ପ୍ରକଳ୍ପକୁ ମୋଟ୍ ବଜେଟ ସହାୟତା ଅଧୀନରେ ବିଚାର କରିବା ପାଇଁ ଚିନ୍ତା କରୁଛନ୍ତି। ସେହିପରି ଜୋନାଲ ରେଲ୍‌ୱେକୁ ଏ ସମ୍ବନ୍ଧୀୟ ଏକ ପୂର୍ଣ୍ଣାଙ୍ଗ ଅଟକଳ ପ୍ରସ୍ତୁତ କରିବାକୁ କୁହାଯାଇଥିବା ଜଣାପଡିଛି। ସେହିଭଳି ଆର୍ଥିକ ବର୍ଷ ୨୦୧୫-୧୬ରୁ ବାଙ୍ଗିରିପୋଷି ଏବଂ ଗୋରୁମହିଷାଣୀ(୪୨ କି.ମି.) ରେଳ ପ୍ରକଳ୍ପ ପାଇଁ ସର୍ବେକ୍ଷଣ ସମାପ୍ତ ହୋଇଛି। ଏହି ସର୍ବେକ୍ଷଣ ରିପୋର୍ଟ ରେଲୱେ ବୋର୍ଡ ଦ୍ୱାରା ମଧ୍ୟ ଯାଞ୍ଚ କରାଯାଇଛି। ହେଲେ ଆର୍ଥିକ ଦିଗ, ଅନ୍ୟାନ୍ୟ ବୃହତ୍ ପ୍ରକଳ୍ପ ଇତ୍ୟାଦି ଜାରି ରହିଥିବାରୁ ଏହାର କାର୍ଯ୍ୟକୁ ଆଗକୁ ନିଆଯାଇପାରୁନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଉଲ୍ଲେଖ କରାଯାଇଛି। ସେହିପରି ୨୦୧୮-୧୯ରେ ସର୍ବେକ୍ଷଣକୁ ପୁନର୍ବାର ଅପଗ୍ରେଡେଟ୍ କରାଯାଇ ପ୍ରଶାସନିକସ୍ତରୀୟ କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି।

## ଜିଲା ଚିଠି — ଗଜପତି



### ପାରମ୍ପରିକ ହାଟ

ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଏହି ଜିଲାର ଆଦିବାସୀମାନେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଓ ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହାଟରେ ବିକ୍ରି କରି ପରିବାର ଚଳାଇଥାନ୍ତି। ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ୩ ନଂ. ୱାର୍ଡ ହାଟପଦାରେ ଦୀର୍ଘବର୍ଷ ଧରି ପ୍ରତି ଶନିବାର ଏକ ପାରମ୍ପରିକ ହାଟ ବସିଥାଏ। ସେହି ହାଟ ଉପରେ ପାରଳାଖେମୁଣ୍ଡି ସହର ଏବଂ ତା’ର ଉପକଣ୍ଠ ରାଣୀପେଣ୍ଠ, ସିଙ୍ଗିପୁର, ପଦ୍ମପୁର, ଯାଜପୁର, କେରାଣ୍ଡି, ଡାଲିମ୍ବପୁର, ରାଟିଣୀ, ଅମରା, ଧାମୁଣିଗାଁ ଆଦି ବିଭିନ୍ନ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ତଥା ସୀମାନ୍ତ ଆନ୍ଧ୍ରପ୍ରଦେଶର ଅଧିକାଂଶ ଗ୍ରାମବାସୀ ନିର୍ଭର କରିଥାନ୍ତି। ସେହି ହାଟରେ ଜଙ୍ଗଲଜାତ ଦ୍ରବ୍ୟ ହରିଡ଼ା, ବାହାଡ଼ା, ଅଁଳା, ମାଣ୍ଡିଆ, ସୋରିଷ, ହଳଦୀ ସହ ବିଭିନ୍ନ ପନିପରିବା, ବାଉଁଶ ତିଆରି ସାମଗ୍ରୀ ଏବଂ ଆମିଷ ମଧ୍ୟ ବିକ୍ରି ହୋଇଥାଏ। ପାରମ୍ପରିକ ଜଙ୍ଗଲଜାତ ଦ୍ରବ୍ୟ କିଣିବା ପାଇଁ ଏହି ସାପ୍ତାହିକ ହାଟରେ ଭିଡ଼ ଜମେ। ସାଧାରଣ ଗ୍ରାହକଙ୍କ ସହିତ ବେପାରୀମାନେ ବି ଏହି ହାଟ ଉପରେ ନିର୍ଭର କରିଥାନ୍ତି। ମାତ୍ର ନାନା ଅବ୍ୟବସ୍ଥା ଓ ପ୍ରଶାସନିକ ଅବହେଳା ଯୋଗୁ ଏହି ହାଟ ତା’ର ପୂର୍ବ ମର୍ଯ୍ୟାଦା ହରାଇ ବସିଛି। ଆଗଭଳି ହାଟରେ ଆଉ ଭିଡ଼ ଜମୁନି। ଜିଲାର ଆଦିବାସୀ ଅଧ୍ୟୁଷିତ ଜିରାଙ୍ଗ, ଗୁମ୍ମା, ରାୟଗଡ଼ ଆଦି ଅଞ୍ଚଳରେ ମଧ୍ୟ ଛୋଟ ଛୋଟ ସାପ୍ତାହିକ ହାଟ ଚାଲିଛି। ତେବେ ଜିଲା ସଦର ମହକୁମାରେ ଚାଲିଥିବା ସେହି ବହୁ ପୁରାତନ ହାଟ ଅବହେଳିତ ଅବସ୍ଥାରେ ରହିଛି। ହାଟ ବ୍ୟବସାୟୀଙ୍କ ପାଇଁ ପ୍ରଶାସନ ପକ୍ଷରୁ କୌଣସି ମୌଳିକ ବ୍ୟବସ୍ଥା ନାହିଁ। ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଚାହିଦା ଏବେ ବି ରହିଛି। ମାତ୍ର ପ୍ରଚାର ପ୍ରସାର ଅଭାବରୁ ହାଟ ପ୍ରତି ଗ୍ରାହକଙ୍କ ଆକର୍ଷଣ କମିବାରେ ଲାଗିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ହାଟର ଉନ୍ନତୀକରଣ ଏବଂ ବ୍ୟବସାୟୀମାନଙ୍କ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି ହେଉଛି। ଏହାଦ୍ୱାରା ଜିଲାର ଏହି ଲୋକପ୍ରିୟ ହାଟ ତା’ର ପୁରୁଣା ପରିଚୟ ଫେରିପାଇବ ଏବଂ ପୁରାତନ ହାଟ ପରମ୍ପରା ବଞ୍ଚିରହିବ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

– ରଶ୍ମିରଞ୍ଜନ ମିଶ୍ର

### ପ୍ରିୟଙ୍କାଙ୍କୁ ନେଇଥିବା ସ୍କୁଟର ମାଲିକଙ୍କୁ ୬୧୦୦ ଜରିମାନା

**ଲକ୍ଷ୍ନୌ,୨୯।୧୨(ପି.ଟି.)**

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଗାଡ଼ିକୁ ଶନିବାର ପୋଲିସ ଅଟକାଇବା ପରେ ସେ ଏକ ସ୍କୁଟରରେ ଯାଇ ପୂର୍ବତନ ଆଇପିଏସ୍ ଅଫିସର ତଥା ସାମାଜିକ କର୍ମୀ ଏସ୍.ଆର୍. ଦାରାପୁରୀଙ୍କ ଘରେ ପହଞ୍ଚିଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ସ୍କୁଟର ମାଲିକ ରାଜଦୀପ୍ ସିଂଙ୍କ ପାଖକୁ ଉତ୍ତରପ୍ରଦେଶ ଟ୍ରାଫିକ୍ ପୋଲିସ ୬୧୦୦ ଟଙ୍କାର ଚାଲାଣ ପଠାଇଛି। ପ୍ରିୟଙ୍କା ସ୍କୁଟର ପଛ ସିଟ୍‌ରେ ବସି ଲୋହିଆ ଛକରୁ ପଲିଟେକ୍‌ନିକ ଛକ ପର୍ଯ୍ୟନ୍ତ ଯାଇଥିଲେ, ଯାହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଚାଳକ ଧୀରଜ ଗୁର୍‌ଜାର କି ପ୍ରିୟଙ୍କା କେହି ହେଲମେଟ ପିନ୍ଧି ନ ଥିଲେ। ଏହା ବ୍ୟତୀତ ଉକ୍ତ ସ୍କୁଟର ଏକାଧିକ ନିୟମ ଭାଙ୍ଗିଥିବାରୁ ଚାଲାଣ କଟାଗଲା ବୋଲି ଟ୍ରାଫିକ୍ ଏସ୍‌ପି ପୂର୍ଣ୍ଣେନ୍ଦୁ ସିଂ କହିଛନ୍ତି।

### ସିଏଏକୁ ସମର୍ଥନ କରି ବିଏସ୍‌ପି ବିଧାୟିକା ନିଲମ୍ବିତ

**ଭୋପାଳ,୨୯।୧୨(ପି.ଟି.)**



ରମାବାଈ ପରିହାର

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ସମର୍ଥନ କରିବାରୁ ବିଏସ୍‌ପି ବିଧାୟିକା ରମାବାଈ ପରିହାରଙ୍କୁ ରବିବାର ନିଲମ୍ବନ କରିଛନ୍ତି ଦଳ ସୁପ୍ରିମୋ ମାୟାବତୀ। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଣମୁସଲମାନ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ଅଣାଯାଇଥିବା ନୂଆ ଆଇନକୁ ମାୟାବତୀ ତୀବ୍ର ସମାଲୋଚନା କରିଛନ୍ତି। ମଧ୍ୟପ୍ରଦେଶ ପଥେରିୟା ଆସନରୁ ପ୍ରତିନିଧିତ୍ୱ କରୁଥିବା ରମାବାଈ ଶନିବାର ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଏଏକୁ ସମର୍ଥନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲ ଉପସ୍ଥିତ ଥିଲେ। ବିଏସ୍‌ପି ଏକ ଶୃଙ୍ଖଳିତ ଦଳ। ଶୃଙ୍ଖଳା ଭଙ୍ଗ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାୟାବତୀ କହିଛନ୍ତି।

# ନନ୍ଦନକାନନ: ୫ ଏନ୍‌କ୍ଲୋଜର ଲୋକାର୍ପଣ

**ବାରଙ୍ଗ,୨୯।୧୨(ଡି.ଏନ.ଏ)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ରବିବାର ୬୦ ପୂରି ୬୧ ବର୍ଷରେ ପଦାର୍ପଣ କରିଛି। ଏ ନେଇ ନନ୍ଦନକାନନ ତା’ର ୬୦ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ୬୦ବର୍ଷ ମଧ୍ୟରେ ବହୁ ଜୀବଜନ୍ତୁ ହରାଇଛି ସତ କିନ୍ତୁ କଳାଲୋମଯୁକ୍ତ ବାଘଛୁଆ ଜନ୍ମ କରି ଅନ୍ୟ ଚିଡିଆଖାନା ପାଇଁ ଉଦାହରଣ ସୃଷ୍ଟି କରିବାରେ ନନ୍ଦନକାନନ ସକ୍ଷମ ହୋଇପାରିଛି। ପ୍ରତିବର୍ଷ ପର୍ଯ୍ୟଟକଙ୍କ ପାଇଁ ନୂଆ ଭେଟି ଦେଉଥିବା ନନ୍ଦନକାନନ ଏଥର ପ୍ରତିଷ୍ଠା ଦିବସରେ ୫ଟି ନୂଆ ଏନକ୍ଲୋଜର ଲୋକାର୍ପଣ କରିଛି। ତାହା ହେଲା କଳାଲୋମଯୁକ୍ତ ବାଘଛୁଆ, ଧୂସର ଗଧିଆ, କାପୁଚିନ, ନାଲିହାତିଆ ଟାମାରିନ ଓ ଗୁଣ୍ଡୁଚି ମାଙ୍କଡ଼।

ଏହି ଅବସରରେ ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲଙ୍କ ସଭାପତିତ୍ୱରେ ନନ୍ଦନକାନନ ପରିସରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଡ.ହରିଶଙ୍କର ଉପାଧ୍ୟାୟ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେବା ପରେ ଅତିଥିମାନେ ୫ଟି ଏନ୍‌କ୍ଲୋଜର ଉଦ୍‌ଘାଟନ କରିଥିଲେ। ବିଧାୟକ ରାଉତରାୟ ଅଣ୍ଡିରା ବାଘଛୁଆଦ୍ୱୟଙ୍କ ନାମ ବସୁ ଓ ସ୍ପନ୍ଦନ ରଖିବା ପରେ ମା’ ରେଣୁକା ସହ ଛୁଆଦ୍ୱୟଙ୍କୁ ୩ଟିଏ ଏନକ୍ଲୋଜରରେ ଛଡାଯାଇଥିଲା। ଏହି ଅବସରରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର ୧୯ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ନୂଆକରି ପ୍ରକୃତି ଏବଂ ପ୍ରାଣୀବିଜ୍ଞାନ ଆପ୍, ବାର୍ଷିକ ପୁସ୍ତିକା ଓ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୧୦୮୭ ବର୍ଗମିଟରେ ପରିମିତ ଜାଗାରେ ୫୩.୮୪ ଲକ୍ଷ ଟଙ୍କାର ବ୍ୟୟବରାଦରେ ନିର୍ମିତ ଏନକ୍ଲୋଜରରେ ଏକ ମାଈ ଧୂସର ଗଧିଆକୁ ଛଡାଯାଇଥିଲା। ସେହିଭଳି ୨୦ଲକ୍ଷ ଟଙ୍କାର ବ୍ୟୟରେ ୨୮୧.୨୫ ବର୍ଗମିଟରେ ଜାଗାରେ ନିର୍ମିତ ୩ଟି ଏନକ୍ଲୋଜରରେ କାପୁଚିନ, ନାଲିହାତିଆ ଟାମାରିନ, ଗୁଣ୍ଡୁଚିମାଙ୍କଡକୁ ରଖାଯାଇଛି। ୨୨ ଡିସେମ୍ବର ୨୦୧୮ରେ ସମ୍ରାଟ ଓ ରେଣୁକାର ଔରସରୁ ଜନ୍ମ କରିଥିବା ଦୁଇଟି କଳାଲୋମଯୁକ୍ତ ବାଘଛୁଆଙ୍କୁ ନବନିର୍ମିତ ୩ଟିଏ ଏନକ୍ଲେଜରରେ ଛଡାଯାଇଥିଲା। ଏହାସହ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧି ପାଇଁ ଯୋଜନା ଚାଲିଥିବାବେଳେ ସିଂହ ପ୍ରଜନନ କେନ୍ଦ୍ର ଖୋଲିବ ବୋଲି ମୁଖ୍ୟ ବନ ସଂରକ୍ଷକ ଉପାଧ୍ୟାୟ କହିଥିଲେ। ୧୧ଟି ପଶୁପକ୍ଷୀକୁ ନେଇ ଆରମ୍ଭ ହୋଇଥିବା ନନ୍ଦନକାନନରେ ଏବେ ୧୫୮ପ୍ରଜାତିର ୩୬୦୦ଟି ପଶୁପକ୍ଷୀ ଅଛନ୍ତି। ଚଳିତବର୍ଷ ୬୦ଟି ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଥିବାବେଳେ ୨୫୮ ଜନ୍ମହୋଇଛନ୍ତି। ବଂଶ ଲୋପ ପାଇଯାଉଥିବା ପଶୁପକ୍ଷୀଙ୍କୁ ଆଣିବା ପାଇଁ କମଳା ନେହେରୁ ପ୍ରାଣୀ ସଂଗ୍ରହାଳୟ, ଇନ୍ଦୋର, ରାଜସ୍ଥାନ ଆଦି ଚିଡିଆଖାନା ସହ କଥାବାର୍ତ୍ତା ଚାଲିଛି। ସେଠାରୁ ଚିତାବାଘ, ଗଣ୍ଡା, ଜେବ୍ରା ଆଦି ପଶୁପକ୍ଷୀ ଆସିବେ। ଏହାସହ ୩ ମାସରେ ଶିଶୁ ରେଳଗାଡି ଓ ୨୦୨୦ ଶେଷସୁଦ୍ଧା ରୋପୱେ ଚାଲିବ ବୋଲି ନନ୍ଦନକାନନ ନିର୍ଦ୍ଦେଶକ ଶଶି ପଲ କହିଛନ୍ତି।




୬୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅତିଥିମାନେ ବାର୍ଷିକ ପୁସ୍ତିକା ଓ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।

**୬୦ତମ ପ୍ରତିଷ୍ଠା ଦିବସ**
■ ପ୍ରାଣୀ ବିଜ୍ଞାନ ଆପ୍ ଉନ୍ମୋଚିତ
■ ୩ ମାସରେ ଶିଶୁ ରେଳ ଗାଡ଼ି, ୨୦୨୦ ଶେଷ ସୁଦ୍ଧା ଚାଲିବ ରୋପ୍‌ୱେ

### ୨୪ ବୁଡ଼ାଜାହାଜ ନିର୍ମାଣ କରିବ ନୌସେନା

## ୬ଟିରେ ରହିବ ଆଣବିକ ଆକ୍ରମଣ କ୍ଷମତା

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**



ଭାରତୀୟ ନୌସେନା ସମୁଦ୍ରର ଗଭୀର ଜଳରାଶି ମଧ୍ୟରେ ନିଜ କ୍ଷମତା ବୃଦ୍ଧି ପାଇଁ ୨୪ଟି ବୁଡ଼ାଜାହାଜ ନିର୍ମାଣ କରିବାକୁ ଯାଉଛି। ସେଥିମଧ୍ୟରୁ ୬ଟି ବୁଡ଼ାଜାହାଜର ଆଣବିକ ଆକ୍ରମଣ କ୍ଷମତା ରହିବ ବୋଲି ଏକ ପାର୍ଲାମେଣ୍ଟାରି କମିଟି ପକ୍ଷରୁ ରବିବାର କୁହାଯାଇଛି।

ଚଳିତମାସରେ ନୌସେନା ପକ୍ଷରୁ ପାର୍ଲାମେଣ୍ଟ କମିଟି ନିକଟରେ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ବର୍ତ୍ତମାନ ୧୫ଟି ପାରମ୍ପରିକ ଓ ଦୁଇଟି ଆଣବିକ ବୁଡ଼ାଜାହାଜ ରହିଛି। ଆଇଏନ୍‌ଏସ୍ ଅରିହନ୍ତ ସେବାରେ ନିୟୋଜିତ ହୋଇଥିବାବେଳେ ଆଇଏନ୍‌ଏସ୍ ଚକ୍ରକୁ ରୁଷିଆଠାରୁ ଲିଜ୍ ସୂତ୍ରରେ ନିଆଯାଇଛି। ପାରମ୍ପରିକ ବୁଡ଼ାଜାହାଜଗୁଡ଼ିକ ମଧ୍ୟରୁ ଅଧିକାଂଶ ୨୫ ବର୍ଷ ପୁରୁଣା। ୧୩ଟିର ବୟସ ୧୭ରୁ ୩୨ ବର୍ଷ ମଧ୍ୟରେ ହେବ। ୧୮ଟି ପାରମ୍ପରିକ ଏବଂ ୬ଟି ଏସ୍‌ଏସ୍‌ଏନ୍ (ନ୍ୟୁକ୍ଲିୟର ଆଟେକ ସବ୍‌ମେରିନ୍) ନିର୍ମାଣ ପାଇଁ ଯୋଜନା ରହିଛି ବୋଲି ଏଥିରେ କୁହାଯଇଛି। ଅନ୍ୟପକ୍ଷରେ ସିନ୍ଧୁରାଜ ବୁଡ଼ାଜାହାଜର ମିଡିୟମ୍ ରେଫିଟ୍ ଲାଇଫ୍ ସାର୍ଟିଫିକେଶନ (ଆର୍‌ଏମ୍‌ଏଲ୍‌ସି)କୁ ବାତିଲ କରାଯାଇଛି। ଆମେରିକା ପକ୍ଷରୁ ଜାରି କଟକଣା ଯୋଗୁ ରୁଷିଆ ପକ୍ଷ ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରି ନ ଥିବାରୁ ଏପରି କରାଯାଇଥିବା ଉକ୍ତ କମିଟିକୁ ନୌସେନା ଅବଗତ କରାଇଛି।

ମଧ୍ୟଯୁଗରେ ସନ୍ନ୍ୟାସୀମାନେ ନାରୀକୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ୍ ସନ୍ନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନ୍‌ଙ୍କ ସମ୍ବନ୍ଧେ ଓ ନାରୀ ସମ୍ବନ୍ଧେ ଆଉ ଟିକିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ



# ଅବସର ପରେ

ଭାରତବର୍ଷରେ କୌଣସି ବ୍ୟକ୍ତି ପଦପଦବୀ ହାସଲ କଲା ପରେ ତାଙ୍କ ଦୃଷ୍ଟି ଅବସର ପରବର୍ତ୍ତୀ ସମୟ ଉପରେ ପଡ଼ିଥାଏ। ସେଥିପାଇଁ ଅନେକ ନ୍ୟାୟାଧୀଶ ନିଜ କର୍ମମୟ ଜୀବନ ଭିତରେ ସେହି ସମୟର ସରକାରଙ୍କୁ ସୁହାଇଲା ଭଳି ରାୟ ଦେଇ କ୍ଷମତାର ନିକଟତର ହେବା ଲାଗି ଚେଷ୍ଟା କରିଥାଆନ୍ତି। ତାହାର ଉଦାହରଣ ମଧ୍ୟ ଯଥେଷ୍ଟ ରହିଛି। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଆଦର୍ଶ କୁମାର ଗୋଏଲ ଚାକିରିରୁ ଅବସର ନେବା ପରେ ତାଙ୍କୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ର ଅଧ୍ୟକ୍ଷ କରାଯାଇଥିଲା। ତାଙ୍କର ଏହି ପଦବୀ ଲାଭ କରିବା ପଛରେ ରହସ୍ୟ ଥିଲା ଯେ, ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କ ସପକ୍ଷରେ ଥିବା ଏସ୍‌ସି/ଏସ୍‌ଟି ପ୍ରିଭେନଶନ ଅଫ୍ ଆଟ୍ରୋସିଟିଜ୍ ଆକ୍ଟ ଅର୍ଥାତ୍ ସେମାନଙ୍କ ବିରୋଧରେ ହେଉଥିବା କାର୍ଯ୍ୟକୁ ପ୍ରତିରୋଧ କରିବା ଆଇନକୁ ଗୋଏଲ ସମ୍ପୂର୍ଣ୍ଣ ଭାବେ ପାଣିଚିଆ କରିଦେଇଥିଲେ। ଗୋଏଲଙ୍କ ଏହି ଦଳିତ ବିରୋଧୀ ମନୋଭାବ ଯୋଗୁ ତାଙ୍କ ଅବସର ପରେ ମୋଦି ସରକାର ତାଙ୍କୁ ଉପାଧି ଦେଲା ଭଳି ଏନ୍‌ଜିଟିରେ ଅବସ୍ଥାପିତ କରିଥିଲେ। ସେହିଭଳି ଜଷ୍ଟିସ ଏ.କେ. ସିକ୍ରି ତାଙ୍କ କାର୍ଯ୍ୟକାଳ ବେଳେ ସରକାରଙ୍କଠାରୁ ଅବସର ପରବର୍ତ୍ତୀ ଦାୟିତ୍ୱ ଗ୍ରହଣ କରିନେଲେ। ଗଣମାଧ୍ୟମରେ ସେ ସମ୍ପର୍କରେ ଆଲୋଚନା ହେବା ଯୋଗୁ ଜଷ୍ଟିସ ସିକ୍ରି ସେହି ପଦବୀକୁ ଗ୍ରହଣ କଲେ ନାହିଁ। ଅନୁରୂପ ଭାବେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଥିବା ପି. ସଥାସିଭମ୍‌ଙ୍କୁ ଏକ ରାୟ ପାଇଁ ତାଙ୍କୁ କେରଳର ରାଜ୍ୟପାଳ ପଦବୀ ମିଳିଥିଲା। ପୁଣି ଦେଖିଲେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ସୁନୀଲ ଗୌର ସମ୍ଭବତଃ ତାଙ୍କ ଶେଷ ରାୟରେ ପୂର୍ବତନ କଂଗ୍ରେସ ମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଆଗୁଆ ଜାମିନ ଖାରଜ କରିଦେଇଥିବାରୁ ତାଙ୍କୁ ପୁରସ୍କାର ଆକାରରେ ଆପିଲେଟ ଟ୍ରିବ୍ୟୁନାଲ ଫର୍ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂର ଅଧ୍ୟକ୍ଷ ପଦବୀ ଦିଆଯାଇଥିଲା।

ଏସବୁ କେବଳ ମୋଦି ସରକାରଙ୍କ ସମୟରେ ନୁହେଁ, ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଏହିଭଳି ଅନିୟମିତତା ଲାଗି ରହିଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ସମ୍ଭବତଃ ଏପରି ପଦବୀ ମଣ୍ଡନ କରିବା ସକାଶେ ଜଷ୍ଟିସ ଏମ୍.ସି. ଚଗଲା ପ୍ରଥମ ପାଦ ପକାଇଥିଲେ। ସରକାରଙ୍କ ସପକ୍ଷରେ ରାୟ ଦେଇଥିବାରୁ ତାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ଭାରତର ରାଷ୍ଟ୍ରଦୂତ ଭାବେ ୧୯୫୮ରୁ ୧୯୬୧ ପର୍ଯ୍ୟନ୍ତ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦାୟିତ୍ୱ ଦେଇଥିଲେ। କେବଳ ବିଚାରପତି ନୁହନ୍ତି, ଆଇଏଏସ୍ ଓ ଆଇପିଏସ୍ ଅଫିସରମାନେ ମଧ୍ୟ ଅନିୟମିତତା ବା ବେଆଇନ କାର୍ଯ୍ୟ କରି ସେହି ସମୟର ସରକାରଙ୍କୁ ଯଦି ଖୁସି କରିପାରିଲେ, ସେମାନଙ୍କୁ ବଡ଼ଧରଣର ଉପାଧି ମିଳୁଥିବାର ଦେଶବାସୀ ଜାଣିଛନ୍ତି।

ଭାରତ ଏଭଳି ଏକ ଲଜ୍ଜାଶୀଳ ଦେଶରେ ପରିଣତ ହେଲାଣି ଯେ ଦେଶର କ୍ଷତି ଘଟାଇବାକୁ କେହି ପଛାଉ ନାହାନ୍ତି। ଅନିୟମିତତା ଘଟାଉଥିବା କ୍ଷମତାସୀନ ବ୍ୟକ୍ତିମାନଙ୍କୁ କୌଣସି ନିନ୍ଦା କିମ୍ବା ଅପମାନ ଦିଆଯାଉ ନ ଥିବାରୁ ସେମାନଙ୍କ ସାହସ ବଢ଼ିବାରେ ଲାଗିଛି। ଏଠାରେ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ରହିଥିବା ବିନୋଦ ରାଏଙ୍କ କଥା ମନେପଡ଼େ। ଉପା ସରକାର ସମୟରେ କୋଇଲା ଦୁର୍ନୀତି ଓ ୨ଜି ସ୍କାମ୍ ଯୋଗୁ ସମଗ୍ର ଦେଶକୁ କ୍ଷତି ଘଟିଛି ବୋଲି ରିପୋର୍ଟ ଦେଇ ବିନୋଦ ପ୍ରଶଂସାର ପାତ୍ର ହୋଇଥିଲେ। ପରବର୍ତ୍ତୀ ସମୟରେ ସେହିସବୁ ମାମଲା ଯେତେବେଳେ ବିଚାର ହେଲା, ସେତେବେଳେ ଅଦାଲତଙ୍କ ରାୟରୁ ଜଣାପଡ଼ିଲା ଯେ ସିଏଜି ରିପୋର୍ଟ ତ୍ରୁଟିପୂର୍ଣ୍ଣ ଓ ବିଭ୍ରାନ୍ତିକର ଥିଲା। ତେବେ ୨୦୧୬ରେ ବିନୋଦଙ୍କୁ ବ୍ୟାଙ୍କସ ବୋର୍ଡ ବ୍ୟୁରୋ (ବିବିବି)ର ପ୍ରଥମ ଅଧ୍ୟକ୍ଷ କରାଯାଇଥିଲା। ସେହିଭଳି ଉପା-୨ ସମୟରେ ତତ୍‌କାଳୀନ ସ୍ଥଳସେନା ମୁଖ୍ୟ ଥିବା ଭି.କେ. ସିଂ ସରକାର ବିରୋଧରେ ମତ ଦେଲେ ଏବଂ ଗୁଜବ ହେଲା ଯେ ଆର୍ମିର କେତେକ ୟୁନିଟ୍‌କୁ ଦିଲ୍ଲୀ ଉପରେ ଚଢ଼ାଉ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ତା' ପରେ ତାଙ୍କୁ ଏନ୍‌ଡିଏ ସରକାରରେ ମନ୍ତ୍ରୀ କରାଗଲା।

ସଦ୍ୟ ଘଟଣାକୁ ଦେଖିଲେ ବର୍ତ୍ତମାନର ସ୍ଥଳସେନା ମୁଖ୍ୟ ବିପିନ୍ ରାୱତ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଦେଇଥିବା ମନ୍ତବ୍ୟ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ସିଏଏକୁ ବିରୋଧ କରିବା ଲାଗି ଯୁବବର୍ଗଙ୍କୁ ଭୁଲ ରାସ୍ତା ଦେଖାଉଥିବା ବ୍ୟକ୍ତି ନେତା ନୁହନ୍ତି ବୋଲି ସେନାଧ୍ୟକ୍ଷ କହିଥିଲେ। ତାଙ୍କର ଏଭଳି କହିବା ପଛରେ ସ୍ୱାର୍ଥ ରହିଥିବା ବୁଝାପଡ଼ିଯାଉଛି। ୨୪ ଡିସେମ୍ବରରେ କେନ୍ଦ୍ର କ୍ୟାବିନେଟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପଦବୀକୁ ମଞ୍ଜୁରୀ ଦେଇଥିଲେ। ତେଣୁ ଏଭଳି ଗୁରୁତ୍ୱପୂର୍ଣ୍ଣ ମିଲିଟାରୀ ପଦବୀରେ ରାୱତଙ୍କୁ ଅବସ୍ଥାପିତ କରାଯିବାର ସମ୍ଭାବନା ଥିବାରୁ ସେନାଧ୍ୟକ୍ଷ ସରକାରଙ୍କ ସପକ୍ଷବାଦୀ ମନ୍ତବ୍ୟ ଦେବାକୁ ଆଗେଇ ଆସିଥିବା ଆଲୋଚନା ହେଉଛି। ଅନେକେ ତାଙ୍କୁ ସମାଲୋଚନା କରିବାକୁ ଯାଇ ସରକାରଙ୍କ ଦ୍ୱାରା ଦେଖାଇ ଦିଆଯାଇଥିବା ଲୋଭରେ ପଡ଼ି ଏପରି କହିଥିବା ଅଭିଯୋଗ କରିଛନ୍ତି। ବାସ୍ତବରେ ୟୁନିଫର୍ମରେ ଥିବା ବ୍ୟକ୍ତିମାନେ ନିରପେକ୍ଷ ରହିବା କଥା। କିନ୍ତୁ ଅବସର ପରବର୍ତ୍ତୀ ଲୋଭ ଅନେକଙ୍କୁ ଭୁଲ କାର୍ଯ୍ୟ କରାଇ ଦେଉଛି।

## ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
(ନିଜ ଭୁଲା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 5 | | | | | | 2 | | | 4 | B | | | 9 |
| | | | | C | B | E | | | 8 | 1 | 9 | | | A |
| | | 2 | | | | | 7 | 9 | 6 | | | | | |
| | | | | | 9 | 5 | | A | 3 | | | D | 8 | 4 |
| D | | | | | | | B | | | | A | C | | |
| | | 5 | | 1 | E | | | | C | | | 8 | | |
| | | | | | 2 | | E | 0 | A | | 4 | 9 | | B |
| A | | | 5 | D | | | | | | | | | | |
| B | | | | | | | | 8 | D | | | | | |
| | 4 | C | | | | | A | 1 | | 3 | E | 0 | | D |
| 3 | | E | | | 7 | | | | | | | 2 | 0 | |
| | | | | | 8 | 6 | | B | 7 | | | 1 | | |
| | | 7 | E | | | | 8 | | 1 | | | | | |
| | | | 9 | A | | | | | 4 | C | 3 | | | E |
| 2 | A | | B | | 5 | 1 | | | 9 | | | | 4 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 3 | 1 | 9 | 6 | 7 | 8 | 4 | 0 | 2 | A | B | C | E | D |
| 8 | B | A | 4 | E | C | 7 | D | 3 | 6 | 5 | 1 | 0 | 2 | 9 |
| 2 | C | E | 5 | 0 | 1 | 9 | A | B | 3 | 4 | D | 8 | 7 | 6 |
| 7 | D | 6 | 3 | 8 | A | 1 | 2 | E | 9 | 0 | C | B | 5 | 4 |
| 0 | 4 | 9 | D | B | 2 | C | 5 | 6 | 8 | E | 7 | 3 | A | 1 |
| 1 | 6 | D | 2 | A | 0 | E | B | 4 | 7 | 3 | 8 | 5 | 9 | C |
| 4 | 8 | B | 1 | 9 | 5 | A | 3 | C | E | D | 6 | 7 | 0 | 2 |
| 3 | 7 | 5 | B | D | E | 6 | 8 | 9 | 0 | C | 2 | 4 | 1 | A |
| E | A | C | 7 | 3 | 8 | 5 | 0 | 2 | 1 | 9 | 4 | 6 | D | B |
| 9 | 0 | 2 | C | 4 | 6 | D | 1 | 7 | 5 | B | A | E | 8 | 3 |
| 6 | 1 | 0 | A | 7 | 9 | 4 | C | 8 | B | 2 | 5 | D | 3 | E |
| D | 5 | 7 | 0 | 2 | 4 | B | E | A | C | 1 | 3 | 9 | 6 | 8 |
| B | 9 | 4 | 8 | 1 | 3 | 0 | 7 | D | A | 6 | E | 2 | C | 5 |
| A | 2 | 8 | E | C | B | 3 | 6 | 5 | D | 7 | 9 | 1 | 4 | 0 |
| C | E | 3 | 6 | 5 | D | 2 | 9 | 1 | 4 | 8 | 0 | A | B | 7 |

ଗତକାଲିର ଉତ୍ତର

# ଝିଅର ନଖ ଓ ଦାନ୍ତ

ସୌମ୍ୟା ସାରସ୍ୱତା ପଣ୍ଡା

ଝିଅଟା ଏତେ ବେଳ ଯାଏ ଆସିନି! କହୁଥିଲି, ତାକୁ ଜୁଡୋ-କରାଟେ ଶିଖେଇବା। ଦରକାର ବେଳେ କାମରେ ଆସିବ। ବ୍ୟସ୍ତ ହୋଇ ସୁମତି ଦାଣ୍ଡବାରି ହେଉଥାନ୍ତି। ଘରପିନ୍ଧା ପୋଷାକ ପିନ୍ଧି ସ୍ଲିପର ହଳକ ଗୋଡ଼ରେ ଗଳେଇ ଆୟୁଷୀର ବାପା ଗେଟ୍ ଖୋଲି ରାସ୍ତା ଉପରେ ଠିଆ ହୋଇଥାନ୍ତି। ମଝିରେ ମଝିରେ ଗାର୍ଡେନ୍ ଚେୟାରରେ ବସି ଯାଉଥାନ୍ତି। ଏମିତି ଘଣ୍ଟାଏ ବିତିଗଲା। ସେଇ ପୋଷାକରେ ଗାଡ଼ି ଧରି ବାହାରିଲେ ଆୟୁଷୀର ବାପା। ଅଳ୍ପ ବାଟ ଯାଇଛନ୍ତି କି ନାହିଁ, ରାସ୍ତାର ନିଅନ୍ ଲାଇଟ୍‌ରେ ଦେଖିଲେ ଆୟୁଷୀ ସ୍କୁଟି ଧରି ଫେରୁଛି। ସେଇଠୁ ଗାଡ଼ି ବୁଲେଇ ଘରକୁ ଫେରିଲେ। ଆଗେ ଝିଅ ଯାଇ ଘରେ ପହଞ୍ଚିଲା। ସୁମତିଦେବୀ ଝିଅକୁ ଦେଖି କୋଟିନିଧି ପାଇଗଲେ। ହେଲେ ତାଗିଦ୍ କରି ପଚାରିଲେ- କୁଆଡ଼େ ଯାଇଥିଲୁ, ଏତେବେଳ ଯାଏ! ଜାଣିଛୁ, ମୁଁ କେତେ ବ୍ୟସ୍ତ ହୋଇ ପଡ଼ିଥିଲି। ତୋ ବାପା ଏଇନେ ତୋତେ ଖୋଜିବାକୁ ବାହାରି ଗଲେ।

କିଛି ସମୟ ସାଙ୍ଗମାନଙ୍କ ସହିତ ପାର୍କରେ ବସି ଯାଇଥିଲି। ପରୀକ୍ଷା ତ ଆହୁରି ଅନେକ ଦିନ ଅଛି, ସେଥିପାଇଁ- ମା'କୁ ଉତ୍ତର ଦେଲା ଆୟୁଷୀ।

ହେଲେ ..., କହି ଅଟକିଗଲେ ସୁମତି।

ଝିଅ ତାଙ୍କର ଭାଷଣ ଦେବା ଆରମ୍ଭ କରିଦେଲା- ତୁମେ କ'ଣ ହାଇଦ୍ରାବାଦ ଘଟଣାକୁ ନେଇ ଭୟଭୀତ କି? କାଳେ ମୋ ସାଙ୍ଗରେ ସେମିତି ଘଟିବ। ମୋତେ ତ ଲାଗେ ନିଜର ବୋକାମି ଆଉ ଉପସ୍ଥିତ ବୁଦ୍ଧିର ଅଭାବ ଓ ଜ୍ଞାନକୌଶଳକୁ ଉପଯୋଗ କରିବାର ଅପାରଗତା କି ଅନିଚ୍ଛା ଯୋଗୁ ଆମେ ଏମିତି ରାକ୍ଷସମାନଙ୍କ କବଳରେ ପଡ଼ୁ ଆଉ ବେଳେ ବେଳେ ନିଜର ଜୀବନ ମଧ୍ୟ ଦେଉ।

ବାହାରୁ ବାପା ଆସୁଥିବା ଦେଖି ଚୁପ୍ ହୋଇଗଲେ ମା', ଝିଅ। ଝିଅର କଥା କିନ୍ତୁ ଠିକ୍ ଶୁଣିଥିଲେ ଆୟୁଷୀର ବାପା। ଝିଅର କଥା ଉପରେ ସେ ବିଚାର କରିବା ଆରମ୍ଭ କରିଦେଲେ। ପୁଣି ଇଣ୍ଟରନେଟ୍ ଖୋଲି ସେଇ କେସ୍‌ର ଆମୂଳଚୂଳ ପଢ଼ିଲେ। ତାଙ୍କୁ ନିଜ ଝିଅ କଥାରେ କିଛି ଦମ୍ ରହିଥିବା ଭଳି ଅନୁଭବ ହେଲା। ରାତିରେ ଦୂରକୁ ଯିବାର ଅଛି ଜାଣି ମଧ୍ୟ ସେ ଝିଅ ସ୍କୁଟି ନେଇ ଏକା ଯିବା, ଗାଡ଼ିକୁ ଟୋଲଗେଟ୍ ପାଖରେ ରଖି ଯିବା, ରାତି ୯ଟା ପରେ ଗାଡ଼ି ପାଖେ ପହଞ୍ଚିବା, ସେଇଠି ନିଜ ଗାଡ଼ିର ଚକା ପଙ୍କଚର ହୋଇ ଯାଇଛି ଦେଖି ମନରେ କିଛି ସନ୍ଦେହ ନ କରିବା, ତା'ପରେ ଯେଉଁମାନେ ତା' ଗାଡ଼ି ସଜାଡ଼ି ଦେବା ପାଇଁ ପ୍ରସ୍ତାବ ଦେଇଥିଲେ, ସେମାନଙ୍କ ମୁହଁର ଗନ୍ଧ କି ଭାବଭଙ୍ଗୀକୁ ଠଉରାଇ ନ ପାରିବା (ସେମାନେ ମଦ ପିଇଥିଲେ ବୋଲି ପରୀକ୍ଷାରୁ ଜଣାପଡ଼ିଛି) କିମ୍ବା ଜାଣିପାରି ମଧ୍ୟ ଆଉ କୌଣସି ବାଟ ନ ଥିବା ଭଳି ସେମାନଙ୍କ ସାହାଯ୍ୟ ନେବା, ତା'ଠାରୁ ଗାଡ଼ି ନେଇ ମେକାନିକ୍ ପାଖକୁ ଯିବା, ପୁଣି ଆସିବା, ଏତେ ସମୟ ଭିତରେ ଭଉଣୀକୁ ଫୋନ୍ କରି ଡର ଲାଗୁଛି କହିବା- ଏସବୁ ଭିତରେ କେମିତି ଅଡୁଆ ତଡୁଆ ହୋଇ ଯାଉଥିଲା ତାଙ୍କ ମୁଣ୍ଡ। ସେ ଭାବୁଥିଲେ ଝିଅଟି କିଛି ପରିମାଣରେ ବିପଦର ଆଭାସ ପାଇଥିଲା ନିଶ୍ଚୟ। ଆଉ ଯଦି ପାଇଥିଲା, ତା'ହେଲେ ସେ ଏମିତି କାହିଁକି କଲା? ଗାଉଁଲି ଝିଅ ହୋଇଥିଲେ ଅଲଗା କଥା। ଏ ଝିଅ ତ ଉଚ୍ଚଶିକ୍ଷିତା, ଚାକିରି କରିଥିଲା। ହାତରେ ତ ତା'ର ନିଶ୍ଚୟ ଦାମିକା ଆଣ୍ଡ୍ରଏଡ୍ ଫୋନ୍ ଥିବ, ଯାହାର ଉପଯୋଗ ସେ କରି ପାରିଥାନ୍ତା। ଏହା ସତ୍ତ୍ୱେ ପୋଲିସକୁ ଫୋନ୍ ନ କରିବା କି ମୋବାଇଲ ଜ୍ଞାନକୌଶଳର ଉପଯୋଗ ନ କରିବା, ଗାଡ଼ି ତୁଳନାରେ ନିଜ ଜୀବନର ମୂଲ୍ୟ ଅଧିକ ଭାବି ଗାଡ଼ିକୁ ଟୋଲଗେଟ୍‌ରେ ରଖିଦେଇ ଟ୍ୟାକ୍ସି ଡାକି ଘରକୁ ଫେରିବା କଥା ଚିନ୍ତା ନ କରିବା ଭଳି କିଛି ତ୍ରୁଟି ଯେ ସେ ଝିଅ ତରଫରୁ ନ ହୋଇଛି, ତାକୁ ସମ୍ପୂର୍ଣ୍ଣ ଏଡ଼େଇଦେଇ ହେବ କି? ଯେଉଁ ତିରିଶ ମିନିଟ୍ ଭିତରେ ସେମାନେ ଝିଅଟିର ଜୀବନ ସହ ଖେଳ ଖେଳିଦେଲେ, ସେତିକି ସମୟ ଭିତରେ ସେ ଝିଅ ନିଜକୁ ରକ୍ଷା କରି ପାରିଥାନ୍ତା ବୋଧହୁଏ।

ବଳାତ୍କାରୀଙ୍କ ସହିତ ପୋଲିସ ଯାହା ଠିକ୍ ଭାବିଛି, କରିଛି। କିନ୍ତୁ ସେ ଝିଅଟି ଆଉ ଫେରି ଆସିବ କି? ଏବେ ଝିଅମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି। ଜୁଡୋ, କରାଟେ ଭଳି ମାର୍ଶାଲ ଆର୍ଟ ଶିଖିବା ସହିତ ପାଖରେ ପିପର ସ୍ପ୍ରେ ରଖିବାକୁ କୁହାଯାଉଛି। ଏବେ ତ ସରକାର ଝିଅମାନଙ୍କୁ ନିଜର ସୁରକ୍ଷା ପାଇଁ ପାଖରେ ମାରଣାସ୍ତ୍ର ରଖିବାକୁ ଅନୁମତି ଦେଲେଣି। ନାନା ବାଟରେ ସେମାନଙ୍କୁ ଆତ୍ମସୁରକ୍ଷା ଶିକ୍ଷା ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ ହେଉଛି। କିନ୍ତୁ ବଳାତ୍କାରର ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଗଣବଳାତ୍କାର ସାଙ୍ଗକୁ ହତ୍ୟା କରିବା ପାଇଁ ପଛାଉ ନାହାନ୍ତି ଅପରାଧୀ। ଓଡ଼ିଶାରେ ୧୯୯୪ରେ ବାରିପଦାର ଲକ୍ଷ୍ମଣ ନାୟକଙ୍କୁ ନିଜ ଝିଆରୀକୁ ବଳାତ୍କାରକରି ହତ୍ୟା କରିଥିବା ଅପରାଧ ପାଇଁ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା। ସେହିଭଳି ଧନଞ୍ଜୟଙ୍କୁ ମଧ୍ୟ ଫାଶୀ ମିଳିଥିଲା ଏହିଭଳି ଏକ ଅପରାଧରେ। କିନ୍ତୁ ଏବେ ନିର୍ଭୟା, ଉନ୍ନାଓ, ହାଇଦ୍ରାବାଦ ଭଳି କେସ୍ ଏତେ ପରିମାଣରେ ବଢ଼ି ଚାଲିଛି ଯେ ଆଉ ଏହା ବିରଳ ନୁହେଁ, ନିତିଦିନିଆ ଘଟଣା ହୋଇଗଲାଣି ଯେମିତି! କିନ୍ତୁ ପ୍ରଶ୍ନଟି ସେଇ ଅର୍ଗଳିରେ ଅଟକି ଯାଇଛି, କାହିଁକି- କେତେଦିନ?

କାହିଁକି, ଅର୍ଥାତ୍ ଏମିତି କାହିଁକି ହେଉଛି? ଯେତେବେଳେ ମଣିଷ ଭିତରେ ଥିବା ପାଶବିକ ପ୍ରବୃତ୍ତି କିଛି କ୍ଷଣ ପାଇଁ ଜାଗ୍ରତ ହେଉଛି, ସେତେବେଳେ କିଛି ଦୁର୍ବଳମନା ମଣିଷ ଏଭଳି କାଣ୍ଡ ଭିଆଉଛନ୍ତି। କାହା ସହିତ, ନା ଏକ ଭୀତତ୍ରସ୍ତା ହରିଣୀ ଭଳି ନାରୀ ସହିତ। ବାଘୁଣୀ ଭଳି ଲଢୁ ଲଢୁ କେତେବେଳେ ରାକ୍ଷସମାନଙ୍କ ପଞ୍ଝା ଭିତରେ ସେ ଗୋଟେ କଅଁଳିଆ ଛେଳିଛୁଆ ପାଲଟି ଯାଉଛି ଆଉ ସେମାନେ ତାକୁ ଖିନ୍ ଭିନ୍ କରି ଖାଇ ଯାଉଛନ୍ତି। ଏକାଧିକ ବଳିଷ୍ଠ ପୁରୁଷ ହେଲେ ବିଚରା ନାରୀଟିଏ ଆଉ କେତେ ବା ଲଢ଼ିପାରିବ ସେମାନଙ୍କ ସହିତ? ତେଣୁ ବେଳହୁଁ ସଜାଗ ହେବା ଠିକ୍ ନୁହେଁ କି? ହଠାତ୍ ଡରି ନ ଯାଇ ହାତପାହାନ୍ତାରେ ଥିବା ସୁବିଧା ସୁଯୋଗର ଉପଯୋଗ କରିବା ଉଚିତ।

ମନେପଡ଼ି ଯାଉଥିଲା ତାଙ୍କର ବହୁତ ବର୍ଷ ତଳର କଥା। ତାଙ୍କ ସାଙ୍ଗରେ ନବମ ଶ୍ରେଣୀରେ ପଢୁଥିବା ରଘୁଆକୁ କେମିତି ତା' ନଖ ଆଉ ସେଫ୍ଟିପିନ୍‌ରେ ରାମ୍ପୁଡ଼ି ଖଣ୍ଡିଆ ଖାବରା କରି ଦେଇଥିଲା ନିଜ ଇଜ୍ଜତକୁ ବଞ୍ଚେଇ ରଖିବା ପାଇଁ ତାଙ୍କ ଶ୍ରେଣୀର ଗୋଟେ ଝିଅ। ସତକଥା ତ, ଗୋଟେ ଝିଅ ପାଖରେ ଗୋଟେ ପୁଅ ଭଳି ସମ୍ପୂର୍ଣ୍ଣ ଶରୀର ଅଛି। ପୁରୁଷର ବଳ ଥାଇପାରେ, କିନ୍ତୁ ନାରୀ ବୁଦ୍ଧିମତୀ। ବୁଦ୍ଧି ବଳରେ ସାରା ସଂସାରକୁ ନଚେଇ ପାରୁଥିବା ନାରୀ ସାମାନ୍ୟ ପୁରୁଷକୁ ପରାହତ କରି ନ ପାରି ତା'ର ଲମ୍ପଟତାର ଶିକାର ପାଲଟି ଯାଉଛି କେମିତି! କିଛି ନ ହେଲେ ତା'ର ନଖ ଅଛି, ଦାନ୍ତ ଅଛି, ଆଙ୍ଗୁଠି ଅଛି। ପିନ୍ଧିଥିବା ଚୁଡ଼ି ଅଛି, ସେଫ୍ଟିପିନ୍ ଅଛି, ଓଢ଼ଣୀ ଅଛି, ରାସ୍ତାର ଧୂଳିବାଲି ଅଛି, ନ ହେଲେ ମୋହିନୀର ମାୟା ଅଛି। ତା' ସାଙ୍ଗକୁ ଆଜିର ଜୁଡୋ, କରାଟେ, ପିପର ସ୍ପ୍ରେ ତ ଅଛି। ଏସବୁ ସହିତ ଉପସ୍ଥିତ ବୁଦ୍ଧି ହିଁ ବେଶି ଦରକାର। ନଖରେ ରାମ୍ପି ପାରିବ, ଦାନ୍ତରେ କାମୁଡ଼ି ପାରିବ, ଆଖି ଭିତରେ ଆଙ୍ଗୁଠି ଗେଞ୍ଜି ଦେଇ ପାରିବ। କିଛି ନ ହେଲେ ମିଛ ପ୍ରେମର ମାୟା ଦେଖାଇ କିଛି ସମୟ ମୋହଗ୍ରସ୍ତ ତ କରିପାରିବ ମୋହିନୀ ଭଳି। ଆଉ ରାହୁକୁ ଭଗବାନ ବିଷ୍ଣୁ ଦୁଇ ଖଣ୍ଡ କରି କାଟିବା ପରି ସେମାନେ ପିଉଥିବା ମଦ ବୋତଲ (ଯଦି ପିଉଥାନ୍ତି)ର କାଚକୁ ଭାଙ୍ଗି ସେମାନଙ୍କର ଗୁପ୍ତାଙ୍ଗକୁ ଖଣ୍ଡିଆଖାବରା କି କାଟି ବି ପାରିବ। କି ଯୁଗ ହେଲା। ହେ ଈଶ୍ୱର, ଯେଉଁଠି ପିଲାମାନଙ୍କୁ ବାପା ମା' ଅହିଂସାର ମାର୍ଗରେ ଯିବା ପାଇଁ ଶିକ୍ଷା ଦେବା କଥା, ସେଇଠି ଆମକୁ କି ଶିକ୍ଷା ଦେବାକୁ ପଡ଼ିବ ହିଂସାର ମାର୍ଗ ଆପଣେଇବାର ତରିକା?

ସୁମତିଦେବୀଙ୍କ ପାଟି ଶୁଣା ଯାଉଥିଲା। କେଡ଼େ କେଡ଼େ ନଖ କରିଛୁ? କାଲି ସକାଳେ ସବୁ କାଟିଦେବି ରହ। ଉଠି ଯାଉ ଯାଉ ଆୟୁଷୀର ବାପା କହୁଥିଲେ, ନାଇଁ ନାଇଁ, ନଖ ଥାଉ, କାମରେ ଆସିବ। ନଖ କି କାମରେ ଆସିବ ଶୁଣେ ବୋଲି ସୁମତିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ କହିଲେ, ରାକ୍ଷସମାନଙ୍କୁ ମୋ ଝିଅ ନୃସିଂହ ଅବତାର ହୋଇ ନଖରେ ବିଦାରି ମାରିବ। ବୋକା ଭଳି ଚାହିଁ ରହିଥିଲେ ସୁମତି ଆଉ ଆୟୁଷୀ।

କି ବିଡ଼ମ୍ବନା ସତରେ! କିନ୍ତୁ ପଶୁମାନଙ୍କ ସହିତ ଲଢ଼ିବାକୁ ହେଲେ ବେଳେବେଳେ ହିଂସ୍ର ହେବାକୁ ତ ପଡ଼ିବ, ନୁହେଁ କି?

ନିମ୍ସ, ଭୁବନେଶ୍ୱର, ମୋ: ୭୦୦୮୩୨୦୧୭୧

# ଶୀତ ଆମ ମିତ

ଡା. ବାସୁଦେବ ପ୍ରଧାନ

ଆମ ଦେଶରେ ବାର ମାସରେ ଛଅ ଋତୁ ଦେଖିବାକୁ ମିଳେ। ଜଳବାୟୁର ପରିବର୍ତ୍ତନ କାରଣରୁ ଋତୁମାନେ ନିଜ ନିଜର ଚରିତ୍ର ବଦଳେଇଲେଣି। ତେଣୁ ଅଦିନରେ ବର୍ଷା, ଅତି ବର୍ଷା, ଘଡ଼ଘଡ଼ି ବହୁଳ ଭାବରେ ଦେଖିବାକୁ ମିଳୁଛି। ଖରାର ମାତ୍ରା ଯେତିକି ରହିବା କଥା ତା'ଠାରୁ ଅଧିକ ଅନୁଭୂତ ହେଉଛି। ଶରତ, ଶୀତ, ହେମନ୍ତ ଓ ବସନ୍ତ ଅଳ୍ପ ସମୟ ପାଇଁ ଆସୁଛନ୍ତି। ତେବେ ଋତୁଚକ୍ରରେ ହେମନ୍ତ ପରେ ଏବେ ଧରାକୁ ଆସିଛି ଶୀତ। ସୁନ୍ଦର ଋତୁଟିଏ ଶୀତ। ଫୁଲ, ଫଳ, ପନିପରିବା ଓ ଧାନ ଅମଳର ଋତୁ ଇଏ। କୃଷକର ଅମାର ଭରିଯାଏ। ବର୍ଷକ ପାଇଁ ଖାଦ୍ୟ ସଞ୍ଚୟ କରି ରଖେ। ବଳକା ବିକି କରଜ ଶୁଝେ। ଆଉ ଅଧିକ କିଛି ବଳିଲେ ପୁଅଝିଅଙ୍କ ପାଇଁ ସଞ୍ଚୟ କରି ରଖେ। କୃଷକ ପାଇଁ ଆନନ୍ଦର ଋତୁ ହେଉଛି ଶୀତ। କ୍ଷେତ, ଖଳା, ଅମାର ସବୁ ସୁନ୍ଦର ଦିଶେ। ଶୀତ ଲୁଗା ଖୋଜାଯାଏ। ଆଗ ପରି ଶୀତ ଆଉ ନାହିଁ। ସେକାଳ ଶୀତକୁ ସାମ୍ନା କରାଯାଉଥିଲା ହେଂସ, କତରାରେ। ଗାଁର ଲୋକ ଏହାକୁ କହନ୍ତି ବିଲକମ୍ବଳ। ପାଳ ଜାଳିବା, ସନ୍ଧ୍ୟା ହେଲେ ଉହ୍ମେଇ ପାଖରେ ବସିବାର ଛବି ଆଜି ନାହିଁ। ଲୋକମାନଙ୍କର ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିଛି। ଏବେ କମ୍ବଳ ଭଳିକି ଭଳି, ସ୍ୱେଟର ଭଳିକି ଭଳି ଗାଁଗଣ୍ଡାରେ ବି ଦେଖିବାକୁ ମିଳିଲାଣି। ବିଲକମ୍ବଳରେ ଆଉ କି ପ୍ରୟୋଜନ? ଖରାକୁ ପିଠି କରି ପଖାଳ ଖାଇବାର ଛବି ଦେଖିବାକୁ ମିଳୁନି ଗାଁରେ। ଦେହମୁଣ୍ଡ ଆଉ ନୁଖୁରା ଦିଶୁନି। ଶୀତକୁ ଡରି ଘଣ୍ଟା ଘଣ୍ଟା ବିତୁନି ପୋଖରୀ ତୁଠରେ। ଚଳଣିରେ ଆସିଚି ବହୁତ ପରିବର୍ତ୍ତନ। ଆଧୁନିକତା ବସା ବାନ୍ଧିଲାଣି ଗାଁଗଣ୍ଡାରେ। ଆଉ ଚାଳଘର ନାହିଁ କି ନିଆଁ ଲାଗିଯିବାର ଭୟ ବି ନାହିଁ। କାଁଭାଁ ଏସବୁ ଦେଖିବାକୁ ମିଳୁଛି। ଗାଁ ଲୋକ ନିଘୋଡ଼ ନିଦରେ ଶୋଇଥିବା ବେଳେ କଳେଇକଣ୍ଡାର ସୁରକ୍ଷା ପାଇଁ ପହରା ଦିଆଯାଉଥିଲା। ଏବେ କ୍ଷେତରେ ଶସ୍ୟ ଅମଳ ହେଲାଣି। ହଜିଗଲାଣି ପଘା, ଡାଉଣି, ଉଖୁଣି। ମେରିଖୁଣ୍ଟି, ମେରିବଳଦ, ଲାଞ୍ଜିବଳଦ କହିଲେ ଆଜିର ପିଲାଏ ବୁଝିପାରିବେନି। ଏସବୁ ଶବ୍ଦଗୁଡ଼ିକୁ ଅଭିଧାନରେ ଖୋଜିବାକୁ ପଡ଼ିବ।

ଆମ ରାଜ୍ୟରେ ଶୀତର ରୂପରଙ୍ଗ ସବୁଠାରୁ ନିଆରା। ଏଠି ଚାରିଆଡ଼େ କାକର ପଡ଼େ, ବରଫ ପଡ଼େ ଦାରିଙ୍ଗବାଡ଼ିରେ। ପର୍ଯ୍ୟଟକଙ୍କ ଭିଡ଼ ଜମେ। କଶ୍ମୀର, ଡେରାଡୁନର ଭ୍ରମ ସୃଷ୍ଟି ହୁଏ। ତପ୍ତପାଣି, ଅତ୍ରି ଉଷୁମପାଣିରେ ଗାଧୋଇବାକୁ ଲୋକମାନଙ୍କର ଭିଡ ଜମେ। ଆମ ଚଳଣି ଜଗନ୍ନାଥଙ୍କ ଚଳଣି। ଶୀତ ଆସିଲେ କେବଳ ଜଗନ୍ନାଥ ନୁହନ୍ତି, ଓଢ଼ଣ ଷଷ୍ଠୀରୁ ବସନ୍ତ ପଞ୍ଚମୀ ଯାଏ ସମସ୍ତେ ଶୀତଲୁଗା ପିନ୍ଧନ୍ତି। ରାତି ବଡ଼, ଦିନ ଛୋଟ କାରଣରୁ ଠାକୁରମାନଙ୍କୁ ସକାଳେ ପହିଲି ଭୋଗ ଦିଆଯାଏ। ସେହିପରି ଜଗନ୍ନାଥଙ୍କ ସଂସ୍କୃତିରେ ଆୟୁର୍ବେଦ ମତରେ ରାତି ଲମ୍ବା ହେତୁ ସକାଳେ ଖୁବ୍‌ଶୀଘ୍ର ଖାଦ୍ୟ ଗ୍ରହଣ କରିବା କଥା। ନଚେତ୍ ଶରୀର ଦୁର୍ବଳ ହୁଏ। ଏହି ଋତୁ ଏକ ବଳକାରକ ଋତୁ। ତେବେ ସକାଳେ ବିଳମ୍ବରେ ଖାଦ୍ୟ ଗ୍ରହଣ କଲେ ଶରୀରରେ ଧାତୁ ପାକ ହୋଇ ନିର୍ବଳ କରିଦିଏ। ତେଣୁ ଆମ ଚଳଣିରେ ମା'ମାନେ କ୍ଷୀରବଢ଼ାରେ ଚାଉଳ ମୁଗ ମିଶାଇ ପିଲାମାନଙ୍କ ପାଇଁ ମୁଗୁଲି, କେହି କେହି ଖେଚୁଡ଼ି ତିଆରି କରନ୍ତି। ଧନୁମୁଆଁ ଘରେ ଘରେ ପରିଚିତ। ଧନୁ ସଂକ୍ରାନ୍ତିରେ ଧନୁମୁଆଁ ଗାଁ ଠାକୁର, ଠାକୁରାଣୀ ଘରର ଈଷାଣକୁ ଦିଆଯାଏ। ଅତୀତର ଗୁଡମୁଆଁ ଏବେ ଚିନିମୁଆଁରେ ପରିବର୍ତ୍ତନ ହେଲାଣି। ଗୁଡ଼ ରକ୍ତ ବଢ଼ାଏ। ରକ୍ତ ଶୁଦ୍ଧି କରାଏ। ଚିନି ଖାଇବା ଭଲ ନୁହେଁ। ଲିଆ ସହଜରେ ଜୀର୍ଣ୍ଣ ହୁଏ ଏବଂ ଅମ୍ଳନାଶକ। ଅମ୍ଳପିତ୍ତ ରୋଗର ଶ୍ରେଷ୍ଠ ପଥ୍ୟ। ଅମ୍ଳପିତ୍ତରେ ଦେଖାଯାଉଥିବା ଦୁର୍ବଳତାକୁ ଗୁଡ଼ ପୂରଣ କରେ। ଯୁଆଣି ରୁଚି ବଢ଼ାଏ। ନଡିଆ ରସାୟନ ବା ବଳକାରକ ରୂପେ ଉପକାର କରେ। ସେହିପରି ଏଇ ଋତୁରେ ଅଗ୍ନିବଳ ଭଲ ରୁହେ। ତେଣୁ ତେଲ, କ୍ଷୀର, ଘିଅ ସମସ୍ତ ପ୍ରକାର ଗୁରୁପାକ ଖାଦ୍ୟ ସହଜରେ ଜୀର୍ଣ୍ଣ ହୋଇଥାଏ। ପୌଷ ଓ ମାଘ ମାସରେ ବହୁ ପର୍ବପର୍ବାଣି ଦେଖାଯାଏ। ପିଠାପଣା କରାଯାଏ। ବଣଭୋଜି ପାଇଁ ସମସ୍ତେ ମନ ବଳେଇଥାନ୍ତି।

ଏଇ ଋତୁରେ ରୋଗର ସଂଖ୍ୟା କମେ। ତେବେ କେତେକ ନିର୍ଦ୍ଦିଷ୍ଟ ରୋଗ ଦେଖାଯାଏ। ସେଗୁଡ଼ିକ ହେଲା ସମସ୍ତ ପ୍ରକାର ଚର୍ମ ରୋଗ, ମୁଣ୍ଡରେ ରୁପି, ଚର୍ମ ଶୁଷ୍କତା ଓ ସମସ୍ତ ପ୍ରକାର ଆଣ୍ଠୁଗଣ୍ଠି ବାତ। ଏସବୁର ସହଜ ସମାଧାନ ଆୟୁର୍ବେଦରେ ରହିଛି। ତେଣୁ ସମସ୍ତ ଆୟୁର୍ବେଦ ଚିକିତ୍ସା କେନ୍ଦ୍ରରେ ପରାମର୍ଶ ପାଇଁ ରୋଗୀଙ୍କ ସଂଖ୍ୟା ବଢୁଛି। ବିଶେଷକରି ୧୯୭୦ ମସିହାରୁ ଭୁବନେଶ୍ୱର ମାଉସୀମା' ଛକ ନିକଟରେ ଥିବା ଆୟୁର୍ବେଦ ହସ୍ପିଟାଲରେ ଅଧିକ ସଂଖ୍ୟାରେ ରୋଗୀ ଦେଖିବାକୁ ମିଳୁଛନ୍ତି। ଏଠାରେ ଆଠଟି ସନ୍ଧିବାତ, ଆଠଟି ପଞ୍ଚକର୍ମ ଶଯ୍ୟା ସହିତ ୪୩ଟି ଶଯ୍ୟାର ବ୍ୟବସ୍ଥା ରହିଛି। ସେହିପରି ୪ଟି ସ୍ୱତନ୍ତ୍ର କ୍ୟାବିନରେ ରୋଗୀମାନେ ରହି ପଞ୍ଚକର୍ମ ଚିକିତ୍ସା ନେଉଛନ୍ତି। ଆମେ ଯଦି ଆୟୁର୍ବେଦବର୍ଣ୍ଣିତ ଋତୁଚର୍ଯ୍ୟା ମାନି ଚଳିବା ଏହି ଋତୁଟି ବହୁତ ଆନନ୍ଦଦାୟକ ହେବ। ତେବେ ବାଳକ, ବୃଦ୍ଧ, ଶ୍ୱାସ ଓ ବାତ ରୋଗୀଙ୍କ ପାଇଁ ଆମକୁ ଅଧିକ ଗୁରୁତ୍ୱ ଦେବାକୁ ପଡିଥାଏ। ଏହି ଋତୁକୁ ଆମେ ନିରାପଦରେ ଉପଭୋଗ କରିବାର କେତୋଟି ସୂତ୍ର ରହିଛି। ସେଗୁଡ଼ିକ ହେଲା ସୂର୍ଯ୍ୟ ଉଦୟ ପୂର୍ବରୁ ଶଯ୍ୟା ତ୍ୟାଗ କରିବା, ବ୍ୟାୟାମ କରିବା। ଦେହରେ ତେଲ ମାଲିସ କରିବା, ଉଷୁମ ଜଳରେ ଗାଧୋଇବା, ଉଷୁମ ପାଣି ପିଇବା ଓ ଉଷୁମ ଖାଦ୍ୟ ଖାଇବା। ଶରୀର ବଳଶାଳୀ ହେବା ପାଇଁ ଏହି ଋତୁରେ ଚ୍ୟବନପ୍ରାସ, ଅଶ୍ୱଗନ୍ଧା ରସାୟନ, ଦ୍ରାକ୍ଷାରିଷ୍ଟ ଓ ମୃତସଂଜୀବନୀ ସୁରା ଡାକ୍ତରଙ୍କ ପରାମର୍ଶ ଅନୁସାରେ ବ୍ୟବହାର କରିବା ଉଚିତ। ଏସବୁ ତ ଦେହପା' ନୀରୋଗ ରହିବାର ସୂତ୍ର। ମନକୁ ପ୍ରସନ୍ନ ରଖିବା ପାଇଁ ନିଶ୍ଚୟ ବୁଲିଯିବା ଚିଲିକା, ଭଳିକି ଭଳି ଦେଶୀ ବିଦେଶୀ ପକ୍ଷୀ ଦେଖିବା। ଜଳଯାତ୍ରା କରିବା। ମା' କାଳିଜାଈ, ବିରଜାଈ, ସିଦ୍ଧାମ୍ବରୀ, ନାରାୟଣୀ, ଭଗବତୀ, ବରବରା ଜଙ୍ଗଲ, ମାମୁଁଭଣଜା, ଘଣ୍ଟଶିଳା, ସୋଲରୀ, ଭାଲେରୀ ଦୀପ, ବାଉରୀପାହାଡ଼, ଚଢେଇହଗା ସହିତ ସମସ୍ତ ପୂର୍ବଘାଟ ପର୍ବତମାଳାର ଶୋଭା ଦେଖି ବିମୋହିତ ହେବା। ଶୀତରେ ଆମ ରାଜ୍ୟ ଓଡ଼ିଶା କେତେ ସୁନ୍ଦର କହିଲେ! ହଁ, ମକର ସଂକ୍ରାନ୍ତିରେ ମକର ଚାଉଳ ଖାଇ ମକର ବସିବା। ମିତ୍ରତା ବଢ଼ାଇବା। ଶୀତ ପରା ଆମ ମିତ୍ରତାର ବାର୍ତ୍ତା ଦିଏ।

ସରକାରୀ ଆୟୁର୍ବେଦ ହସ୍ପିଟାଲ, ମାଉସୀମା ଛକ, ଭୁବନେଶ୍ୱର, ମୋ-୯୪୩୭୩୦୫୦୪୫

## ଆମ ସମସ୍ୟା

### 'ଉତ୍କଳ ପ୍ରସଙ୍ଗ' ମିଳୁନି

ମହାଶୟ,

ଉତ୍କଳ ପ୍ରସଙ୍ଗରେ ପ୍ରତି ମାସରେ ସ୍ୱନାମଧନ୍ୟ ଅର୍ଥନୀତିଜ୍ଞ, ଐତିହାସିକ, ସାହିତ୍ୟିକମାନଙ୍କ ଗବେଷଣାପୂର୍ଣ୍ଣ ଲେଖା ପ୍ରକାଶ ପାଏ। ମୁଁ ଏହାର ଜଣେ ଆଗ୍ରହୀ ପାଠକ। ପ୍ରତି ୩-୪ ମାସରେ ଥରେ ଭୁବନେଶ୍ୱରରୁ ଏହି ପତ୍ରିକା ସଂଗ୍ରହ କରିଥାଏ। ଅନେକ ସମୟରେ ମୁଁ ଯିବାବେଳେ ଏହା ଉପଲବ୍ଧ ନ ଥାଏ। ଯେହେତୁ ଏହାର ଡାକ ପଞ୍ଜୀକରଣ ଦୀର୍ଘ ବର୍ଷ ତଳୁ ବନ୍ଦ ହୋଇଯାଇଛି, ତେଣୁ ଏହି ପତ୍ରିକାଟିକୁ ଡାକରେ ମଗାଇ ହେଉନାହିଁ। କର୍ତ୍ତୃପକ୍ଷ ଏହାର ସୁବ୍ୟବସ୍ଥା କରିବା ଉଚିତ।

ଅରୁଣ କୁମାର ନାୟକ, ଏରେଇଁ, ଚରମ୍ପା, ଭଦ୍ରକ

### ସତ୍ୟନଗର ଶ୍ମଶାନରେ ଜଳାଭାବ

ଏକାମ୍ର କ୍ଷେତ୍ର ଭୁବନେଶ୍ୱରର ସ୍ୱର୍ଗଦ୍ୱାର ଭାବେ ସତ୍ୟନଗର ଶ୍ମଶାନ ଗଣତି ହୋଇପାରେ। ଏଠାରେ ଜାତି, ଧର୍ମ, ନିର୍ଦ୍ଦିଷ୍ଟ ସାହି ନିର୍ବିଶେଷରେ ସମସ୍ତ ମୃତକଙ୍କ ଶବଦାହ କରାଯାଇଥାଏ। ଏଠାରେ ପୂର୍ବରୁ ମାରୱାଡ଼ି ଯୁବ ମଞ୍ଚ ତରଫରୁ ଏକ ପାନୀୟ ଜଳ ପ୍ରକଳ୍ପ ଥିଲା, ଯାହା ନଷ୍ଟ ହୋଇଯାଇଛି। ପୁନଶ୍ଚ ଏହାର ଆଭ୍ୟନ୍ତରରେ ଥିବା ଏକ ଜଳାଧାରରେ ଶବବାହକମାନେ ଶବଦାହ କରିସାରି ସ୍ନାନ କରୁଥିଲେ। ତାହା ଆଉ ସ୍ନାନ ଉପଯୋଗୀ ହୋଇରହିନାହିଁ। ଏଠାରେ ନଳକୂପ ନ ଥିବାରୁ ଲୋକମାନେ ହଇରାଣ ହେଉଛନ୍ତି। କର୍ତ୍ତୃପକ୍ଷ ଅନୁସନ୍ଧାନପୂର୍ବକ ଜଳ ବ୍ୟବସ୍ଥା କରିବାକୁ ଦାବି ହେଉଛି।

ରାମଚନ୍ଦ୍ର ଦାଶ, ସୁକାନ୍ତ ନାୟକ, ବାବୁ ଦୋରା, ୟୁନିଟ-୯, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ତାମିଲନାଡୁ ଥୁଥୁକୋଡିର 'ସୁଶୀଲ କୁମାର ବ୍ୟୁଟି ହେୟାର ସେଲୁନ' ଦେଶର ସବୁ ସହରରେ ଥିବା ସେଲୁନଠାରୁ ଟିକେ ଭିନ୍ନ। ଗ୍ରାହକମାନଙ୍କୁ ସ୍ମାର୍ଟଫୋନଠାରୁ ଦୂରେଇ ରଖିବାରେ ଏହି ସେଲୁନ୍‌ର ମାଲିକ ପୋନ୍ ମେରିଆପ୍ପାନ୍‌ଙ୍କ ଅଭିନବ ପ୍ରୟାସ ଏବେ ଚର୍ଚ୍ଚାରେ। ସେଲୁନ ଭିତରେ ସେ ଥାକରେ ବହି ରଖିଛନ୍ତି। ଯଦି କେହି ତାଙ୍କ ସେଲୁନ୍‌ରେ ବହି ପଢୁଛନ୍ତି ତାଙ୍କୁ ୩୦ ପ୍ରତିଶତ ରିହାତି ଦେଉଛନ୍ତି। ୩୭ ବର୍ଷୀୟ ପୋନ୍ ମେରିଆପ୍ପାନ୍ ଗ୍ରାହକଙ୍କୁ ସେମାନେ ପଢିଥିବା ବହିରୁ ପ୍ରଶ୍ନ ପଚାରିଥାନ୍ତି ଓ ପଢିଥିବା ବିଷୟରୁ କିଛି ଲେଖିବାକୁ ବି କୁହନ୍ତି। ଏହାପରେ ସେମାନଙ୍କୁ ରିହାତି ଦିଅନ୍ତି। ଏଥିପାଇଁ ଜଣେ ଗ୍ରାହକ ସେଲୁନକୁ ପଶିବା କ୍ଷଣି ତାଙ୍କ ମୋବାଇଲ ବନ୍ଦ କରି ବହି ପଢିଥାନ୍ତି। ଯଦି କେହି କଥା ହେବା ଲାଗି ଚାହାନ୍ତି ତେବେ ତାଙ୍କୁ ସେଲୁନ୍ ବାହାରକୁ ଯିବାକୁ ପଡିଥାଏ। ଏହି ଉପାୟରେ ସେ ଲୋକମାନଙ୍କୁ ସ୍ମାର୍ଟଫୋନରୁ ଦୂରେଇ ରଖୁଛନ୍ତି। ୬ ବର୍ଷ ପୂର୍ବରୁ ସେ ବୁକ୍‌ଷ୍ଟୋର ଓ ସ୍କ୍ରାପ ଡିଲରଙ୍କଠାରୁ ବହି ସଂଗ୍ରହ କରିବା ଆରମ୍ଭ କରିଥିଲେ। ଏମିତିକି ତାଙ୍କ ରୋଜଗାରରୁ ଟଙ୍କା ସଞ୍ଚୟ କରି ପ୍ରତିମାସ ଶେଷରେ ବହି କିଣନ୍ତି। ଏବେ ସେ ସେଲୁନ୍‌ରେ ତାମିଲ ଓ ଇଂଲିଶର ୯୦୦ ଖଣ୍ଡ ବହି ରଖିଛନ୍ତି। ୨୦୨୦ ପ୍ରାରମ୍ଭରୁ ସେ ସେଲୁନରୁ ବହି ସ୍କୁଲ ଓ କଲେଜ ପିଲାମାନଙ୍କୁ ଦେବା ଲାଗି ଯୋଜନା କରିଛନ୍ତି। ଅଷ୍ଟମ ଯାଏ ପଢ଼ିଥିବା ପୋନ୍ ମେରିଆପ୍ପାନ୍‌ଙ୍କ ଏହି ଉଦ୍ୟମକୁ ବହୁ ବୁଦ୍ଧିଜୀବୀ ତଥା ସେଲିବ୍ରିଟି ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଡିସେମ୍ବର ୧୯୯୪

- କୋଇଲା କ୍ଷେତ୍ରରେ ବିଭିନ୍ନ ସହଯୋଗମୂଳକ କାର୍ଯ୍ୟକ୍ରମକୁ ତଦାରଖ କରିବା ଓ ଏହାର ପୁନର୍ବିନ୍ୟାସ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରିବା ପାଇଁ ଭାରତ ଓ ଚାଇନା ମଧ୍ୟରେ ସହମତି।
- କମ୍ପ୍ୟୁଟର ଡିସ୍କ ସ୍ମଗଲିଂ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଏଆଇଏଡି ଏମ୍‌କେ ଦଳର ଲୋକ ସଭା ସଦସ୍ୟ ଆର. ଶ୍ରୀଧରନଙ୍କୁ ପାର୍ଟିରୁ ବହିଷ୍କାର କରାଯାଇଛି।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୨୨- ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଦିନିକିଆ ସହ ଭାରତ ୨-୧ରେ ସିରିଜ୍ ବିଜୟୀ ହୋଇଛି।

୨୩- ସେଣ୍ଟ୍ରାଲ ଇଲେକ୍ଟ୍ରିକ୍ ସପ୍ଲାଏ ୟୁଟିଲିଟି ଅଫ୍ ଓଡ଼ିଶା (ସେସୁ)ର ପରିଚାଳନା ଦାୟିତ୍ୱ ଟାଟା ପାୱାର କମ୍ପାନୀ ଲିମିଟେଡ୍ ହାତରେ ନ୍ୟସ୍ତ କରାଯାଇଛି।

୨୪- ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)କୁ ଅପଡେଟ କରିବା ପାଇଁ ଏକ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି।

* ଗତ ୨୪ ଘଣ୍ଟା ମଧ୍ୟରେ ଆଫ୍‌ଗାନ ସେନାର ଜୋରଦାର୍ ଅପରେଶନ ଫଳରେ ଶତାଧିକ ଆତଙ୍କବାଦୀ ନିହତ ହୋଇଛନ୍ତି।

୨୫- ମହାରାଷ୍ଟ୍ରରେ ଚାଷୀଙ୍କ କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ ହେବ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ପ୍ରତିଶ୍ରୁତି ଦେଇଛନ୍ତି।

୨୬- କେନ୍ଦ୍ରୀୟ ଫିଲିପାଇନ୍ସରେ ଭୟଙ୍କର ଝଡ଼ବାତ୍ୟା 'ଫନଫୋନ୍' ତାଣ୍ଡବ ରଚିଛି। ଏଥିରେ ୨୦ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ହଜାର ହଜାର ଲୋକ ବାସହରା ହୋଇଛନ୍ତି।

୨୭- ବଲାଙ୍ଗୀର ସହର ଉପକଣ୍ଠ ବରକାନୀଠାରେ ଭାରତ ପେଟ୍ରୋଲିୟମ୍ ନିଗମ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ନିର୍ମିତ ଏଲପିଜି ବଟ୍‌ଲିଂ ପ୍ଲାଣ୍ଟକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଅର୍ପଣ କରାଯାଇଛି।



ମନରେ ଯେତେବେଳେ ସୁଖ-ଦୁଃଖର କଳ୍ପନା ଜାତ ହୁଏ ତେବେ ତାକୁ ବିରୋଧ କର, ତାକୁ ଘର କରି ରହିବାକୁ ଦିଅନାହିଁ।
- ଶିରିଡ଼ି ସାଇବାବା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଂସ୍କୃତି ସଂସଦ ପକ୍ଷରୁ ରକ୍ତଦାନ ଶିବିର, ସଚିବାଳୟ କ୍ୟାମ୍ପସ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ରାଜଭବନ ଛକ, ସକାଳ ୯ଟା। ମହାରାଜା ଶ୍ରୀରାଚ ଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପାୱାର ହାଉସ ଛକ, ସକାଳ ୯ଟା ୩୦।
- ୧୧୫ତମ ଡାକ ଅଦାଲତ, ମୁଖ୍ୟ ଡାକଘର କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୩୦।
- ୩ଜି ଆର୍ଟିଷ୍ଟ ଗ୍ରୁପ୍‌ର ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପର୍‌ଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଭାଷା ପ୍ରତିଷ୍ଠାନର ପୁସ୍ତକ ଚର୍ଚ୍ଚା, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା।
- ଶତାବ୍ଦୀ କଳାକାର ପକ୍ଷରୁ ନାଟ୍ୟଚକ୍ର, ମିନି ଅଡିଟୋରିୟମ, ଭିଆଇପି ଏରିଆ, ନୟାପଲ୍ଲୀ, ସନ୍ଧ୍ୟା ୬ଟା ୪୫।
- ଶ୍ରୀମଦ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ୟୁନିଟ-୯, ସନ୍ଧ୍ୟା ୭ଟା।

**କଟକ**

- ନିଖିଳ ଉତ୍କଳ ବାରିକ ସମିତି କଟକ ଜିଲା ଶାଖାର ସ୍ୱନକ୍ଷତ୍ର ମହୋତ୍ସବ, ଶହୀଦ ଭବନ, ଚୌଧୁରୀ ବଜାର, ପୂର୍ବାହ୍ନ ୧୦ଟା।
- ଉତ୍କଳ ସମ୍ମିଳନୀର ୧୧୬ତମ ପ୍ରତିଷ୍ଠା ଦିବସ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରଦ୍ଧାଞ୍ଜଳି କ୍ଲବ ପକ୍ଷରୁ ପ୍ରସ୍ତୁତ ନାଟକ 'ପ୍ରତିମା', କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ଦି ମିଡିଆ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦।

# ହସାଇ ନାକେଦମ୍ କଲେ






**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ରସଗୋଲା ପଶ୍ଚିମବଙ୍ଗର, ତାଙ୍କୁ ଦେଇ ଦିଅ। ରସଗୋଲା ପରି ବେଙ୍ଗଲୀ ଲୋକ ମଧ ଧଳା ଓ ନରମ। ସେ ଦୃଷ୍ଟିରୁ ରସଗୋଲା ତାଙ୍କର ବୋଲି ଭୁବନେଶ୍ୱର କମେଡିଆନ୍ କ୍ଲବ୍‌ର ଆକାଶ ବାଘଲ କହିବା ସହ ଉପସ୍ଥିତ ଦର୍ଶକଙ୍କୁ ହସେଇ ହସେଇ ନାକେଦମ୍ କରିଥିଲେ। ଅବସର ଥିଲା ଭୁବନେଶ୍ୱରସ୍ଥିତ ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ରବିବାର ଆୟୋଜିତ ଏକ ସ୍ୱତନ୍ତ୍ର କମେଡି ଶୋ 'ଡିଅର ୨୦୧୯'।

ଭୁବନେଶ୍ୱର କମେଡିଆନ କ୍ଲବ୍‌ର ଆକାଶଙ୍କ ବ୍ୟତୀତ ସମର ପ୍ରତାପ ନାୟକ ଓ ଚେନ୍ ଜୋକର କ୍ଲବ୍‌ର ପ୍ରିୟରଞ୍ଜନ ସାହୁ, ସୂର୍ଯ୍ୟ ପ୍ରକାଶଙ୍କ କମେଡି ଚୁଟକୁଲାରେ ସାରା ପ୍ରେକ୍ଷାଳୟ ହସରେ ପୂରିଉଠିଥିଲା। ଶୋ'କୁ ପ୍ରତ୍ୟୁଷା ବଙ୍ଗାରୀ ତାଙ୍କ ଚୁଲବୁଲି ଚୁଟ୍‌କୁଲାରୁ ଆରମ୍ଭ କରିଥିଲେ। ଏହାପରେ ଆକାଶ ଓ ରୋଶନ ବିଶୋୟୀ ଦୁହେଁ ଏ, ବି, ସି, ଡି ବିଷୟବସ୍ତୁ ଉପରେ ଏକ ହାସ୍ୟ ଅଭିନୟ ପ୍ରସ୍ତୁତ କରିଥିଲେ, ଯାହା ନୂଆବର୍ଷର ନୂଆ ଯୋଜନା ଉପରେ ଆଧାରିତ ଥିଲା। ଏଥିରେ ଆକାଶ ରୋଶନଙ୍କ ବାପାଙ୍କ ଭୂମିକା ନିର୍ବାହ କରିଥିବାବେଳେ ରୋଶନ ଏକ ନଟ୍‌ଖଟି ପିଲାର ଭୂମିକାରେ ନଜରକୁ ଆସିଥିଲେ। ସେମାନଙ୍କ ଉପସ୍ଥାପନା ଶୈଳୀ ଉପସ୍ଥିତ ଦର୍ଶକଙ୍କୁ ଖୁବ୍ ହସେଇଥିଲା। ଏହାପରେ ଅନ୍ୟ ଏକ ହାସ୍ୟ ଅଭିନୟ ପରିବେଷିତ ହୋଇଥିଲା, ଯାହାର ବିଷୟବସ୍ତୁ ଥିଲା ଜଣେ ସାଧାରଣ କର୍ମଚାରୀ ନୂଆ ବର୍ଷରେ ତା'ର କମ୍ପାନୀ ମାଲିକଙ୍କଠାରୁ କିପରି ଛୁଟି ଆଣିବ। ଏଥିରେ ସମର ଓ ସୂର୍ଯ୍ୟ ଅଭିନୟ କରିଥିଲେ। ଏହି ଅଭିନୟରେ ସମର ସୂର୍ଯ୍ୟଙ୍କ କର୍ମଚାରୀ ହୋଇଥିଲେ। ସେ ସୂର୍ଯ୍ୟଙ୍କ ଝିଅକୁ ଡେଟ୍ କରିବାକୁ ଥାଇଲାଣ୍ଡ ଯିବା ପାଇଁ ଛୁଟି ପାଇଁ ଆବେଦନ କରିଥିଲେ। ଦର୍ଶକମାନେ ଲେଖି ଦେଇଥିବା ବିଭିନ୍ନ ପ୍ରଖ୍ୟାତ୍ ବଲିଉଡ ଡାଇଲଗ୍‌କୁ ସେମାନେ ଏଥିରେ ବ୍ୟବହାର କରିଥିଲେ। ପରେ ପରେ ଆକାଶ, ସମର, ପ୍ରତ୍ୟୁଷା, ପ୍ରିୟରଞ୍ଜନ, ଦିପନ୍ୱିତ ଦାସମହାପାତ୍ର, ସୂର୍ଯ୍ୟ ଓ ରୋଶନଙ୍କ ଦ୍ୱାରା ବହୁ ହାସ୍ୟ ଅଭିନୟ ପ୍ରସ୍ତୁତ କରାଯାଇଥିଲା। ଏହି ସବୁ ମଧ୍ୟରେ ବିଭାସ ରଥ ଆଜିକାଲିର ଗଣମାଧ୍ୟମର କାର୍ଯ୍ୟକାରିତା ନେଇ ଏକ ସ୍ୱତନ୍ତ୍ର ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ରୋଶନ ସଞ୍ଚାଳନ କରିଥିଲେ।



ହସିହସି ବେଦମ୍ ଦର୍ଶକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘଇତାଙ୍କର ବାହାନ କାହାଣ ଚରଣ**
**ମାଇପ କହୁଛନ୍ତି ଚନ୍ଦ୍ର ଉଦିଆ କିଣ।**

ସ୍ୱାମୀର ଆୟ ଦେଖି ନିଜର ଆବଶ୍ୟକତା ପୂରଣ କରିବା ସ୍ତ୍ରୀ ପକ୍ଷେ ଶୋଭା ପାଇଥାଏ। ପରନ୍ତୁ ସ୍ୱାମୀ ଯେତେବେଳେ କପର୍ଦ୍ଦକଶୂନ୍ୟ, ଅଭାବଗ୍ରସ୍ତ ସେତେବେଳେ ସ୍ତ୍ରୀଧର୍ମ ରକ୍ଷା ନ କରି ନିଜ ସଉକ ପୂରଣ ପାଇଁ ଅଡିବସିବା ଅବିବେକୀର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନ ପାଏ ତୋରାଣିରେ ଲୁଣ**
**ଘର ଘରେ ଲୋଡ଼େ ତିନି ତୁଉଣ।**

ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ କୌଣସି ପ୍ରକାରର ଲାଳସା ଭାବନା ଶୋଭା ପାଇ ନ ଥାଏ। ଦିନକୁ ଦି'ଓଳି ଦି'ମୁଠେ ଖାଇବାକୁ ପାଉ ନ ଥିବା ଦୀନହୀନ ଦରିଦ୍ର ବ୍ୟକ୍ତି ଘର ଘର ବୁଲି ସ୍ୱାଦିଷ୍ଟ ବ୍ୟଞ୍ଜନ ଖୋଜିବା ହାସ୍ୟାସ୍ପଦ ମନେ ହୋଇଥିବା ସ୍ଥଳେ ଅଭାବୀ ବ୍ୟକ୍ତିର ସ୍ୱାଦିଷ୍ଟ ଭୋଜନ କରିବା ନେଇ ମନରେ ରହିଥିବା ଲାଳସା ଭାବନା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଆକାଶ



ସଙ୍ଗୀତା



ସତ୍ୟ



ସତ୍ୟପ୍ରିୟ



ଆଶିଷ



କୃଷ୍ଣ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ମହାପ୍ରଭୁଙ୍କୁ ଦର୍ଶନ କଲେ ଗଜପତି ମହାରାଜା



ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।

**ପୁରୀ ଅଫିସ, ୨୯।୧୨**

ଗଜପତି ମହାରାଜା ଦିବ୍ୟସିଂହ ଦେବ ରବିବାର ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରାତି ପ୍ରାୟ ୯ଟାରେ ସେ କନ୍ୟା, ଜ୍ୱାଇଁ ଓ ସମ୍ପର୍କୀୟଙ୍କ ସହ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କ ସହ ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଭିତରକୁ ପାଛୋଟି ନିଆଯାଇଥିଲା। ପ୍ରଥମେ ବଟ ଗଣେଶଙ୍କୁ ଦର୍ଶନ କରିଥିଲେ। ଏହାପରେ ବଟମଙ୍ଗଳା, ପଞ୍ଚମହାଦେବଙ୍କୁ ଦର୍ଶନ କରି ପଣ୍ଡା ଦ୍ୱାର ଦେଇ ନାଟମଣ୍ଡପକୁ ପ୍ରବେଶ କରିଥିଲେ। ଗରୁଡ଼ ସ୍ତମ୍ଭ ପଛରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। କନ୍ୟା, ଜ୍ୱାଇଁ ଓ ସମ୍ପର୍କୀୟ ଭିତରକାଠ ନିକଟରେ ଦର୍ଶନ କରିଥିବାବେଳେ ଗଜପତି ମହାରାଜା ଗର୍ଭଗୃହକୁ ଯାଇଥିଲେ। ତିନିଠାକୁରଙ୍କୁ ଦର୍ଶନ କରି ନଜିର (ପ୍ରଣାମି) ଦେଇ ରତ୍ନସିଂହାସନ ପ୍ରଦକ୍ଷିଣ କରିଥିଲେ। ଏହାପରେ ସେମାନେ ବେହରଣ ଦ୍ୱାର ଦେଇ ବାହାରି ଆଦି ନୃସିଂହଙ୍କୁ ଦର୍ଶନ କରିଥିଲେ। ପରେ ମୁକ୍ତିମଣ୍ଡପ, ବିମଳା, କାନପତା ହନୁମାନ ମନ୍ଦିରକୁ ଯାଇଥିଲେ। ପରେ ଭୁବନେଶ୍ୱରୀ, ସରସ୍ୱତୀ, ମହାଲକ୍ଷ୍ମୀ, ନବଗ୍ରହ ଏବଂ ପାଟ ଅଗଣାରେ ନୀଳଚକ୍ରଙ୍କୁ ଦର୍ଶନ କରିଥିଲେ। ଶେଷରେ ସତ୍ୟନାରାୟଣଙ୍କୁ ଦର୍ଶନ କରି ବଟ ଗଣେଶଙ୍କୁ ମୁଣ୍ଡିଆ ମାରି ଦକ୍ଷିଣ ଦ୍ୱାର ଦେଇ ଫେରିଥିଲେ।



ରାଜ୍ୟ ସଂଗ୍ରହାଳୟର ପ୍ରତିଷ୍ଠା ଉତ୍ସବ ପାଳିତ

# 'ଅତୀତର ସଂରକ୍ଷଣ ଏକାନ୍ତ ଆବଶ୍ୟକ'

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଓଡ଼ିଶାର ଇତିହାସ ଓ ଐତିହ୍ୟ ବେଶ୍ ସମୃଦ୍ଧ। ଏହା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଭବିଷ୍ୟତର ପଥ ନକ୍ସା ପ୍ରସ୍ତୁତିରେ ଅତୀତର ବିଶେଷ ଭୂମିକା ରହିଛି। କାଳଜୟୀ ସଂସ୍କୃତି ଓ ପରମ୍ପରା ଆମ ଅସ୍ମିତା ଓ ପରିଚୟର ପ୍ରମୁଖ ଉପାଦାନ। ଏହାର ସଂରକ୍ଷଣ, ସୁରକ୍ଷା, ବ୍ୟାଖ୍ୟାନ ଓ ବିଶ୍ଳେଷଣ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ରବିବାର ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ୬୨ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ, ଉତ୍କର୍ଷର ଅନ୍ୟନାମ ହେଉଛି ଉତ୍କଳ। ସୃଜନ ଓ କଳା କ୍ଷେତ୍ରରେ ଉତ୍କଳ ସାରା ବିଶ୍ୱରେ ପ୍ରତିଷ୍ଠିତ। ଏହାକୁ ଅବ୍ୟାହତ ରଖିବା ଆମର ଦାୟିତ୍ୱ। ସମ୍ପ୍ରତି ରାଜ୍ୟ ସରକାର ଯେଭଳି ଶ୍ରୀମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିର, ଶ୍ରୀକ୍ଷେତ୍ର, ଏକାମ୍ର କ୍ଷେତ୍ରର ବିକାଶ ପାଇଁ କାର୍ଯ୍ୟକ୍ରମ କରୁଛନ୍ତି ତାହା ଅଭିନନ୍ଦନୀୟ। ଓଡ଼ିଶା ନିଶ୍ଚୟ ସାରା ପୃଥିବୀର ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ରାଜ୍ୟପାଳ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଜ୍ୟ ସଂଗ୍ରହାଳୟ ସହିତ ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଯୋଡ଼ିହୋଇ ରହିଛି ବୋଲି କହିବା ସହ ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ତୀର୍ଥଭୂମି ବୋଲି ଅଭିହିତ କରିଥିଲେ। ଆମର ଅସ୍ମିତା ଓ ସ୍ୱାଭିମାନର ମୂକସାକ୍ଷୀ ଭାବରେ ରାଜ୍ୟ ସଂଗ୍ରହାଳୟର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ମହାଡାକପାଳ ସନ୍ତୋଷ କମିଲା, ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ ଓ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଜୟନ୍ତୀ ରଥ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ 'ପୋଷ୍ଟାଲ୍ ହେରିଟେଜ୍ ଅଫ୍ ଓଡ଼ିଶା ଗ୍ୟାଲେରି' କାର୍ଯ୍ୟକ୍ରମରେ ଉଦ୍‌ଘାଟିତ ହୋଇଥିଲା। ଏହାସହ ନୂତନ ସଂଗୃହୀତ କଳା ସାମଗ୍ରୀର ପ୍ରଦର୍ଶନୀ, ଏକ ପୁସ୍ତକ ଅଧ୍ୟୟନ କେନ୍ଦ୍ର ଓ ଅଚ୍ୟୁତରାଜପୁରର ବୌଦ୍ଧ ବ୍ରୋଞ୍ଜ ସ୍ଥାପତ୍ୟ ଗ୍ୟାଲେରି ଲୋକାର୍ପିତ ହୋଇଥିଲା। ଓଡ଼ିଶା ହିଷ୍ଟୋରିକାଲ୍ ରିସର୍ଚ୍ଚ ଜର୍ନାଲ୍‌ର ନୂତନ ସଂଖ୍ୟା, ବିଶିଷ୍ଟ ଐତିହାସିକ ଡ. ସତ୍ୟନାରାୟଣ ରାଜଗୁରୁଙ୍କ କୃତିତ୍ୱ ଆଧାରିତ ଇଂରାଜି ପୁସ୍ତକ, ଡାକ ବିଭାଗ, ଓଡ଼ିଶା ସର୍କଲ ଦ୍ୱାରା ନୂତନ ଲଫାପା ଏବଂ ମଥୁରାନାଥ ଦାସଙ୍କ ସମ୍ପାଦିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ବକ୍ତୃତାମାଳା ସଂକଳନ କାର୍ଯ୍ୟକ୍ରମରେ ଉନ୍ମୋଚିତ ହୋଇଥିଲା। ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ଏକ ତୈଳଚିତ୍ର ମଧ୍ୟ ଅନାବରଣ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂଗ୍ରହାଳୟର ସେବା ନିବୃତ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ କଳା ସାମଗ୍ରୀ ପ୍ରଦାନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




# ହିନ୍ଦୀ, ଓଡ଼ିଆ ସଙ୍ଗୀତ ସୁରଭିରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଶିଶୁମାନଙ୍କ କଣ୍ଠରୁ ଝଂକୃତ ହେଉଥିଲା ଲୋକପ୍ରିୟ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରର ରୋମାଣ୍ଟିକ୍ ସଂଗୀତ। ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇ ଉପଭୋଗ କରୁଥିଲେ। ଅବସର ଥିଲା, ସୂଚନା ଭବନଠାରେ ଇଟିକିଲି ମିଟିକିଲି ପକ୍ଷରୁ ଆୟୋଜିତ ସଙ୍ଗୀତ ସୁରଭି। ଏ ବନର ଛାଇ, ରୂପା ଶଗଡ଼ିରେ ସୁନା କନିଆଁ, ମୁଁ ପାଉ ନଥିଲି ସାହା, ମୟୂରୀ ଗୋ ତୁମ ଆକାଶେ ମୁଁ ଭଳି ଖୁବ୍ ଲୋକପ୍ରିୟ ଗୀତ ପରିବେଷିତ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ 'ବୈଷ୍ଣବ ଜନ ତୋ ତେନେ କହି ହେ'କୁ ସ୍ୱତନ୍ତ୍ର ଭାବରେ ସମବେତ କଣ୍ଠରେ ପରିବେଷଣ କରାଯାଇଥିଲା। ଶାଶ୍ୱତୀ, ଆଦିତ୍ୟ, ତନୁଶ୍ରୀ, ନୌମିକା, ଯୁବରାଜ, ମନୀଷ, ସାରଦା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ସଙ୍ଗୀତ ସଂଧ୍ୟାକୁ ଉଦ୍‌ଘାଟନ କରିଥିଲେ କାଦମ୍ବିନୀ ସମ୍ପାଦିକା ଇତି ସାମନ୍ତ। ଏହି ଅବସରରେ ଜୟନ୍ତିକାଙ୍କ ଲିଖିତ ପିଲାଙ୍କ ପୁସ୍ତକ 'ଗାଇବା ବସନ୍ତ ଗୀତ' ଉନ୍ମୋଚନ ହୋଇଥିଲା। ଶିଶୁ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ପୂର୍ବରୁ ଆୟୋଜିତ ହୋଇଥିବା 'ଫନି-ଏକ ପ୍ରାକୃତିକ ବିପର୍ଯ୍ୟୟ' ପିଲାଙ୍କ ଚିତ୍ରାଙ୍କନ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହା ବ୍ୟତୀତ '୧୫୦ ବର୍ଷରେ ମହାତ୍ମା' ଶୀର୍ଷକ ଏକ ଦୁଇ ଦିନିଆ ପିଲାଙ୍କ ଚିତ୍ରକଳା ପ୍ରଦର୍ଶନୀ କରାଯାଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ୧୫୦ଜଣ ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।



ଅକ୍ଷୟ୍ କୁମାର ଓ କରୀନା କପୁର ଖାନ୍‌ଙ୍କ ଅଭିନୀତ 'ଗୁଡ୍ ନ୍ୟୁଜ୍' ବକ୍ସ ଅଫିସରେ କମାଲ କରିଛି। ଫିଲ୍ମ ରିଲିଜ ହେବାର ଦୁଇଦିନ ଭିତରେ ୩୯.୩୪ କୋଟି ଟଙ୍କା କଲେକ୍ସନ କରିବାରେ ସକ୍ଷମ ହୋଇଛି। ଏହି ସିନେମାରୁ ଭରପୁର ମଜା ଉଠାଉଛନ୍ତି ଦର୍ଶକେ।



# ପ୍ରେମ ଆଗରେ ବୟସର ଜୋର୍ ନାହିଁ



## ବୃଦ୍ଧାଶ୍ରମରେ ନିଆରା ବିବାହ

**ଥ୍ରିଶୂର୍(କେରଳ):** ପ୍ରେମ ଆଗରେ ବୟସର କୌଣସି ମାନେ ନାହିଁ। ହୃଦୟ ତ କୋମଳମତି ଶିଶୁ। ପ୍ରେମ ହଉ ହଉ ହୋଇଯାଏ। ଏକଥା ସମସ୍ତେ ଶୁଣିଥିବେ, ହେଲେ କେରଳରେ ଜଣେ ୬୭ ବର୍ଷୀୟ ବୃଦ୍ଧ ଜଣେ ୬୬ ବର୍ଷୀୟା ବୃଦ୍ଧାଙ୍କୁ ବିବାହ କରି ଏହା ପ୍ରମାଣିତ କରିଛନ୍ତି। କେରଳର କୋଚାନିୟନ୍ ମେନନ୍(୬୭) ଏବଂ ଲକ୍ଷ୍ମୀ ଅମ୍ମଲ୍(୬୬) ଥ୍ରିଶୂର୍ ଜିଲା ଅଧୀନ ରାମଭର୍ମାପୂରମ୍ ଠାରେ ସରକାରଙ୍କ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମରେ ରହିଛନ୍ତି। ସେହିଠାରେ ଦୁହିଁଙ୍କ ମିଳାମିଶା ଏବଂ ଭାବ ଆଦାନ ପ୍ରଦାନରୁ ଉଭୟଙ୍କ ମଧ୍ୟରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ଆଉ ଶେଷରେ ଦୁହେଁ ପରସ୍ପରଙ୍କ ହାତ ଧରି ବାକି ଜୀବନ କାଟିବାକୁ ନିଷ୍ପତ୍ତି ନେଇଥିଲେ। ଶନିବାର ସେହି ବୃଦ୍ଧାଶ୍ରମରେ ହିଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହି ନିଆରା ବିବାହ କାର୍ଯ୍ୟକ୍ରମରେ କେରଳର କୃଷି ମନ୍ତ୍ରୀ ଭି. ଏସ୍ ସୁନୀଲ୍ କୁମାର ଯୋଗଦେଇ ଲକ୍ଷ୍ମୀଙ୍କ ହାତ କୋଚାନିୟନ୍‌ଙ୍କ ହାତରେ ଦେଇ ଖୁସି ଏବଂ ଶାନ୍ତିପୂର୍ଣ୍ଣ ବିବାହ ଜୀବନ କାମନା କରିଥିଲେ। ବୟସର ଅପରାହ୍ନରେ ଦୁହେଁ ଏକାଠି ହୋଇଥିବାବେଳେ ବିବାହ ଉତ୍ସବରେ ଲକ୍ଷ୍ମୀ ଧଳା କେଶରେ ନାଲି ସିନ୍ଦୂର ଓ ନାଲି ଶାଢ଼ିରେ ବେଶ୍ ଚହଟୁଥିବାବେଳେ କୋଚାନିୟନ୍ ମଧ୍ୟ ପାରମ୍ପରିକ ପୋଷାକରେ ଥିଲେ। ବିବାହ ପୂର୍ବରୁ ମେହେନ୍ଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରକାଶ ଯେ, କୋଚାନିୟନ୍ ଲକ୍ଷ୍ମୀ ସ୍ୱାମୀଙ୍କ ସହାୟକ ଥିବାବେଳେ ୨୧ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମ୍ପର୍କୀୟଙ୍କ ସହ ରହୁଥିଲେ। ୨ ବର୍ଷତଳେ ସେ ବୃଦ୍ଧାଶ୍ରମକୁ ଚାଲିଯାଇଥିଲେ। କୋଚାନିୟନ୍ ମଧ୍ୟ ୨ମାସ ତଳେ ସେହି ଆଶ୍ରମରେ ପହଞ୍ଚିଥିଲେ। ଆଶ୍ରମ କର୍ତ୍ତୃପକ୍ଷଙ୍କ ସମେତ ସାମାଜିକକର୍ମୀ ଏବଂ ଅନ୍ତେବାସୀଙ୍କ ସହଯୋଗରେ ଏଭଳି ଏକ ସୁନ୍ଦର ବିବାହ ସମ୍ପନ୍ନ ହୋଇଥିବା ଆଶ୍ରମ ପକ୍ଷରୁ କୁହାଯାଇଛି। ବିବାହ ନେଇ ଲକ୍ଷ୍ମୀ କୁହନ୍ତି, ଏହା ଆଶିର୍ବାଦ ଅଟେ। ଆମେ କେତେଦିନ ଏକାଠି ରହିବୁ ଜାଣିନୁ। ହେଲେ ଯେତେଦିନ ରହିବୁ ଖୁସିରେ ରହିବୁ। ଅନ୍ତତଃ ମୋ ପାଖରେ ସବୁବେଳେ କେହି ଜଣେ ଅଛନ୍ତି ବୋଲି ମୁଁ ଅନୁଭବ କରିପାରିବି। ଏହି ନିଆରା ବିବାହର ଫଟୋ ସୋସିଆଲ୍ ମିଡିଆରେ ନଜରକୁ ଆସିଛି।

# ମଲାଲା ପ୍ରସିଦ୍ଧ କିଶୋରୀ



## 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟ

**ନ୍ୟୁୟର୍କ:** ଯୁକ୍ତରାଷ୍ଟ୍ର ଆମେରିକା ଇତିମଧ୍ୟରେ 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟ ଜାରି କରିଛି। ଏଥିରେ ଗୋଟିଏ ଦଶନ୍ଧିର ପ୍ରମୁଖ ଘଟଣାବଳୀ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯାଇଛି। ଏଥିସହ ଦଶନ୍ଧିର ଗୁରୁତ୍ୱପୂର୍ଣ୍ଣ ଖବର ମଧ୍ୟ ସ୍ଥାନିତ ହୋଇଛି। ଯଥା-୨୦୧୦ର ବିନାଶକାରୀ ଭୂମିକମ୍ପ, ୨୦୧୧ରେ ସିରିଆରେ ଆରମ୍ଭ ହୋଇଥିବା ସଂଘର୍ଷ, ପ୍ୟାରିସରେ ଜଳବାୟୁ ପରିବର୍ତ୍ତନ ଓ ଯୁକ୍ତରାଷ୍ଟ୍ର ଆମେରିକାର ୨୦୩୦ ଏଜେଣ୍ଡା ଆଦି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ ଯୁକ୍ତରାଷ୍ଟ୍ର ଆମେରିକାର ଏହି 'ଡିକେଡ୍ ଇନ୍ ରିଭ୍ୟୁ' ରିପୋର୍ଟରେ ପାକିସ୍ତାନର ମଲାଲା ୟୁସୁଫ୍ ଜାଇଙ୍କୁ ବିଶ୍ୱର 'ପ୍ରସିଦ୍ଧ କିଶୋରୀ' ବୋଲି ବିବେଚନା କରାଯାଇଛି। ରିପୋର୍ଟ ଅନୁସାରେ, ସବୁ ଝିଅଙ୍କୁ ସ୍କୁଲ ପଠାଇବା ଓ ସେମାନଙ୍କୁ ଆଡ୍‌ଭାନ୍ସ ଶିକ୍ଷା ଯୋଗାଇଦେବାକୁ ପ୍ରାଥମିକତା ଦେବା ପାଇଁ ମଲାଲା କାର୍ଯ୍ୟ କରୁଥିବା ବେଳେ ତାଙ୍କ ଉପରେ ଆତଙ୍କବାଦୀ ହାମ୍‌ଲା କରାଯାଇଥିଲା। ବିଶ୍ୱସ୍ତରରେ ଏହାର ପ୍ରଭାବ ପଡ଼ିବା ସହ ସବୁଆଡୁ ଏହାକୁ ଦୃଢ଼ ନିନ୍ଦା କରାଯାଇଥିଲା। ତେବେ ବିଶ୍ୱ ମାନବାଧିକାର ଦିବସ ଅବସରରେ ୟୁନେସ୍କୋ ପକ୍ଷରୁ ପ୍ୟାରିସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ମଲାଲାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଆଫଗାନିସ୍ତାନରେ ଆତଙ୍କବାଦ ବିରୋଧୀ ଲଢ଼େଇରେ ପ୍ରାୟ ୧ ଲକ୍ଷ ଆଫଗାନୀ ଲୋକ ପ୍ରାଣ ହରାଇଛନ୍ତି। ଗତ ଏକ ଦଶନ୍ଧି ଧରି ଚାଲିଥିବା ଏହି ସଂଘର୍ଷକୁ ଶେଷ କରିବା ପାଇଁ 'ଡିକେଡ୍ ଇନ୍ ରିଭ୍ୟୁ' ମାଧ୍ୟମରେ ଯୁକ୍ତରାଷ୍ଟ୍ର ଆମେରିକା ନିବେଦନ କରିଛି।

# ସୁସ୍ମିତାଙ୍କ ପାଇଁ 'ଆଇ ଲଭ୍ ୟୁ' କମେଣ୍ଟ

ସୁସ୍ମିତା ସେନ୍



**ମୁମ୍ବାଇ:** ଦୀର୍ଘ ଦିନ ହେଲା ବଡ଼ପରଦାରୁ ଗାଏବ ହୋଇଯାଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍। ହେଲେ ନିଜ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଶେୟାର କରି ସେ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। କିଛିଦିନ ତଳେ ସେ ଏକ ପୋଷ୍ଟ କରି ୧୦ ବର୍ଷ ପରେ ସେ ପୁଣି ବଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି ବୋଲି ଫ୍ୟାନ୍‌ମାନଙ୍କୁ ଖୁସି ଖବର ଦେଇଥିଲେ। ଏବେ ସେ ନିଜ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଫଟୋ ଶେୟାର କରି ଜୀବନର ମୂଲ୍ୟବୋଧ ନେଇ କିଛି ଲେଖିଛନ୍ତି। ଏକ ବ୍ଲାକ୍ ବ୍ଲେଜର୍ ପିନ୍ଧି ଆଇନାକୁ ଦେଖୁଥିବା ଫଟୋ ଶେୟାର କରି କ୍ୟାପ୍‌ଶନରେ ସୁସ୍ମିତା ଲେଖିଛନ୍ତି, ଜୀବନରେ ହାର୍-ଜିତ୍ ଲାଗି ରହିଥାଏ। ଆମେ ଉଭୟ ପରିସ୍ଥିତିକୁ ସମ୍ମାନ ଦେବା ଉଚିତ। ଯେତେବେଳେ ଆପଣ ଆଇନାରେ ନିଜକୁ ଦେଖନ୍ତି, ସେତେବେଳେ କ'ଣ ଦେଖନ୍ତି? ମୁଁ ଦେଖେ, ମୁଁ କ'ଣ ନିଷ୍ପତ୍ତି ନେଇଛି। ନିରପେକ୍ଷ ହୋଇ ତର୍ଜମା କରେ। ଉଭୟ ପୁରସ୍କାର ଏବଂ ତ୍ରୁଟିକୁ 'ମୁଁ କିଏ' ଏହାକୁ ପରିଭାଷିତ କରିବାକୁ ଦିଏନାହିଁ। ଜୀବନ ବହୁତ ମୂଲ୍ୟବାନ। ଉଚ୍ଚରେ ଥିଲେ କି ନିଚରେ ଥିଲେ ବି ଉଭୟ ପରିସ୍ଥିତିକୁ ସମ୍ମାନ କରିବା ଉଚିତ। ତେବେ ସୁସ୍ମିତାଙ୍କ ଏହି ପୋଷ୍ଟ ଦେଖି ତାଙ୍କ ବୟଫ୍ରେଣ୍ଡ ରୋହମନ୍ ସାଓଲ୍ ଇମୋଶନାଲ ହୋଇଯାଇଛନ୍ତି। ଏନେଇ ସେ କମେଣ୍ଟରେ ସୁସ୍ମିତାଙ୍କ ପାଇଁ "ଓକେ ଆଇ ଲଭ୍ ୟୁ" ଲେଖିଛନ୍ତି। ସୁସ୍ମିତା-ରୋହମନ୍‌ଙ୍କ ରିଲେଶନଶିପ୍‌କୁ ନେଇ ସୋସିଆଲ ମିଡିଆରେ ସବୁବେଳେ ଚର୍ଚ୍ଚା ଲାଗି ରହିଥାଏ। ଉଭୟ ପରସ୍ପରକୁ ନେଇ ଗମ୍ଭୀର ଥିବା ଅନେକ ପୋଷ୍ଟରୁ ଜଣାପଡ଼ିଛି। ସୁସ୍ମିତାଙ୍କ ଜନ୍ମଦିନ ଅବସରରେ ମଧ୍ୟ ରୋହମନ୍‌ଙ୍କ ସପ୍ରାଇଜ୍ ତାଙ୍କୁ ବହୁତ ଖୁସି କରିଦେଇଥିଲା, ଯେଉଁ ମୁହୂର୍ତ୍ତକୁ ସେ ଶେୟାର ମଧ୍ୟ କରିଥିଲେ।

# ରାମଲାଲାଙ୍କ ସୁନାକଠଉ ତିଆରି କଲେ ମୁସଲମାନ କାରିଗର

**ଜୟପୁର:** ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ଲାଗି ସବୁବେଳେ ପ୍ରୟାସ ଜାରି ରଖିଛନ୍ତି ରାଜସ୍ଥାନର ଜଣେ କାରିଗର ଇକ୍‌ବାଲ ସକ୍କା । ତାଙ୍କୁ ବୟସ ବର୍ତ୍ତମାନ ୫୫ ବର୍ଷ। ଉଦୟପୁର ଖେରାଦିୱାଡ ନିବାସୀ ଏହି କାରିଗର ଅଯୋଧ୍ୟାରେ ପ୍ରସ୍ତାବିତ ଶ୍ରୀରାମ ମନ୍ଦିର ନିର୍ମାଣ ଲାଗି ସୁନାର ଇଟା ଓ ଭଗବାନ ଶ୍ରୀରାମଙ୍କ ପାଇଁ ଦୁଇଟି କଠଉ(ପାଦୁକା)ତିଆରି କରିଛନ୍ତି। କଠଉ ତିଆରି କରିବାକୁ ଇକ୍‌ବାଲଙ୍କୁ ଦୁଇମାସ ଲାଗିଛି। ୫ମିଲିମିଟର ଲମ୍ବ ଓ ୩ ମିଲିମିଟର ଚଉଡ଼ାର ସୁନା ଇଟା ଉପରେ ଶ୍ରୀରାମ ନାମ ଲେଖାଯାଇଛି। ବିଶ୍ୱର ଏହା ସବୁଠାରୁ ଛୋଟ ଇଟା। ୫ ମିଲିମିଟର ଲମ୍ବର ଏକ ସୁନା ଘଣ୍ଟି ମଧ୍ୟ ସେ ପ୍ରସ୍ତୁତ କରିଛନ୍ତି। ଏହି ତିନୋଟି କଳାକୃତିକୁ ୨୦୦ ମିଲିଗ୍ରାମ ଓଜନର ସୁନାରେ ନିଜସ୍ୱ ଖର୍ଚ୍ଚରେ ତିଆରି କରିଛନ୍ତି ଇକ୍‌ବାଲ। ଏଥିରେ ଏତେ ସୂକ୍ଷ୍ମ କରୁକାର୍ଯ୍ୟ କରାଯାଇଛି ଯେ ତାହାକୁ ଖାଲି ଆଖିରେ ଦେଖିବା କଷ୍ଟକର। ଏଥିଲାଗି ଲେନ୍ସ ବ୍ୟବହାର କରିବାକୁ ପଡୁଛି। ଏହି ସବୁ କଳାକୃତିକୁ ସେ ମନ୍ଦିର ଟ୍ରଷ୍ଟକୁ ହସ୍ତାନ୍ତର କରିବେ। ଅଯୋଧ୍ୟାର ସନ୍ଥ ଓ ଉତ୍ତରପ୍ରଦେଶ ସରକାର ଏହାକୁ ଉପଯୋଗ କରିବେ ବୋଲି ତାଙ୍କୁ ଆଶ୍ୱାସନା ଦେଇଛନ୍ତି। ଭବିଷ୍ୟତରେ ଯଦି ଅଯୋଧ୍ୟାରେ ମସ୍‌ଜିଦ ନିର୍ମାଣ କରାଯାଏ ତେବେ ସୁନାର ଇଟା ଦେବେ ଓ ଏହି ଇଟା ଉପରେ ଆଲ୍ଲା ଲେଖାଯିବ ବୋଲି କହିଛନ୍ତି ଇକ୍‌ବାଲ୍ । ଏହାସହ ସେ ମସ୍‌ଜିଦକୁ ଏକ ସୁନାର ଲୋଟା ମଧ୍ୟ ଦେବେ । ଇକ୍‌ବାଲ ତାଙ୍କ ସୂକ୍ଷ୍ମ କାଳାକୃତି ନିମନ୍ତେ ଦେଶବିଦେଶରୁ ୬୫ଟି ପୁରସ୍କାର ପାଇଛନ୍ତି। ଏହା ପୂର୍ବରୁ ସେ ନାଥଦ୍ୱାର ଶ୍ରୀନାଥଜୀ ମନ୍ଦିରକୁ ଭଗବାନ କୃଷ୍ଣଙ୍କ ପାଇଁ ଖଟ ଓ ପଙ୍ଖା ପ୍ରଦାନ କରିଥିଲେ। ୧୬ ବର୍ଷ ବୟସରୁ ଏହି ସୂକ୍ଷ୍ମ କାରୁକାର୍ଯ୍ୟ ତାଙ୍କ ପିତାଙ୍କ ପାଖରୁ ଶିଖିଥିଲେ। ସୁନାର ସବୁଠାରୁ ଲମ୍ବା ଜଞ୍ଜିର ଓ ସବୁଠୁ କମ୍ ଓଜନର ସୁନା ଚେନ ,ସବୁଠୁ ଛୋଟ ପ୍ରଜାପତି , ଚା କେଟିଲ, ମୁଦ୍ରା ଓ ପୁସ୍ତକ ପ୍ରସ୍ତୁତ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ସାମିଲ କରିଛନ୍ତି। ଭାରତରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ କୌଣସି ସମସ୍ୟା ନାହିଁ। ଏଠାରେ ଆମେ ସୁରକ୍ଷିତ ବୋଲି କହିଛନ୍ତି ଇକ୍‌ବାଲ।





# ଚାଇନା ଖେଳନା କ୍ଷତିକାରକ

**ନୂଆଦିଲ୍ଲୀ:** ଭାରତୀୟ ବଜାରରେ 'ମେଡ ଇନ୍ ଚାଇନା' ଖେଳନା ଛାଇ ହୋଇରହିଛି। ଘରେ ଘରେ ପିଲା ଧରିଛନ୍ତି ଚାଇନା ଖେଳନା। ଏହି ଖେଳନାରେ ଥିବା ଧାତବ ପିଲାମାନଙ୍କ ଲାଗି କ୍ଷତିକାରକ ବୋଲି କ୍ୱାଲିଟି କାଉନସିଲ୍ ଅଫ୍ ଇଣ୍ଡିଆ(କ୍ୟୁସିଆଇ)ବା ଭାରତୀୟ ଗୁଣବତ୍ତା ପରିଷଦ ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ଏହା ଏକ ସଂଘାତିକ ଖବର, କାରଣ ଭାରତୀୟ ବଜାରରେ ଉପଲବ୍ଧ ୮୫ ପ୍ରତିଶତ ଖେଳନା ଚାଇନାର। କେନ୍ଦ୍ର ସରକାର ଓ ଭାରତୀୟ ଶିଳ୍ପ ଦ୍ୱାରା ମିଳିତ ଭାବେ ଗଠିତ କ୍ୟୁସିଆଇ ଦର୍ଶାଇଛି ଯେ, ବଜାରରେ ଉପଲବ୍ଧ ୭ ପ୍ରକାର ଖେଳନା ଉପରେ ଅନୁଧ୍ୟାନ କରାଯାଇଥିଲା। ତା' ମଧ୍ୟରୁ ଚାଇନା ଖେଳନା ଭାରତୀୟ ସୁରକ୍ଷା ମାନକ ପରୀକ୍ଷାରେ ଅସଫଳ ହୋଇଥିଲା। ଭାରତୀୟ ବଜାରରେ ଉପଲବ୍ଧ ଚାଇନା ଖେଳନାର ପାଖାପାଖି ୬୭ ପ୍ରତିଶତ ଏହି ପରୀକ୍ଷାରେ କ୍ଷତିକାରକ ବୋଲି ଜଣାପଡିଥିଲା। । ପରେ ଡାଇରେକ୍ଟର ଜେନେରାଲ ଅଫ୍ ଫରେନ୍ ଟ୍ରେଡ୍ (ଡିଜିଏଫ୍‌ଟି) ବା ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ଏଭଳି ନିମ୍ନମାନର ଉତ୍ପାଦକୁ ଆମଦାନୀ କରି ବଜାରରେ ପହଞ୍ଚାଇବା ଲାଗି ପ୍ରକାଶିତ ବିଜ୍ଞପ୍ତିରେ କିଛି ତ୍ରୁଟି ରହିଥିବା ଜାଣିପାରିଛି। ଡିଜିଏଫ୍‌ଟି ଏଥିରେ ସଂଶୋଧନ କରି କଷ୍ଟ୍ୟୁମ ଅଧିକାରୀଙ୍କୁ ପ୍ରତ୍ୟେକ ଖେଳନାର ନମୁନା ପରୀକ୍ଷା ଲାଗି ପଠାଇବାକୁ କହିଛି। ବଜାରରେ ଏହା ପ୍ରବେଶ କରିବା ପୂର୍ବରୁ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ପରୀକ୍ଷା କରାଯିବ। ପ୍ରଥମେ ଅନୁଧ୍ୟାନରୁ ଏହା ଜଣାପଡିଥିଲେ ବି ଏଥିଲାଗି ନିୟମିତ ବ୍ୟବଧାନରେ ଅନୁଧ୍ୟାନର ଆବଶ୍ୟକତା ରହିଛି ବୋଲି କୁହାଯାଇଛି।



# ଚୁଚୁନ୍ଦ୍ରା ବିଶ୍ୱର ସବୁଠୁ ମାରାତ୍ମକ ଜୀବ

**ନୂଆଦିଲ୍ଲୀ:** ସାଧାରଣତଃ ସାପ ଭୟଙ୍କର ବୋଲି ସମସ୍ତେ ଜାଣିଛନ୍ତି। ସାପର ବିଷ ନିମିଷକରେ ମଣିଷର ଜୀବନ ନେଇଯାଏ। ମାତ୍ର ସାପଠାରୁ ବି ଭୟଙ୍କର ଜୀବ ଅଛି। ଆଖିକୁ ଏହି ଜୀବଟି ଛୋଟିଆ ଦେଖାଯାଉଥିଲେ ମଧ୍ୟ ଭାରି ମାରାତ୍ମକ। ତା' ବିଷରେ ମଣିଷର ଜୀବନ ଚାଲିଯିବ। ଏହା ଏମିତି ଏକ ଜୀବ, ୨୦ ମିନିଟ୍ ମଧ୍ୟରେ ନାକ ସାହାଯ୍ୟରେ ବିରାଟ ଗାତ କରିଦିଏ। ୨/୩ ବର୍ଷ ପର୍ଯ୍ୟନ୍ତ ଏହା ବଞ୍ଚିଥାଏ। ଏହାକୁ ବିଶ୍ୱର ସବୁଠୁ ଭୋକିଲା ଜୀବ କୁହାଯାଏ। ଏହି ଜୀବଟି ହେଲା ଚୁଚୁନ୍ଦ୍ରା। ଏହାର ଆଖିକୁ ଭଲ ଭାବରେ ଦେଖାଯାଏ ନାହିଁ ସତ, ଶୁଙ୍ଘିବା ଏବଂ ସ୍ପର୍ଶ କରିବା କ୍ଷମତା ସବୁଠାରୁ ଅଧିକ। ଚୁଚୁନ୍ଦ୍ରା ଏତେ ବିଷାକ୍ତ ଯେ, କେବଳ ପେଚାକୁ ଛାଡ଼ିଦେଲେ ଅନ୍ୟ କୌଣସି ଜୀବଜନ୍ତୁ ଏହାକୁ ଖାଇ ନ ଥାନ୍ତି। ଏହାର ଲାଳରେ ବିଷ ରହିଥାଏ। ଯାହା ସବୁଠୁ ହାନିକାରକ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି।



# 'ଗଙ୍ଗୁବାଇ କାଠିୟାୱାଡ଼ି'ର ଶୁଟିଂ ଆରମ୍ଭ କଲେ ଆଲିୟା

**ମୁମ୍ବାଇ:** ଶେଷରେ ଆଲିୟା ଭଟ୍ଟଙ୍କ ଫ୍ୟାନ୍‌ମାନଙ୍କ ଅପେକ୍ଷାର ଅନ୍ତ ଘଟିଛି। ସେ ସଞ୍ଜୟ ଲୀଲା ଭନ୍‌ସାଲିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଗଙ୍ଗୁବାଇ କାଠିୟାୱାଡ଼ି'ର ଶୁଟିଂ ଆରମ୍ଭ କରିଦେଇଛନ୍ତି। ପ୍ରଥମଥର ପାଇଁ ଆଲିୟା ଭନ୍‌ସାଲିଙ୍କ ଫିଲ୍ମରେ କାମ କରୁଛନ୍ତି। ସେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଫିଲ୍ମର ଶୁଟିଂ ଆରମ୍ଭ ହୋଇଯାଇଥିବା ନେଇ ସୂଚନା ଦେଇଛନ୍ତି। ନିକଟରେ ଆଲିୟା ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ଭ୍ୟାନିଟି ଡୋର୍‌ରେ 'ଗଙ୍ଗୁବାଇ' ଲେଖାଥିବା ଦେଖିବାକୁ ମିଳିଛି। ଏହାସହ କ୍ୟାପ୍‌ଶନରେ ସେ ଲେଖିଛନ୍ତି, "ଦେଖନ୍ତୁ, ଚଳିତବର୍ଷ ସାଣ୍ଟା ମୋତେ କ'ଣ ଦେଇଛନ୍ତି"। ଫିଲ୍ମ 'ପଦ୍ମାବତ୍' ପରେ ସଞ୍ଜୟ ଲୀଲା ଭନ୍‌ସାଲି 'ଗଙ୍ଗୁବାଇ କାଠିୟାୱାଡ଼ି' ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମଟି ୨୦୨୦ ସେପ୍ଟେମ୍ବରରେ ରିଲିଜ୍ ହେବ। ଅନ୍ୟପଟେ ଆଲିୟା ଶେଷ ଥର କରଣ ଜୋହରଙ୍କ ମଲ୍‌ଟି ଷ୍ଟାରର ଫିଲ୍ମ 'କଲଙ୍କ୍'ରେ ନଜରକୁ ଆସିଥିଲେ।



# ସ୍ମୃତିରେ ୨୦୧୯

୧୬ ମାର୍ଚ୍ଚ




୧୯ ଜାନୁୟାରୀ




୪ ଡିସେମ୍ବର




୭ ସେପ୍ଟେମ୍ବର




## ଚର୍ଚ୍ଚିତ ବ୍ୟଙ୍ଗ ଚିତ୍ର

ବର୍ଷ ୨୦୧୯ ଥିଲା ଘଟଣା ବହୁଳ । ଏହି ସମୟରେ ସାମାଜିକ, ରାଜନୈତିକ, ପ୍ରଶାସନିକ, ପରିବେଶଗତ ଆଦି ବିବିଧ ପ୍ରସଙ୍ଗକୁ ଧରିତ୍ରୀ ବ୍ୟଙ୍ଗଚିତ୍ର (କାର୍ଟୁନ)ରେ ସ୍ଥାନ ଦେଇଥିଲା । ବିଦାୟୀବର୍ଷର ଏଭଳି କିଛି ଚର୍ଚ୍ଚିତ ଚିତ୍ରକୁ ସ୍ମରଣୀୟ କରିବା ଲାଗି ଏଇ ପୃଷ୍ଠାର ପରିକଳ୍ପନା।

କାର୍ଟୁନିଷ୍ଟ: ଉତ୍କଳ ଗୌରବ

୮ ନଭେମ୍ବର




୧୩ ଫେବୃୟାରି




୯ ଜାନୁୟାରୀ




୧ ଜୁଲାଇ




୨୯ ଜୁନ୍




୮ ମେ




୨୦ ଫେବୃୟାରୀ




୧୧ ନଭେମ୍ବର




୨୨ ଜାନୁୟାରୀ





# ଆନାକୋଣ୍ଡା ମଡ଼କ

ବାଘ, ହାତୀ ପରେ ବର୍ଷର ଶେଷ ଆଡକୁ ଆନାକୋଣ୍ଡା ମଡ଼କ ଦେଖାଦେଇଥିଲା। ନଭେମ୍ବର ୨୮ରେ ଓ ୩୦ରେ ଦୁଇଟି ହଳଦିଆ ଆନାକୋଣ୍ଡାର ମୃତ୍ୟୁ ଘଟିଥିଲା। ଅନ୍ତନଳୀ ସଂକ୍ରମିତ ହେବା ସହ ରକ୍ତଝାଡ଼ା ହେଉଥିଲେ ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। କର୍ମଚାରୀଙ୍କ ଦାୟିତ୍ୱହୀନତା ଓ ଡାକ୍ତରଙ୍କ ରୋଗ ନିରୂପଣ କରିବାରେ ବିଫଳତାକୁ ଦାୟୀ କରାଯାଇଥିଲା। ଏହି ସମୟରେ ପ୍ରାଣୀ ଉଦ୍ୟାନରେ ଥିବା ଆଉ ୩ ଆନାକୋଣ୍ଡା ଅସୁସ୍ଥ ହୋଇପଡିବାରୁ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଥିଲା। ଫଳରେ ଅନ୍ୟ ସାପଗୁଡିକୁ ପର୍ଯ୍ୟଟକଙ୍କଠାରୁ ଦୂରେଇ ରଖାଯାଇଥିଲା।

## ଶାଗୁଣା ଅଣ୍ଡାରୁ ବାହାରିଲା ପ୍ରଥମ ଛୁଆ

ନନ୍ଦନକାନନରେ ରହିଛି ଶାଗୁଣା ପ୍ରଜନନ କେନ୍ଦ୍ର। ମାର୍ଚ୍ଚ ୧ରେ ଗୋଟିଏ ଶାଗୁଣା ଦେଇଥିବା ଅଣ୍ଡାରୁ ପ୍ରଥମ ଛୁଆ ବାହାରିଥିଲା। ୨୦୧୮ ନଭେମ୍ବର ୨୭ରେ ଗ୍ୱାଲିୟରରୁ ୧୨ ଲମ୍ବା ଥଣ୍ଟିଆ ଶାଗୁଣା ଉପହାରସ୍ୱରୂପ ନନ୍ଦନକାନନ ଆସିଥିଲା। ଏଥିମଧ୍ୟରୁ ଗୋଟିଏ ଶାଗୁଣା ଜାନୁୟାରୀ ୨ରେ ଅଣ୍ଡା ଦେଇଥିଲା। ୫୮ଦିନ ଉଷୁମାଇବା ପରେ ଛୁଆ ବାହାରିଥିଲା। ଅଣ୍ଡାଠାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ସିସିଟିଭି ଦ୍ୱାରା ନଜର ରଖାଯାଇଥିଲା।





# ହର୍ପିସ୍ ହରର୍

## ୨୬ ଦିନରେ ୪ ହାତୀ ମୃତ୍ୟୁ

ବାତ୍ୟା ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ହର୍ପିସ୍ ଭାଇରସ୍ ଘାତକ ସାଜିଥିଲା। ୨୬ ଦିନରେ ୪ ହାତୀଙ୍କ ଜୀବନ ନେଇଥିଲା। ପ୍ରଥମେ ଅଗଷ୍ଟ ୨୫ରେ ହାତୀ 'ଜୁଲି' ହର୍ପିସ୍‌ରେ ଆକ୍ରାନ୍ତ ହୋଇ ଆଖି ବୁଜିଥିବାବେଳେ ସେପ୍ଟେମ୍ବର ୧୫ରେ ଏକମାତ୍ର ଦନ୍ତା 'ଚନ୍ଦନ', ୧୯ରେ ୭ବର୍ଷର ମାଈ ହାତୀ 'କମଳା' ଓ ୨୦ ତାରିଖରେ ଅନ୍ୟ ଏକ ମାଈ ହାତୀ 'ଗୌରୀ'ର ମୃତ୍ୟୁ ଘଟିଥିଲା। ଏହି ଭାଇରସ୍‌ରେ ହାତୀମାନେ ଆକ୍ରାନ୍ତ ହେବା ପରେ ପ୍ରଥମେ ଦୁର୍ବଳ ହୋଇପଡିଥିଲେ। ଦେହର ରଙ୍ଗ ବଦଳିବା ସହ ଜିଭ ରକ୍ତାକ୍ତ ଦିଶିଥିଲା। ଧୀରେ ଧୀରେ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ଘୁମାଇ ଘୁମାଇ ଶେଷରେ ସବୁଦିନ ପାଇଁ ଆଖିବୁଜି ଦେଇଥିଲେ ଏସବୁ ହାତୀ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରାଯାଇଥିଲା। ପରେ ଅନ୍ୟ ୪ ହାତୀ ପ୍ରେମା, ବାସନ୍ତୀ, ହୀରା ଓ ଶାବକ ମାମାକୁ ସୁରକ୍ଷିତ ସ୍ଥାନରେ ରଖାଯାଇଥିଲା। ତେବେ ହର୍ପିସର କୌଣସି ନିର୍ଦ୍ଦିଷ୍ଟ ପ୍ରତିଷେଧକ ନ ଥିବାରୁ ନନ୍ଦନକାନନରେ ହାତୀବଂଶ ପ୍ରତି ବିପଦ ମାଡ଼ି ଆସିଥିଲା। ପରେ କେନ୍ଦ୍ରୀୟ ଚିଡ଼ିଆଖାନା ଓ ଅନ୍ୟ ରାଜ୍ୟର ବିଶେଷଜ୍ଞ ଟିମ୍ ନନ୍ଦନକାନନ ଆସି ଅନୁଧ୍ୟାନ କରିଥିଲେ।

## ଡେଇଁଥିଲା ଭାଇରସ୍

ଜଙ୍ଗଲରୁ ନନ୍ଦନକାନନକୁ 'ହର୍ପିସ୍' ଭାଇରସ୍ ଡେଇଁଥିବା ବିଭିନ୍ନ ସମୟରେ ଚର୍ଚ୍ଚା ହେଉଛି। ଜଙ୍ଗଲରେ ଛୁଆ ହେଉ କି ବଡ଼ ହାତୀ ଅସୁସ୍ଥ ହେବା ପରେ ଚିକିତ୍ସା ପାଇଁ ନନ୍ଦନକାନନ ଅଣାଯାଇଥାଏ। ସୁସ୍ଥ ହେବା ପରେ କେତେକ ହାତୀକୁ ହାତୀ ସଫାରିରେ ରଖାଯାଇଥାଏ। ଅନ୍ୟପକ୍ଷରେ ହାତୀ ସଫାରିରେ ଥିବା ହାତୀ ଅସୁସ୍ଥ ହେଲେ ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥାଏ। ଏହି ସମୟରେ ହର୍ପିସ୍ ଭାଇରସ୍ ଅନ୍ୟ ହାତୀ ଓ ଜୀବଜନ୍ତୁଙ୍କୁ ଡେଇଁଥାଇପାରେ ବୋଲି ଅନୁମାନ କରାଯାଉଛି। ଅକ୍ଟୋବର ୧ରେ ଚନ୍ଦକା-ଡମପଡ଼ା ହାତୀ ଅଭୟାରଣ୍ୟ ନିକଟ ବାଆଁରା ଗ୍ରାମଠାରେ ୧୦ବର୍ଷର ମାଈ ହାତୀର ମୃତ୍ୟୁ ଘଟିଥିଲା। ହାତୀ ଶରୀରରେ ହର୍ପିସ୍ ଭାଇରସ୍ ରହିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା। ସେହିପରି ଚନ୍ଦକା ସମେତ ଅନ୍ୟ ଜଙ୍ଗଲରେ ମରୁଥିବା ହାତୀ ହର୍ପିସ୍‌ରେ ଆକ୍ରାନ୍ତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି।





# ସଂକଟରେ ବାଘ

## ରୋଶନ, ପ୍ରିୟଙ୍କା ପରେ ଶୁଭ୍ରାଂଶୁ ଆଖିବୁଜିଲା

ହାତୀ ମୃତ୍ୟୁ ପୂର୍ବରୁ ପ୍ରାଣୀ ଉଦ୍ୟାନରେ ଆରମ୍ଭ ହୋଇଯାଇଥିଲା ବାଘ ମଡ଼କ। ବର୍ଷ ଆରମ୍ଭରୁ ନନ୍ଦନକାନନରେ ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିବା ବାଘମାମୁର ଜୀବନ ପ୍ରତି ବିପଦ ଘନେଇ ଆସିଥିଲା। ଗୋଟିକ ପରେ ଗୋଟିଏ ବାଘ ସଂକ୍ରମଣର ଶିକାର ହୋଇ ଆଖି ବୁଜିଥିଲେ। ପ୍ରଥମେ ଫେବୃୟାରୀ ୨୧ରେ ୧୭ବର୍ଷୀୟ ମହାବଳ 'ରୋଶନ'ର ମୃତ୍ୟୁ ଘଟିଥିଲା। ମୃତ୍ୟୁର ୧୭ଦିନ ପୂର୍ବରୁ ସେ ଅସୁସ୍ଥ ହୋଇପଡିଥିଲା। ପଛଗୋଡ଼କୁ ପାରାଲିସିସ୍ ହୋଇଥିଲା। ଟ୍ରାପାନୋସୋମିଆସିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ନନ୍ଦନକାନନରେ ଜନ୍ମ ନେଇଥିବା ରୋଶନ ଦେଢ଼ବର୍ଷର ହୋଇଥିବାବେଳେ ତା'ର ଦୁଇ ଆଖିକୁ ଦେଖାଯାଇ ନ ଥିଲା। ବିଭିନ୍ନ ବାଘୁଣୀଙ୍କ ସହ ମିଳନ ପରେ ୧୦ ବାଘଛୁଆ ପାଇଥିଲା ନନ୍ଦନକାନନ। ଅଗଷ୍ଟ ୧୨ରେ ନାଲି ବାଘୁଣୀ ପ୍ରିୟଙ୍କାର ମୃତ୍ୟୁ ଘଟିଥିଲା। ରାଗୀ ସ୍ୱଭାବର ପ୍ରିୟଙ୍କା ଲଢ଼େଇରେ ଲାଞ୍ଜ ହରାଇ ପର୍ଯ୍ୟଟକଙ୍କର ଅନ୍ୟତମ ଆକର୍ଷଣ ପାଲଟିଥିଲା। ଜୀବନକାଳରେ ୬ଟି ଛୁଆ ଜନ୍ମ ଦେଇଥିଲେ ମଧ୍ୟ ୫ଟିର ମୃତ୍ୟୁ ଘଟିଥିଲା। ସେହିପରି ଧଳା ମହାବଳ ବାଘ 'ଶୁଭ୍ରାଂଶୁ' ସଂକ୍ରମଣର ଶିକାର ହୋଇ କିଛିଦିନ ଧରି ଅସୁସ୍ଥ ରହିବା ପରେ ଅକ୍ଟୋବର ୧୫ରେ ଆଖିବୁଜିଥିଲା। ଫଳରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସପାଇ ୨୫ରେ ପହଞ୍ଚିଛି।



୨୦୧୯ ଥିଲା ପ୍ରାଣୀଉଦ୍ୟାନ ନନ୍ଦନକାନନ ପାଇଁ ଦୁଃଖଦ ବର୍ଷ। ଭାଇରସ୍ ହର୍ପିସ୍ ଘାତକ ସାଜି ନେଇଥିଲା ଗୋଟିଏ ପରେ ଗୋଟିଏ ହାତୀର ଜୀବନ। ସେହିପରି ବାଘ ରୋଶନ, ପ୍ରିୟଙ୍କା ଓ ଶୁଭ୍ରାଂଶୁଙ୍କ ମୃତ୍ୟୁ ପ୍ରାଣୀପ୍ରେମୀଙ୍କୁ ଗଭୀର ଦୁଃଖ ଦେଇଥିଲା। ପ୍ରକୃତି ମଧ୍ୟ କୋପ ଦେଖାଇଥିଲା। ବାତ୍ୟା ଫନୀ ଏହାର ଅନ୍ତେବାସୀଙ୍କୁ ବିପଦମୁଖରେ ପକାଇବା ସହ ସୌନ୍ଦର୍ଯ୍ୟକୁ ନଷ୍ଟ କରିଦେଇଥିଲା। ବର୍ଷ ସାରା ବିଭିନ୍ନ ସମୟରେ ୬୦ ପ୍ରାଣୀଙ୍କ ମୃତ୍ୟୁ ଦୁଃଖ ଭରିଦେଇଥିଲାବେଳେ ୨୫୮ ଜୀବଜନ୍ତୁଙ୍କ ଜନ୍ମ ଖୁସି ଆଣିଦେଇଥିଲା।

## ବାଘ ଏନ୍‌କ୍ଲୋଜର ଜଳାଶୟରେ କୁମ୍ଭୀର

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୩(ବି) ନଂ. ଏନ୍‌କ୍ଲୋଜର ଭିତରେ ଥିବା କୃତ୍ରିମ ଜଳାଶୟରେ ଜାନୁୟାରୀ ୮ ଅପରାହ୍ଣରେ କେତେଜଣ ବଙ୍ଗୀୟ ପର୍ଯ୍ୟଟକ ଏକ ଛୋଟ କୁମ୍ଭୀର ଦେଖିବାକୁ ପାଇଥିଲେ। ସେମାନେ ଏନ୍‌କ୍ଲୋଜର ଆଗରେ ଛିଡ଼ା ହୋଇ ଧଳାବାଘ ସମ୍ରାଟକୁ ଦେଖୁଥିବା ବେଳେ ହଠାତ୍ ଜଳାଶୟରେ କୁମ୍ଭୀର ଦେଖି ହୋହଲ୍ଲା କରିଥିଲେ। ସଙ୍ଗେ ସଙ୍ଗେ ନନ୍ଦନକାନନ ପକ୍ଷରୁ ଏକ ଟିମ୍ ଆସି ପ୍ରଥମେ ବାଘ ସମ୍ରାଟକୁ ଫିଡିଂ ଚାମ୍ବର ଭିତରେ ପୂରାଇଥିଲା। ଏହାପରେ କୁମ୍ଭୀର ଧରିବା ଅଭିଯାନ ଆରମ୍ଭ ହୋଇଥିଲା।



## ମରିଗଲା ଆମେରିକା ଏଣ୍ଡୁଅ 'ଲାଲ ଇଗୁଆନା'

ନନ୍ଦନକାନନରେ ରହିଥିବା ଆମେରିକାର ମାଈ ଏଣ୍ଡୁଅ 'ଲାଲ ଇଗୁଆନା'ର ମାର୍ଚ୍ଚ ୫ରେ ମୃତ୍ୟୁ ଘଟିଥିଲା। ଏହାର ବୟସ ୪ବର୍ଷ ହୋଇଥିବା ବେଳେ ୪୪ନଂ. ଏନ୍‌କ୍ଲୋଜରରେ ରହି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଥିଲା।

# ଖୁସି ଦେଇଥିଲେ ନୂଆ ସଦସ୍ୟ

## ଦୁଇ ଛୁଆ ଜନ୍ମ ଦେଲା ବଜ୍ରକାପ୍ତା

ଶିକାର ଓ ଚୋରା ଚାଲାଣ ଯୋଗୁ ଓଡ଼ିଶାରେ ବଜ୍ରକାପ୍ତା ବଂଶ ବିପଦ ମୁହଁକୁ ଠେଲି ହୋଇଯାଉଛି। ନନ୍ଦନକାନନ କର୍ତ୍ତୃପକ୍ଷ ଏହି ଦୁର୍ଲଭ ଜଙ୍ଗଲୀ ପ୍ରାଣୀର ସୁରକ୍ଷା ଓ ପ୍ରଜନନ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫେବୃୟାରୀ ୧୬ରେ ପ୍ରଜନନ କେନ୍ଦ୍ରରେ ଦୁଇ ବଜ୍ରକାପ୍ତା ଛୁଆ ଜନ୍ମ ନେଇଥିଲେ। ଏହି ପ୍ରଜନନ କେନ୍ଦ୍ରଟି ବିଶ୍ୱର ପ୍ରଥମ ହୋଇଥିବାବେଳେ ଛୁଆ ଜନ୍ମ ମଧ୍ୟ ପ୍ରଥମ ଥିଲା।



ଜୁନ୍ ୧ରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏକାସଙ୍ଗେ ଦୁଇଟି ଜୀବଙ୍କ ଶାବକ ଜନ୍ମ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ନୀଳଗିରି ଲାଙ୍ଗୁର ବାନର ଏବଂ ଦ୍ୱିତୀୟଟି ଥିଲା ଜଳହସ୍ତୀ।

# ବିପଦରେ ବାନର ବଂଶ



## ଛାଡ଼ି ଚାଲିଗଲା ବିନି

ନନ୍ଦନକାନନର ଅନ୍ୟତମ ଆକର୍ଷକ ସାଜିଥିବା ୪୧ ବର୍ଷୀୟ ଓରାଂଉଟାନ 'ବିନି'ର ମେ ୨୯ରେ ମୃତ୍ୟୁ ଘଟିଥିଲା। ମୃତ୍ୟୁର ବର୍ଷକ ପୂର୍ବରୁ ତା'ର ଖାଦ୍ୟଥଳିରେ ଘା' ହୋଇ ଧୀରେ ଧୀରେ ସଂକ୍ରମଣ ହୋଇଯାଇଥିଲା। ବାର୍ଦ୍ଧକ୍ୟ ଗ୍ରାସ ଓ ସାଥୀ ନ ଥିବା ସତ୍ତ୍ୱେ ସେ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନ କରିଆସୁଥିଲା। ତାକୁ ୨୫ବର୍ଷ ହୋଇଥିବାବେଳେ ୨୦୦୩ ନଭେମ୍ବର ୨୦ରେ ପୁଣେ ଚିଡ଼ିଆଖାନାରୁ ଅଣାଯାଇଥିଲା।

## ଅଣ୍ଡିରାକୁ ଝୁରି ମରିଗଲା ମାଈ ନୀଳଗିରି ଲାଙ୍ଗୁର

ମେ ୩୧ରେ ଅଣ୍ଡିରା ନୀଳଗିରି ଲାଙ୍ଗୁର ବାନରର ମୃତ୍ୟୁ ଘଟିଥିଲା। ଲାଙ୍ଗୁରଟି ଡାଇରିଆ ସହ ଜ୍ୱରରେ ଆକ୍ରାନ୍ତ ହୋଇଥିଲା। ତାକୁ ୧୭ବର୍ଷ ହୋଇଥିବାବେଳେ ୨୦୧୭ ସେପ୍ଟେମ୍ବର ୨୬ରେ ଚେନ୍ନାଇସ୍ଥିତ ଆରିଗିନାର ଆନ୍ନା ଜୁଲୋଜିକାଲ ପାର୍କରୁ ସାଥୀ ମାଈ ନୀଳଗିରି ଲାଙ୍ଗୁର ସହ ଏଠାକୁ ଅଣାଯାଇଥିଲା। କିନ୍ତୁ ଏକୁଟିଆ ହୋଇଯାଇଥିବା ମାଈ ନୀଳଗିରି ଲାଙ୍ଗୁର ଇତିମଧ୍ୟରେ ଏକ ଛୁଆ ଜନ୍ମ କରିଥିଲେ ମଧ୍ୟ ବେଶିଦିନ ରହିପାରି ନ ଥିଲା। ଅଣ୍ଡିରାକୁ ଝୁରି ଝୁରି ସେପ୍ଟେମ୍ବର ୨୩ରେ ଆଖିବୁଜିଥିଲା। ଅନ୍ୟପକ୍ଷରେ ମାଙ୍କଡ଼ ପ୍ରଜାତିର ସବୁଠୁ ଛୋଟ ମାଈ କଳା ମାର୍ମୋସେଟ୍‌ର ଜୁନ୍ ୧୫ରେ ମୃତ୍ୟୁ ହୋଇଥିଲା। ଏହାର ପୂର୍ବଦିନ ସାଥୀ ମାର୍ମୋସେଟ୍ ସହ ମାଡ଼ଗୋଳବେଳେ ତା'ର ଲାଞ୍ଜ ଭାଙ୍ଗିଯିବାରୁ ଚିକିତ୍ସିତ ହେଉଥିଲା।


ବିନି

# ହାମିଲଟନ, ନାଡ଼ାଲ, ମେସିଙ୍କ ଚମକ

୨୦୧୯ ଏବେ ଶେଷ ପାହାଚରେ। ବିଶ୍ୱ କ୍ରୀଡ଼ା ପାଇଁ ଏହି ବର୍ଷ ବେଶ୍ ଗୁରୁତ୍ୱ ବହନ କରୁଛି। ବ୍ରିଟିଶ ଫର୍ମୁଲା-୧ ଡ୍ରାଇଭର ଲୁଇସ ହାମିଲଟନ ଷଷ୍ଠଥର ପାଇଁ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବା ଉଲ୍ଲେଖନୀୟ ଘଟଣାଥିଲା। ସେହିପରି ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ବ୍ୟକ୍ତିଗତ ଓ ଦଳଗତ ଭାବେ ଆଶାତୀତ ସଫଳତା ପାଇଛନ୍ତି। ସ୍ପେନ୍ ଟେନିସ ଲିଜେଣ୍ଡ ରାଫାଲ ନାଡ଼ାଲ ମଧ୍ୟ ପଛରେ ପଡିନାହାନ୍ତି। ଇଂଲଣ୍ଡ ପ୍ରଥମଥର ଦିନିକିଆ ବିଶ୍ୱକପ୍ ଜିତିବା ମଧ୍ୟ ବଦାୟୀ ବର୍ଷ ପାଇଁ ଏକ ବଡ଼ ଉପଲବ୍ଧି ଥିଲା।

## ନାଡାଲଙ୍କ ଫ୍ରେଞ୍ଚ୍ ରେକର୍ଡ

ରେକର୍ଡ ୧୨ଥର ପାଇଁ ରାଫାଲ ନାଡାଲ ଜିତିଲେ ଫ୍ରେଞ୍ଚ୍ ଓପନ ଟାଇଟଲ। କ୍ୟାରିୟରରେ ପଞ୍ଚମଥର ପାଇଁ ନାଡାଲ ବର୍ଷ ଶେଷରେ ଏଟିପି ର୍ୟାଙ୍କିଙ୍ଗ୍ ଶୀର୍ଷରେ ରହିଛନ୍ତି। ନୋଭାକ ଜୋକୋଭିଚ୍ ଜିତିଲେ ରେକର୍ଡ ସପ୍ତମ ଅଷ୍ଟ୍ରେଲିଆ ଓପନ୍ ଟାଇଟଲ। ୨୧ ବର୍ଷରେ ନାଓମି ଓସାକା ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ। ଛକା ମାରିବାରେ କ୍ରିସ୍ ଗେଲ (୪୭୭) ସୟିଦ ଆଫ୍ରିଦି(୪୭୬)ଙ୍କୁ ପଛରେ ପକାଇଛନ୍ତି। ନ୍ୟୁଜିଲାଣ୍ଡ ଏମ୍‌ସିସି ସ୍ପିରିଟ୍ ଅଫ୍ କ୍ରିକେଟ ପୁରସ୍କାର ଜିତିଲା। ରେକର୍ଡ ପଞ୍ଚମଥର ପାଇଁ ଜୋକୋଭିଚ୍ ଜିତିଲେ ପ୍ୟାରିସ୍ ମାଷ୍ଟର୍ସ ଟାଇଟଲ। ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ ମେକ୍ସିକୋକୁ ୨-୧ ଗୋଲରେ ହରାଇ ବ୍ରାଜିଲ ଚତୁର୍ଥଥର ପାଇଁ ଚାମ୍ପିୟନ। ୟୁରୋପିଆନ ଚାମ୍ପିୟନଶିପ୍‌ରେ କ୍ରିଷ୍ଟିଆନୋ ରୋନାଲ୍ଡୋ ୭୦୦ତମ ଗୋଲ ସ୍କୋର କଲେ। ଟି୨୦ରେ କ୍ରିସ୍ ଗେଲ ୧୦୦ଥର ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୧ ବର୍ଷରେ ବାର୍ସିଲୋନାକୁ ଅଷ୍ଟମ ଲା ଲିଗା ଟାଇଟଲ। କୋପା ଆମେରିକାରେ ପେରୁକୁ ହରାଇ ବ୍ରାଜିଲ ଚାମ୍ପିୟନ। ଫିଫା ମହିଳା ବିଶ୍ୱକପ୍‌ରେ ନେଦରଲାଣ୍ଡକୁ ହରାଇ ଆମେରିକା ଜିତିଲା ଚତୁର୍ଥ ଟାଇଟଲ। ୮୭୬ ଓଭର ବୋଲିଂ କରିବା ପରେ କ୍ରିସ୍ ୱୋକ୍ସ ପ୍ରଥମ ନୋ ବଲ ପକାଇ ରେକର୍ଡ କରିଛନ୍ତି।



ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ ଗ୍ରେମ୍ସ ସ୍ମିଥ୍। ବାନ୍ଧବୀ ଶିସ୍କା ପେରେଲୋଙ୍କୁ ବିବାହ କଲେ ରାଫାଲ ନାଡ଼ାଲ। ଆମେରିକା ମହିଳା ଟେନିସ ତାରକା ସ୍ଲୋଆନେ ଷ୍ଟିଫେନ୍ସ ଓ ଫୁଟବଲର ଜୋଜି ଅଲଟିଡୋରଙ୍କ ନିର୍ବନ୍ଧ। ତୃତୀୟ ସନ୍ତାନର ପିତା ହେଲେ ଡେଭିଡ ୱାର୍ନର। କ୍ରୀଡ଼ା ଦମ୍ପତି ତଥା ରେସଲର ଗୀତା ଫୋଗତ ଓ ପବନ କୁମାର ପୁତ୍ର ସନ୍ତାନର ପିତା/ମାତା ହେବାର ଗୌରବ ଲାଭ କରିଛନ୍ତି।

## ସ୍ମିଥ୍‌ଙ୍କ ଦ୍ୱିତୀୟ ବିବାହ



## ଫିଫା ପ୍ଲେୟାର ଅଫ୍ ଦି ଇୟର ଲିଓନେଲ ମେସି



ଲିଓ ନେଲ ମେସି ଫିଫା ପ୍ଲେୟାର ଅଫ୍ ଦି ଇୟର ବିବେଚିତ। ମେସି ଲା ଲିଗାରେ ୩୪ତମ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ମେସିଙ୍କୁ ଷଷ୍ଠ ବାଲୋନ ଡି ଓର ପୁରସ୍କାର। ମେସିଙ୍କୁ ୟୁରୋପର ତୃତୀୟ ଗୋଲ୍ଡେନ ବୁଟ୍ ପୁରସ୍କାର। ମେଲାନ ରାପିନୋ ଶ୍ରେଷ୍ଠ ମହିଳା ଫୁଟବଲର ବିବେଚିତ। ପ୍ୟାଟ୍ କୁମିନ୍ସଙ୍କୁ ଆଲନ ବର୍ଡର ମେଡାଲ। ନେଦରଲାଣ୍ଡର ଇଭା ଡି ଗେଡେ ଓ ବେଲଜିୟମର ଆର୍ଥର ଭାନ ଡୋରେନ ଏଫ୍‌ଆଇଏଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ। ଜୋକୋଭିଚ୍‌ଙ୍କୁ ଲୌରିୟସ କ୍ରୀଡ଼ା ସମ୍ମାନ। ବେନ୍ ଷ୍ଟୋକ୍ସ ବିବିସି ପର୍ସନାଲିଟି ଅଫ୍ ଦି ଇୟର। ଟାଇଗର ଉଡ୍ସଙ୍କୁ ଆମେରିକାର ସର୍ବୋଚ୍ଚ ବେସାମରିକ (ୟୁଏସ୍ ପ୍ରେସିଡେନ୍‌ସିଆଲ) ମେଡାଲ ଅଫ୍ ଫ୍ରିଡମ ସମ୍ମାନ। ବେନ୍ ଷ୍ଟୋକ୍ସଙ୍କୁ ମିଳିଲା ନାଇଟ ଉପାଧି। ଜେଫ୍ରି ବୟକଟ ଓ ଆଣ୍ଡ୍ର୍ୟୁ ଷ୍ଟ୍ରାସଙ୍କୁ ନାଇଟ ଉପାଧି।

## ବିଦାୟ ଭିଲା

୨ଥର ଅଲିମ୍ପିକ୍ ଚାମ୍ପିୟନ ନିକୋଲା ଆଡମ୍ସ ଅନ୍ତର୍ଜାତୀୟ ବକ୍ସିଂରୁ ଅବସର ନେଲେ। ସ୍ପେନ୍ ତାରକା ଫୁଟବଲର ଡେଭିଡ ଭିଲାଙ୍କ ଅବସର। ଇଂଲଣ୍ଡ ମହିଳା ଅଲରାଉଣ୍ଡର ଜେନି ଗନଙ୍କ ଅବସର ଘୋଷଣା। ବ୍ୟାଡମିଣ୍ଟନରୁ ଚାଇନାର ଲୁ ଜୁଇ ରୁଇଙ୍କ ଅବସର ଘୋଷଣା। ଡେଭିଡ ଫେରରଙ୍କ ଅବସର। ଡବଲ୍ ଅଲିମ୍ପିକ୍ ଚାମ୍ପିୟନ (ବାଇଆଥଲନ) ଲାଉରା ଡାହଲମେରଙ୍କ ଅବସର ଘୋଷଣା। ପୂର୍ବତନ ଅଲିମ୍ପିକ ସନ୍ତରଣ ଚାମ୍ପିୟନ ରୁଟା ମେଇଲୁରାଟଇ ଅବସର ଘୋଷଣା କରିଛନ୍ତି। ନେଦରଲାଣ୍ଡ ଫୁଟବଲର ଅର୍ଜେନ ରୋବେନଙ୍କ ଅବସର। ଅମ୍ପାୟର ଇଆନ ଗୋଲ୍ଡଙ୍କ ଅବସର। ପାକ ଚୟନକମିଟି ମୁଖ୍ୟ ପଦରୁ ଇଞ୍ଜାମାମଙ୍କ ଇସ୍ତଫା। ଟେଷ୍ଟ କ୍ରିକେଟରୁ ମହମ୍ମଦ ଆମୀରଙ୍କ ଅବସର। ଶ୍ରୀଲଙ୍କା ବିସ୍ମୟ ସ୍ପିନର ଅଜନ୍ତା ମେଣ୍ଡିସଙ୍କ ଅବସର।



ଭିଲା



ଅଖତର



କନେରିଆ

## କନେରିଆଙ୍କୁ ଅବହେଳା

ଆଇସିସି ଆଚରଣବିଧି ଉଲ୍ଲଂଘନ କରି ପୂର୍ବତନ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ସନତ ଜୟସୁରିୟା ଦୁଇ ବର୍ଷ ବାସନ୍ଦ। ହିନ୍ଦୁ ହୋଇଥିବାରୁ ପାକିସ୍ତାନସ୍ପିନର ଡାନିସ କନେରିଆଙ୍କୁ ଖରାପ ବ୍ୟବହାର କରୁଥିଲେ ସାଥୀ ପାକିସ୍ତାନୀ ଖେଳାଳି। ଏ ନେଇ ସୋଏବ ଅଖତର ମୁହଁ ଖୋଲିଛନ୍ତି। ପୂର୍ବତନ ୟୁଇଏଫ୍ଏ ମୁଖ୍ୟ ମାଇକେଲ ପ୍ଲାଟିନି ଗିରଫ। ସାଥୀ ଖେଳାଳି ଆକ୍ରମଣ କରି ବାଂଲାଦେଶ ଦ୍ରୁତବୋଲର ଆରାଫତ ସନ୍ନୀ ବାସନ୍ଦ। ହଙ୍ଗେରୀ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଜୋଲ୍ଟ ବୋର୍କାଇଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ। ବିବାଦୀୟ ଢଙ୍ଗରେ ଟେଷ୍ଟ, ଟି୨୦ ପାକିସ୍ତାନ ଅଧିନାୟକ ପଦ ଛାଡିଲେ ସର୍ଫରାଜ ଅହମ୍ମଦ। ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ଗୁଲାମ ବୋଦୀ ଦୁର୍ନୀତି ଅଭିଯୋଗରେ ୫ ବର୍ଷ ବାସନ୍ଦ। ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ ହାସନ ଆଇସିସି ଦ୍ୱାରା ୨ ବର୍ଷ ବାସନ୍ଦ। ମଦ୍ୟପାନ କରି ଗାଡି ଚଳାଇ ଶ୍ରୀଲଙ୍କା ଅଧିନାୟକ ଦିମୁଥ କରୁଣାରତ୍ନେ ଗିରଫ। ଆଫଗାନ କ୍ରିକେଟ ଅଧିନାୟକ ଅସଘର ଆଫଗାନ ବହିଷ୍କୃତ। ଲିନ୍ ଡାନ ଜିତିଲେ ମାଲେସିଆନ୍ ଓପନ୍। ଶୃଙ୍ଖଳା ଭଙ୍ଗ କରି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଆଲେକ୍ସ ହେଲ୍ସ ବିଶ୍ୱକପ୍‌ରୁ ବାଦ୍ ପଡିଲେ। ଗାଡି ଚଳାଇବା ବେଳେ ମୋବାଇଲ୍‌ରେ କଥା ହେବା ଯୋଗୁ ଡେଭିଡ ବେକ୍‌ହାମ ୬ ମାସ ଗାଡିଚାଳନାରୁ ବାସନ୍ଦ। ଅନ୍ତର୍ଜାତୀୟ କ୍ରିକେଟରୁ ଜିମ୍ବାୱେ ସସ୍‌ପେଣ୍ଡ। ନାବାଳିକାଙ୍କୁ ନିର୍ଯାତନ ଦେଇ ପୂର୍ବତନ ଆର୍ଜେଣ୍ଟିନା ୱେଲଟରୱେଟ ବକ୍ସିଂ ଚାମ୍ପିୟନ କାର୍ଲୋସ ବାଲଟୋମିଙ୍କୁ ୧୮ ବର୍ଷ ଜେଲ ଦଣ୍ଡ।

## ମେଲାନିଙ୍କୁ ନୂଆ ଦାୟିତ୍ୱ

ଜିଆନି ଇନ୍‌ଫାଣ୍ଟିନୋ ଦ୍ୱିତୀୟଥର ପାଇଁ ଫିଫା ସଭାପତି ନିଯୁକ୍ତ ହୋଇଛନ୍ତି। ଜାତୀୟ କ୍ରିକେଟ ଏକାଡେମୀରେ ରାହୁଲ ଦ୍ରାବିଡ୍ ହେଡ୍ ଅଫ୍ ଦି କ୍ରିକେଟ ନିଯୁକ୍ତ। ମେଲାନି ଜୋନ୍ସ କ୍ରିକେଟ ଅଷ୍ଟ୍ରେଲିଆ ନିର୍ଦ୍ଦେଶକ ନିଯୁକ୍ତ। ସେନ୍ ୱାଟସନ ଅଷ୍ଟ୍ରେଲିଆ କ୍ରିକେଟର୍ସ ଆସୋସିଏଶନ (ଏସିଏ) ସଭାପତି ନିଯୁକ୍ତ। ପ୍ରଥମ ଅଣ ବ୍ରିଟିଶ ଭାବେ କୁମାର ସାଙ୍ଗକରା ମେରିଲବୋର୍ନ କ୍ରିକେଟ କ୍ଲବ (ଏମ୍‌ସିସି) ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। କ୍ରିସ୍ ସିଲଭର ଉଡ ଇଂଲଣ୍ଡ କ୍ରିକେଟ ଦଳ କୋଚ୍ ନିଯୁକ୍ତ। ୱେଷ୍ଟଇଣ୍ଡିଜ୍ କ୍ରିକେଟ କୋଚ୍ ପଦକୁ ଫେରିଲେ ଫିଲ ସିମନ୍ସ। ଲିସା କେଟ୍ଲି ଇଂଲଣ୍ଡ ମହିଳା କ୍ରିକେଟ କୋଚ୍ ନିଯୁକ୍ତ। ଏହସାନ ମନି ଆଇସିସି କମିଟି ଅଧ୍ୟକ୍ଷ ନିଯୁକ୍ତ।



## ବିଶ୍ୱ ବିଜୟୀ ଇଂଲଣ୍ଡ

ଆଇସିସି ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବା ସହ ଇତିହାସ ସୃଷ୍ଟି କରିଛି। ଜାପାନକୁ ୩-୧ ଗୋଲରେ ହରାଇ କାତାର ଜିତିଲା ଏସିଆ କପ୍ ଫୁଟବଲ ଟାଇଟଲ। ଇଂଲିଶ୍ ପ୍ରିମିୟର ଲିଗ୍‌ରେ ଲିଭର ପୁଲ ଷଷ୍ଠଥର ପାଇଁ ଟାଇଟଲ ଜିତିଛି। ଅଷ୍ଟ୍ରେଲିଆର ମହିଳା ଟେନିସ ଖେଳାଳି ଆଲେକ୍ସ ବାର୍ଟି ଜିତିଲେ ଫ୍ରେଞ୍ଚ୍ ଓପନ୍ ଟାଇଟଲ। ଅଷ୍ଟ୍ରେଲିଆକୁ ୩-୨ରେ ହରାଇ ଫ୍ରାନ୍ସ ଜିତିଲା ଫେଡ୍ କପ୍। ଟି୨୦ ସିରିଜରେ ୱେଷ୍ଟଇଣ୍ଡିଜକୁ ୨-୧ ଗୋଲରେ ହରାଇଲା ଆଫଗାନିସ୍ତାନ। ଡୋମିନିକ ଥିମଙ୍କୁ ହରାଇ ଷ୍ଟିଫାନୋସ ସିତ୍‌ସିପାସ ଏଟିପି ଫାଇନାଲ୍ସ ଟାଇଟଲ ଜିତିଲେ। ଏଲିଉଡ କିପଚୋଗେ ଓ ଡାଲିଆ ମହମ୍ମଦ ଏ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଆଥ୍‌ଲେଟ ବିବେଚିତ ହୋଇଛନ୍ତି। ଦୁଇ ଘଣ୍ଟାରୁ କମ୍ ସମୟରେ ମାରାଥନ ଦୌଡ଼ିଲେ କେନିୟା ଅଭିଜ୍ଞ ଧାବକ କିପ୍‌ଚୋଗେ। ସେରେନାଙ୍କୁ ହରାଇ ସିମୋନା ହାଲେପ ଜିତିଲେ ୱିମ୍ବେଲଡନ ଟାଇଟଲ। ମାନି ପାକ୍ୱିଓ ଜିତିଲେ ଡବ୍ଲୁଟିଏ ସୁପର ୱେଟ୍ ଟାଇଟଲ। ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ କ୍ରିଷ୍ଟିଆନ କୋଲମେନ ଜିତିଲେ ୧୦୦ ମି. ଟାଇଟଲ।



## ପରଲୋକରେ କାଦିର

ଆର୍ଜେଣ୍ଟିନା ଫୁଟବଲର ଏମେଲିଆନୋ ସାଲାଙ୍କ ମରଶରୀର ଏକ ଦୁର୍ଘଟଣାଗ୍ରସ୍ତ ବିମାନରୁ ଠାବ କରାଯାଇଛି। ଇଂଲଣ୍ଡର ପୂର୍ବତନ କ୍ରିକେଟ ଅଧିନାୟକ ବବ୍ ୱିଲ୍ସଙ୍କ ପରଲୋକ। ୩ଥର ଅଲିମ୍ପିକ୍ ଚାମ୍ପିୟନ ପିଟର ସ୍ନେଲଙ୍କ ପରଲୋକ। ଫ୍ରେଞ୍ଚ୍ ସାଇକ୍ଲିଷ୍ଟ ତଥା ୧୯୪୮ ସ୍ୱର୍ଣ୍ଣ ପଦକ ବିଜେତା ଜ୍ୟାକ୍ସ ଡୁବୋଷ୍ଟୋଙ୍କ ପରଲୋକ। ମିଡଲୱେଟ ବକ୍ସର ଅଷ୍ଟ୍ରେଲିଆର ଡ୍ୱିଟ୍ ରିଚି ରିଙ୍ଗରେ ମୃତ୍ୟୁବରଣ କଲେ। ସ୍କଟଲାଣ୍ଡ କ୍ରିକେଟର କନ୍ ଡି ଲାଙ୍ଗଙ୍କ ପରଲୋକ। ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ସେମୋର ନର୍ସଙ୍କ ପରଲୋକ। ଫର୍ମୁଲା-୧ ଡ୍ରାଇଭର ନିକି ଲୌଡ଼ାଙ୍କ ପରଲୋକ। କିମ୍ବଦନ୍ତୀ ପାକିସ୍ତାନ ସ୍ପିନର ଅବଦୁଲ କାଦିରଙ୍କ ପରଲୋକ।



## ଅପ୍ରତିଦ୍ୱନ୍ଦ୍ୱୀ ଫର୍ମୁଲା-୧ ଡ୍ରାଇଭର

୨୦୧୯ରେ ମର୍ସିଡିଜ୍‌ର ବ୍ରିଟିଶ୍ ଡ୍ରାଇଭର ଲୁଇସ ହାମିଲଟନ ସଫଳତାର ଶୀର୍ଷରେ ପହଞ୍ଚିଥିଲେ । ଟାଇଟଲ୍‌ରେ ହ୍ୟାଟ୍ରିକ ସହ ହାମିଲଟନ ୬ ଥର ପାଇଁ ବିଶ୍ୱ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ସେ ୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮ ସିଜନରେ ମଧ୍ୟ ଚାମ୍ପିୟନ ହୋଇଥିଲେ। ୨୦୧୯ ମୋଟର ରେସିଂ ସିଜନରେ ସେ ମୋଟ ୧୧ଟି ଗ୍ରାଁ ପ୍ରି ଜିତି ୪୧୩ ପଏଣ୍ଟ ହାସଲ କରିଛନ୍ତି। ହାମିଲଟନ ଏବେ ମାଇକେଲ ସୁମାକରଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଛନ୍ତି। ୨୦୧୯ରେ ଅନୁଷ୍ଠିତ ଶ୍ରେଷ୍ଠ ଗ୍ରାଁ ପ୍ରି ଗୁଡିକ ମଧ୍ୟରେ ରହିଥିଲା ଅଷ୍ଟ୍ରେଲିଆନ, ଫ୍ରେଞ୍ଚ, ଜର୍ମାନ, ଇଟାଲିଆନ୍, ରୁଷିଆ, ଜାପାନିଜ୍, ମେକ୍ସିକାନ୍, ୟୁଏସ୍, ବ୍ରିଟିଶ, ଅଷ୍ଟ୍ରିଆନ, ହଙ୍ଗେରିଆନ, ସିଙ୍ଗାପୁର ଏବଂ ସ୍ପାନିଶ୍ ଗ୍ରାଁ ପ୍ରି। ଏହି ବର୍ଷ ହାମିଲଟନଙ୍କୁ ମୁଖ୍ୟତଃ ଭାଲଟେରି ବୋଟାସ, ମ୍ୟାକ୍ସ ଭର୍ଷ୍ଟାପେନ, ଚାର୍ଲ୍ସ ଲେକ୍‌ରେକ୍, ସେବାଷ୍ଟିଆନ ଭେଟେଲ କଡ଼ା ଟକ୍କର ଦେଇଥିଲେ ମଧ୍ୟ ଶେଷରେ ସେ ଅପ୍ରତିଦ୍ୱନ୍ଦ୍ୱୀ ସାବ୍ୟସ୍ତ ହୋଇଛନ୍ତି।

ସେହିପରି ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଫିଫା ଶ୍ରେଷ୍ଠ ପ୍ଲେୟାର ଅଫ ଦି ଇୟର ବିବେଚିତ ହେବା ସହ ଷଷ୍ଠଥର ପାଇଁ ବାଲୋନ ଡି ଅର ପୁରସ୍କାର ହାସଲ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲରେ ସେ ଏହି ବର୍ଷ ବ୍ୟକ୍ତିଗତ ଭାବେ ବାର୍ସିଲୋନା ଓ ଆର୍ଜେଣ୍ଟିନା ପାଇଁ ଏକାଧିକ ସଫଳତା ଅର୍ଜନ କରିଛନ୍ତି। ଟେନିସରେ ସ୍ପେନର ରାଫାଲ ନାଡ଼ାଲ ରେକର୍ଡ ଦ୍ୱାଦଶ ଥର ପାଇଁ ଫ୍ରେଞ୍ଚ୍ ଓପନ ଜିତି ରେକର୍ଡ କରିଛନ୍ତି। ସେ ମଧ୍ୟ ୟୁଏସ୍ ଓପନ ଜିତି କ୍ୟାରିୟର ୧୯ତମ ଗ୍ରାଣ୍ଡ ସ୍ଲାମ ଟାଇଟଲ ହାସଲ କରିଛନ୍ତି। ଫର୍ମ ଓ ଫିଟନେସ ବଜାୟ ରହିଲେ ହାମିଲଟନ, ମେସି ଓ ନାଡ଼ାଲ ଆଗକୁ ଆହୁରି ସଫଳତା ହାସଲ କରିବେ ବୋଲି ଆଶା କରାଯାଉଛି। ଇଂଲଣ୍ଡ ଏହି ବର୍ଷ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ରୋମାଞ୍ଚକ ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବା ସହ ଇତିହାସ ସୃଷ୍ଟି କରିଥିଲା।





ମନୁଷ୍ୟ କୌଣସି ବିଷୟରେ ଏକାଗ୍ରଚିତ ହୋଇ, ତାହାରି ପାଇଁ ପାଗଳ ହେଲେ ସେଥିରେ ସେ ସିଦ୍ଧି ଲାଭ କରେ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

କଟକ ଅଫିସ, ୨୯।୧୨: ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମ୍‌ପି ଓଭରବ୍ରିଜ ଉପରେ ଶନିବାର ବିଳମ୍ବିତ ରାତିରେ ଏକ ଟାଟା ମ୍ୟାଜିକ (ଓଡି୦୫ଏଟି-୮୫୬୪) ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଅଞ୍ଚଳ ନହଙ୍ଗର ସୁଶୀଲ କୁମାର ବଳ(୫୮)। ତେବେ ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଜବତ କରିବା ସହ ଚାଳକ ସଦର ଥାନା ଅଧୀନ ଭାଣପୁର ଅଞ୍ଚଳର ଦିନେଶ କୁମାର ସାହୁଙ୍କୁ ରବିବାର ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ସୁଶୀଲ ଜଗତ୍‌ପୁରରୁ ଲିଙ୍କ୍‌ରୋଡ ଅଭିମୁଖେ ଏକ ବାଇକ୍(ଓଡି୦୫ଏଟି-୮୫୬୪)ରେ ଆସୁଥିଲେ। ଏହି ସମୟରେ ପଛରୁ ଉକ୍ତ ଟାଟା ମ୍ୟାଜିକ ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ସୁଶୀଲଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରବିବାର ସୁଶୀଲଙ୍କ ଶାଳକ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୮୮/୧୯) ରୁଜୁ କରିଥିଲା। ପରେ ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ନିକଟରୁ ଦୁର୍ଘଟଣା ଘଟାଇଥିବା ଗାଡିର ନମ୍ବର ଜାଣିବାକୁ ପାଇଥିଲା। ପରେ ପୋଲିସ ଉକ୍ତ ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ପାତ୍ରପଡା,୨୯।୧୨ (ଡି.ଏନ.ଏ.): ଖଣ୍ଡଗିରି ଥାନା ଘାଟିକିଆ ଅଞ୍ଚଳରେ ଜଣେ ସ୍ୱାମୀ ନିଜ ସ୍ତ୍ରୀଙ୍କୁ ମାନସିକ, ଶାରୀରିକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ତାଙ୍କୁ ରବିବାର ଗିରଫ କରିଛି। ସେ ହେଲେ ଘାଟିକିଆ ଅଞ୍ଚଳର ସଞ୍ଜୟ ଦଳେଇ(୪୬)। ପୋଲିସ ସୂଚନା ଅନୁଯାୟୀ, ୨୦୦୧ରେ ସଞ୍ଜୟ ଅଭିଯୋଗକାରୀ ସଙ୍ଗୀତାଙ୍କୁ ବିବାହ କରିଥିଲେ। ସେମାନଙ୍କ ସନ୍ତାନ ଜନ୍ମ ହେବା ପରେ ସଞ୍ଜୟ ସଙ୍ଗୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଗତ ୨୭ ତାରିଖରେ ସଙ୍ଗୀତା ନିଜ ବାପଘରେ ଥିବା ବେଳେ ସଞ୍ଜୟ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସହ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏ ନେଇ ସଙ୍ଗୀତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୫୭/୧୯ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିଲା।

### ଖଣ୍ଡଗିରିରୁ ବେଆଇନ ପାର୍କିଂ ଫି ଆଦାୟ କରି ୩ ଗିରଫ

ପାତ୍ରପଡା,୨୯।୧୨ (ଡି.ଏନ୍.ଏ.): ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଥିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୩ ଯୁବକଙ୍କୁ ରବିବାର ଗିରଫ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା କପିଳପ୍ରସାଦ ଅଞ୍ଚଳର ରାଜେଶ ପଣ୍ଡା(୩୩), ରୋହିତ ପଣ୍ଡା(୨୯) ଓ ଶରତ ନାଏକ(୨୭)। ପୋଲିସ ସେମାନଙ୍କ ନିକଟରୁ ନକଲି ରସିଦ୍ ବହି ଓ ୩ ହଜାର ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଖଣ୍ଡଗିରି, ଉଦୟଗିରି ପାହାଡ ମଧ୍ୟବର୍ତ୍ତୀ ରାସ୍ତାକଡରେ ଯାନବାହନ ପାର୍କିଂ ଫି ଆଦାୟ କରୁଥିଲେ। ଏଥିନିମନ୍ତେ ସେମାନେ ବିଏମ୍‌ସିରୁ ଅନୁମତି ପାଇଥିବା କହୁଥିବା ବେଳେ ଖଣ୍ଡଗିରି ପୋଲିସ ସେଠାରେ ଚଢାଉ କରି ସେମାନଙ୍କୁ ଅନୁମତି ପତ୍ର ମାଗିଥିଲେ। ଅଭିଯୁକ୍ତମାନେ ଅନୁମତି ପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିବାରେ ଜାଲ ରସିଦ୍‌ରେ ବେଆଇନ ଭାବେ ପାର୍କିଂ ଫି ଆଦାୟ କରୁଥିବା ଜାଣିବାକୁ ପାଇଥିଲା। ସେମାନଙ୍କ ନିକଟରୁ ଟଙ୍କା ଓ ରସିଦ୍ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୭୫୬/୧୯ରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜିରୋ ଆୱାର ପାଳନ ପ୍ରସ୍ତୁତି ଜୋର୍‌ଦାର

# ବଲିଉଡ୍ ଗାୟକଙ୍କ ସହ ରସିଆନ୍ ବେଲି ଡ୍ୟାନ୍ସ

କଟକ ଅଫିସ, ୨୯।୧୨

ବୁଧବାର ନୂଆବର୍ଷ। ପୁରୁଣା ବର୍ଷକୁ ବିଦାୟ ଦେବା ସହ ନୂତନ ବର୍ଷକୁ ଧୁମ୍‌ଧାମ୍‌ରେ ସ୍ୱାଗତ କରିବେ ସହରବାସୀ। ଏଥିପାଇଁ କଟକର ବିଭିନ୍ନ କ୍ଲବରେ ଜୋର୍‌ଦାର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଭିନ୍ନ କ୍ଲବ୍‌ରେ ବଲିଉଡ ଗାୟକଙ୍କ ସଙ୍ଗୀତ ସହ ରସିଆନ ବେଲି ଡ୍ୟାନ୍ସ, ବଲିଉଡ ଡ୍ୟାନ୍ସ ଓ ଡିଜେ ତାଳେ ତାଳେ ଝୁମିବେ ସହରବାସୀ। ବିଶେଷକରି କଟକ କ୍ଲବ, ଓସିଏ କ୍ଲବ, ୟୁନିୟନ୍ କ୍ଲବରେ ଜିରୋ ଆୱାର ବେଶ୍ ଧୁମଧାମରେ ପାଳନ ହୋଇଥାଏ। ଚଳିତବର୍ଷ ଏହି କ୍ଲବଗୁଡିକରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯିବ।

କଟକ କ୍ଲବରେ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ୩୦୦୦ରୁ ୩୫୦୦ ଦର୍ଶକ ସମାଗମ ହେବେ ବୋଲି କ୍ଲବ ସମ୍ପାଦକ ଡ. ଦେବାନନ୍ଦ ମହାପାତ୍ର କହିଛନ୍ତି। ଏହି କ୍ଲବକୁ ବଲିଉଡ ଗାୟିକା ଅରପିତା ସରକାର ଓ ଗାୟକ ଅଭିଶେକ ସିହ୍ନା ଚୌଧୁରୀ ଆସିବେ ବୋଲି ଦେବାନନ୍ଦ କହିଛନ୍ତି। ଏଥିସହିତ ଦର୍ଶକମାନଙ୍କ ମଧ୍ୟରେ ବେଷ୍ଟ କପଲ୍, ଜେଣ୍ଟଲ ମ୍ୟାନ୍, ବେଷ୍ଟ ଡ୍ରେସ୍‌ଡ କପଲ ଆଦି ପ୍ରତିଯୋଗିତା କରାଯିବା ସହ ବିଜେତାଙ୍କୁ ପୁରସ୍କୃତ କରାଯିବ।

ଓସିଏ କ୍ଲବରେ ଜିରୋ ଆୱାର ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ଆସନ୍ତା ୩୧ ତାରିଖ ସନ୍ଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି କାର୍ଯ୍ୟକ୍ରମରେ ବଲିଉଡ ପ୍ରଚ୍ଛଦପଟ୍ଟ ଗାୟକ ହେମନ୍ତ ବ୍ରିଜ୍‌ବାସୀ, ରୂପା ବସୁ, ତ୍ରିଶୀତା ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ। ଅନ୍ୟପକ୍ଷରେ ରସିଆରୁ ଆସିଥିବା ଏକ ଡ୍ୟାନ୍ସ ଗ୍ରୁପ ଏଠାରେ ବେଲି ଡ୍ୟାନ୍ସ ପରିବେଷଣ କରିବା ସହ ରକ୍‌ଷ୍ଟାର ଯଶ୍‌ରାଜ ଜୋଶୀ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିବେ। ନୂଆବର୍ଷ ପରିପ୍ରେକ୍ଷୀରେ କ୍ଲବ ପକ୍ଷରୁ ବିଭିନ୍ନ ପ୍ରକାରର ଖାଦ୍ୟର ବ୍ୟବସ୍ଥା ହୋଇଥିବା କ୍ଲବ ମ୍ୟାନେଜର ସୁବ୍ରତ ସାମଲ କହିଛନ୍ତି।

ଜିରୋ ଆୱାର ପାଳନ ପାଇଁ ମିଶନ୍‌ରୋଡସ୍ଥିତ ୟୁନିୟନ କ୍ଲବ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଚଳିତବର୍ଷ ମୁମ୍ବାଇର ମେଲୋଡି ସିଙ୍ଗର ଆଲୋକନନ୍ଦା ଓ ଦିପାୟନ ବାନାର୍ଜୀଙ୍କ ଏଠାରେ ସଙ୍ଗୀତ ପରିବେଷଣ କରିବେ। ସେହିପରି ଆସ୍ରଫ ଡ୍ୟାନ୍ସ ଗ୍ରୁପ, ମୁଭର୍ସ-ଡାର୍ଜେଲର ଡ୍ୟାନ୍ସ ଗ୍ରୁପ ଓ ଆଇଟମ ଡ୍ୟାନ୍ସରଙ୍କ ନୃତ୍ୟର ଝଲକ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ଏଥିସହିତ କ୍ଲବର ସଦସ୍ୟମାନଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ରହିଛି। ସେମାନଙ୍କ ପାଇଁ ବେଷ୍ଟ ଡ୍ୟାନ୍ସିଂ କପଲ, ବେଷ୍ଟ ଡ୍ରେସଡ ଜେଣ୍ଟଲମ୍ୟାନ, ବେଷ୍ଟ ଡ୍ରେସଡ ଲେଡି ଓ ବେଷ୍ଟ ବଏ ଆଣ୍ଡ ଗାର୍ଲ ପାଇଁ ଉପହାରମାନ ରହିଛି ବୋଲି କ୍ଲବର ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି।

### ମାରପିଟ, ୮ ଆହତ

ନିମାପଡ଼ା,୨୯।୧୨(ଡି.ଏନ୍.ଏ)

ନିମାପଡ଼ା ଥାନା ଅନ୍ତର୍ଗତ ନିଯୋଗ କମିଟି ଗ୍ରାମରେ ଜମିବାଡ଼ି ଏବଂ ପାରିବାରିକ ବିବାଦକୁ କେନ୍ଦ୍ରକରି ରବିବାର ଦୁଇ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଗୋଟିଏ ପରିବାରର ପାର୍ବତୀ ତିଆଡ଼ି ଓ ତାଙ୍କର ୪ ଝିଅ ଏବଂ ଅନ୍ୟ ପରିବାରର ସୁମିତ୍ରା ତିଆଡ଼ି, ସ୍ୱାମୀ ଗଙ୍ଗାଧର ଓ ତାଙ୍କର ପୁଅ ସମେତ ମୋଟ ୮ଜଣ ଆହତ ହୋଇଛନ୍ତି। ପାର୍ବତୀ ଓ ଗଙ୍ଗାଧରଙ୍କ ଅବସ୍ଥା ସଂକଟାପନ୍ନ ଥିବା ଯୋଗୁ ଉଭୟଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଗୋଟିଏ ପରିବାରର କାଳନ୍ଦୀ ତିଆଡ଼ି ଦୁଇଜଣଙ୍କ ବିରୋଧରେ ଅଭିଯୋଗ କରିଥିବାବେଳେ ଅନ୍ୟ ପରିବାରର ସୁମିତ୍ରା ତିଆଡ଼ି ୩ଜଣଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ଉଭୟ ପରିବାରର ଗଙ୍ଗାଧର, ବଟୁଆ ଭୋଇ, କାଳନ୍ଦୀ, ପାର୍ବତୀ, ଆଭାଙ୍କ ବିରୋଧରେ ନଂ. ୩୩୬।୧୯ ଏବଂ ୩୩୭।୧୯ରେ ପୃଥକ ମାମଲା ରୁଜୁ କରିଛି।



## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟୋତ୍ସବର ଚତୁର୍ଥ ଦିବସ

# ନୃତ୍ୟ, ଅଭିନୟରେ ଦର୍ଶକ ବିଭୋର

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ରବିବାର ଥିଲା ଚତୁର୍ଥ ଦିବସ। ଏଥିରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆର୍ଟ ଭିଜନର ସଚିବ ଗୁରୁ ଇଲିଆନା ସିତାରିଷ୍ଟି, ପୂର୍ବତନ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟଜନ୍ତୁ) ହରି ଶଙ୍କର ଉପାଧ୍ୟାୟ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ସଙ୍ଗୀତା ଗୋସାଇଁ ଉପସ୍ଥିତ ଥିଲେ। ଏହି ଦିବସରେ ଅୟୋଜିତ ନୃତ୍ୟ ଓ ଅଭିନୟରେ ଦର୍ଶକ ବିଭୋର ହୋଇଉଠିଥିଲେ। ପ୍ରଥମେ ମାଲେସିଆରୁ ଆସିଥିବା ଗୀତା ଶଙ୍କରନ ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ବର୍ଦ୍ଧମାନର ପ୍ରୀତି ସରକାର, ପାରଳାଖେମୁଣ୍ଡିର ବିଷ୍ଣୁପ୍ରିୟା ମଣ୍ଡଳ, ଯାଜପୁରର ଶୁଭଲକ୍ଷ୍ମୀ ସ୍ୱାଇଁ, ରାଉରକେଲାର ରିତିକା ରାଏ, କଲିକତାର ପାୟଲ ମଜୁମଦାର ମଣ୍ଡଳ, ଭୁବନେଶ୍ୱରର ସୂର୍ଯ୍ୟକାନ୍ତି ସାହୁ, ଉତ୍ତରପ୍ରଦେଶର ପବୋନ ରାଜୱାର, ଭୁବନେଶ୍ୱରର ସୁଧାଶ୍ରୀ ପ୍ରିୟଦର୍ଶିନୀ, କଲିକତାର ଜିତ ଘୋଷ, ଦିଲ୍ଲୀର ସ୍ନିଗ୍ଧା ସିଖା ପାଟ୍ଟଯୋଷୀ ଏକକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଐଶର୍ଯ୍ୟା ମହାନ୍ତି ଓ ପ୍ରତିକ୍ଷା କୁଅଁର, ଶୁଭଶ୍ରୀ ପଟ୍ଟନାୟକ ଓ ସାଥୀ (ନୃତ୍ୟଧାମ) ଏବଂ ଶେଷରେ କଲିକତାର ଶଂକଳ୍ପ ନୃତ୍ୟାୟନର ଶିଳ୍ପୀମାନଙ୍କ ଦ୍ୱାରା ପରିବେଷିତ ଦ୍ୱୈତ ନୃତ୍ୟ ଚିତ୍ତାକର୍ଷକ ଥିଲା। ଅପରାହ୍ନ ଅଧିବେଶନ କଟକ କଳାବିକାଶ କେନ୍ଦ୍ରର ସୁଧାରାଣୀ ପ୍ରଧାନଙ୍କ ଦ୍ୱାରା ଅଭିନୟ 'କେଡ଼େ ଛନ୍ଦ ଜାଣେ ଲୋ ସହୀ'ଙ୍କଠାରୁ ଆରମ୍ଭ ହୋଇଥିଲା। ପରେ ଆଶ୍ରିତା ସାମନ୍ତରାୟ ଓ ସାଇ ପ୍ରାର୍ଥନାଙ୍କ ନିବଦ୍ଧ ପଲ୍ଲବୀ, ମାଲେସିଆର ଅନନ୍ୟା କାନ୍ନନଙ୍କ ରାଗ ଆରଭୀ ଓ ତାଳ ତ୍ରିପଟା ଉପରେ ଅଭିନୟ, ଆମେରିକାର ସବିତା ମିଶ୍ରଙ୍କ ରାଗ କୀରବାଣୀ ଓ ତାଳ ଯତିରେ ଅଭିନୟ 'ମୋହନେ ଦେଲି ଚାହିଁ ଗୋ ଆଗେ ପ୍ରିୟ ସହୀ', ନୂଆଦିଲ୍ଲୀର ଆକାଂକ୍ଷା ପାଢୀ ଓ କେତକୀ ପରିଚ୍ଛାଙ୍କ ରାଗ ବିହାଗ ଓ ତାଳ ଏକତାଳୀ ଉପରେ ପଲ୍ଲବୀ ପରିବେଷିତ ହୋଇଥିଲା। ସେହିପରି ଅନ୍ୟ ବହୁ କଳାକାର କାର୍ଯ୍ୟକ୍ରମରେ ନିଜର ପାରିଦର୍ଶିତା ଦେଖାଇଥିଲେ। ସନ୍ଧ୍ୟାରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଗୁନ୍‌ଭିନ୍‌ଙ୍କୁ କିଟ୍ ନନ୍ଦିପରୀ ଟାଇଟଲ୍

ଭୁବନେଶ୍ୱର, ୨୯।୧୨

କିଟ୍ ନନ୍ଦିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ର ଫାଇନାଲ୍ ରାଉଣ୍ଡ ରବିବାର ଶେଷ ହୋଇଛି। ଛତିଶଗଡ଼ ରାୟପୁରର ଗୁନ୍‌ଭିନ୍ ଛାବ୍ରା ହାସଲ କରିଛନ୍ତି କିଟ୍ ନନ୍ଦିପରୀ ଲିଟିଲ୍ ମିସ୍ ଇଣ୍ଡିଆ ଟାଇଟଲ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପରିସରରେ ଗତ ତିନିଦିନ ଧରି ଚାଲିଥିଲା ଏହି ମେଗା ଅଡିଶନ। ଫାଇନାଲ ରାଉଣ୍ଡରେ ଅନ୍ୟ ୯ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଗୁନ୍‌ଭିନ୍ ହାସଲ କରିଥିଲେ ଏହି ସଫଳତା। ତାଙ୍କୁ ନନ୍ଦିପରୀ ମୁକୁଟ ଏବଂ ୩ ଲକ୍ଷ ଟଙ୍କା ପୁରସ୍କାର ଭାବେ ପ୍ରଦାନ କରାଯାଇଛି। ଏହାଛଡ଼ା କିଟ୍ ବିଶ୍ୱବିଦ୍ୟାଳୟରେ ଯେକୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ତାଙ୍କୁ ୧୦୦% ଫି ଛାଡ଼(ସର୍ବାଧିକ ୧୮ ଲକ୍ଷ ଟଙ୍କା) ଏବଂ ନିଜ ମା' କିମ୍ବା ବାପାଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ଭୋପାଳର ତାପ୍ତି ଠାକୁର ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ସେ କିଟ୍‌ରେ ନାମ ଲେଖାଇଲେ ୫୦% ଫି(ସର୍ବାଧିକ ୯ ଲକ୍ଷ ଟଙ୍କା) ଛାଡ଼ କରାଯିବ। ସେହିପରି ପାଟନାର ବେଦିକା ରକ୍ଷିତା ଦ୍ୱିତୀୟ ରନର୍ସ ଅପ୍ ହୋଇ ୫୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। କିଟ୍‌ରେ ନାମ ଲେଖାଇଲେ ତାଙ୍କ ପାଇଁ ମଧ୍ୟ ୫୦% ଫି(ସର୍ବାଧିକ ୯ ଲକ୍ଷ ଟଙ୍କା) ଛାଡ଼ କରାଯିବ। ଶ୍ରେଷ୍ଠ ତିନି ଜଣଙ୍କୁ ଇଜିପ୍ଟ ଭ୍ରମଣରେ ଯିବାକୁ ସୁଯୋଗ ମିଳିଛି। କିଟ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ସେମିଫାଇନାଲ୍‌କୁ ୨୬ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଯାଇଥିଲେ।

ପ୍ରତିଯୋଗିତାର ୧୦ଟି ବିଭାଗରେ ଶ୍ରେଷ୍ଠମାନଙ୍କୁ ମଧ୍ୟ ପୁରସ୍କାର ଭାବେ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ବେଙ୍ଗାଲୁରୁର ରେଷନୀ ୱାଇଙ୍କୁ ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ), କୋଚିର ସାରୋନ ସାହିନ୍‌ଙ୍କୁ ଲିଟିଲ୍ ମିସ୍ ଫଟୋଜେନିକ, ମେଘାଳୟର ରାଇସା ସାହାନାୱାଜଙ୍କୁ ଲିଟିଲ୍ ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), କୋଲକାତାର ଚନ୍ଦ୍ରିମା ସରକାରଙ୍କୁ ଲିଟିଲ୍ ମିସ୍ ଫେସନ୍‌ଗାର୍ଲ, ରାୟପୁରର ଗୁନ୍‌ଭିନ୍‌ଙ୍କୁ ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର), ଦିଲ୍ଲୀର ବନ୍ୟା ସିଂହଙ୍କୁ ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ), ଜାମସେଦପୁରର ସୋନାଲ୍ ସିଂହଙ୍କୁ ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ), ଆସାମର ତସିନା ନୀଲୁଫର ହୁସେନ୍‌ଙ୍କୁ ମିସ୍ କ୍ୟାଟ୍‌ୱାକ୍, ଇମ୍ଫାଲ୍‌ର ରାମିୟା ଥାଙ୍ଗଜମ୍‌ଙ୍କୁ ମିସ୍ ମୋନାଲିସା ଏବଂ ଭୋପାଳର ତାପ୍ତି ଠାକୁରଙ୍କୁ ମିସ୍ ଆକ୍ଟିଭ୍ ଭାବେ ପୁରସ୍କୃତ କରାଯାଇଛି।

ପୁରସ୍କାର ପ୍ରଦାନ ଉତ୍ସବରେ କିଟ୍ ନନ୍ଦିପରୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର, ଫେମିନା ମିସ୍ ଇଣ୍ଡିଆ ୨୦୧୯ ସୁମନା ରାଓ, ମିସ୍ ଗ୍ରାଣ୍ଡ ଇଣ୍ଡିଆ ୨୦୧୯ ଶିବାନୀ ଯାଦବ, ମିସ୍ ଇଣ୍ଡିଆ ୟୁନାଇଟେଡ୍ କଣ୍ଟିନେଣ୍ଟ ୨୦୧୯ ଶ୍ରେୟା ଶଙ୍କର, ମିସ୍ ୱାର୍ଲଡ କୁଇନଡାଂ ଚୀନ ୨୦୧୭ କିଓ କିଓ ଏବଂ ଦକ୍ଷିଣ କୋରିଆର ବିଶିଷ୍ଟ ଅଭିନେତ୍ରୀ ଜଙ୍ଗ ହେ ସନ୍ ପ୍ରମୁଖ ଉପସ୍ଥିତ ଥିଲେ।



କିଟ୍ ନନ୍ଦିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୧୯ର ପ୍ରଥମ ରନର୍ସ ଅପ୍ ତାପ୍ତି ଠାକୁର, ନନ୍ଦିପରୀ ଟାଇଟଲ ବିଜୟିନୀ ଗୁନ୍‌ଭିନ୍ ଛାବ୍ରା ଓ ଦ୍ୱିତୀୟ ରନର୍ସ ଅପ୍ ବେଦିକା ରକ୍ଷିତା।

# ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

କଟକ ଅଫିସ, ୨୯।୧୨

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୩୮ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସକାଳ ୮ଟାରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ନେତୃମଣ୍ଡଳୀ କଟକ ଶହୀଦ ଭବନରୁ ଶାନ୍ତି ଶୋଭାଯାତ୍ରାରେ ବାହାରି ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମ ପୀଠରେ ପହଞ୍ଚିଥିଲେ। ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବାହ୍ନରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଭିନ୍ନ ଜିଲାରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିକୁ ଆଧାର କରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଓଲଷ୍ଟା ସଭାପତି ଜଗବନ୍ଧୁ ଜେନା, ମୁଖ୍ୟବକ୍ତା ସାମାଜିକ କର୍ମୀ ଡ. ପ୍ରଭାସ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି କଣ୍ଠଶିଳ୍ପୀ ନାଜିଆ ଆଲାମ ଯୋଗଦେଇ ତିନି ଦିନ ମଧ୍ୟରେ ହୋଇଥିବା ତର୍କ, କଣ୍ଠସଙ୍ଗୀତ, କବିତା ରଚନା, ଗଳ୍ପଲିଖନ, ଚିତ୍ରାଙ୍କନ, ଆବୃତ୍ତି, ଏକକ ଅଭିନୟ, ଏକକ ନୃତ୍ୟ, ବୁଦ୍ଧି ପରୀକ୍ଷା ଓ ସାଧାରଣଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗଠନ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଯୁଗ୍ମ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଓ ଶିକ୍ଷାପ୍ରଦୀପ ସମ୍ପାଦକ ଭିକାରି ଚରଣ ସାହୁ ଉତ୍ସବରେ ମଞ୍ଚାସୀନ ଥିଲେ। ସଙ୍ଗଠନ ସମ୍ପାଦକ ଅକ୍ଷୟ କୁମାର ହୋତା, ଉପସଭାପତି ସନ୍ତୋଷ କୁମାର ନାୟକ, ସହ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ହନୁମାନ ମନ୍ଦିରରେ ଅଗ୍ନିକାଣ୍ଡ

ପୁରୀ ଅଫିସ, ୨୯।୧୨

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ସମ୍ମୁଖ ତଥା ମେଘନାଦ ପାଚେରିକୁ ଲାଗି ରହିଥିବା ହନୁମାନ ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ରାତି ପ୍ରାୟ ୧ଟାରେ ହଠାତ୍ ନିଆଁ ଲାଗି ତାର, ଇନ୍‌ଭର୍ଟର ସମେତ କେତେକ ସାମଗ୍ରୀ ପୋଡ଼ିଯାଇଥିବା ଜଣାପଡ଼ିଛି। ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଫଟୋରେ ଖବର



କଟକ ଅନ୍ନପୂର୍ଣ୍ଣା ଥିଏଟର ମଞ୍ଚରେ ରବିବାର ଅନ୍ନପୂର୍ଣ୍ଣା ଥିଏଟର 'ବି' ଗ୍ରୁପ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'କହିବି ତ ସତ କହିବି'ର ଏକ ଦୃଶ୍ୟ।



ଶୀତରୁ ରକ୍ଷା ପାଇବା ପାଇଁ ପୁରୀ ଶ୍ରୀମନ୍ଦିର ନିକଟରେ ଲୋକମାନେ ନିଆଁ ପୋଉଁଛନ୍ତି।





ରବିବାର ପୁରୀ ମଙ୍ଗଳାଘାଟ ଛକଠାରେ ଟ୍ରାଫିକ ଜାମ୍‌ରେ ଫସି ରହିଥିବା ଯାତ୍ରୀମାନେ।



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ, ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।
- ସକ୍ରେଟିସ୍



## ସଂକ୍ଷେପରେ

### ନବଜାତ ଶିଶୁର ମୃତଦେହ ଉଦ୍ଧାର

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ):** ଖାରବେଳନଗର ଥାନା ଏନ୍‌ଏସି କଲୋନୀ ନିକଟସ୍ଥ ଏକ ଗଛମୂଳେ ଥିବା ଏକ ଟଲି ଉପରୁ ଏକ ନବଜାତ ଶିଶୁର ମୃତଦେହକୁ ଉଦ୍ଧାର କରାଯାଇଛି। ସକାଳୁ ଖବରପାଇ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ଜରିରେ ଥିବା ଉକ୍ତ ଶିଶୁର ମୃତଦେହକୁ ଜବତ କରିଛି। ଏନେଇ ପୋଲିସ ନଂ-୪୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁଯାୟୀ, ରବିବାର ସକାଳ ପ୍ରାୟ ୭ଟା ସମୟରେ କଲୋନୀର ଜଣେ ବ୍ୟକ୍ତି ଟଲି ଉପରେ ଏକ ପଲିଥିନରୁ ଦୁର୍ଗନ୍ଧ ହେଉଥିବା ଜାଣିପାରିଲେ। ସେ ଜରିର ନିକଟକୁ ଯାଇ ଦେଖିବା ପରେ ସେଥିରେ ଜଣେ ଶିଶୁର ମୃତଦେହ ରହିଥିଲା। କେହି ଭ୍ରୁଣ ନଷ୍ଟ କରିବା ଦ୍ୱାରା ଏଭଳି ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ କରୁଛି।

### ଆକ୍ରମଣ କରି ସୁନାଚେନ୍, ଟଙ୍କା ଲୁଟ୍

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ) :** ମଞ୍ଚେଶ୍ୱର ଥାନା ଶିଳ୍ପାଞ୍ଚଳ ଭିତରେ ଥିବା ଏକ ଦୋକାନ ସମ୍ମୁଖରେ ଜଣେ ଯୁବକଙ୍କୁ ଆକ୍ରମଣ କରି ସୁନା ଓ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଛନ୍ତି ଚକେଇଶିଆଣିର କ୍ରିତିମନ୍ତ ଦାସ। ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମଞ୍ଚେଶ୍ୱର ଭିତରେ କ୍ରିତିମନ୍ତ ତାଙ୍କ ସାଙ୍ଗର ଦୋକାନ ଆଗରେ ଛିଡା ହୋଇଥିଲେ। ଏହି ସମୟରେ ଏକ କାର୍‌ରେ ୪ଜଣ ଯୁବକ ଆସି ଦୋକାନ ଆଗରେ ରଖି ପରିଶ୍ରା କରିଥିଲେ। ଏହାକୁ କ୍ରିତିମନ୍ତ ବିରୋଧ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରି ତାଙ୍କ ହାତ ଭାଙ୍ଗି ଦେବା ସହ ସୁନା ଚେନ୍ ଏବଂ ୩ ହଜାର ଟଙ୍କା ଲୁଟି ନେଇଥିଲେ।

### ଥାନା ସୀମା ନିର୍ଦ୍ଧାରଣରେ ଫସିଲେ ଅପହୃତ

**ପୁରୁଣା ଭୁବନେଶ୍ୱର, ୨୯।୧୨ (ଡି.ଏନ.ଏ.):** ଅପରାଧୀ ଦମନ ନେଇ ଯେତେ ଆଧୁନିକୀକରଣ ବ୍ୟବସ୍ଥା କଲେ ମଧ ଥାନା ସୀମା ନିର୍ଦ୍ଧାରଣ କାରଣରୁ ଏତଲାକାରୀ ଘୁରି ବୁଲିବା ଏ ସବୁରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଡିସେମ୍ବର ୨୦ରେ ସାରସ୍ୱତ ମହାପାତ୍ର ନାମକ ଯୁବକଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ନେଇଥିଲେ। ମୁଣ୍ଡ ଜାମିନ ରଖିବା ଓ ପରବର୍ତ୍ତୀ ସମୟରେ ତାଙ୍କ ସ୍ତ୍ରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ପୋଲିସ ଘଟଣାସ୍ଥଳରୁ ସାରସ୍ୱତଙ୍କୁ ଉଦ୍ଧାର କରିଥିଲା। ହେଲେ ଥାନା ସୀମା ଯୋଗୁ ଏତଲା ଏ ପର୍ଯ୍ୟନ୍ତ ଦାଏର ହୋଇପାରିନି। ଅଘଟଣ ପୂର୍ବରୁ ସତର୍କତା ଜରୁରୀ କହୁଥିବା ବିଭାଗ ଯେ ଅପହୃତଙ୍କୁ ଉଦ୍ଧାର କରିବା ପରେ ନିଜ ପକ୍ଷରୁ ଏତଲା ଦାଏର କରି ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଗିରଫ ନ କରି ୧୦ ଦିନ ସମୟ ଗଡାଇବା ସାଧାରଣରେ ନିନ୍ଦା କରାଯାଇଛି। ଏହି ଅପହରଣ ଘଟଣା ପରେ ସାରସ୍ୱତଙ୍କୁ ଅପହରଣକାରୀ ଫୋନ କରି ଧମକ ଚମକ ମଧ ଦେଇଛନ୍ତି। ରବିବାର ଧଉଳି ଥାନା ପକ୍ଷରୁ ଏହା ଶ୍ରୀଲିଙ୍ଗରାଜ ଥାନା ଅଧୀନରେ ଯାଉଥିବାରୁ ସେଠାରେ ଏତଲା ଦେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଭଳି ଘଟଣା ଯୋଗୁ ଅପରାଧୀ ଅନାୟସରେ ଖସିଯିବା ସହ ପ୍ରମାଣ ନଷ୍ଟ କରିବାକୁ ସମୟ ପାଇବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

### ହେମଲତା ହସ୍ପିଟାଲର ୧୪ତମ ପୂର୍ତ୍ତି

**ଭୁବନେଶ୍ୱର,୨୯-୧୨:** ହେମଲତା ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ୧୪ତମ ପୂର୍ତ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ହେମଲତା ଓରାସନରେ ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡ.କେ. ଗୋବିନ୍ଦା ବାବୁ ମେଟାଷ୍ଟାଟିକ ବ୍ରେଷ୍ଟ କ୍ୟାନସର ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମେଡିକାଲ ଅନକୋଲୋଜିଷ୍ଟ ଏବଂ ମେଡିକାଲ ପ୍ରଫେଶନାଲମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଲୋକଙ୍କୁ ସୁଲଭ ମୂଲ୍ୟରେ ସେବା ଯୋଗାଣ ଉପରେ ହସ୍ପିଟାଲ ପ୍ରୟାସ ଜାରି ରଖିଥିବା ଅଧକ୍ଷ ଡ.ଅରବିନ୍ଦ କୁମାର ରଥ ସୂଚନା ଦେଇଛନ୍ତି। ୨୦୦୫ରେ ଆରମ୍ଭ ହୋଇଥିବା ଏହି ହସ୍ପିଟାଲ କ୍ୟାନସର ଚିକିତ୍ସା କ୍ଷେତ୍ରରେ ଯୋଗଦାନ ରଖୁଥିବା ସେ ମତ ଦେଇଛନ୍ତି।

# ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ଉଚ୍ଛେଦ

**ପୁରୁଣା ଭୁବନେଶ୍ୱର, ୨୯।୧୨(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟ ରବିବାର ଛୁଟିଦିନରେ ମଧ ବାଦ୍ ପଡିନାହିଁ। ରବିବାର ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଦେବୋତ୍ତର ଅଳଙ୍କାର, ସୁନାଗହଣାକୁ ସୁରକ୍ଷିତ ରଖାଯିବା ପରେ ନୂତନ ମାର୍କେଟ ପରିସରରେ ଯାତ୍ରୀ ନିବାସକୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଓ ଆସବାବପତ୍ର ସ୍ଥାନାନ୍ତର କରାଯାଇଥିଲା। ମନ୍ଦିର କାର୍ଯ୍ୟାଳୟ ପରିସରରେ ଏକାମ୍ରେଶ୍ୱର ମନ୍ଦିର ଯୋଡି ହୋଇ ରହିଥିବା ଯୋଗୁ ଏହା ପୁନରୁଦ୍ଧାର କରାଯିବାକୁ 'ଧରିତ୍ରୀ'ରେ ଖବର ପ୍ରକାଶିତ ହୋଇଥିଲା। ମାତ୍ର ମନ୍ଦିର କାର୍ଯ୍ୟାଳୟ ରହିଥିବାରୁ ପ୍ରଶାସନିକ ଅଧିକାରୀମାନେ ଏହାର ଉଦ୍ଧାର କାର୍ଯ୍ୟ କରାଇ ନ ଥିଲେ। ଏହି ଏକାମ୍ରେଶ୍ୱର ସମ୍ମୁଖରେ ପ୍ରଶାସନ ପକ୍ଷରୁ କିଛିମାସ ପୂର୍ବରୁ ସମସ୍ତ ନୀତିନିୟମକୁ ଅଣଦେଖା କରି ଭଡା ଆଶାରେ ଏଟିଏମ୍ ନିର୍ମାଣ କରାଯାଇଥିଲା। ଏ ସମ୍ପର୍କିତ କେତେକ ସାମାଜିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଓ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ସାଧାରଣ ଶ୍ରଦ୍ଧାଳୁ ଦିଅଁଙ୍କ ଦର୍ଶନରୁ ବଞ୍ଚିତ ହୋଇଥିଲେ। ରବିବାର ମନ୍ଦିର କାର୍ଯ୍ୟାଳୟ, ଏଟିଏମ୍ ଓ ପରିସରର ଶୌଚାଳୟ ଆଦି ଉଚ୍ଛେଦ ପରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି।



ହାଟସାହି ପରିସରରେ ଉଚ୍ଛେଦ କରାଯାଉଛି।

**ଖୋଲିବ ଚପଲ ଷ୍ଟାଣ୍ଡ**

ରାତିଅଧିଆ ନିଷ୍ପତ୍ତି ଯୋଗୁ ପ୍ରଶାସନ ପକ୍ଷରୁ ଚପଲ ଷ୍ଟାଣ୍ଡ, ପାର୍କିଂ ସ୍ଥଳ, ସାଇକେଲ ଷ୍ଟାଣ୍ଡ ଆଦିର ନିଲାମ ବାତିଲ କରିବା ଜଣାଇବା, ବିଏମ୍‌ସି କେତେକ କାର୍ଯ୍ୟ କରିବା ଯୋଗୁ ରବିବାର ଯାତ୍ରୀ ଓ ପର୍ଯ୍ୟଟକ ହନ୍ତସନ୍ତ ହୋଇଥିଲେ। କୌଣସି ବିକଳ୍ପ ବ୍ୟବସ୍ଥା ନ କରି ନିଲାମଧାରୀଙ୍କୁ ବାରଣ କରାଯିବାରୁ ପର୍ଯ୍ୟଟକ ଏଣେତେଣେ ଚପଲ, ମୋବାଇଲ ଆଦି ରଖିବା ଉଚିତ ମଣି ନ ଥିଲେ। ଚୋରି ଭୟରେ କେତେଜଣ ଶ୍ରଦ୍ଧାଳୁ ମନ୍ଦିରକୁ ଯାଇ ଦର୍ଶନ ନ କରି ପାରି ବାହାରୁ କେବଳ ମୁଣ୍ଡିଆ ମାଣି ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ଏଭଳି ଦୁର୍ଦ୍ଦଶାକୁ ଅନୁଭବ କରି ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଅପରାହ୍ନରେ ଚପଲ ଷ୍ଟାଣ୍ଡ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା।

## କମିଶନରେଟ ପୋଲିସ ଗଣଦୌଡ଼


ଗଣଦୌଡରେ ସାମିଲ ହୋଇଥିବା ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

୧୨ତମ ରାଇଜିଂ ଡେ ଉପଲକ୍ଷ କମିଶନରେଟ ପୋଲିସ ପକ୍ଷରୁ ରବିବାର ଏକ ବିଶାଳ ଗଣଦୌଡ କରାଯାଇଛି। ସକାଳ ୬ଟା ୩୦ରୁ ଓଏସ୍‌ଏପି ୭ମ ବାଟାଲିୟନ ପଡିଆର କମିଶନରେଟ ପୋଲିସ ମୁଖ୍ୟାଳୟ ପର୍ଯ୍ୟନ୍ତ ଏହି ଗଣଦୌଡ କରାଯାଇଥିଲା। ଏଥିରେ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ପୋଲିସ କମିଶନର ସୁଧାଂଶ ଷଡ଼ଙ୍ଗୀ, ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ, ଅଭିନେତା ସବ୍ୟସଚୀ ମିଶ୍ର ଓ ଅନ୍ୟ କଳାକାରମାନେ ଯୋଗଦେଇ ଦୌଡିଥିଲେ। ଆମ ପୋଲିସ, ଆମ ସୁରକ୍ଷା ନାରା ନେଇ କମିଶନରେଟ ପୋଲିସ ଏହି ଗଣଦୌଡ କରାଯାଇଥିଲା। ଶେଷରେ ଯେଉଁମାନେ ଦୌଡାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ ସେମାନଙ୍କୁ ମନ୍ତ୍ରୀ ପୁରସ୍କୃତ କରିଥିଲେ।

# ସାହିତ୍ୟ ହେଉଛି ଭାବର ବିଷୟ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ଭୁବନେଶ୍ୱର ସାହିତ୍ୟ ସମାଜ ପକ୍ଷରୁ ରବିବାର ଗୀତଗୋବିନ୍ଦ ସଦନଠାରେ ସାରସ୍ୱତ ସମାରୋହ 'ଶୀତ ଆସର' ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ୍ ଜେନେରାଲ୍ ଅଶୋକ ପରିଜା ସମାରୋହକୁ ଉଦ୍‌ଘାଟନ କରି ସାହିତ୍ୟିକମାନେ ଯୁଗେ ଯୁଗେ ସମାଜର ମାର୍ଗଦର୍ଶକ ହୋଇ ଆସିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଚିବ ତଥା 'ସମାଜ'ର ପ୍ରକାଶକ ନିରଞ୍ଜନ ରଥ ଯୋଗଦେଇ କହିଥିଲେ, ସାହିତ୍ୟ ହେଉଛି ଭାବର ବିଷୟ। ଭାବକୁ ଅନ୍ତରଙ୍ଗ ଓ ନିଜସ୍ୱ ଶୈଳୀରେ ପରିବେଷଣ କରିବାରେ ଜଣେ ସାହିତ୍ୟିକର ମୌଳିକତା ନିହିତ। ଅନୁଷ୍ଠାନର ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରାବନ୍ଧିକା ଓ ଗାଳ୍ପିକା ଡ. ସୁଲୋଚନା ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ସାହିତ୍ୟ ଯୁଗେ ଯୁଗେ ସଂପ୍ରୀତି, ସମ୍ପର୍କ, ମାନବିକତା ଓ ଉଚ୍ଚତର ମୂଲ୍ୟବୋଧର କଥା କହିଆସିଛି। ସେଥିପାଇଁ ସାହିତ୍ୟିକଙ୍କୁ ସମାଜର ପଥ ପ୍ରଦର୍ଶକ ଭାବେ ଗ୍ରହଣ କରାଯାଇଛି। ବିଶିଷ୍ଟ ଅତିଥିଭାବେ କଥାଶିଳ୍ପୀ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ବିଜ୍ଞାନ ସହ ଆଧୁନିକ ସାହିତ୍ୟ ହାତ ଧରାଧରି ହୋଇ ଗତି କରୁଛି ବୋଲି କହିଥିଲେ।

କାର୍ଯ୍ୟକ୍ରମରେ କବି ସୁଶ୍ରୀ ପ୍ରତିଭା ପରିଡ଼ାଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଚିତ୍ରଶିଳ୍ପୀ ତଥା ସ୍ଥପତି ରବିନାରାୟଣ ରଥଙ୍କୁ 'ଦିନନାଥ ପାଠୀ ସୃଜନ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ପାଦିକା ସୋନାଲୀ ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'କବିତା-୨୦୧୯' ଓ ଡ. ନିଶାକର ପଣ୍ଡାଙ୍କ ରଚିତ 'ପ୍ରାଣ ଓ ପ୍ରୟାଣ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ଅଭୟ ନାରାୟଣ ନାୟକ ମାନପତ୍ର ପାଠ କରିଥିଲେ ଓ ଉପସଭାପତି ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ ପାଠୋତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ନୀଳଲୋହିତ ମହାପାତ୍ର ଓ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି ପାଠୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସମାଗତ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।

## 'ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶ ଆଜି ବି ପ୍ରାସଙ୍ଗିକ'

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**


ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସା ତଥା ଗୋପବନ୍ଧୁଙ୍କ ଦେଶାତ୍ମବୋଧ ଓ ଦରିଦ୍ର ନାରାୟଣର ସେବା ମାନବୀୟ ଆଦର୍ଶର ପ୍ରାସଙ୍ଗିକତା ରହିଛି। ସ୍ଥାନୀୟ ପାନ୍ଥନିବାସଠାରେ ନିମାପଡ଼ା ସାହିତ୍ୟ ସଂସଦର ଷଷ୍ଠ ବାର୍ଷିକ ଉତ୍ସବରେ ବିଶିଷ୍ଟ ଲେଖିକା ପଦ୍ମଶ୍ରୀ ପ୍ରତିଭା ରାୟ ଏହା ମତବ୍ୟକ୍ତ କରିଛନ୍ତି। ଏହି କଥାରୁ ଦୂରେଇ ଯିବା ଯୋଗୁ ସମାଜରେ ବିଭେଦତା ଓ ସଂକଟ ସୃଷ୍ଟି ହେଉଛି ବୋଲି 'ଗାନ୍ଧୀ, ଗୋପବନ୍ଧୁ ଓ ଓଡ଼ିଆ ସାହିତ୍ୟରେ ଜାତୀୟ ଚେତନା' ଶୀର୍ଷକ ଆଲୋଚନା ଚକ୍ରରେ ସେ ଯୁକ୍ତି ବାଢ଼ିଥିଲେ। ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଅଧିବକ୍ତା ଶୁଭେନ୍ଦୁ ରାଉତରାୟଙ୍କ ସଂଯୋଜନା ଓ ବିଶିଷ୍ଟ ସମାଲୋଚକ ପ୍ରଫେସର ଡକ୍ଟର ବସନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ପ୍ରଫେସର ଆଚାର୍ଯ୍ୟ ଭାବାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ, ନାରୀ ସ୍ୱାଧୀନତା, ଦାରିଦ୍ର୍ୟ ଦୂରୀକରଣ ଓ ଶ୍ରମ ନିୟୋଜନ ବିଷୟରେ ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନର ଡିନ୍ ପ୍ରଫେସର ଅନୂପ ଯୋଗଦେଇଥିଲେ। ଏହି ଅବସରରେ ଆଚାର୍ଯ୍ୟ ଭାବାନନ୍ଦଙ୍କୁ ଗାନ୍ଧିସ୍ମୃତି ସମ୍ମାନ, ଡକ୍ଟର ଅଜୟ ପରିଡ଼ାଙ୍କୁ ପରିବେଶ ସମ୍ମାନ, କବି ରକ୍ଷକ ନାୟକଙ୍କୁ କୁଞ୍ଜବିହାରୀ ଦାଶ କବିତା ସମ୍ମାନ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଅଧ୍ୟାପିକା ଡକ୍ଟର ପ୍ରମୋଦିନୀ ଜେନାଙ୍କ ସଂପାଦିତ ସାହିତ୍ୟ ପତ୍ରିକା 'ନିମାପଡ଼ା ପତ୍ର' ଓ ଅଧ୍ୟାପକ ଇନ୍ଦ୍ରମଣି ସାହୁଙ୍କ 'ମାନବିକତାର ଉପନ୍ୟାସ' ଉନ୍ମୋଚିତ ହୋଇଥିଲା।

### ■ ଚିଲିକା ଭ୍ରମଣରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼

# ଡଙ୍ଗା ନ ପାଇ ନିରାଶରେ ଫେରିଲେ

**ବାଲୁଗାଁ, ୨୯।୧୨(ଡି.ଏନ.ଏ.)**



ନୂତନବର୍ଷର ଆଗମନ ସଙ୍ଗେ ସଙ୍ଗେ ବିଦାୟବର୍ଷର ଶେଷ ରବିବାର ଚିଲିକା ପରିଭ୍ରମଣରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚିଲିକା ମଧ୍ୟରେ ଥିବା ମା' କାଳିଜାଈଙ୍କ ପୀଠ, ପକ୍ଷୀ ଅଭୟାରଣ୍ୟ ନଳବଣ ସମେତ ମା' ନାରାୟଣୀ ପୀଠ, ବାଣପୁରସ୍ଥିତ ମା' ଭଗବତୀ ପୀଠ, ଶାଳିଆ ଡ୍ୟାମ, ବରବରା ଜଙ୍ଗଲ ମଧ୍ୟରେ ଥିବା ମା' ବିରିଜାଈ ପୀଠ, ତାରିଣୀ ପୀଠ ଏବଂ ଡୁ-ଡୁଆ ଜଳପ୍ରପାତ ଆଦି ପର୍ଯ୍ୟଟନସ୍ଥଳଗୁଡ଼ିକରେ ରବିବାର ଭୋରରୁ ଦିନତମାମ ପର୍ଯ୍ୟଟକଙ୍କ ଶୁଅ ଛୁଟିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ସ୍ଥାନରେ ବଣଭୋଜିର ଆସର ଜମିବା ସହ ପ୍ରବଳ ଭିଡ଼ ହେତୁ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପ୍ରଶାସନ ପାଇଁ କଷ୍ଟକର ହୋଇପଡିଥିଲା। ତେବେ ଦୂରଦୂରାନ୍ତରୁ ଆସିଥିବା ବହୁ ପର୍ଯ୍ୟଟକ ପର୍ଯ୍ୟାପ୍ତ ଡଙ୍ଗାର ଅଭାବ ହେତୁ ଚିଲିକା ଭ୍ରମଣ କରି ନ ପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା। ବାଲୁଗାଁ ଚିଲିକା କୂଳରେ ଥିବା କାଳିଜାଈ ମୋଟର ବୋଟ ଆସୋସିଏଶନ୍, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ ଏବଂ ବଡକୁଳସ୍ଥିତ ମା' କାଳିଜାଈ ମୋଟର ଡଙ୍ଗା ମାଲିକ ସଂଘ ଓ ଓଟିଡିସି ପକ୍ଷରୁ ୩୨୫ରୁ ଊର୍ଦ୍ଧ୍ୱ ଯାତ୍ରୀ ପରିବହନ ନିମନ୍ତେ ଡଙ୍ଗା ନିୟୋଜିତ କରାଯାଇଛି। ରବିବାର ମାତ୍ରାଧିକ ପର୍ଯ୍ୟଟକ ହେତୁ ଡଙ୍ଗାର ଅଭାବ ଦେଖାଯାଇଥିଲା। ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚିଲିକାରେ ଯାତ୍ରୀ ପରିବହନ ନିମନ୍ତେ ସରକାରୀ କଟକଣା ଲାଗୁ କରାଯାଇଥିବାବେଳେ ନିର୍ଦ୍ଧାରିତ ସମୟ ପରଠାରୁ ଯାତ୍ରୀ ସେବାକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଅପେକ୍ଷାରତ ପର୍ଯ୍ୟଟକମାନେ ଚିଲିକା ଭ୍ରମଣ କରି ନ ପାରି ନିରାଶ ମନରେ ଫେରିଥିଲେ। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଶିକ୍ଷାର୍ଥୀଙ୍କ ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୨୯-୧୨**

ଛାତ୍ରୀଛାତ୍ରଙ୍କର ମାନସିକ ଦକ୍ଷତା ବୃଦ୍ଧି ଦିଗରେ ଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶାନ୍ତ, ସରଳ ଏବଂ ସାବଲୀଳ ହେବା ଦିଗରେ ଯୋଗ ଏବଂ ଧ୍ୟାନର ପ୍ରଭାବ ରହିଥାଏ। ଛାତ୍ରୀଛାତ୍ର ପାଠ ପଢିବା ସହ କିଛି ସମୟ ଯୋଗ ଏବଂ ଧ୍ୟାନ କରିବାର ଆବଶ୍ୟକତା ରହିଛି । ଶୈଳଶ୍ରୀ ବିହାରସ୍ଥିତ ଦକ୍ଷତା ବିକାଶ ପ୍ରତିଷ୍ଠାନ ଏନ୍‌ଆଇଏଟିର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଜ୍ଞାନଯଜ୍ଞରେ ଯୋଗଦେଇ ସ୍ଥାନୀୟ କଳ୍ପତରୁ ଆଶ୍ରମ ଭୁବନେଶ୍ୱରର ଅଧକ୍ଷ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଏହା କହିଛନ୍ତି। ମାନସିକ ବିକାଶ ଦିଗରେ ଆଧ୍ୟାତ୍ମିକତାର ପ୍ରଭାବ ରହିଛି ବୋଲି ଏନ୍‌ଆଇଟି ସିଲଂର ରେଜିଷ୍ଟ୍ରାର ବିଜୟାନନ୍ଦ ଚୌଧୁରୀ ଏଥିରେ ମତ ଦେଇଛନ୍ତି। ୩ ଦିନ ବ୍ୟାପି ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଜ୍ଞାନଯଜ୍ଞରେ ସାଧୁ ସମ୍ମିଳନୀ ଏବଂ ୧୦୮ ହନୁମାନ ଚାଳିସା ପାଠ ହୋଇଥିଲା। ଏଥିରେ ବିପିନ ବିହାରି ଦାସ ବାବାଜୀ ମହାରାଜ, ଅନୁଷ୍ଠାନର ନିର୍ଦ୍ଦେଶକ ଦେବାଶିଷ ପରିଡା, ନାଇଲେଟ ଉପନିର୍ଦ୍ଦେଶକ ଉମାକାନ୍ତ ତ୍ରିପାଠୀ,ଅଧ୍ୟାପକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୫ରୁ ଗୀତା ଜ୍ଞାନ ଯଜ୍ଞ

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**

ପରମହଂସ ଯୋଗାନନ୍ଦଙ୍କ ବିଦେଶ ଯାତ୍ରାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଆସନ୍ତା ୫ତାରିଖ ଦିନ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ସକାଳ ୮ଟାରୁ ଜୟଦେବ ବିହାର ସ୍ଥିତ ତିରୁପତି ତିରୁମାଳା କଲ୍ୟାଣ ମଣ୍ଡପଠାରେ ଗୁରୁ ପାଦୁକା ପୂଜା ସହ ଯଜ୍ଞ ଓ ଧ୍ୟାନ ଆୟୋଜନ କରାଯାଇଛି। ଅପରାହ୍ନ ୩ଟାବେଳେ ତିରୁପତି ତିରୁମାଳା କଲ୍ୟାଣ ମଣ୍ଡପଠାରୁ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ବାହାରି ଉତ୍କଳ ମଣ୍ଡପଠାରେ ପହଞ୍ଚିବ। ସନ୍ଧ୍ୟା ୬ଟାରେ ଉତ୍କଳ ମଣ୍ଡପଠାରେ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ପ୍ରଫେସର ଗଣେଷୀ ଲାଲ, ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ଗୁରୁଜୀ ପରମହଂସ ପ୍ରଜ୍ଞାନନ୍ଦଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ସ୍ୱାମୀ ସମର୍ପାନନ୍ଦ ଗିରି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏହି ଅବସରରେ ୬, ୭ ଓ ୮ତାରିଖ ୩ଦିନ ଧରି ଗୀତା ଯଜ୍ଞ ଅନୁଷ୍ଠିତ ହେବ। ଯେଉଁଥିରେ କି ପରମହଂସ ଗୁରୁଜୀ ଆଶୀର୍ବଚନ ପ୍ରଦାନ କରିବେ। ଭୁବନେଶ୍ୱରରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ମୁମ୍ବାଇ, କୋଲକାତା, କାନପୁର, ଅହମଦାବାଦ ସହ ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ ଆମେରିକା ଓ ଜାପାନରେ ମଧ୍ୟ ପ୍ରସାରିତ ହେବ। ଉଦ୍‌ଯାପନ ସମାରୋହ ଆମେରିକାର ଲସ୍-ଆଞ୍ଜେଲେସ୍‌ଠାରେ ୨୦୨୧ ଅକ୍ଟୋବର ୬ରୁ ୧୦ ଯାଏ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ସେ କହିଛନ୍ତି।

## ବାଣୀବିହାର ୮୯ ବ୍ୟାଚ୍‌ର ପୂର୍ତ୍ତି ପାଳନ




**ଭୁବନେଶ୍ୱର,୨୯-୧୨**

ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) ୧୯୮୭-୮୯ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ୩୦ ବର୍ଷ ପୂର୍ତ୍ତି ଉତ୍ସବ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଏବଂ ଉତ୍କଳ ଆଲୁମ୍‌ନି ଆସୋସିଏଶନର ଆବାହକ ବିଜୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ଗଢି ତୋଳିବା ଦିଗରେ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବା ଉଚିତ ବୋଲି ସେ ଏଥିରେ ମତ ରଖିଛନ୍ତି। ଏଥିରେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ରଞ୍ଜନ କୁମାର ବଳ, ଆଲୁମ୍‌ନି ଆସୋସିଏଶନ ସଭାପତି ରାମକୃଷ୍ଣ ମିଶ୍ର, ସାହିତ୍ୟିକା ହିରଣ୍ମୟୀ ମିଶ୍ର, ଆସୋସିଏଶନର ସମ୍ପାଦକ ପ୍ରଦୀପ କୁମାର ଗାହାଣ, ଆବାହକ ଗଣେଶ୍ୱର ଜେନାଙ୍କ ସମେତ ପୁରାତନ ଛାତ୍ରୀଛାତ୍ରଙ୍କ ପରିବାରର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏଠାରେ ଅଂଶ ଗ୍ରହଣ କରିଥିଲେ।

### ■ ଆନ୍ତର୍ଜାତିକ ସବୁଜ ମହୋତ୍ସବ ଉଦ୍‌ଘାଟିତ

# ଏକ କୋଟି ଗଛ ଲଗାଇବାକୁ ସଙ୍କଳ୍ପ

**ଭୁବନେଶ୍ୱର, ୨୯।୧୨ (ବ୍ୟୁରୋ)**


ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗଛଚାରା ଗାଡ଼ିକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ପ୍ରେରଣା ଗ୍ରୀନ ଆର୍ମି ପକ୍ଷରୁ ରବିବାର 'ଆନ୍ତର୍ଜାତିକ ସବୁଜ ମହୋତ୍ସବ' ଉଦ୍‌ଘାଟିତ ହୋଇଛି। ସବୁଜ ଓଡ଼ିଶା, ସବୁଜ ଭାରତ, ସବୁଜ ବିଶ୍ୱ ପାଇଁ ଆର୍ମି ପକ୍ଷରୁ 'ବିଶ୍ୱ ସବୁଜ ଯୁଦ୍ଧ' ନାମରେ ଏହାକୁ ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ୩୦ଟି ଦେଶ ଏବଂ ଓଡ଼ିଶାରୁ ଶହ ଶହ ପରିବେଶବିତ୍, ଶିକ୍ଷାବିତ୍, ରାଜନେତା, ସାମାଜିକ କର୍ମୀ, ଅଭିନେତା, କଳାକାର, ସାହିତ୍ୟିକ ଓ ଯୁବତୀଯୁବକ ଉପସ୍ଥିତ ରହି ଶପଥ ଗ୍ରହଣ କରିଛନ୍ତି।

ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍‌ଆର୍ମିର କମାଣ୍ଡେଣ୍ଟ ଇନ୍‌ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରି କହିଥିଲେ, ବିଶ୍ୱ ବଞ୍ଚାଇବା ପାଇଁ ଡିସେମ୍ବର ୨୯ରୁ ଜାନୁୟାରୀ ୫ ପର୍ଯ୍ୟନ୍ତ ନୂଆବର୍ଷକୁ ସବୁଜ ନୂଆବର୍ଷ ଭାବେ ପାଳନ କରାଯିବ। ଏହି ଅବସରରେ ଦେଶ ବିଦେଶରେ ୧ କୋଟି ଗଛ ଲଗାଯିବ, ୧୦୦ ସଚେତନତା ସଭା, ୧୦୦୦ ପଥପ୍ରାନ୍ତ ନାଟକ, ୫୦୦ ଶୋଭାଯାତ୍ରା ଓ ୧ କୋଟି ଗଛଚାରା ବିନାମୂଲ୍ୟରେ ବଣ୍ଟାଯିବ ବୋଲି ସେ କହିଥିଲେ। ଉତ୍ସବକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରି କହିଥିଲେ ଓଡ଼ିଆ ଜାତିର ଏହି ସବୁଜ ସଂଗ୍ରାମରେ ଦେଶ ବିଦେଶ ଓ ରାଜ୍ୟରେ ଥିବା ପ୍ରତ୍ୟେକ ଓଡ଼ିଆ ସାମିଲ ହେବା। ପରିବେଶ ପାଇଁ ଗଛଟିଏ ଲଗାଇ ପୃଥିବୀକୁ ସବୁଜ ସୁନ୍ଦର କରିବା ହିଁ ଆମମାନଙ୍କ ଦାୟିତ୍ୱ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଡ. ପ୍ରକାଶ ଶ୍ରୀଚନ୍ଦନ, ଜୟଶ୍ରୀ ଧଳ, ସୁମିତ୍ ଦେବୀ, କସ୍ତୁରୀ ଦେବୀ, ନାଟ୍ୟ ଅଭିନେତା ଦୈତାରି ପଣ୍ଡା, ଇଂ ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହିଅବସରରେ ଏକ ସୁସଜ୍ଜିତ ଗାଡ଼ି ବିନା ମୂଲ୍ୟରେ ଗଛଚାରା ବାଣ୍ଟିବା ପାଇଁ ବାହାରିଥିଲା। ପରେ ପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ ଏବଂ ଜନସାଧାରଣଙ୍କ ଘର ପରିସରରେ ବୃକ୍ଷରୋପଣ କରାଯିବ।

# ସରକାରଙ୍କ ପାଖରେ ନାହିଁ ନିରାଶ୍ରୟଙ୍କ ତଥ୍ୟ

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ରାଜ୍ୟ ସରକାର ଦୀର୍ଘଦିନର ଶାସନକାଳ ମଧ୍ୟରେ ବାସହରା ଓ ନିରାଶ୍ରୟମାନଙ୍କ ପ୍ରତି ଅବହେଳା କରିଆସିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ରବିବାର ଅପରାହ୍ନରେ କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରାଯାଇଛି। ଆଇନଜୀବୀ ନିଶିକାନ୍ତ ମିଶ୍ର, କଂଗ୍ରେସ ନେତା ପ୍ରଶାନ୍ତ ଶତପଥୀ, ଜିନେଶ ଦାସ ଏବଂ ନରେଶ ମହାନ୍ତି ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହିଥିଲେ।

ଆଇନଜୀବୀ ନିଶିକାନ୍ତ କହିଥିଲେ ଯେ, ପ୍ରବଳ ଶୀତ ପ୍ରବାହକୁ ମୁକାବିଲା କରିବା ପାଇଁ ଏସ୍‌ଆର୍‌ସି ଗତ ୨୭ ତାରିଖରେ ସମସ୍ତ ଜିଲାପାଳଙ୍କୁ


କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

## କଂଗ୍ରେସର ଅଭିଯୋଗ

ଶୀତ ଲହରିର ମୁକାବିଲା ପାଇଁ ଏକ ଜରୁରିକାଳୀନ ବାର୍ତ୍ତା ଦେଇଛନ୍ତି। ପ୍ରବଳ ଶୀତ ରାତିରେ ବାସହରା ଓ ନିରାଶ୍ରୟମାନଙ୍କୁ ସରକାରୀ ସ୍କୁଲରେ ରାତ୍ରିଯାପନ ପାଇଁ ସ୍କୁଲ ଘର ଖୋଲା ରଖିବା ଲାଗି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ୨୦୧୨ ମସିହାରେ ସତ୍ୟପାଠ ଦାଖଲ କରି ୧୫ଟି ସ୍ଥାୟୀ ରାତ୍ର ଆଶ୍ରୟସ୍ଥଳର ଆବଶ୍ୟକ ଥିବା କହିଥିଲେ। ପରେ ୨୦୧୫ରେ ସରକାର ରାଜ୍ୟର ପ୍ରମୁଖ ସଦର ମହକୁମାର ରାତ୍ର ଆଶ୍ରୟସ୍ଥଳ ସମ୍ପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ, ତାହା ସୁପ୍ରିମକୋର୍ଟଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଦାଖଲ କରାଯାଇଥିବା ତଥ୍ୟଠାରୁ ଭିନ୍ନ ବୋଲି ନିଶିକାନ୍ତଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ତେଣୁ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ସହିତ ଅତିରିକ୍ତ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗର ତଥ୍ୟ ଅମେଳ ହେବା ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ନିର୍ଦ୍ଦେଶ ପରସ୍ପର ବିରୋଧୀ ହେଲା କିଭଳି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ତେଣୁ ଭୋଟ ସମୟରେ ରାଜ୍ୟ ସରକାର ୨୨ ଲକ୍ଷ ବାସହୀନଙ୍କୁ ପକ୍କାଘର ଯୋଗାଇଦେବା ନେଇ ଯେଉଁ ଘୋଷଣା କରିଥିଲେ, ତାହା ମିଥ୍ୟା ଓ ବିଭ୍ରାନ୍ତିକର ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ବସ୍ ଧକ୍କାରେ ୨ ସ୍କୁଟି ଆରୋହୀ ମୃତ

ପାଲଲହଡା,୨୯।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଥାନା ବଡିସୁଆଁ ପଞ୍ଚାୟତ ଭୀମକାଣ୍ଡ ଛକ ନିକଟରେ ରବିବାର ଏକ ବସ୍ ସ୍କୁଟିକୁ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଡିମିରିଆ ଗ୍ରାମର ପ୍ରେମାନନ୍ଦ ବିଶ୍ୱାଳ(୩୦) ଏବଂ ଚଷାଗୁରୁଜାଙ୍ଗ ଗ୍ରାମର ସୁରେଶଚନ୍ଦ୍ର ସାହୁ(୭୦)। ଦୁହେଁ ପାଲଲହଡ଼ାଠାରେ ଥିବା ଏକ ୱେଲ୍‌ଡିଂ ଦୋକାନର କର୍ମଚାରୀ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

ପୋଲିସ କହିଛି, ପ୍ରେମାନନ୍ଦ ଓ ସୁରେଶ କୌଣସି ଏକ କାମରେ ସ୍କୁଟି (ନଂ.ଓଡି୩୫ଏ-୪୩୯୫) ଯୋଗେ ତାଳଚେର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବିଜୟ ନାମକ ଏକ ଯାତ୍ରୀବାହୀ ବସ୍ ଉଭୟଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ପ୍ରେମାନନ୍ଦ ଓ ସୁରେଶଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ପାଲଲହଡା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇଥିବା ବସ୍ ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ବସ୍‌ଟିକୁ ଜବତ କରିଛି। ଏ ସଂକ୍ରାନ୍ତରେ ନଂ.୧୮୮/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।


ଦୁର୍ଘଟଣା ପରେ ସ୍କୁଟି ରାସ୍ତା ପାର୍ଶ୍ୱରେ ପଡ଼ିଛି।

# ଅଭିଯୁକ୍ତ ସ୍ୱାମୀ ଜେଲ ଗଲେ

## ଧାଙ୍ଗେର ହତ୍ୟା ମାମଲା

ବରଗଡ଼ ଅଫିସ୍,୨୯।୧୨

ବରଗଡ଼ ସଦର ଥାନା ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଶିଶୁକନ୍ୟାଙ୍କୁ ଧରି ଫେରାର ଥିବା ଅଭିଯୁକ୍ତ ସ୍ୱାମୀ କେନାଲୁ ଓରଫ ବୀରଧର ପରୁଆ(୪୩)ଙ୍କୁ ପୋଲିସ ଗିରଫ କରିଛି। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ବୀରଧରଙ୍କୁ ବରଗଡ଼ ସବଜେଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ବରପାଲି ଥାନା ମହୁଲପାଲି ଗ୍ରାମର ଶାନ୍ତି ବିଶ୍ୱାଳଙ୍କ ଝିଅ ଟିକେଶ୍ୱରୀ ଧାଙ୍ଗେର ଗ୍ରାମର ବଳିଷ୍ଠ ପରୁଆଙ୍କ ପୁଅ କେନାଲୁଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଶିଶୁକନ୍ୟା ଅଛି। ତେବେ ଗତ ୧୪ତାରିଖରେ ଶାନ୍ତି ତାଙ୍କ ଝିଅ, ନାତୁଣୀଙ୍କୁ ଦେଖା କରିବା ପାଇଁ ଧାଙ୍ଗେର ଆସିଥିବାବେଳେ ଜ୍ୱାଇଁଙ୍କ ଘରେ ତାଲା ପଡ଼ିଥିଲା। ଅନ୍ୟପଟେ ଗତ ୧୨ତାରିଖରେ କେନାଲୁ ଶାନ୍ତିଙ୍କୁ ଫୋନ କରି ଟିକେଶ୍ୱରୀଙ୍କ ମୁଣ୍ଡ ଫଟାଇ ଦେଇଥିବା କହିଥିଲେ। ଫଳରେ ଟିକେଶ୍ୱରୀଙ୍କୁ ହତ୍ୟା ପରେ କେନାଲୁ ଶିଶୁକନ୍ୟାଙ୍କୁ ଧରି କୁଆଡ଼େ ଖସି ଯାଇଥିବା ଶାନ୍ତି ସନ୍ଦେହ କରିଥିଲେ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଫିଟାଇଥିଲେ। ଏହାପରେ ସେହି ଘରେ ଟିକେଶ୍ୱରୀଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ଏବଂ ଶାନ୍ତି ସଦର ଥାନାରେ ଘଟଣା ସମ୍ପର୍କରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ସଦର ଥାନା ପୋଲିସ ଦଫା ୩୦୨ରେ ଏକ ମାମଲା(ନଂ.୨୪୮/୧୯) ରୁଜୁ କରି ତଦନ୍ତ ଚଳାଇଥିଲା ଏବଂ ତନାଘନା ପରେ ହତ୍ୟା ଅଭିଯୁକ୍ତ କେନାଲୁଙ୍କୁ ଗିରଫ କରିଥିଲା।

### କଂଗ୍ରେସ ନେତା ପ୍ରଦୀପ ମାଝିଙ୍କ ବିବାଦୀୟ ବୟାନ ପ୍ରସଙ୍ଗ

# ଭାଜପା ପକ୍ଷରୁ ସମାଲୋଚନା ଜାରି

ଭୁବନେଶ୍ୱର,୨୯।୧୨(ବ୍ୟୁରୋ)

ନବରଙ୍ଗପୁର ଜିଲା କୋଷାଗୁଡ଼ା ନାବାଳିକା ବଳାତ୍କାର ଘଟଣାରେ କଂଗ୍ରେସ ନେତା ପ୍ରଦୀପ ମାଝିଙ୍କ ବିବାଦୀୟ ବୟାନ ପୀଡ଼ିତାଙ୍କ ପାଇଁ କେବଳ ନ ଥିଲା ବରଂ ଏହି ବୟାନ ଦେଇ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ଜିଲାରେ ହିଂସା ଭିଆଇବା କଂଗ୍ରେସର ମୂଳ ଲକ୍ଷ୍ୟ ଥିଲା ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ରବିବାର ଅଭିଯୋଗ କରିଛନ୍ତି।

ଗୋଲକ କହିଛନ୍ତି ଯେ, କଂଗ୍ରେସ ସଭାନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ସାରା ଭାରତରେ ସିଏଏ ବିରୋଧରେ ନିଆଁ ଲଗାଯାଇ ରାଷ୍ଟ୍ରୀୟ ସମ୍ପତ୍ତିକୁ ନଷ୍ଟ କରାଯାଉଛି। ସେହି କ୍ରମରେ ପ୍ରଦୀପ ମାଝି ରାଜ୍ୟରେ ନିଆଁ ଲଗାଇ ହିଂସା ଏବଂ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ପ୍ରୟାସ କରିଥିଲେ। ପ୍ରଦୀପଙ୍କ ବୟାନକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅତି ହାଲୁକା ଭାବେ ନେଇଛନ୍ତି। ଏଥିସହିତ ଭାବବିହ୍ୱଳ ଏବଂ ଧୈର୍ଯ୍ୟଚ୍ୟୁତି ହରାଇ ବୟାନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗୋଲକ କହିଛନ୍ତି। ଗାନ୍ଧୀଙ୍କ ଆଦର୍ଶରେ ପରିଚାଳିତ କଂଗ୍ରେସ ଦଳ ପ୍ରଦୀପ ମାଝିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ଇଙ୍ଗିତରେ ପ୍ରଦୀପ ଓଡ଼ିଶାକୁ ଅଶାନ୍ତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଅପରପକ୍ଷରେ ଭାଜପାର ଏଭଳି ଅଭିଯୋଗକୁ କଂଗ୍ରେସ ଖଣ୍ଡନ କରିଛି। ପ୍ରଦୀପଙ୍କ ଏହି ବୟାନ ସମ୍ପର୍କିତ ଖବର ପ୍ରସାରଣ ପରେ ପିସିସି ପକ୍ଷରୁ ତାଙ୍କୁ କୈଫିୟତ ତଲବ କରାଯାଇଥିଲା। ଏଥିରେ ପ୍ରଦୀପ ନିଜ ବୟାନପାଇଁ ଦୁଃଖ ପ୍ରକାଶ କରିବା ସହ ଧୈର୍ଯ୍ୟହରା ହୋଇ ବୟାନ ଦେଇଥିବା ପ୍ରକାଶ କରିଥିଲେ। ଏଥିସହିତ ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ସହ ଦଳୀୟ ଶୃଙ୍ଖଳାକୁ ମାନି ଚଳିବେ ବୋଲି କହିଥିବା ପିସିସି ସଭାପତି ସ୍ପଷ୍ଟ କରିଛନ୍ତି।

### ରେଙ୍ଗାଳି ବନାଞ୍ଚଳରେ ହାତୀ ଆତଙ୍କ

# ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

କଣିହାଁ,୨୯।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ବନାଞ୍ଚଳ ବଜ୍ରକୋଟ ଗ୍ରାମରେ ଦନ୍ତା ହାତୀ ଜଣେ ମହିଳାଙ୍କ ଜୀବନ ନେଇଛି। ସମ୍ପୃକ୍ତା ମହିଳା ରବିବାର ଭୋର ୫ଟା ବେଳେ ଭୁବନେଶ୍ୱର ଯିବାକୁ ବସ୍ ନିକଟକୁ ଆସୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ ଏକ ଗାଁରେ ପଶି ଜଣଙ୍କର ଜୀବନ ନେଇଥିବା ବେଳେ ଭୋର ସମୟରେ ମହିଳାଙ୍କୁ ମାରିବା ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ପ୍ରତିବାଦରେ ସେମାନେ ବନ କର୍ମଚାରୀଙ୍କୁ ଅଟକ ରଖିବା ସହ ୧୦ ଲକ୍ଷ ଟଙ୍କା, ଚାକିରି ଆଦି ପାଇଁ ଦାବି କରିଥିଲେ।

ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଉକ୍ତ ହାତୀ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମରେ ପଶି ନବକିଶୋର ସେଠୀଙ୍କୁ ଟାଣିଆଣି ଦଳି ଦେଇଥିଲା। ବନ ବିଭାଗ ନବକିଶୋରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ନ ଥିବା ବେଳେ ରବିବାର ଭୋର ସମୟରେ ବଜ୍ରକୋଟ ଗାଁ ଡମଯୋଡି ସାହିର ନୟନୀ ସାହୁ(୫୨ଙ୍କ ଜୀବନ ନେଇଥିଲା ହାତୀ। ବସ୍ ନିକଟକୁ ଆସୁଥିବା ବେଳେ ହାତୀ ନୟନୀଙ୍କୁ ଆକ୍ରମଣ କରି ମାରିଦେଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀମାନେ ପହଞ୍ଚିବାପରେ ଗ୍ରାମବାସୀ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି, ହାତୀ ଯୋଗୁ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ ଆଦି ଦାବିରେ ସେମାନଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ରେଙ୍ଗାଳି ପୋଲିସ ଓ କଣିହାଁ ରେଞ୍ଜର ପହଞ୍ଚି ବୁଝାଶୁଝା କରିଥିଲେ। ଉଚ୍ଚଅଧିକାରୀଙ୍କ ସହ ଆଲୋଚନା ପରେ ରେଞ୍ଜର ନୀଳମଣି ଦେହୁରୀ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା, ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ, ମୃତକଙ୍କ ପରିବାରର ଜଣଙ୍କୁ ଚାକିରି, ବିଦ୍ୟୁତ୍ କାଟ ବନ୍ଦ ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଥିଲା। ସେହିପରି ଓଳନ୍ଦା ଗ୍ରାମର ନବକିଶୋରଙ୍କ ମୃତଦେହ ମଧ୍ୟ ସକାଳୁ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଥିଲା। ଏ ନେଇ ରେଙ୍ଗାଳି ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସରୋଜକାନ୍ତ ସାମଲ କହିଛନ୍ତି।

**MILK UNION SAMBALPUR** (SAMUL, omfed)

**VEHICLE REQUIRED ON HIRE**

**1.** TATA ACE or similar type vehicle required on Hire for Lakhmara-MMC Padampur Milk Route running both morning and evening covering 120 K.M.

**2.** Interested Parties may purchase and submit Tenders by **02.01.2020**, Tender Paper cost- **Rs. 200/-, EMD- Rs. 2,000/-**

### ଉଚ୍ଚ ଶିକ୍ଷାରୁ ବଞ୍ଚିତ ଗରିବ ମେଧାବୀ ଛାତ୍ରୀ

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ, ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଯାଜପୁର ଅଫିସ,୨୯।୧୨

ଯାଜପୁର ଜିଲା ଯାଜପୁର ରୋଡସ୍ଥିତ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଜଣେ ଅନୁସୂଚିତ ଜାତିର ଗରିବ ମେଧାବୀ ଛାତ୍ରୀ କଲେଜ ଲିଭିଂ ସାର୍ଟିଫିକେଟ୍ (ସିଏଲସି) ନ ପାଇ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଛାତ୍ରୀ ଜଣକ ଓଡ଼ିଶା ମାନବିକ ଅଧିକାର ଆୟୁକ୍ତ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହେବା ପରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ହସ୍ତକ୍ଷେପ କରିଛି। ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ହୃଷୀକେଶ ମହାନ୍ତି ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ଜାନୁୟାରୀ ୨ ସୁଦ୍ଧା ସବିଶେଷ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ତାଙ୍କ ପତ୍ରସଂଖ୍ୟା ୧୧୫୬୧/୨୪।୧୨।୨୦୧୯ରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ଓ ଶୁଆକାଟି ପାଟଣେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷାଅଧ୍ୟକ୍ଷଙ୍କୁ ସତ୍ୟାସତ୍ୟ ତଥ୍ୟାବଳୀ (ଫ୍ୟାକ୍ଟ ଫାଇଣ୍ଡିଂ) ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର ଜିଲା ଶୁଆକାଟି ପାଟଣେଶ୍ୱରୀ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ ମନମାନି ଯୋଗୁ ଜଣେ ଛାତ୍ରୀ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ମତପ୍ରକାଶ ପାଇଛି। ଓଏଚ୍‌ଆର୍‌ସିଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ରମ୍ଭିଲା ଗ୍ରାମର ଉର୍ମିଳା ଜେନା ୨୦୧୬-୧୭ରେ ପାଟନେଶ୍ୱରୀ ଡିଗ୍ରୀ କଲେଜରେ ଯୁକ୍ତତିନି ବିଜ୍ଞାନରେ ନାମ ଲେଖାଇଥିଲେ। କିନ୍ତୁ ଛାତ୍ରୀ ଉର୍ମିଳାଙ୍କ ସ୍ୱାସ୍ଥ୍ୟାବସ୍ଥା କାରଣରୁ ସେ ନିୟମିତ ଭାବେ କଲେଜରେ ଉପସ୍ଥିତ ହୋଇ ପାରି ନ ଥିଲେ। ୨୦୧୭-୧୮ରେ ସେ ପୁନର୍ବାର ଅନ୍‌ଲାଇନରେ ଆବେଦନ କରିଥିଲେ। ଯାଜପୁରରୋଡ ବ୍ୟାସନଗର ସ୍ୱୟଂଶାସିତ କଲେଜରେ ନାମ ଲେଖାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଥିଲେ। କିନ୍ତୁ ସେ ପଢୁଥିବା ପାଟଣେଶ୍ୱରୀ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟରେ ସିଏଲସି ପ୍ରଦାନ କରି ନ ଥିଲେ। ସିଏଲ୍‌ସି ପାଇଁ କଲେଜ କର୍ତ୍ତୃପକ୍ଷ ଉର୍ମିଳାଙ୍କୁ ୪ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏଥିରେ ଉର୍ମିଳା ଅସହାୟତା ପ୍ରକାଶ କରିଥିଲେ। ତଥାପି ସିଏଲସି ଆଶାରେ ବାରମ୍ବାର ପାଟଣେଶ୍ୱରୀ ଡିଗ୍ରୀ କଲେଜକୁ ଦୌଡି ଦୌଡି ନିରାଶ ହୋଇଥିଲେ। ଯାହାଫଳରେ ଉର୍ମିଳା ବ୍ୟାସନଗର ସ୍ୱୟଂଶାସିତ କଲେଜରେ ୧ମ ସିଲେକ୍ସନରେ ନାମ ଲେଖାଇବାରୁ ବଞ୍ଚିତ ହୋଇଥିଲେ। ଏଥିଯୋଗୁ ଉର୍ମିଳା ମାନସିକ ଭାରସାମ୍ୟ ହରାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଉପଯୁକ୍ତ ନ୍ୟାୟ ପାଇଁ ଗତ ଜୁଲାଇରେ ସେ ଓଏଚ୍‌ଆର୍‌ସିର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ବ୍ୟାସନଗର ସ୍ୱୟଂଶାସିତ କଲେଜର ଅଧ୍ୟକ୍ଷ ତାହିର ଖାନଙ୍କୁ ପଚାରିବାରୁ, ଉର୍ମିଳା ଜେନାଙ୍କ ଅଭିଯୋଗ ସଂକ୍ରାନ୍ତରେ ଓଏଚଆରସିରୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ତେବେ ଉର୍ମିଳା ଅନଲାଇନରେ ଆବେଦନ କରି ସିଏଲ୍‌ସି ଦାଖଲ କରିପାରି ନ ଥିବାରୁ ନାମ ଲେଖାଇ ପାରିନାହାନ୍ତି। ଆସନ୍ତାକାଲି ସୋମବାର ଏ ସଂକ୍ରାନ୍ତରେ ସେ ରିପୋର୍ଟ ଦାଖଲ କରିବେ ବୋଲି ଅଧ୍ୟକ୍ଷ ଖାନ୍ କହିଛନ୍ତି। ଏ ନେଇ ପାଟଣେଶ୍ୱରୀ ଡିଗ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

### ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

# ସମାଜର ମଙ୍ଗଳ ପାଇଁ ଏକାଠି ହେବାକୁ ଆହ୍ୱାନ

ବନ୍ତଲା,୨୯।୧୨(ଡି.ଏନ.ଏ.)

ଅନୁଗୋଳ ବାର୍ ଆସୋସିଏଶନ ନେତୃତ୍ୱରେ ଓଡ଼ିଶା ଆଇନଜୀବୀ ସଂଘର ୪୮ତମ ବାର୍ଷିକ ସମ୍ମିଳନୀ ରବିବାର ଅନୁଗୋଳ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆଇନଜୀବୀ ସଂଘ ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ଉପଦେଷ୍ଟା ବିଭୁ ପ୍ରସାଦ ଦ୍ୱିବେଦୀ ଆଡଭୋକେଟ ପ୍ରୋଟେକ୍ସନ ଆକ୍ଟ ସହ ଓକିଲମାନଙ୍କ ପାଇଁ ଜୀବନବୀମା ଓ ହେଲଥ୍‌କାର୍ଡ ଆଦି ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଓକିଲମାନଙ୍କୁ ସମସ୍ତଙ୍କ ବନ୍ଧୁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଯୋଗଦେଇ ନୂଆ କରି ଯେଉଁମାନେ ଓକିଲ ହୋଇ ଯୋଗଦାନ କରୁଛନ୍ତି ସେମାନଙ୍କୁ ବରିଷ୍ଠ ଓକିଲମାନେ ଗାଇଡ୍ କରିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ, ଅନୁଗୋଳ ଜିଲାରେ ପ୍ରଦୂଷଣ ବଢ଼ିଛି। ଏଠାରେ ବହୁ ଶିଳ୍ପ ଓ ଖଣି ଖାଦାନ ଥିଲେ ବି ଜିଲାକୁ ନ୍ୟାୟ ମିଳୁନି। ଏଥିପାଇଁ ସମସ୍ତେ ମିଳିମିଶି କାମ କଲେ ସମାଜର ମଙ୍ଗଳ ହେବ ବୋଲି ମନ୍ତ୍ରୀ କହିଥିଲେ। ଓଡ଼ିଶା ଆଇନଜୀବୀ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ଉପସଭାପତି ମିତ୍ରଭାନୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଗୋଳ ବାର୍ ଆସୋସିଏଶନ ସମ୍ପାଦକ ହିମାଂଶୁ ଭୂଷଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପୂର୍ବରୁ ଅତିଥିମାନେ 'ଦି ଲୟାର' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏଥିରେ ରାଜ୍ୟର ସବୁ ଜିଲାର ବରିଷ୍ଠ ଓକିଲମାନେ ଯୋଗ ଦେଇଥିଲେ। ଅନୁଗୋଳ ବାର୍ ଆସୋସିଏଶନ ଉପ ସଭାପତି ଦିଲୀପ କୁମାର ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ବାରିକ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ଜିଲା ବାର ଆସୋସିଏଶନର ସମସ୍ତ ଓକିଲ ସହଯୋଗ କରିଥିଲେ। ଅପରାହ୍ନରେ 'ସମ୍ବିଧାନର ଭବିଷ୍ୟତରେ ଓକିଲଙ୍କ ଭୂମିକା ଓ କର୍ତ୍ତବ୍ୟ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓଡ଼ିଶା ଆଇନଜୀବୀ ସଂଘ ଉପସଭାପତି ଭୂପେଶ ପ୍ରଧାନ, ତାଳଚେରର ବରିଷ୍ଠ ଓକିଲ ଦେବୀ ପ୍ରସାଦ ରଥ, ଅନୁଗୋଳ କୋର୍ଟର ବରିଷ୍ଠ ଓକିଲ ପରମାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ମିଶ୍ର, ଦିଲୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



# MUNICIPAL OFFICE, DHENKANAL

No. 5046 / Dt. 27.12.2019

## TENDER CALL NOTICE

1. The Executive Officer, Dhenkanal Municipality, Dhenkanal invites Item rate tenders in sealed covers in confirmity with detailed tender call notice to be eventually drawn up in prescribed Municipal form, from registered contractors Dhenkanal Municipality for execution of the under mentioned works. The Contractors may submit tenders for any or all of the works separately.

| Sl. No. | Name of the work | Approximate value of the work (In Rs.) | Class of Contractors eligible to apply | EMD required (in Rs.) | Non-refundable cost of tender document with GST (in Rs.) | Stipulated period of completion |
|---|---|---|---|---|---|---|
| 1 | Completion of MCC at Kathagada in ward no. 01 | 2,00,000.00 | Municipal Contractor | Rs. 2000.00 | Rs. 600.00 | 15 days |
| 2 | Completion of MCC at Kunjakanta in ward no. 03 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 3 | Completion of MCC at Banamalipasad in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 4 | Completion of MCC at Alasua Hata in ward no. 22 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 5 | Completion of MCC at Mahisapat in ward no. 08 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 6 | Open Space development at Kutunia Sahi in ward No. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 7 | Open Space development at Kathagada Juanga Sahi in ward no. 01 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 8 | Open Space development at Korian Juanga Sahi in ward no. 23 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 9 | R/M to road from Suresh Barik res. towards Basant Nayak res. and Managobinda Dalei res. in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 10 | Construction of Cement concrete road by the side of Saraswarti Nayak house in ward no. 13 | 1,99,000.00 | -do- | Rs. 1990.00 | Rs. 600.00 | -do- |
| 11 | Completion of incomplete drain from Shani Restaurant towards Tarini Mandir in ward no. 12 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 12 | Construction of CC Drain from Muslim Basti to Arif Khan house in ward no. 12 | 1,98,000.00 | -do- | Rs. 1980.00 | Rs. 600.00 | -do- |
| 13 | Construction of CC drain from Baji Chowk Muasi Maa Mandir towards Jay Gopal Mathha in ward no. 17 | 1,97,000.00 | -do- | Rs. 1970.00 | Rs. 600.00 | -do- |
| 14 | R/M to pipe line cutting at Bhagabanpur Sabar Sahi in ward no. 18 | 1,99,000.00 | -do- | Rs. 1990.00 | Rs. 600.00 | -do- |
| 15 | Constn. of boundary wall at Muktadeipur Sasan School in ward no. 15 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 16 | Constn. of CC road by the side of Subhadra Medicine Store Gali in ward no. 09 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 17 | Constn. of CC road from Sabar Sahi road towards Bhuban Padhan res. in ward no. 19 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 18 | R/M to road from Dipu Samanta res. towards Ranjan Sahoo res. in ward no. 08 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 19. | Constn. of culvert & drain near Mishra Babu res. at Ragadi Sahi in ward no. 15 | 1,00,000.00 | -do- | Rs. 1000.00 | Rs. 400.00 | -do- |
| 20 | R/M to Toilet at Mini Stadium | 2,00,000.00 | -do- | Rs. 2000.00 | Rs. 600.00 | -do- |
| 21 | Construction of CC road at Jagannath Bihar in ward No. 10 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 22 | R/M to road from Nanhi Sahoo res towards Muna Khan res. in ward no. 17 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 23 | Constn. of Public Toilet at Sadar RI Office in ward no. 02 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 24 | R/M to road at Gopinath Garden by the side of Dr. Dambarudhar babu res. in ward no. 11 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 25 | Construction of drain at Bhramarbar Behera house to main road in ward no. 16 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 26 | Constn. of culvert at Tata Pattanaik res. in ward no. 12 | 2,00,000.00 | -do- | Rs. 2000.00 | Rs. 600.00 | -do- |
| 27 | Constn. of approach road from Bhagirathi Sagar embankment towards Natabar Debata Lane in ward no. 04 & 13 | 1,70,000.00 | -do- | Rs. 1700.00 | Rs. 400.00 | -do- |
| 28 | Constn. of road near Dr. Ram res. in ward no. 10 | 2,00,000.00 | -do- | Rs. 2000.00 | Rs. 600.00 | -do- |

1. Tender documents consisting of plan, specification, the schedule of quantities and the set of terms and conditions of contracts and other necessary documents can be seen in the office of the undersigned during office hours on all working days.
2. Tenders must accompany by EMD of the amount specified for the work in the table above in shape of cash receipt in Municipal form, attested copies of valid ITCC/PAN card, GST clearance Certificate and contractor registration certificate failling which the tenders will be rejected.
3. The sale of tender documents shall be start from Dt. 30.12.2019 and close on dt. 13.01.2020 at 1.00 P.M. (including holidays). Tenders shall be delivered in the tender box only during Office hours upto 13.01.2020 on dt. 1.00 P.M. The tendes will be opened on Dt. 13.01.2020 at 3.30 PM in the office of the undersigned in presence of the Contractors who wish to attend. If the office happens to be closed on the date of receipt and opening of the tenders as specified, the tenders will be received and opened on the next working day at the same time and venue respectively.
4. The Contractors are instructed not to write their name on the out cover containing the tender document. They are only required to write the name of the work and authority that is to receive the tender. Tender for each work shall be submitted in separate covers.
5. Any other details can be seen in the tendering documents or can be had from the office of the undersigned during working hours on all working days.
6. The undersigned reserves the right to reject any or all the tenders without assigning any reason thereof.

**Sd./- Executive Officer, Dhenkanal Municipality**

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଡିସେମ୍ବର, ୨୦୧୯



## ଲିଭର ସମସ୍ୟା ଦେଖାଦେଲେ..



ଆମ ଶରୀର ପ୍ରମୁଖ ଅଙ୍ଗ ମଧ୍ୟରେ ଲିଭର(ଯକୃତ) ଅନ୍ୟତମ। ଏହା ଖାଦ୍ୟରୁ କାର୍ବୋହାଇଡ୍ରେଟ୍ ଏବଂ ଭିଟାମିନ୍ ସଂଗ୍ରହ କରି ମସ୍ତିଷ୍କକୁ ଯୋଗାଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଆମ ଶରୀର ଭିତରେ ଥିବା ବିଷାକ୍ତ ରାସାୟନିକ ତତ୍ତ୍ୱଗୁଡ଼ିକୁ ଲିଭର ନଷ୍ଟ କରିଦେଇଥାଏ। ଅପରପକ୍ଷରେ ଲିଭର ଭିତରେ ଏପରି ଏକ ପ୍ରୋଟିନ୍ ତିଆରି ହୁଏ, ଯାହା ରକ୍ତକୁ ପରିଷ୍କାର ରଖିବାରେ ସହାୟକ ହୋଇଥାଏ। ଲିଭର ସମସ୍ୟା ଦେଖାଦେଲେ ଏବଂ ତାହାର ତୁରନ୍ତ ଚିକିତ୍ସା ନ କରାଇଲେ, ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ। ତେଣୁ ଏହି ସମସ୍ୟାର କାରଣ ସମ୍ପର୍କରେ ଆମେ ଅବଗତ ହେବା ନିହାତି ଦରକାର। ଅଧିକାଂଶ ସମୟ ମୁଣ୍ଡ ବିନ୍ଧିବା, ବାନ୍ତି ଲାଗିବା, ବାନ୍ତି ହେବା, ଚର୍ମ ହଳଦିଆ ଦେଖାଯିବା ହେଉଛି ଲିଭର ସମସ୍ୟାର ପ୍ରମୁଖ କାରଣ। ଏହି ସମୟରେ ମଧ୍ୟ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏପରି ଲକ୍ଷଣ ସମ୍ପର୍କରେ ଅବଗତ ହେଲେ ବିଳମ୍ବ ନ କରି ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଦରକାର।

## ଦୁର୍ଘଟଣା ସମୟରେ ପ୍ରାଥମିକ ଚିକିତ୍ସା



ଆଜିକାଲି ସଡ଼କ ଦୁର୍ଘଟଣା ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ଏହି ସମୟରେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ପହଞ୍ଚାଇବା ପ୍ରଥମ କାମ ହୋଇଥାଏ। କିନ୍ତୁ ଏହାପୂର୍ବରୁ ଉକ୍ତ ବ୍ୟକ୍ତିଙ୍କର କେତେକ ପ୍ରାଥମିକ ଚିକିତ୍ସା ପ୍ରତି ମଧ୍ୟ ଦୃଷ୍ଟିଦେବାକୁ ପଡ଼ିଥାଏ। ଦୁର୍ଘଟଣା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଶରୀରର କେଉଁ ଅଙ୍ଗ ଅଧିକ ଆଘାତପ୍ରାପ୍ତ ହୋଇଛି ତାହା ଦେଖି ନିଅନ୍ତୁ। ଯଦି ଆଘାତରେ ଖଣ୍ଡିଆଖାବରା ହୋଇଛି ତାହାର ପ୍ରାଥମିକ ଚିକିତ୍ସା କରାଇ ନିଅନ୍ତୁ। ଏଥିପାଇଁ ବାଇକ୍ ହେଉ କି ଚାରିଚକିଆ ଯାନରେ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏଥିରେ ଡେଟଲ୍, ବ୍ୟାଣ୍ଡଏଡ୍, ତୁଳା, ବ୍ୟାଣ୍ଡେଜ କନା, କଇଁଚି ରଖନ୍ତୁ। ଏହାଦ୍ୱାରା ସହଜରେ ପ୍ରାଥମିକ ଚିକିତ୍ସା କରିପାରିବେ। ଶରୀରର ବାହ୍ୟ ଅଙ୍ଗରୁ ରକ୍ତସ୍ରାବ ହେଉଥିଲେ ସେହି ସ୍ଥାନକୁ ପରିଷ୍କାର କପଡ଼ାରେ ପୋଛି ଭଲ ଭାବରେ ବାନ୍ଧି ଦିଅନ୍ତୁ ଏବଂ କାଳବିଳମ୍ବ ନ କରି ସେହି ବ୍ୟକ୍ତିଙ୍କୁ ହସ୍ପିଟାଲ ନେଇଯାଆନ୍ତୁ। ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମନରେ ଅଯଥା ଭୟ ସଞ୍ଚାର କରାନ୍ତୁ ନାହିଁ। ନିଜର ଧୈର୍ଯ୍ୟକୁ ଆହୁରି ଦୃଢ଼କରି ତାଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ କିଛି ଖାଇବାକୁ କିମ୍ବା ପିଇବାକୁ ଦିଅନ୍ତୁ ନାହିଁ। ଯେତେ ସମ୍ଭବ ନିଜେ ହେଉ କିମ୍ବା ଆମ୍ବୁଲାନ୍ସ ଦ୍ୱାରା ତାଙ୍କୁ ହସ୍ପିଟାଲ ନେଇଯାଆନ୍ତୁ।

## ଲ୍ୟୁକେମିଆର ସହଜ ଚିକିତ୍ସା



ଲ୍ୟୁକେମିଆ ରୋଗୀଙ୍କ ପାଇଁ ଖୁସି ଖବର। ଏହି ରୋଗର ସହଜ ତଥା ସରଳ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି। ଏ ସମ୍ପର୍କିତ ବିଷୟବସ୍ତୁକୁ ନେଇ ହୋଇଥିବା ଗବେଷଣା ସମୟରେ ବିଶେଷଜ୍ଞମାନେ ମଣିଷ ଶରୀରରେ ଥିବା କୋଷଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଏପରି ଏକ କୋଷକୁ ଠାବ କରିବାରେ ସକ୍ଷମ ହୋଇଛନ୍ତି ଯାହାକୁ ଆଧାରକରି ଲ୍ୟୁକେମିଆ ରୋଗର ସହଜ ଚିକିତ୍ସା କରାଯାଇପାରିବ। ଏହି ପ୍ରଣାଳୀ ଦ୍ୱାରା ଲ୍ୟୁକେମିଆ ଦ୍ୱାରା କ୍ଷତିଗ୍ରସ୍ତ କୋଷକୁ ସୁସ୍ଥ କୋଷରେ ପରିଣତ କରାଯାଇପାରିବ। କେବଳ ସେତିକି ନୁହେଁ, ଉକ୍ତ କୋଷ ମଧ୍ୟ କ୍ୟାନ୍‌ସରଗ୍ରସ୍ତ କୋଷର କାୟାବିସ୍ତାରକୁ ରୋକିବାର କ୍ଷମତା ରଖିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ବାୟୁ ପ୍ରଦୂଷଣର ଭୟଙ୍କର ରୂପ



ପ୍ର. ରମେଶ ଚନ୍ଦ୍ର ପରିଡ଼ା



**ବାୟୁ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ଏବଂ ସ୍ୱାସ୍ଥ୍ୟାବସ୍ଥାର ଆୟୁ ଉପରେ ପ୍ରଭାବ ପଡିଥାଏ। ଏ ସମସ୍ୟା ସମ୍ଭବତଃ ଆମ ଦେଶରେ ସର୍ବାଧିକ। କାରଣ, ଆମ ଦେଶରେ ରହିଛି ବିଶ୍ୱର ୨୦ଟି ସର୍ବାଧିକ ବାୟୁ ପ୍ରଦୂଷଣିତ ସହର ଓ ନଗରଗୁଡ଼ିକ ମଧ୍ୟରୁ ୧୫ଟି, ତନ୍ମଧ୍ୟରେ ସର୍ବାଗ୍ରେ ଅଛି ଆମ ଜାତୀୟ ରାଜଧାନୀ ଅଞ୍ଚଳ। ଅନେକ ସମୟରେ, ବିଶେଷକରି ଶୀତଋତୁରେ ଏଠାରେ ବାୟୁ ମାନ ସୂଚକ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ନିରାପଦ ମାତ୍ରାଠାରୁ ୪ ଗୁଣରୁ ୧୦ ଗୁଣ ପର୍ଯ୍ୟନ୍ତ ଅଧିକ ରହିବା ଦେଖାଯାଉଛି...**

ବାୟୁ ପ୍ରଦୂଷଣର ସ୍ୱାସ୍ଥ୍ୟ ଉପରେ ଏବଂ ସ୍ୱାସ୍ଥ୍ୟାବସ୍ଥାର ଆୟୁ ଉପରେ ପ୍ରଭାବ ପଡିଥାଏ। ଏ ସମସ୍ୟା ସମ୍ଭବତଃ ଆମ ଦେଶରେ ସର୍ବାଧିକ। କାରଣ, ଆମ ଦେଶରେ ରହିଛି ବିଶ୍ୱର ୨୦ଟି ସର୍ବାଧିକ ବାୟୁ ପ୍ରଦୂଷଣିତ ସହର ଓ ନଗରଗୁଡ଼ିକ ମଧ୍ୟରୁ ୧୫ଟି, ତନ୍ମଧ୍ୟରେ ସର୍ବାଗ୍ରେ ଅଛି ଆମ ଜାତୀୟ ରାଜଧାନୀ ଅଞ୍ଚଳ। ଅନେକ ସମୟରେ, ବିଶେଷକରି ଶୀତଋତୁରେ ଏଠାରେ ବାୟୁ ମାନ ସୂଚକ ବା ଏୟାର କ୍ୱାଲିଟି ଇଣ୍ଡେକ୍ସ ନିରାପଦ ମାତ୍ରାଠାରୁ ୪ଗୁଣରୁ ୧୦ ଗୁଣ ପର୍ଯ୍ୟନ୍ତ ଅଧିକ ରହିବାର ଦେଖାଯାଉଛି। ଗୋଟିଏ ସ୍ଥାନର ବାୟୁ ମାନ ସୂଚକ ଆକଳନ କରିବା ପାଇଁ କ୍ରମାଗତ ଭାବେ ସେଠାରେ ବାୟୁରେ ୮ଟି ପ୍ରମୁଖ ପ୍ରଦୂଷକର ପରିମାଣ ବିଚାରକୁ ନିଆଯାଏ। ସେଗୁଡ଼ିକ ହେଲା ବାୟୁରେ ଭାସମାନ ସୂକ୍ଷ୍ମ କଣିକା(ପିଏମ୍୨.୫ ଓ ପିଏମ୍ ୧୦), ସଲ୍‌ଫର ଅକ୍ସାଇଡ, ନାଇଟ୍ରସ ଅକ୍ସାଇଡ, ଓଜୋନ, ସୀସା, ଆମୋନିଆ ଏବଂ କାର୍ବନ ମନୋକ୍ସାଇଡ। ତେବେ, ପିଏମ୍ ୨.୫ ଏବଂ ଅନ୍ୟଗୁଡ଼ିକ ମଧ୍ୟରୁ ସର୍ବାଧିକ ଥିବା ଯେକୌଣସି ତିନୋଟି ପ୍ରଦୂଷକର ଘନତ୍ୱ ଗଣନାକରି ସ୍ଥିର କରାଯାଏ(ପିଏମ୍ ୨.୫ ଏବଂ ପିଏମ୍ ୧୦ ହେଲା ଯଥାକ୍ରମେ ୨.୫ ଏବଂ ୧୦ ନାନୋମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ କଣିକା)।

ଉପରୋକ୍ତ ପ୍ରତ୍ୟେକ ବାୟୁ ପ୍ରଦୂଷକ ବିଭିନ୍ନ ରୂପେ ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଉଦାହରଣ ସ୍ୱରୂପ, କାର୍ବନ ମନୋକ୍ସାଇଡ ରକ୍ତର ହିମୋଗ୍ଲୋବିନ୍ ସହ ଅନୁବନ୍ଧିତ ହୋଇ ତାହାର ଅମ୍ଳଜାନବାହୀ ଗୁଣ ନଷ୍ଟ କରିଦିଏ। ଫଳରେ ହୃତ୍‌ପିଣ୍ଡ, ମସ୍ତିଷ୍କ ଆଦି ବିବିଧ ଅଙ୍ଗ ସେଥିରୁ ବଞ୍ଚିତ ହୁଅନ୍ତି ଏବଂ ତାହା ମୁଣ୍ଡ ବୁଲାଇବା, ମାନସିକ ଭାରସାମ୍ୟ ହରାଇବା, ଚେତାଶୂନ୍ୟ ହେବା ଏବଂ ଅକାଳ ମୃତ୍ୟୁ ଘଟାଇପାରେ। ସେହିପରି ସଲ୍‌ଫର ଡାଇଅକ୍ସାଇଡ, ନାଇଟ୍ରସ୍ ଅକ୍ସାଇଡ ଓଜୋନ୍ ଭଳି ବାଷ୍ପ ବିବିଧ ଶ୍ୱାସକ୍ରିୟା ଜନିତ ରୋଗର କାରଣ ଅଟନ୍ତି। ଅନ୍ୟପକ୍ଷରେ, ବାୟୁରେ ଭାସମାନ ସୂକ୍ଷ୍ମ କଣିକା, ବିଶେଷକରି ପିଏମ୍ ୨.୫ ଶ୍ୱାସକ୍ରିୟା ମାଧ୍ୟମରେ ଫୁସ୍‌ଫୁସ୍ ମଧ୍ୟକୁ ଯାଇ ସେଠାରେ ଜମାହେବାକୁ ଲାଗେ। ପୁନଶ୍ଚ ପ୍ରଦୂଷିତ ବାୟୁରେ ଥିବା ସୀସା, ଆମୋନିଆ, ବିବିଧ ଏରୋମେଟିକ୍ ରସାୟନ ଇତ୍ୟାଦି କର୍କଟ ରୋଗର ଆଶଙ୍କା ବୃଦ୍ଧି ତଥା ଶରୀର ଉପରେ ବିଷକ୍ରିୟା ପ୍ରକଟ କରନ୍ତି।

'ଗ୍ଲୋବାଲ୍ ଏନ୍‌ଭାଇରନମେଣ୍ଟ ଆଉଟ୍‌ଲୁକ୍'ର ଆକଳନ ୨୦୧୩ ଅନୁସାରେ ବାୟୁ ପ୍ରଦୂଷଣ ବିଶ୍ୱର ଏକଚତୁର୍ଥାଂଶ ଅକାଳମୃତ୍ୟୁ ଓ ରୋଗ ବ୍ୟାଧିର କାରଣ। ଏ ମୃତ୍ୟୁ ସଂଖ୍ୟା ପ୍ରାୟ ୫.୫ ନିୟୁତ ହୋଇପାରେ ବୋଲି ଏଥିରେ କୁହାଯାଇଛି। ତେବେ ତାହା ୨୦୧୮ରେ ପ୍ରାୟ ୮.୮ ନିୟୁତ (ଭାରତରେ ୧.୪ ନିୟୁତ) ହୋଇଥିବାର ଏକ ପରବର୍ତ୍ତୀ ରିପୋର୍ଟରେ ସୂଚିତ କରିଛନ୍ତି। ବିଶ୍ୱ ବ୍ୟାଙ୍କ୍ ଏବଂ 'ଦ ଇନ୍‌ଷ୍ଟିଚ୍ୟୁଟ ଫର୍ ହେଲ୍‌ଥ ମାଟ୍ରିସେସ୍ ଇଭାଲ୍ୟୁସେନ୍ (ଆମେରିକା) ତହିଁରୁ ପ୍ରାୟ ୨.୨ ନିୟୁତ ସଂଘାତ, ୨ ନିୟୁତ ହୃଦ୍‌ରୋଗ, ୧.୮ ନିୟୁତ ଫୁସ୍‌ଫୁସ୍ ରୋଗ, ୧.୭ ନିୟୁତ କର୍କଟ ରୋଗରେ ମୃତ୍ୟୁବରଣ କରିଛନ୍ତି।

ସାଧାରଣତଃ ଶିଶୁ ଏବଂ ଘର ବାହାରେ କାର୍ଯ୍ୟରତ ଶ୍ରମିକମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ବାୟୁ ପ୍ରଦୂଷଣଜନିତ ରୋଗ ବ୍ୟାଧିରେ। କାରଣ ସେମାନଙ୍କ ଶ୍ୱାସକ୍ରିୟା ଦ୍ରୁତ ହୋଇଥିବାରୁ ସେମାନେ ଅଧିକ ମାତ୍ରାରେ ବାୟୁ ଗ୍ରହଣ କରନ୍ତି। ଅତଏବ ଅଧିକ ପରିମାଣରେ ପ୍ରଦୂଷଣ ତାଙ୍କ ଶରୀର ମଧ୍ୟକୁ ପ୍ରବେଶକରେ। ୟୁନିସେଫ୍‌ର ଅଧ୍ୟୟନ ଅନୁସାରେ ଅତି ମାତ୍ରାରେ ପିଏମ୍ ୨.୫ ଥିବା ବାୟୁ ସେବନ ଶିଶୁମାନଙ୍କ ମସ୍ତିଷ୍କର ତନ୍ତୁଗୁଡ଼ିକୁ କ୍ଷତିଗ୍ରସ୍ତ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ବୋଧଶକ୍ତିର ବିକାଶକୁ ପ୍ରତିହିତ କରିଥାଏ। ସେମାନେ ଏହାର ପ୍ରଭାବ ସାରା ଜୀବନ ଭୋଗିଥାନ୍ତି। ଏହି ଗଣନାନୁସାରେ ବିଶ୍ୱର ୧ ବର୍ଷରୁ କମ୍ ବୟସ୍କଙ୍କ ମଧ୍ୟରୁ ୯୩ ପ୍ରତିଶତ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ମାର୍ଗଦର୍ଶିକାରେ ସୂଚିତ ମାତ୍ରାଠାରୁ ଅଧିକ ପି.ଏମ୍ ୨.୫ ଥିବା ବାୟୁ ସେବନ କରିଥାନ୍ତି। ଏହା ସେମାନଙ୍କ ସ୍ନାୟୁବିକ ଏବଂ ବୋଧଶକ୍ତିର ବିକାଶକୁ ପ୍ରଭାବିତକରେ। ଏପରିକି ମାତ୍ରା କମ୍ ହେଲେ ବି ମାନସିକ ତଥା ବାହକ (ମଟର) ବିକାଶ, ଫୁସ୍‌ଫୁସ୍‌ର କାର୍ଯ୍ୟଦକ୍ଷତା ଇତ୍ୟାଦି ଉପରେ ତାହାର କୁପରିଣାମ ଉପଲବ୍ଧି ହୁଏ। ପୁନଶ୍ଚ ବାୟୁ ପ୍ରଦୂଷକମାନଙ୍କ ପ୍ରଭାବରେ ଜନ୍ମକାଳରେ ସମଗ୍ର ବିଶ୍ୱର ପ୍ରତ୍ୟେକ ଶିଶୁର ଜନ୍ମକାଳୀନ ଆୟୁ ହାରାହାରି ୨.୨.ବର୍ଷ କମ୍ ହେଉଛି।

ବାୟୁ ପ୍ରଦୂଷଣ ଯେ କେବଳ ଆମର ସ୍ୱାସ୍ଥ୍ୟହାନି ଏବଂ ଆୟୁ କ୍ଷୟ ଘଟାଉଛି ତା' ନୁହେଁ, ଆମ ଅର୍ଥନୀତି ଉପରେ ମଧ୍ୟ ତାହାର ଯଥେଷ୍ଟ କୁପ୍ରଭାବ ପଡୁଛି। ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁସାରେ ୨୦୧୩ ମସିହାରେ ବାୟୁ ପ୍ରଦୂଷଣ ହେତୁ ବିଶ୍ୱର ଆର୍ଥିକ କ୍ଷତି ଘଟିଥିଲା ୫.୧୧ ଟ୍ରିଲିୟନ୍ ଡଲାର। ଭାରତ କ୍ଷେତ୍ରରେ ୫୫.୪ ବିଲିୟନ୍ ଡଲାର ଶ୍ରମଶକ୍ତି ବ୍ୟତୀତ ଏହା ଥିଲା ପ୍ରାୟ ୫୦୫ ବିଲିୟନ୍ ଡଲାର। ଏହି କ୍ଷତି ୧୯୯୦ରୁ ୨୦୧୩ ମସିହା ମଧ୍ୟରେ ୮.୫ ଶତାଂଶରୁ ଅଧିକ ହାରରେ ବଢ଼ି ଚାଲିଥିଲା। ତାହା ଏବେ ମଧ୍ୟ ବଢ଼ି ଚାଲିଛି। ପ୍ରସିଦ୍ଧ ବ୍ରିଟିଶ ମେଡିକାଲ ଜର୍ଣ୍ଣାଲ 'ଲାନ୍‌ସେଟ୍' ଦ୍ୱାରା ୨୦୧୭ ମସିହାରେ ଅନୁଷ୍ଠିତ ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ମୁଖ୍ୟତଃ ବାୟୁ ପ୍ରଦୂଷଣର କୃଷି ଉତ୍ପାଦନ ଉପରେ କ୍ଷୟକାରୀ ପ୍ରଭାବ ହେତୁ ବାର୍ଷିକ ବିଶ୍ୱର ସମୁଦାୟ ଘରୋଇ ଉତ୍ପାଦ( ଜିଡିପି) ୨ପ୍ରତିଶତ ହାରରେ ହ୍ରାସ ପାଇବ। ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହେବେ କୃଷି ପ୍ରଧାନ ବିକାଶଶୀଳ ଦେଶଗୁଡ଼ିକ। କେବଳ ବାୟୁମଣ୍ଡଳର ଭୂସ୍ତର( ଟ୍ରପୋସ୍ପିୟର) ଓଜୋନ୍ ମାତ୍ରା ବୃଦ୍ଧି ଏସବୁ ଅଞ୍ଚଳରେ ବାର୍ଷିକ ୫୦ ନିୟୁତ ଟନ୍ କୃଷିର ଉତ୍ପାଦନ ହ୍ରାସ କରିବ। ଏହି ଜର୍ଣ୍ଣାଲର ଗଣନାନୁସାରେ ୨୦୧୫ ମସିହାରେ ଭାରତ ପ୍ରଦୂଷଣଜନିତ ମୃତ୍ୟୁରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ବିଶ୍ୱରେ ଏହା ୯ ନିୟୁତ ହେଲାବେଳେ ଏଠାରେ ତାହା ଥିଲା ୨.୫ ନିୟୁତ।

ବାୟୁ ପ୍ରଦୂଷଣର ଅନ୍ୟ ସବୁ ଭିନ୍ନ ଭିନ୍ନ ପରିପ୍ରକାଶ ହେଲା ଜାଗତିକ ଉଷ୍ଣତା ବୃଦ୍ଧି,ଓଜୋନ କ୍ଷୟ(ଟ୍ରପୋସ୍ପିୟର) ଏବଂ ଅମ୍ଳବୃଷ୍ଟି, ପୃଥିବୀର ଜଳବାୟୁ, ପରିସଂସ୍ଥା,କୃଷି, ସ୍ୱାସ୍ଥ୍ୟ, ଜଳସମ୍ପଦ ଇତ୍ୟାଦି ଉପରେ ଏଗୁଡ଼ିକର ବିବିଧ ଧ୍ୱଂସକାରୀ ପ୍ରଭାବ ରହିଛି। ବଡ଼ ସୁଖର କଥା ଯେ ନିକଟରେ ନାନାଦି ପଦକ୍ଷେପ ଯୋଗୁ 'କ୍ଲୋରୋଫ୍ଲୋରୋ କାର୍ବୋନ୍ସ' ଏବଂ ସଲ୍‌ଫର ଡାଇଅକ୍ସାଇଡ୍ ନିର୍ଗମନ ହ୍ରାସ ପାଇବା ଫଳରେ ଯଥାକ୍ରମେ ଓଜୋନ କ୍ଷୟ ଏବଂ ଅମ୍ଳବୃଷ୍ଟି କିଛି ମାତ୍ରାରେ ସଙ୍କୁଚିତ ହୋଇପାରିଛି। ତେବେ, ବଢ଼ି ବଢ଼ି ଚାଲିଛି ସବୁଜଗୃହ ବାଷ୍ପଗୁଡ଼ିକର ନିର୍ଗମନ ଏବଂ ସେଥିସହ ଜାଗିକ ଉଷ୍ଣତା ଓ ଜଳବାୟୁ ପରିବର୍ତ୍ତନ। କୃଷି ଓ ଗୋପାଳନ, ଅରଣ୍ୟ ସମ୍ପଦ, ଜଳ ସମ୍ପଦ, ସ୍ୱାସ୍ଥ୍ୟ, ପରିସଂସ୍ଥା ଇତ୍ୟାଦି ଉପରେ ଏହାର କୁପ୍ରଭାବ ହେତୁ ପୃଥିବୀରେ ବିଶେଷକରି ବିକାଶଶୀଳ ଦେଶଗୁଡ଼ିକରେ ୨୦୧୭ ମସିହାରେ ୩୦୬ ବିଲିୟନ୍ (ଭାରତରେ ୨୯.୫ ବିଲିୟନ) ଡଲାର କ୍ଷୟକ୍ଷତି ଘଟିଥିବା ଜାତିସଂଘର ୨୦୧୮ରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼େ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ:୯୯୩୭୯୮୫୭୬୭



## ଅମୃତ ଫଳ ଅମୃତଭଣ୍ଡା

**ଅମୃତଭଣ୍ଡା ଫଳ ଓ ପରିବାରେ ଗଣା। ଗଣ୍ଠିବାତ ଓ ବ୍ୟାୟାମଜନିତ ଯନ୍ତ୍ରଣା ଉପଶମକରେ। ବିନ୍ଧା ଓ ପ୍ରଦାହ କମାଇଦିଏ। ଏକ କପ୍ କଟା ଅମୃତଭଣ୍ଡା (୧୪୫ ଗ୍ରାମ୍)ରେ ୫୫ କ୍ୟାଲୋରି ଓ ୫ ଗ୍ରାମ୍‌ରୁ ଅଧିକ ତନ୍ତୁ ଥାଏ। ଏହାବ୍ୟତୀତ ପୋଟାସିଅମ ୩୬୮ ମିଲିଗ୍ରାମ୍, କ୍ୟାଲସିୟମ ୩୪ ମିଲିଗ୍ରାମ୍, ଭିଟାମିନ-ସି ୮୬ ମିଲିଗ୍ରାମ୍, ଫୋଲେଟ ୫୩ ମିଲିଗ୍ରାମ୍, ଭିଟାମିନ୍-ଏ ୧୫୦୦ ୟୁନିଟ୍, ବିଟାକାରେଟିନ୍ ୩୮୬ ମାଇକ୍ରୋଗ୍ରାମ୍ ଓ ୧୦୫ ମାଇକ୍ରୋଗ୍ରାମ୍ ଦୃଷ୍ଟିଶକ୍ତି ବୃଦ୍ଧିକାରକ କ୍ୟାରୋଟିନଏଡ୍ (ଲୁଟିନ ଓ ଜେକ୍ସାନଥିନ) ରହିଥାଏ। ଅମୃତଭଣ୍ଡା ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକରେ। ହାଡ଼ମଜ୍ଜା ଓ ଲସିକା ଗ୍ରନ୍ଥିକୁ ପୁଷ୍ଟିସାର ଯୋଗାଏ...**

ଭାରତରେ କେବଳ ବିଶ୍ୱର ୪୫ ପ୍ରତିଶତ ଅମୃତଭଣ୍ଡା ଆମଦାନୀ ହୁଏ। ମେକ୍ସିକୋ ଓ ଦକ୍ଷିଣ ଆମେରିକାରେ ଏହାର ଜନ୍ମ। ଭୂତାଣୁ ଓ କବକ ସଂକ୍ରମଣକୁ ରୋକିବାକୁ ଯାଇ ପ୍ରାକୃତିକ ଜିନ୍‌କୁ ପରିବର୍ତ୍ତନ କରାଗଲା। ବର୍ତ୍ତମାନ ୮୦ ପ୍ରତିଶତ ଜିନ୍ ବିବର୍ତ୍ତିତ ଅମୃତଭଣ୍ଡା ବଜାରରେ ଉପଲବ୍ଧ। ଏକପ୍ରକାର ମାଛି ଅମୃତଭଣ୍ଡା ଭିତରେ ପଶି ଶହେରୁ ଅଧିକ ଅଣ୍ଡା ଦିଅନ୍ତି। ଭିତର ମଞ୍ଜି ଓ ଶସକୁ ଖାଇଦିଅନ୍ତି।

ମାଂସ ରାନ୍ଧିବା ସମୟରେ କଞ୍ଚା ଅମୃତଭଣ୍ଡା ଓ ଏହାର କ୍ଷୀରକୁ ପକାଇଲେ ଭଲ ସିଝେ ଓ ଏଥିରେ ଥିବା 'ପାପେନ' ଏଞ୍ଜାଇମ୍ ପ୍ରୋଟିନ୍‌କୁ ହଜମ କରିବାରେ ସାହାଯ୍ୟକରେ। ପରିବେଶବିତ୍‌ମାନେ ୧୫ଟି ନିର୍ମଳ ଖାଦ୍ୟ ମଧ୍ୟରୁ ଅମୃତଭଣ୍ଡାକୁ ୭ମ ସ୍ଥାନ ଦେଇଛନ୍ତି। ଅମୃତଭଣ୍ଡା ଫଳ ଓ ପରିବାରେ ଗଣା। ଗଣ୍ଠିବାତ ଓ ବ୍ୟାୟାମଜନିତ ଯନ୍ତ୍ରଣା ଉପଶମକରେ। ବିନ୍ଧା ଓ ପ୍ରଦାହ କମାଇଦିଏ। ଏକ କପ୍ କଟା ଅମୃତଭଣ୍ଡା(୧୪୫ ଗ୍ରାମ୍)ରେ ୫୫କ୍ୟାଲୋରି ଓ ୫ଗ୍ରାମ୍‌ରୁ ଅଧିକ ତନ୍ତୁ ଥାଏ। ଏହାବ୍ୟତୀତ ପୋଟାସିଅମ ୩୬୮ ମିଲିଗ୍ରାମ୍, କ୍ୟାଲସିୟମ୍ ୩୪ ମିଲିଗ୍ରାମ୍, ଭିଟାମିନ-ସି ୮୬ ମିଲିଗ୍ରାମ୍, ଫୋଲେଟ ୫୩ ମିଲିଗ୍ରାମ୍, ଭିଟାମିନ୍-ଏ ୧୫୦୦ ୟୁନିଟ୍, ବିଟାକାରେଟିନ୍ ୩୮୬ ମାଇକ୍ରୋଗ୍ରାମ୍ ଓ ୧୦୫ ମାଇକ୍ରୋଗ୍ରାମ ଦୃଷ୍ଟିଶକ୍ତି ବୃଦ୍ଧିକାରକ କ୍ୟାରୋଟିନଏଡ୍ (ଲୁଟିନ ଓ ଜେକ୍ସାନଥିନ) ରହିଥାଏ। ଅମୃତଭଣ୍ଡା ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିକରେ। ହାଡ଼ମଜ୍ଜା ଓ ଲସିକା ଗ୍ରନ୍ଥିକୁ ପୁଷ୍ଟିସାର ଯୋଗାଏ।

ଅମୃତଭଣ୍ଡା ୩୦ପ୍ରତିଶତ ଫୁସ୍‌ଫୁସ୍ କ୍ୟାନ୍‌ସରକୁ ପ୍ରତିରୋଧକରେ। ଏଥିରେ ଥିବା ବିଟା କ୍ୟାରୋଟିନ ଓ ବିଟା କ୍ରିପ୍ଟୋଜାନ୍ଥିନ କ୍ୟାନ୍‌ସର କୋଷକୁ ବହୁଗୁଣିତ ହେବାକୁ ଦିଏନାହିଁ। ଗୋଟିଏ ମଧ୍ୟମ ଆକାର ଅମୃତଭଣ୍ଡାରେ ୨୩୧୩ ମାଇକ୍ରୋଗ୍ରାମ୍ ବିଟା କ୍ୟାରୋଟିନ ଓ ବହୁ ପ୍ରତିଜାରକ ଥାଏ। ଅମୃତଭଣ୍ଡା ପତ୍ର ରସରୁ ତିଆରି ଔଷଧ ବଜାରରେ ଉପଲବ୍ଧ। ଡେଙ୍ଗୁଜ୍ୱରର ଚିକିତ୍ସା ପାଇଁ ବ୍ୟବହାର ହେଉଛି। ଏହି ସମୟରେ ରୋଗୀର ପ୍ଲେଟ୍‌ଲେଟ୍ କମିଯାଏ। ଏହି ଔଷଧ ଖାଇଲେ ପ୍ଲେଟ୍‌ଲେଟ୍ ବଢ଼ିଥାଏ। ଏଥିରେ ଶ୍ୱେତସାର ଓ ଚର୍ବି କମ୍ ଥିବାରୁ ଡାଇବେଟିସ୍ ରୋଗୀ ଖାଇପାରିବେ।



ଡା. ଦ୍ୱିଜେଶ କୁମାର ପଣ୍ଡା



-ବରିଷ୍ଠ ବୈଜ୍ଞାନିକ
୧୨ ଆଚାର୍ଯ୍ୟବିହାର, ଭୁବନେଶ୍ୱର
ଫୋ : ୦୬୭୪-୨୫୪୨୯୩୪

## ସ୍ୱାସ୍ଥ୍ୟ ସୂଚନା

-ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ସୁସ୍ଥ ରଖିବାକୁ ହେଲେ ନିଜର ଜୀବନଶୈଳୀ ପ୍ରତି ନଜର ଦିଅନ୍ତୁ।

-ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ, ଯୋଗ ସାମିଲ କରନ୍ତୁ।

-ପ୍ରତିଦିନ ସକାଳେ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।

-ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ସତର୍କ ହେବା ଜରୁରୀ। ସବୁବେଳେ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପରବର୍ତ୍ତୀ ସମୟରେ ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବ ନାହିଁ କିମ୍ବା ଅଯଥା ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିବ ନାହିଁ।

-ବୟସ ବଢ଼ିବା ସହ ଆମକୁ କେତେକ ସ୍ୱାସ୍ଥ୍ୟଭିତ୍ତିକ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିଥାଏ। ଏହି ସମୟରେ ରକ୍ତରେ ସୁଗାର ପରିମାଣ, ବ୍ଲଡ୍ ପ୍ରେସର, କୋଲେଷ୍ଟରଲ ପରିମାଣ କେତେ ଅଛି ସେ ନେଇ ଅବଗତ ହୁଅନ୍ତୁ।

-କେତେକ ରୋଗରେ ପୀଡ଼ିତ ହେଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ପଡ଼ିଥାଏ। ଏଥିପ୍ରତି ଆଦୌ ଅବହେଳା କରନ୍ତୁ ନାହିଁ।

## କ୍ୟାନ୍‌ସର ସମ୍ପର୍କରେ ପୂର୍ବାନୁମାନ କରିହେବ



ଚିକିତ୍ସା ବିଜ୍ଞାନରେ ଅନ୍ୟତମ ପ୍ରମୁଖ ରୋଗ ଭାବରେ ଉଭା ହୋଇଛି କ୍ୟାନ୍‌ସର। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସର ରୋଗର ଚିକିତ୍ସା ସମ୍ଭବ ହୋଇପାରିଛି। ତଥାପି ବିଳମ୍ବରେ ଏହାକୁ ନିରୂପଣ କରାଯାଇଥିଲେ ଏଥିରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବାର ନଜିର ବହୁତ କମ୍। କ୍ୟାନ୍‌ସର ବିଷୟରେ କିପରି ପୂର୍ବାନୁମାନ କରିହେବ ସେ ନେଇ ଏକ ଗବେଷଣାରୁ ସଫଳତାର ସ୍ୱାଦ ମିଳିଛି। ଏପରି କ୍ଷେତ୍ରରେ ଆମେରିକାର ହାର୍ଭାର୍ଡ ଏବଂ ନର୍ଥ ଓ୍ୱେଷ୍ଟ ୟୁନିଭର୍ସିଟିର କ୍ୟାନ୍‌ସର ବିଶେଷଜ୍ଞମାନେ ସଫଳତା ହାସଲ କରିଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗବେଷଣା ସମୟରେ ସେମାନେ ଆମ ଶରୀରର କ୍ରୋମୋଜୋମ୍‌ରେ ଥିବା 'ଟେଲିମିୟର' ନାମକ ତତ୍ତ୍ୱକୁ ଠାବ କରିପାରିଥିଲେ। ଏହି ତତ୍ତ୍ୱ ଯେତେବେଳେ ଅସନ୍ତୁଳିତ ହୁଏ ସେତେବେଳେ ଡିଏନ୍‌ଏର କ୍ଷୟ ଘଟେ ଏବଂ କ୍ୟାନ୍‌ସର ଆଶଙ୍କା ବୃଦ୍ଧି ପାଇଥାଏ। ଏହି 'ଟେଲିମିୟର' ସ୍ତରକୁ ତନ୍ନ ତନ୍ନ ପରୀକ୍ଷାକରି ଜଣେ କ୍ୟାନ୍‌ସର ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ପୂର୍ବରୁ ଜାଣିହେବ ବୋଲି ସେମାନେ ମତ ଦେଇଛନ୍ତି। ଏପରି ଉପାୟ ଦ୍ୱାରା କ୍ୟାନ୍‌ସର ମୃତ୍ୟୁହାରକୁ କେତେକାଂଶରେ ରୋକାଯାଇପାରିବ ବୋଲି ଏହି ଗବେଷଣାର ମୁଖ୍ୟ ଡ. ଲିଫେଙ୍ଗ ହୋଉ ପ୍ରକାଶ କରିଛନ୍ତି।



"ଚଳିତ ଆର୍ଥିକ ବର୍ଷରେ ଇ-କମର୍ସ ଏବଂ ନୂଆ ଶିଳ୍ପ ନୀତି ଆସିବା ନେଇ ଆଶାବାଦୀ।
– ଗୁରୁ ପ୍ରସାଦ ମହାପାତ୍ର, ଡିପିଆଇଆଇଟି ସଚିବ



"ଚଳିତ ବର୍ଷ ଇଣ୍ଡିଆ ଇଙ୍କର ପୁଞ୍ଜି ଉଠାଣ ବଜାର ସ୍ଥିତି, ଅର୍ଥନୈତିକ ଅଭିବୃଦ୍ଧି, ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ ଏବଂ କେନ୍ଦ୍ର ବଜେଟକୁ ବିଚାର କରି ହୋଇଛି।
– ଭି.କେ. ବିଜୟ କୁମାର, ଇନଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ

## ସଂକ୍ଷେପରେ

### ୨୬୧୩ କୋଟି ନିବେଶ କଲେ ଏଫ୍‌ପିଆଇ



**ନୂଆଦିଲ୍ଲୀ,୨୯-୧୨:** ଦେଶର ପୁଞ୍ଜି ବଜାରରେ ଫରେନ ପୋର୍ଟଫୋଲିଓ ଇନଭେଷ୍ଟର୍ସ(ଏଫ୍‌ପିଆଇ) ମାନେ ଡିସେମ୍ବରରେ ୨୬୧୩ କୋଟି ଟଙ୍କାର ନିବେଶ କରିଛନ୍ତି। କର୍ପୋରେଟଗୁଡିକର ଲାଭ ଆଶା ଭଳି ବିଭିନ୍ନ ପ୍ରସଙ୍ଗକୁ ଆଧାର କରି ନିବେଶକମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଷ୍ଟକ ବଜାର ଡିପୋଜିଟୋରୀ ଡାଟା ମୁତାବକ ପୁଞ୍ଜି ବଜାରରେ ବିଦେଶୀ ନିବେଶକମାନେ ୬,୩୦୧.୯୬ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି। ସେହିଭଳି ଡେଟ୍ ସେଗ୍‌ମେଣ୍ଟରେ ଏମାନେ ୩,୬୮୮ କୋଟି ଟଙ୍କା କାଢି ନେଇଛନ୍ତି। ଏହାକୁ ବିଚାର କଲେ ମୋଟ ନେଟ୍ ନିବେଶ ୩୬୧୩ କୋଟି ଟଙ୍କା ରହିଛି। ଦେଶରେ ମାନ୍ଦାବସ୍ଥା ଲାଗି ରହିବା ସତ୍ତ୍ୱେ ବିଦେଶୀ ନିବେଶକମାନେ ପୁଞ୍ଜି ବଜାର ଉପରେ ଭରସା ଦେଖାଉଥିବା ଜଣାପଡିଛି। ଜାନୁୟାରୀ,ଜୁଲାଇ ଏବଂ ଅଗଷ୍ଟକୁ ବାଦ୍‌ଦେଲେ ଏଫପିଆଇ ଶେୟାର ବଜାରରେ ନିବେଶ ଜାରି ରଖିଛନ୍ତି। ଏହି ସମୟରେ ବିଦେଶୀ ନିବେଶକମାନେ ଇକ୍ୱିଟି ଏବଂ ଡେଟ୍ ସେଗ୍‌ମେଣ୍ଟରେ ମୋଟ ୭୩,୨୭୬ କୋଟି ଟଙ୍କା ନିବେଶ କରିଛନ୍ତି।

### ଶକ୍ତି ବିତରଣ କମ୍ପାନୀଙ୍କ ୨୭ ହଜାର କୋଟି ଟଙ୍କାର କ୍ଷତି

**ନୂଆଦିଲ୍ଲୀ,୨୯-୧୨:** ଦେଶର ବିଦ୍ୟୁତ୍ ବିତରଣ କରୁଥିବା କମ୍ପାନୀଗୁଡିକ ୨୦୧୮-୧୯ ଆର୍ଥିକ ବର୍ଷରେ ୨୭,୦୦୦ କୋଟି ଟଙ୍କାର କ୍ଷତି ସହିଥିବା ଶକ୍ତି ମନ୍ତ୍ରୀ ଆର୍.କେ. ସିହ୍ନା କହିଛନ୍ତି। ବିଦ୍ୟୁତ ଶକ୍ତି ବିତରଣ ଏବଂ ବଣ୍ଟନ ବ୍ୟବସ୍ଥାରେ କମ୍ପାନୀଗୁଡିକ ସହୁଥିବା କ୍ଷତିକୁ କମାଇବା ସହ ୧୫%କୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଯୋଜନା ଧାର୍ଯ୍ୟ କରିଥିବା ସିହ୍ନା ମତ ଦେଇଛନ୍ତି। କମ୍ପାନୀଗୁଡିକ ଲଗାତାର ଭାବେ କ୍ଷତି ସହୁଥିବାରୁ ଏହା ସେମାନଙ୍କ ଚିନ୍ତାକୁ ବଢାଉଛି। କମ୍ପାନୀଗୁଡିକର କ୍ଷତିକୁ କମ୍ କରିବା ସହ ସେମାନଙ୍କ କାର୍ଯ୍ୟକ୍ଷମତାକୁ ବଢାଇବା ଦିଗରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ମତ ଦେଇଛନ୍ତି। କମ୍ପାନୀଗୁଡିକ ମିଟରିଂ, ବିଲିଂ ଏବଂ ବିଲ୍ ସଂଗ୍ରହ କ୍ଷେତ୍ରରେ ମଧ କ୍ଷତି ସହୁଛନ୍ତି। ପୂର୍ବରୁ ଦେଶରେ ବିଦ୍ୟୁତ ଶକ୍ତି ନିଅଣ୍ଟ ରହୁଥିଲା। ହେଲେ ସରକାର ଗତ କିଛି ବର୍ଷରେ ବିଭିନ୍ନ ପଦକ୍ଷେପ ନେବା ଯୋଗୁ ଏହି ସମସ୍ୟା ଦୂର କରାଯାଇଥିବା ସେ ମତ ଦେଇଛନ୍ତି।

### ଫ୍ରାନ୍ସ ଅର୍ଥନୀତିଜ୍ଞ ଗାଏ ସୋରମାନଙ୍କ ମତ

# ଭାରତ ପ୍ରତି ମୁହଁ ମୋଡୁଛନ୍ତି ନିବେଶକ

ନୂଆଦିଲ୍ଲୀ,୨୯-୧୨

ଭାରତୀୟ ଉଦ୍ୟୋଗୀଙ୍କୁ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କିନ୍ତୁ ହଠାତ ସରକାରଙ୍କ ସଂସ୍କାରଧାରା ଏବେ ଅଧାରେ ଅଟକିଛି। ସରକାରଙ୍କ ଫୋକସ ଏବେ ରାଜନୈତିକ ପ୍ରସଙ୍ଗ ଉପରକୁ ଚାଲିଯିବାରୁ ଏହା ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏଥି ଲାଗି ଉଭୟ ଘରୋଇ ଏବଂ ବିଦେଶର ନିବେଶକମାନେ ଭୟଭୀତ ହୋଇ ଭାରତରେ ନିବେଶ ଲାଗି ମୁହଁ ମୋଡୁଥିବା ଫ୍ରାନ୍ସ ଅର୍ଥନୀତିଜ୍ଞ ଗାଏ ସୋରମାନ ମତ ଦେଇଛନ୍ତି।

ସୋରମାନ ଅର୍ଥନୀତି ସମ୍ପର୍କିତ ବିଭିନ୍ନ ପୁସ୍ତକ ଲେଖିଛନ୍ତି। ଇକୋନୋମିକ୍ସ ଡଜ୍ ନଟ୍ ଲାଏ, ଏ ଡିଫେନ୍ସ ଅଫ୍ ଫ୍ରି ମାର୍କେଟ

**ଅଧାରେ ଅଟକିଛି ମୋଦିଙ୍କ ଆର୍ଥିକ ସଂସ୍କାର**

ଇନ୍ ଏ ଟାଇମ ଅଫ୍ କ୍ରାଇସିସ ଭଳି ପୁସ୍ତକ ଏଥିରେ ସାମିଲ ରହିଛି। ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତରେ ସଂରକ୍ଷଣବାଦ ଦୃଢ ହେଉଛି। ମୋଦି ପ୍ରଥମେ ଉଦ୍ୟୋଗୀଙ୍କୁ ପ୍ରାଥମିକତା ଦେବା ସ୍ୱରୂପ ଭାରତକୁ ଏକକ ବଜାର, ଲାଇସେନ୍ସ ରାଜ ବନ୍ଦ କରିବା, ଦୁର୍ନୀତି ବିରୋଧି ପଦକ୍ଷେପ ଏବଂ ମେକ୍ ଇନ ଇଣ୍ଡିଆ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ମାତ୍ର ହଠାତ ଏହା ଅଧାରେ ରହି ଯାଇଛି। ସରକାର ଏବେ ନିଜେ ଅର୍ଥନୈତିକ ଏଜେଣ୍ଡାରୁ ଧ୍ୟାନ ହଟାଇ



ଗାଏ ସୋରମାନ

ଦେଇଛନ୍ତି। ସରକାର ରାଜନୈତିକ ପ୍ରସଙ୍ଗ ଉପରେ ଏବେ ଅଧିକ ଫୋକସ କରୁଥିବାରୁ ଭାରତ ଏବଂ ମୋଦି ସରକାରଙ୍କ ଲାଗି ଏହା ଏକ ପ୍ରତିଛବି ସୃଷ୍ଟି ହୋଇଛି ବୋଲି ସେ ମତ ଦେଇଛନ୍ତି।

ବର୍ତ୍ତମାନ ସ୍ଥିତିରେ ହିନ୍ଦୁତ୍ୱ ଏବଂ ନାଗରିକତ୍ୱ ଆଇନ ନେଇ ସେ କିଛି ମତ ଦେବାକୁ ଚାହୁଁ ନ ଥିବା କହିଛନ୍ତି। ଏହା ତାଙ୍କର ପରିସର ବାହାରେ ଥିବା ସେ ପ୍ରକାଶ କରିଛନ୍ତି। ବିଶ୍ୱ ମାନ୍ଦାବସ୍ଥା ଚାଲୁଥିବା ବେଳେ ଭାରତର ଅର୍ଥନୀତିକୁ ନେଇ ଚିନ୍ତିତ ଥିବା ସେ ମତ ଦେଇଛନ୍ତି। ନିବେଶ ଏବଂ ଅନୁଷ୍ଠାନଗୁଡିକର ବିଶ୍ୱାସ ପ୍ରସଙ୍ଗ ଦୃଢ ଭାବେ ଜଡିତ ରହିଥିବା ପ୍ରାୟ ଅଧିକାଂଶ ବିଶ୍ୱାସ କରି ନ ଥାନ୍ତି। ସେହିଭଳି ପରିସଂଖ୍ୟାନ ଉନ୍ନତ ଡାଟାର ଅଭାବ, ଜିଡିପି ମାପିବା ଲାଗି ଭାରତରେ ଠିକ୍ ପଦ୍ଧତିକୁ ନେଇ ସୋରମାନ ପ୍ରଶ୍ନ ଉଠାଇଛନ୍ତି। ଦେଶର ଅଭିବୃଦ୍ଧି ହାର ବର୍ତ୍ତମାନ ୬ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସେପ୍ଟେମ୍ବର ତ୍ରୈମାସରେ ଏହା ୪.୫%କୁ ଖସିଛି। ମାନ୍ଦାବସ୍ଥା ଯୋଗୁ ଭାରତରେ ନିବେଶ, ଚାହିଦା ଏବଂ ନିଯୁକ୍ତି ମଧ୍ୟ କମିଛି।

# ୨୦୨୬ ସୁଦ୍ଧା ଭାରତ ୪ର୍ଥ ବୃହତ୍ ଅର୍ଥନୀତି

ନୂଆଦିଲ୍ଲୀ,୨୯-୧୨

- ଜର୍ମାନୀକୁ ଟପିବା ସମ୍ଭାବନା
- ସିଇବିଆର୍‌ର ଆକଳନ
- ୨୦୨୬ରେ ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବ



୨୦୨୬ ସୁଦ୍ଧା ଭାରତ ଜର୍ମାନୀକୁ ଟପି ବିଶ୍ୱର ୪ର୍ଥ ଅର୍ଥ ବ୍ୟବସ୍ଥା ହୋଇପାରେ। ସେହିଭଳି ୨୦୩୪ ସୁଦ୍ଧା ଜାପାନକୁ ଟପି ଭାରତ ବିଶ୍ୱର ୩ ବୃହତ୍ ଅର୍ଥ ବ୍ୟବସ୍ଥା ହେବାର ସମ୍ଭାବନା ରହିଥିବା ଇଂଲଣ୍ଡ ଭିତ୍ତିକ ସେଣ୍ଟର ଫର ଇକୋନୋମିକ ଆଣ୍ଡ ବିଜନେସ ରିସର୍ଚ୍ଚ (ସିଇବିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ୨୦୧୪ରେ ଭାରତ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ ହେବ ବୋଲି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ମାତ୍ର ଏହି ଲକ୍ଷ୍ୟକୁ ହାସଲ କରିବାକୁ ଭାରତକୁ ୨୦୨୬ ଯାଏ ଅପେକ୍ଷା କରିବାକୁ ପଡିବ ବୋଲି ସିଇବିଆର ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଭାରତ ଫ୍ରାନ୍ସ ଏବଂ ୟୁକେକୁ ଟପିବା ସହ ବିଶ୍ୱର ୫ମ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ସକ୍ଷମ ହୋଇଥିଲା। ୨୦୨୬ରେ ଜର୍ମାନୀ ଏବଂ ୨୦୩୪ରେ ଜାପାନକୁ ଭାରତ ଟପିବ ବୋଲି ସିଇଆର୍‌ବି ଏହାର ୱାର୍ଲଡ ଇକୋନୋମିକ ଲିଗ୍ ଟେବଲ-୨୦୨୦ ରିପୋର୍ଟରେ ପ୍ରକାଶ କରିଛି। ବିଶ୍ୱର ୩ୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବା ଲାଗି ଆଗାମୀ ୧୫ ବର୍ଷରେ ଜାପାନ, ଜର୍ମାନୀ ଏବଂ ଭାରତ ମଧ୍ୟରେ କଡା ପ୍ରତିଯୋଗିତା ହେବା ନେଇ ରିପୋର୍ଟରେ କୁହାଯାଇଛି।

୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ଲାଗି ଭାରତ ସରକାର ଧାର୍ଯ୍ୟ କରିଥିବା ସମୟକୁ ନେଇ ସିଇଆର୍‌ବି ଆଶଙ୍କା ପ୍ରକଟ କରିଛି। ଏହି ଲକ୍ଷ୍ୟକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ ମଧ ପ୍ରଶ୍ନ ଉଠାଇଥିଲେ। ଭାରତ ଯେଉଁ ହାରରେ ବର୍ତ୍ତମାନ ବିକାଶ କରୁଛି ୨୦୨୪-୨୫ ବେଳକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ନେଇ ସନ୍ଦିହାନ ଥିବା ରଙ୍ଗରାଜନ ନିକଟରେ କହିଥିଲେ। ମନ୍ଥର ଅଭିବୃଦ୍ଧି ଭାରତର ଅର୍ଥନୈତିକ ସଂସ୍କାର ଉପରେ ପ୍ରଭାବ ପକାଇବ ବୋଲି କୁହାଯାଉଛି। ଭାରତ ଏବଂ ଇଣ୍ଡୋନେସିଆ ଭଳି ଦେଶ ଏବେ ଅଗ୍ରଗତି କରୁଥିବା ବେଳେ ବିଶ୍ୱର ପ୍ରମୁଖ ଅର୍ଥ ବ୍ୟବସ୍ଥା କୁହାଯାଉଥିବା ଆମେରିକା ଏବଂ ଚାଇନା ଭଳି ଦେଶଗୁଡିକ ସାମ୍ନାରେ କିଭଳି ନିଜକୁ ଉପସ୍ଥାପନ କରିବେ ତାହା ଦେଖିବାକୁ ହେବ ବୋଲି ସିଇବିଆର୍‌ର ବରିଷ୍ଠ ଅର୍ଥନୀତିଜ୍ଞ ପାବଲୋ ଶାହା କହିଛନ୍ତି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ମଧ୍ୟରେ ସାମିଲ ରହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଏହାର ବିକାଶ ହାର ୪.୫%କୁ ଖସି ଆସିଛି।

## ୨୦୨୦ରେ ଅର୍ଥ ବ୍ୟବସ୍ଥାରେ ଆସିପାରେ ସୁଧାର: ସିଆଇଆଇ

ନୂଆଦିଲ୍ଲୀ,୨୯-୧୨

୨୦୨୦ରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିପାରେ। ସରକାର ଏବଂ ରିଜର୍ଭ ବ୍ୟାଙ୍କ ଗ୍ରହଣ କରିଥିବା ପଦକ୍ଷେପ ସହ ବିଶ୍ୱ ସ୍ତରର ବାଣିଜ୍ୟ ସମସ୍ୟା ସମାଧାନ ହେବାର ଆଶା ରହିଥିବାରୁ ଦେଶର ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆସିବାର ସମ୍ଭାବନା ରହିଛି ବୋଲି ଶିଳ୍ପ ସଂଘ କନଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ(ସିଆଇଆଇ) ପକ୍ଷରୁ ଶନିବାର କୁହାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ବିତ୍ତୀୟ ନୀତି ଅର୍ଥ ବ୍ୟବସ୍ଥା ଉପରେ ଭଲ ପ୍ରଭାବ ପକାଇବ ବୋଲି ଏହା ପ୍ରକାଶ କରିଛି। ଚଳିତ ବର୍ଷ ଶେଷ ହେବା ସହ ଏକ ନୂଆ ବର୍ଷର ଆରମ୍ଭ ହେଉଛି। ବଜାରରେ ରହିଥିବା ମାନ୍ଦାବସ୍ଥାର ପ୍ରଭାବ କମ୍ ହେବାରେ ଲାଗିଛି। ଭାରତ ନିରନ୍ତର ଭାବେ ଏହି ଅବସ୍ଥାରୁ ବାହାରିବା ଲାଗି ପ୍ରୟାସ ଜାରି ରଖିବା ସହ ଉନ୍ନତ ସ୍ଥିତି ଆଡକୁ ଗତି କରୁଥିବା ଶିଳ୍ପ ସଂଘ ମତ ରହିଛି। ମାନୁଫାକଚରିଂ ଏବଂ ସର୍ଭିସ କ୍ଷେତ୍ର ଧୀରେ ଧୀରେ ମାନ୍ଦାବସ୍ଥା କବଳରୁ ମୁକ୍ତ ହେଉଛି ବୋଲି ସିଆଇଆଇ ସଭାପତି ବିକ୍ରମ କିର୍ଲୋସ୍କାର ମତ ଦେଇଛନ୍ତି। ତୃତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି କମିଲେ ମଧ ତା ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିବାର ସମ୍ଭାବନା ଦେଖାଯାଉଥିବା ସେ ମତ ଦେଇଛନ୍ତି। ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବଂ ଇନସଲଭେନ୍ସି ଆଇନ ଦ୍ୱାରା ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆସିବ ବୋଲି ଶିଳ୍ପ ଜଗତ ଆଶାବାଦୀ ରହିଛି। ୨୦୧୯ ବର୍ଷକୁ ବିତ୍ତ କ୍ଷେତ୍ରର ସିଷ୍ଟମ ସ୍ୱଚ୍ଛତା ଭବେ ବିଚାର କରାଯାଇ ପାରିବ ବୋଲି ଶିଳ୍ପସଂଘ କହିଛି।

# ଭୁବନେଶ୍ୱର-କଲିକତା ରୁଟ୍‌ରେ ଗଡ଼ିବ ପ୍ରାଇଭେଟ ଟ୍ରେନ

ନୂଆଦିଲ୍ଲୀ,୨୯-୧୨

- ୧୦୦ ରୁଟ୍ ଲାଗି ଆସନ୍ତା ମାସରେ ବିଡ୍ ଆହ୍ୱାନ
- ମୋଟ ୧୫୦ ଟ୍ରେନ୍ ସାମିଲ



ଦେଶର ୧୦୦ ରୁଟ୍‌ରେ ୧୫୦ ଘରୋଇ ଟ୍ରେନ ଗଡିବ। ଏଥି ଲାଗି ଆସନ୍ତା ମାସରେ ବିଡ୍ ଆହ୍ୱାନ କରାଯିବ ବୋଲି ରେଲୱେର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ରୁଟ୍‌ଗୁଡିକ ମଧ୍ୟରେ ଭୁବନେଶ୍ୱର ଏବଂ କଲିକତା ରୁଟ୍ ମଧ୍ୟ ସାମିଲ ରହିଛି। ଚଳିତ ବର୍ଷ ଡିସେମ୍ବରରେ ଅର୍ଥ ମନ୍ତ୍ରଣାଳୟର ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ ଆପ୍ରାଇଜାଲ କମିଟି (ପିପିପିଏସି) ଏହି ପ୍ରସ୍ତାବକୁ ନୀତିଗତ ମଞ୍ଜୁରୀ ପ୍ରଦାନ କରିଛି। ରେଲୱେରେ ସଂସ୍କାର ସହ ଘରୋଇ ଅପରେଟରଙ୍କୁ ପାସେଞ୍ଜର ଟ୍ରେନ ଚଳାଇବା ଲାଗି ଏହା ପଥ ପରିଷ୍କାର କରିଛି। ବିଡିଂ ମଧ୍ୟରେ ରହିଥିବା ରୁଟ୍‌ଗୁଡିକ ମଧ୍ୟରେ ମୁମ୍ବାଇ-କୋଲକାତା, ମୁମ୍ବାଇ-ଚେନ୍ନାଇ, ମୁମ୍ବାଇ-ଗୌହାଟି, ନୂଆଦିଲ୍ଲୀ-ମୁମ୍ବାଇ, ଥିରୁଭାନନ୍ତପୁରମ୍-ଗୁଆହାଟୀ, ନୂଆଦିଲ୍ଲୀ-କୋଲକାତା, ନୂଆଦିଲ୍ଲୀ-ବାଙ୍ଗାଲୋର, ନୂଆଦିଲ୍ଲୀ-ଚେନ୍ନାଇ, କୋଲକାତା-ଚେନ୍ନାଇ ଏବଂ ଚେନ୍ନାଇ-ଯୋଧପୁର ରହିଛି।

ଅନ୍ୟ ପ୍ରମୁଖ ରୁଟ୍‌ଗୁଡିକ ମଧ୍ୟରେ ମୁମ୍ବାଇ-ବାରାଣସୀ, ମୁମ୍ବାଇ-ପୁଣେ, ମୁମ୍ବାଇ-ନାଗପୁର, ନାଗପୁର-ପୁଣେ, ସିକନ୍ଦରାବାଦ-ବିଶାଖାପାଟଣା, ପାଟଣା-ବାଙ୍ଗାଲୋର, ପୁଣେ-ପାଟଣା, ଚେନ୍ନାଇ-କୋଏମ୍ବାଟୁର, ଚେନ୍ନାଇ-ସିକନ୍ଦରାବାଦ, ସୁରତ-ବାରାଣସୀ, ଭୁବନେଶ୍ୱର-କଲିକତା ବାଦ ନୂଆଦିଲ୍ଲୀ-ପାଟଣା, ଆଲ୍ଲାହାବାଦ, ଅମୃତସର, କଟ୍ରା, ଚଣ୍ଡିଗଡ, ଗୋରଖପୁର, ଭାଗଲପୁର, ଛପ୍ରା ଭଳି ସ୍ଥାନ ଏହା ମଧ୍ୟରେ ସାମିଲ ରହିଛି। ରୁଟ୍‌ଗୁଡିକୁ ଚୟନ କରିବାରେ ବାଣିଜ୍ୟିକ ସମ୍ଭାବନା ଏକ ପ୍ରମୁଖ ଦିଗ ବୋଲି ବିଚାର କରାଯାଉଛି। ୧୦୦ ରୁଟ୍ ମଧ୍ୟରେ ୩୫ ଦିଲ୍ଲୀକୁ ସଂଯୋଗ କରୁଥିବା ବେଳେ ୨୬ଟି ରୁଟ୍ ମୁମ୍ବାଇ, ୧୨ କୋଲକାତା, ୧୧ ଚେନ୍ନାଇ ଏବଂ ୮ ବାଙ୍ଗାଲୋରକୁ ସଂଯୋଗ କରିବ। ତାଲିକାରେ ଅଣମେଟ୍ରୋ ସହର ମଧ୍ୟରେ ଗୋରଖପୁର-ଲକ୍ଷ୍ନୌ, କୋଟା-ଜୟପୁର, ଚଣ୍ଡିଗଡ-ଲକ୍ଷ୍ନୌ, ବିଶାଖାପାଟଣା-ତିରୁପତି ଏବଂ ନାଗପୁର-ପୁନେ ଭଳି ସ୍ଥାନ ରହିଛି।

# ଖୋଲିବ ୭୦୦ ନୂଆ ଆଧାର ସେବା କେନ୍ଦ୍ର

ନୂଆଦିଲ୍ଲୀ,୨୯-୧୨

ଆଧାର ସେବା ଯୋଗାଣକୁ ତ୍ୱରାନ୍ୱିତ କରିବା ଲାଗି ସାରା ଦେଶରେ କମନ ସର୍ଭିସ ସେଣ୍ଟର (ସିଏସ୍‌ସି) ପକ୍ଷରୁ ୭୦୦ ନୂଆ ଆଧାର କେନ୍ଦ୍ର ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ସେଣ୍ଟରଗୁଡିକ ଆସନ୍ତା ଗୋଟିଏ ବର୍ଷ ମଧ୍ୟରେ ଖୋଲିବ। ଆଧାର ସମ୍ପର୍କିତ ବିଭିନ୍ନ ସେବା ଯୋଗାଣ ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଉଥିବା ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ସେଣ୍ଟରଗୁଡିକ ଖୋଲିବା ଲାଗି ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ସବୁଜ ସଙ୍କେତ ଦେଇଥିବା ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସର ସିଇଓ ଦିନେଶ ତ୍ୟାଗୀ କହିଛନ୍ତି। ବର୍ତ୍ତମାନ ସିଏସ୍‌ସି ନେଟୱର୍କରେ ୩.୬ ଲକ୍ଷ ସେଣ୍ଟର ରହିଛି। ଆଧାର ସେବାକୁ ସିଏସ୍‌ସିର ଅଧିକୃତ କାର୍ଯ୍ୟାଳୟଗୁଡିକରେ ପ୍ରଦାନ କରିବା ଲାଗି ଯୋଜନା ରହିଛି। ନିରାପତ୍ତା ଦୃଷ୍ଟିକୋଣରୁ ସବୁ ସେଣ୍ଟରରେ ଏହି ସେବା ନ ଯୋଗାଇବାକୁ କୁହାଯାଇଛି। ପ୍ରତି ରାଜ୍ୟରେ ସିଏସ୍‌ସି କାର୍ଯ୍ୟାଳୟ ଥିବା ବେଳେ ଜିଲା ସ୍ତରରେ ଏହାକୁ ଖୋଲାଯାଉଛି। ସର୍ବୋଚ୍ଚ ନିରାପତ୍ତା ଦୃଷ୍ଟିକୋଣରୁ ନୂଆ ସେଣ୍ଟରଗୁଡିକ କାମ କରିବ। ସୂଚନାଯୋଗ୍ୟ ଗ୍ରାମାଞ୍ଚଳରେ ଥିବା କିଓସ୍କଗୁଡିକରେ ଆଧାର ସେବା ବନ୍ଦ ହେବା ଯୋଗୁ ଏହା ଦ୍ୱାରା ଲୋକମାନେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ଏହି ସେବା ଚାଲୁ ରଖିବା ଲାଗି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରଶାଦଙ୍କୁ ଚିଠି ଲେଖିଥିଲେ।

CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଉଜ୍ଜୀବନ ଫାଇନାନ୍ସ କମ୍ପାନୀ
ଭାରତର ନଂ.1 କମ୍ପାନୀ
ଋଣ 1% ସୁଧ 50% ଛାଡ଼
ମୁଦ୍ରା ଋଣ, ପ୍ରପର୍ଟି ଋଣ, ମାର୍କଶିଟ୍ ଋଣ, ଆଧାରକାର୍ଡ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ, ଆଦି ସବୁ ଋଣ
ସବୁ ଋଣ 24 ଘଣ୍ଟାରେ ପାଆନ୍ତୁ
ଚାଷୀ, ମହିଳାଙ୍କ ପାଇଁ ବିଶେଷ ଅଫର୍
089303-80336
090537-13407

ଋଣ ଧମାକା
ଋଣ ପାଆନ୍ତୁ ଆଧାରକାର୍ଡରୁ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁ ପାଳନ, ସମୂହ ଋଣ ।
ଫୋନ୍ କରନ୍ତୁ
9162071458
8863936059
New Ashok Nagar, East Delhi, Delhi

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka - 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

“ ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ହେଲେ ଆମକୁ ଶତକ ହାସଲକାରୀ ଟମ୍ ବ୍ଲଣ୍ଡେଲଙ୍କ ଭଳି ଲଢୁଆ ପ୍ରଦର୍ଶନ କରିବାକୁ ପଡ଼ିବା–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ




“ ମୁଁ କେବେ ଫିଟ୍ ହୋଇ ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବି ସେ ସମ୍ପର୍କରେ ପୂର୍ବାନୁମାନ କରିପାରିବି ନାହିଁ।–ଭୁବନେଶ୍ୱର କୁମାର, ଭାରତୀୟ ସିମ୍ ବୋଲର



## ସଂକ୍ଷେପରେ

■ ଜାତୀୟ ସିନିୟର ଖୋ ଖୋ

### ପ୍ରଥମଥର ଲାଗି ସେମିରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୯।୧୨ (ସ୍ପୋର୍ଟ୍ସ ବ୍ୟୁରୋ): ଛତିଶଗଡ଼ରେ ଚାଲିଥିବା ଜାତୀୟ ସିନିୟର ଖୋ ଖୋ ପ୍ରତିଯୋଗିତାର ୫୩ତମ ସଂସ୍କରଣରେ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଓଡ଼ିଶା ମହିଳା ଦଳ ୧୧-୯ ପଏଣ୍ଟରେ ଗତ ବର୍ଷ ବ୍ରୋଞ୍ଜ ପଦକ ଜିତିଥିବା କେରଳକୁ ପରାସ୍ତ କରିଛି। ଏଥିସହ ଓଡ଼ିଶା ମହିଳା ଦଳ ପ୍ରଥମଥର ଲାଗି ସେମିଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଲାଭ କରିଛି। ସେମିଫାଇନାଲରେ ଓଡ଼ିଶାର ମୁକାବିଲା ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ସହ ହେବ। ଓଡ଼ିଶାର ସସ୍ମିତା ନାଥ ଶର୍ମା ୨ ମିନିଟ୍ ୨୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ ହାସଲ କରିଥିବାବେଳେ ସାବିଲ ଖାତୁନ (୧ ମିନିଟ୍ ୪୦ ସେକେଣ୍ଡ ରନିଂ ଓ ୧ ପଏଣ୍ଟ), ମନ୍ଦାକିନୀ ମାଝି (୨ ମିନିଟ୍ ରନିଂ ଓ ୩ ପଏଣ୍ଟ), ପ୍ରିୟଙ୍କା ସିଂ (୧ ମିନିଟ୍ ରନିଂ ଓ ୩ ପଏଣ୍ଟ), ମଧୁସ୍ମିତା ଓଝା (୨ ମିନିଟ୍ ୨୦ ସେକେଣ୍ଡ), ଅର୍ଚ୍ଚନା ମାଝି (୧ ମିନିଟ ୨୦ ସେକେଣ୍ଡ ରନିଂ ଓ ୨ ପଏଣ୍ଟ) ଭଲ ପ୍ରଦର୍ଶନ କରିଥିଲେ। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ୯-୬ ପଏଣ୍ଟରେ ପଞ୍ଜାବକୁ ହରାଇ ଅନ୍ତିମ-୮ରେ ପ୍ରବେଶ କରିଥିଲା। ସେହିଭଳି ଲିଗ୍ ସ୍ତରରେ ଓଡ଼ିଶା ୧୨-୭ରେ ଛତିଶଗଡ଼ ଓ ୧୭-୭ରେ ପଶ୍ଚିମବଙ୍ଗକୁ ମାତ୍ ଦେଇଥିଲା ବୋଲି ଓଡ଼ିଶା ଖୋ ଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଓଡ଼ିଶା ମହିଳା ଦଳରେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନେ ହେଲେ ଆଶା ମାରାଣ୍ଡି, ମାଗାଇ ମାଝି, ସବନମ ଖାତୁନ, ଶିବାନୀ ଗମାଙ୍ଗୋ ଓ ରଞ୍ଜିତା ବାରିକ।

### ସହିଦ-ପ୍ରଗତି ଫାଇନାଲ

ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି): ନିରୋଜ ମେମୋରିଆଲ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ସହିଦ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେବ। ପୂର୍ବରୁ ପ୍ରଗତି ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ସହିଦ ସ୍ପୋର୍ଟିଂ ୯ ଉଇକେଟରେ ପାରାମାଉଣ୍ଟକୁ ପରାସ୍ତ କରିଛି। ୫୯ ବଲ୍‌ରୁ ୭୧ ରନ କରିବା ସହ ୩ ଉଇକେଟ ନେଇଥିବା ବିଜୟୀ ଦଳର ଶାଶ୍ୱତ ରାଉତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ ସମ୍ପାଦକ ଚଣ୍ଡି ପ୍ରସାଦ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାର ତୃତୀୟ କ୍ୱାର୍ଟର ଫାଇନାଲରେ ଅଭିଳାଷ କ୍ରିକେଟ ଏକାଡେମୀକୁ ସହିଦ ସ୍ପୋର୍ଟିଂ ଏବଂ ୪ର୍ଥ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂକୁ ପାରାମାଉଣ୍ଟ ପରାସ୍ତ କରିଥିଲା।

### ଦିଲୀପଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି): ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ସେଲ୍ ଆଇଟିଏଫ ସିନିୟର ଗ୍ରେଡ୍-୩ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦିଲୀପ ମହାନ୍ତି ଡବଲ ଟାଇଟଲ



ହାସଲ କରିଛନ୍ତି। ଏହା ଛଡ଼ା ସେ ଗୋଟିଏ ବିଭାଗରେ ରନର୍ସଅପ୍ ମଧ୍ୟ ହୋଇ ମୋଟ ୩ଟି ଟ୍ରଫି ହାସଲ କରିଛନ୍ତି। ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦିଲୀପ ୬-୨, ୬-୧ ସେଟ୍‌ରେ କୋହିନୁର ଗୋବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ। ସେହିପରି ୩୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଡବଲ୍ସରେ ସେ କନ୍ନନ ସେଥୁଙ୍କୁ ସାଥିକରି ୭-୫, ୬-୪ ସେଟ୍‌ରେ ଦୀପକ ମାରୱାହା ଓ ସଚିନ ପାଟିଲ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ୪୦ ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସ ଫାଇନାଲରେ ସେ ଶରଣଦୀପ ସିଂ ସୋଧୀଙ୍କୁ ସାଥୀକରି ରୋହିତ ରାଉତ ଓ ଜଗଦୀଶ ତନୱାର ଯୋଡ଼ିଙ୍କଠାରୁ ୬-୨, ୩-୬, ୪-୧୦ରେ ହାରି ଯାଇଥିଲେ। ପୂର୍ବରୁ ବିଭିନ୍ନ ବୟସ ବର୍ଗରେ ଚାମ୍ପିୟନ ହୋଇଥିବା ଦିଲୀପଙ୍କ ପାଇଁ ୪୦ ବର୍ଷରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସରେ ଏହା ପ୍ରଥମ ଟାଇଟଲ।

# ଦ୍ୱିତୀୟ ଦିବସରେ ୫ ମିଟ୍ ରେକର୍ଡ

**ରାଜ୍ୟ ଆଥଲେଟିକ୍ ମିଟ୍**

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୭ତମ ରାଜ୍ୟ ଆଥଲେଟିକ୍ ମିଟ୍‌ର ଦ୍ୱିତୀୟ ଦିବସରେ ୫ଟି ମିଟ୍ ରେକର୍ଡ ସ୍ଥାପନ ହୋଇଛି। ମହିଳା ୨୦ କିଲୋମିଟର ଚାଲିରେ କଟକର ପ୍ରିୟଙ୍କା ମହାଳିକ ୧ ଘଣ୍ଟା ୫୫.୩୨ ସେକେଣ୍ଡ ସମୟ ନେଇ ଏହି ରେକର୍ଡର ଅଧିକାରିଣୀ ହୋଇଛନ୍ତି। ପୂର୍ବରୁ ମିଟ୍ ରେକର୍ଡ ଟାଇମିଂ ଥିଲା ୧ ଘଣ୍ଟା ୫୮:୪୬.୫ ସେକେଣ୍ଡ। ସେହିପରି ୧୪ ବର୍ଷରୁ କମ୍ ବାଳକ ହାଇଜମ୍ପରେ କଳାହାଣ୍ଡିର ଜାନକୀ କାନ୍ତ ନାୟକ ୧.୬୭ ମିଟର କ୍ଲିୟର କରି ପୂର୍ବ ରେକର୍ଡ(୧.୫୯)କୁ ପଛରେ ପକାଇ ଦେଇଛନ୍ତି। ୧୮ ବର୍ଷରୁ କମ୍ ବାଳକ ୧୦ କିଲୋମିଟର ଚାଲିରେ ଅନୁଗୋଳର ଗୋବିନ୍ଦ ପାଣ୍ଡିଆ ୪୯:୨୭.୧ (ପୂର୍ବ ରେକର୍ଡ ୫୪:୦୫.୭) ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ୧୬ ବର୍ଷରୁ କମ୍ ବାଳିକା ୩ କିଲୋମିଟର ଚାଲିରେ ଦେବଗଡ଼ର ନିଶା ବାରିକ ୧୬:୧୪.୪ ସେକେଣ୍ଡ ସମୟ ନେଇ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ଥିଲା ୧୬:୩୭.୬ ସେକେଣ୍ଡ। ୧୬ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ଭୁବନେଶ୍ୱରର ସବିତା ଟପ୍ପୋ ୧୫.୦ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ପୂର୍ବ ରେକର୍ଡ ଥିଲା ୧୫.୮ ସେକେଣ୍ଡ। ପ୍ରତିଯୋଗିତାର ପ୍ରଥମ ଦିବସରେ ଶନିବାର ୩ଟି ମିଟ୍ ରେକର୍ଡ ହୋଇଥିଲା। ସମସାଦ ଆରା ବେଗମ, ଆଂଶିକା ରାଉତରାୟ ଓ ମନୀଶା ମେରାଲ ଏହି ରେକର୍ଡ କରିଥିଲେ।



ପୋଲଭଲ୍ଟ ଅବସରରେ ଜଣେ ପ୍ରତିଯୋଗୀ।

ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ୪୦୦ ମିଟରରେ ଓଡ଼ିଶା ପୋଲିସର ବିଘ୍ନରାଜ ମିରିଡିଆ, ୧୫୦୦ ମିଟର ରେସ୍‌ରେ କଟକର ଭୀମସେନ ଜନକା, ୧୧୦ ମିଟର ହର୍ଡଲ୍ସରେ ଓଡ଼ିଶା ପୋଲିସର ଅମିତ କୁମାର ମହନ୍ତ, ୨୦୦୦୦ ମିଟର ଚାଲିରେ ଗଞ୍ଜାମର କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, ହାଇଜମ୍ପରେ କଟକର ସ୍ୱାଧୀନ କୁମାର ମାଝି, ଟ୍ରିପଲ ଜମ୍ପରେ କଟକର ସୁକଦେବ ମହାନ୍ତି, ଶଟ୍‌ପୁଟରେ କଟକର ରଞ୍ଜନ କୁମାର ସାହୁ, ଜାଭେଲିନରେ ଖୋର୍ଦ୍ଧାର ଦୀପଙ୍କର ବେହେରା, ଡେକାଥଲନରେ ଓଡ଼ିଶା ପୋଲିସର ପ୍ରବୀଣ ଛେତ୍ରୀ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ମହିଳା ବିଭାଗ ୪୦୦ ମିଟର ରେସ୍‌ରେ କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜଉନା ମୁର୍ମୁ, ୧୫୦୦ ମିଟରରେ ବରଗଡ଼ର ନମିତା ପ୍ରଧାନ, ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶା ପୋଲିସର ଜସମିନ କିସ୍କୁ, ୨୦୦୦୦ ମିଟର ଚାଲିରେ କଟକର ପ୍ରିୟଙ୍କା ମହାଳିକ ଓ ଡିସ୍‌କସ୍ ଥ୍ରୋରେ ଇଷ୍ଟକୋଷ୍ଟ ରେଲୱେର ପାର୍ବତୀ ସେଠୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।




ପ୍ରିୟଙ୍କା ମହାଳିକ।

## ଚର୍ଚ୍ଚାରେ ଅମ୍ପାୟର ଡେଭିଡ୍‌ସନ





ମେଲବୋର୍ନ, ୨୯।୧୨

ଅଷ୍ଟ୍ରେଲିଆ ଘରୋଇ ଟି୨୦ କ୍ରିକେଟ୍ ପ୍ରତିଯୋଗିତା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ରବିବାର ଏକ କୌତୁହଳପୂର୍ଣ୍ଣ ଘଟଣା ଦେଖିବାକୁ ମିଳିଥିଲା। ମେଲବୋର୍ନ ରେନଗାଡେସ ଓ ଆଡିଲେଡ୍ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅବସରରେ ଅମ୍ପାୟର ଜର୍ଜ ଡେଭିଡ୍‌ସନ ଜଣେ ବ୍ୟାଟ୍ସମ୍ୟାନଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ଦେବା ପାଇଁ ଆଙ୍ଗୁଠି ଉପରକୁ ଉଠାଇଥିଲେ। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ କରି ନାକ କୁଣ୍ଡାଇଥିଲେ। ଫିଲ୍ଡରେ ଅମ୍ପାୟରଙ୍କ ଏହି ଡ୍ରାମା ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହୋଇଛି। ରେନ୍‌ଗାଡେସ ଇନିଂସର ୧୭ତମ ଓଭରରେ ଏହି ଘଟଣା ଘଟିଥିଲା। ଆଡିଲେଡ୍ ବୋଲର ରଶିଦ ଖାଁଙ୍କ ବଲ୍ ସିଧାଯାଇ ରେନଗାଡେସ ବ୍ୟାଟ୍ସମ୍ୟାନ ବିଉ ୱେବଷ୍ଟରଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହାପରେ ରଶିଦଙ୍କ ସମେତ ପୁରା ଦଳ ଆଉଟ୍ ପାଇଁ ଅପିଲ୍ କରିଥିଲେ। ଅମ୍ପାୟର ଜର୍ଜ ଡେଭିଡ୍‌ସନ ଆଉଟ୍ ପାଇଁ ଆଙ୍ଗୁଠି ଉପରକୁ ଉଠାଇଥିଲେ। ଏହାପରେ ରଶିଦ ଖାଁ ସେଲିବ୍ରେସନ ଆରମ୍ଭ କରିଦେଇଥିବାବେଳେ ବ୍ୟାଟ୍ସମ୍ୟାନ ୱେବଷ୍ଟର ମଧ୍ୟ ପ୍ୟାଭିଲିୟନ ଆଡ଼କୁ ଯିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଅମ୍ପାୟର ଡେଭିଡ୍‌ସନ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇ ଆଙ୍ଗୁଠି ନେଇ ନାକ କୁଣ୍ଡାଇଥିଲେ। ଅମ୍ପାୟରଙ୍କ ଏହି ନିଷ୍ପତ୍ତିରେ ଉଭୟ ବ୍ୟାଟ୍ସମ୍ୟାନ ଓ ବୋଲିଂ ଦଳ ଆଶ୍ଚର୍ଯ୍ୟପ୍ରକଟ କରିଥିଲେ। ରିପ୍ଲେରୁ ବଲ୍ ସିଧାଯାଇ ଷ୍ଟମ୍ପରେ ଥିବାର ସ୍ପଷ୍ଟ ଦେଖିବାକୁ ମିଳିଥିଲା। କିନ୍ତୁ ଅମ୍ପାୟର ବଲ୍ ବ୍ୟାଟ୍‌ରୁ ଏଜ୍ ଲାଗିଥିବା ସନ୍ଦେହ କରି ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇ ଦେଇଥିଲେ। ତେବେ ଏହି ମ୍ୟାଚ୍‌ରେ ଆଡିଲେଡ୍ ୧୮ ରନରେ ବିଜୟୀ ହୋଇଥିଲା। ସ୍ମରଣଯୋଗ୍ୟ, ୧୯୯୭ରେ ଘରୋଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଏହିଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଅଜୟ ଜାଡେଜାଙ୍କୁ ଆଉଟ୍ ଦେବାକୁ ଯାଇ ଅମ୍ପାୟର ରମନ ଶର୍ମା ଆଙ୍ଗୁଠି ଉପରକୁ ଉଠାଇଥିଲେ। କିନ୍ତୁ ଶେଷରେ ନିଷ୍ପତ୍ତି ବଦଳାଇ ତାଙ୍କ ଟୋପିକୁ ସଜାଡ଼ିଥିଲେ। ଏହାପରେ ରମନଙ୍କୁ ଆଉ କୌଣସି ମ୍ୟାଚ୍ ପରିଚାଳନାର ସୁଯୋଗ ମିଳି ନ ଥିଲା।

# ପାରାମାଉଣ୍ଟ 'ଏ', 'ବି' ବିଜୟୀ

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ଜୁନିୟର (୧୩ ବର୍ଷରୁ କମ୍) କ୍ରିକେଟ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ପାରାମାଉଣ୍ଟ 'ଏ' ଓ 'ବି' ଦଳ ବିଜୟୀ ହୋଇଛନ୍ତି। ପାରାମାଉଣ୍ଟ 'ଏ' ୫ ଉଇକେଟରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ପ୍ରଗତି ୨୦ ଓଭରରେ ୮ ଉଇକେଟ ହରାଇ ୮୬ ରନ କରିଥିଲା। ପ୍ରତିପକ୍ଷ ଦଳର ସୟଦ ତୌଫେଲ ଅହମଦ ୪ ଓଭରରେ ୨ ମେଡେନ ନେଇ ମାତ୍ର ୨ ରନ ବିନିମୟରେ ୨ଟି ଉଇକେଟ ନେଇଥିଲେ। ଆଶିଷ ରାଉତ ମଧ୍ୟ ୨ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ 'ଏ' ୧୯.୧ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଦ୍ୟାଧର ବେହେରା ୨୫ ଓ ତୁଷାର ସେନଗୁପ୍ତା ୨୦ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଚମତ୍କାର ବୋଲିଂ ପାଇଁ ତୌଫେଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟଏକ ମ୍ୟାଚରେ ପାରାମାଉଣ୍ଟ 'ବି' ୨୨ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୨୦ ଓଭରରେ ୩ ଉଇକେଟ ହରାଇ ୧୦୭ ରନ କରିଥିଲା। ଏମ. କୌଶିକ ସର୍ବାଧିକ ୪୪ ରନ କରିଥିଲେ।



ଦୁଇ ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଜବାବରେ ରାମେଶ୍ୱର ୧୮.୩ ଓଭରରେ ୮୫ ରନକରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଆୟୁଷ ପଟ୍ଟନାୟକ, ଜିଜ୍ଞାଶୁ ମହାନ୍ତି, ମିତାଲି ଶର୍ମା ଓ ରବି ନାରାୟଣ ସେନାପତି ୨ଟି ଲେଖାଏ ଉଇକେଟ ନେଇଥିଲେ। କୌଶିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ କ୍ରିକେଟର ତନ୍ମୟ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଦୁଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ୨ଟି ମ୍ୟାଚରେ ଯଥାକ୍ରମେ ସାର୍ଥକ ସୌରଭ କୁମାର ଓ ସୁମଙ୍ଗଳ ରାଜପୁତ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।

## ଓଡ଼ିଶା ମହିଳା, ପୁରୁଷ ଦଳ କ୍ୱାର୍ଟରରେ

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ବର୍ଦ୍ଧମାନଠାରେ ଚାଲିଥିବା ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମହିଳା ବିଭାଗର ପ୍ରଥମ ମ୍ୟାଚରେ ଓଡ଼ିଶା ୧୫-୪, ୧୫-୬ରେ ବିହାରକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆନ୍ଧ୍ର ପ୍ରଦେଶଠାରୁ ୧୨-୧୫, ୧୩-୧୫ରେ ହାରି ଯାଇଥିଲା। ତୃତୀୟ ମ୍ୟାଚରେ ଦଳ ୧୫-୮, ୧୫-୯ ପଏଣ୍ଟରେ ଛତିଶଗଡ଼କୁ ହରାଇବାରୁ ନିଜ ପୁଲ୍‌ର ରନର୍ସଅପ୍ ଭାବେ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ପୁରୁଷ ଦଳ ପ୍ରଥମ ମ୍ୟାଚରେ ୧୫-୮, ୧୫-୧୧ରେ ମଧ୍ୟପ୍ରଦେଶ, ଦ୍ୱିତୀୟ ମ୍ୟାଚରେ କର୍ଣ୍ଣାଟକକୁ ୧୫-୯, ୧୫-୧୦ ଏବଂ ତୃତୀୟ ମ୍ୟାଚରେ ୧୫-୨, ୧୫-୪ରେ ଗୋଆକୁ ପରାସ୍ତ କରିଛି।

## ଓଡ଼ିଶା ପୁରୁଷ ଦଳର ଚତୁର୍ଥ ବିଜୟ

**ଜାତୀୟ ସିନିୟର ଭଲିବଲ**

ଭୁବନେଶ୍ୱର, ୨୯।୧୨
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗରେ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ଛତିଶଗଡ଼ଠାରୁ ୦-୩ରେ ହାରିଥିବା ହାରିଥିବା ଓଡ଼ିଶା ରବିବାର ଜମ୍ମୁ କଶ୍ମୀର ଦଳକୁ ସମାନ ବ୍ୟବଧାନରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ପଣ୍ଡିଚେରୀ ୩-୦ରେ ତ୍ରିପୁରା, ଆସାମ ୩-୦ରେ ପଶ୍ଚିମବଙ୍ଗ, ମଧ୍ୟ ପ୍ରଦେଶ ୩-୨ରେ ବିହାର, ହିମାଚଳ ପ୍ରଦେଶ ୩-୦ରେ ମଣିପୁର, ଛତିଶଗଡ଼ ୩-୦ରେ ଚଣ୍ଡିଗଡ଼, ଗୁଜରାଟ ୩-୧ରେ ମହାରାଷ୍ଟ୍ର ଓ ଉତ୍ତରାଞ୍ଚଳ ୩-୦ ସେଟ୍‌ରେ ଝାଡ଼ଖଣ୍ଡକୁ ହରାଇ ଦେଇଛି। ମହିଳା ବିଭାଗରେ ଉତ୍ତର ପ୍ରଦେଶ ୩-୦ରେ ପଣ୍ଡିଚେରୀ, ହିମାଚଳ ପ୍ରଦେଶ ୩-୦ରେ ଚଣ୍ଡିଗଡ଼, ମଧ୍ୟ ପ୍ରଦେଶ ୩-୦ରେ ଆସାମ, ଉତ୍ତରାଞ୍ଚଳ ୩-୦ରେ ବିହାର, ଗୁଜରାଟ ୩-୧ରେ ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶ ୩-୦ରେ ପଞ୍ଜାବକୁ ପରାସ୍ତ କରିଛି।

■ ସନ୍ତୋଷ ମେମୋରିଆଲ କ୍ରିକେଟ୍

## ସେମିରେ ମ୍ୟାଜିକ୍, ହାପି ଏକାଦଶ

ଭୁବନେଶ୍ୱର, ୨୯।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟରେ ରବିବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। କଟକର ଦୁଇ ଦଳ ମ୍ୟାଜିକ ଏକାଦଶ ଓ ହାପି ଏକାଦଶ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପଞ୍ଚମ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲରେ ମ୍ୟାଜିକ ଏକାଦଶ ୮ ଉଇକେଟ୍‌ରେ ଭୁବନେଶ୍ୱରର ଏମ୍‌ବିଏସ୍ ଏକାଦଶକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଏମ୍‌ବିଏସ୍ ୧୦ ଓଭରରେ ୬୬ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ପ୍ରତିପକ୍ଷ ମ୍ୟାଜିକ ଏକାଦଶର ଦେବାଶିଷ ରାଉତ ୩ ଓଭରରେ ୮ ରନ୍ ବ୍ୟୟ କରି ୬ ଉଇକେଟ୍ ନେଇଥିଲେ। ଜବାବରେ ମ୍ୟାଜିକ ଏକାଦଶ ୪.୫ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରବୋଧ କୁମାର ୧୯ ବଲ୍‌ରୁ ୪୦ ରନ କରିଥିଲେ। ସେହିଭଳି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କଟକର ହାପି ଏକାଦଶ ୮ ଉଇକେଟ୍‌ରେ ଭୁବନେଶ୍ୱରର ଆଇଆର୍‌ସି ତ୍ରିବେଣୀ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ତ୍ରିବେଣୀ ଦଳ ଧର୍ମେନ୍ଦ୍ର ପ୍ରଧାନଙ୍କ ୭୭ ରନ ସହାୟତାରେ ୧୨ ଓଭରରେ ୫ ଉଇକେଟ୍ ହରାଇ ୧୨୪ ରନ କରିଥିଲା। ହାପି ଏକାଦଶର ପରେଶ କୁମାର ୩ଟି ଉଇକେଟ୍ ନେଇଥିଲେ। ଜବାବରେ ହାପି ଏକାଦଶ ୧୧.୩ ଓଭରରେ ୨ ଉଇକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କିଶୋର ଦାସ ୩୧ ବଲ୍‌ରୁ ୬୨ ରନ କରିଥିଲେ। ଦେବାଶିଷ ରାଉତ ଓ କିଶୋର ଦାସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

ଉଠାଜଳ ସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ, ଭାଜପା ନେତା ଜଗନ୍ନାଥ ପ୍ରଧାନ ଓ ରଶ୍ମିରଞ୍ଜନ ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ। ରଜତ ଜଗଦେବ ଓ ମୁନା ରାଉଳ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସ୍ମୃତି ରଞ୍ଜନ ସାହୁ ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ।

# ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

**ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟବଲ**

ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟବଲରେ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି। ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଫୁଲବାଣୀ ଦଳ ଟାଇବ୍ରେକର ୬-୫ ଗୋଲରେ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟର ଖେଳ ୧-୧ ଗୋଲରେ ବରାବର ରହିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ନୟାଗଡ଼ର ସୁରଜ ମିଞ୍ଜ ୫୪ ଓ ଫୁଲବାଣୀର ସୁଜିତ ବାର୍ଲା ୬୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟକ ଅନନ୍ତ ନାରାୟଣ ଜେନା, ଦିଲୀପ କୁମାର ସାମନ୍ତରାୟ, ସୌର୍ଯ୍ୟରଞ୍ଜନ ପରିଜା, ଭକ୍ତବତ୍ସଳ ଦାସ, ଅନଙ୍ଗ ଦ୍ୱିବେଦୀ, ଗିରିଧାରୀ ଲାଲ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନ ସଭାପତି ତପନ ମହାନ୍ତି ଏବଂ ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ମାନସ ସାମଲ ଉପସ୍ଥିତ ଥିଲେ। ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲର ସୁରଜ ମିଞ୍ଜ୍ ମ୍ୟାନ ଅଫ ଦି ଫାଇନାଲ, ରବୀନ୍ଦ୍ର ସିଂ ଶ୍ରେଷ୍ଠ ମଧ୍ୟଭାଗ ଖେଳାଳି, ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲର ସଦାନନ୍ଦ କନହାର ଶ୍ରେଷ୍ଠ ଗୋଲକିପର ଏବଂ ନୟାଗଡ଼ର ସୂରଜ ଏବଂ ଫୁଲବାଣୀର ଏ. ଶିବପ୍ରସାଦ ଯୁଗ୍ମଭାବେ ଶ୍ରେଷ୍ଠ ଫରୱାର୍ଡ ପୁରସ୍କାର ପାଇଥିଲେ। ଫାଇନାଲର ମଧ୍ୟଭାଗର ଏକ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଉର୍ମିଳା ଫୁଟବଲ ଏକାଡେମୀ ୨-୦ ଗୋଲରେ ଘାଟିକିଆର ବଜରଙ୍ଗବାଲୀ ଦଳକୁ ପରାସ୍ତ କରିଥିଲା। ଖେଳ ପରିଚାଳନା କରିଥିଲେ ଚନ୍ଦ୍ରକାନ୍ତ ବାରିକ, ଅମିତ ନାୟକ, ରାଜେନ୍ଦ୍ର ବାରିକ, କିର୍ତ୍ତୀ ସ୍ୱାଇଁ। ମହେଶ୍ୱର ସ୍ୱାଇଁ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ।




ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳିମାନେ।

# ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

## ବକ୍ସିଂ ଡେ ଟେଷ୍ଟ : ନ୍ୟୁଜିଲାଣ୍ଡ ୨୪୭ ରନ୍‌ରେ ପରାସ୍ତ

ମେଲବୋର୍ନ, ୨୯।୧୨ (ଏଏଫ୍‌ପି)

ନାଥନ ଲିୟନ ଓ ଜେମ୍ସ ପାଟିନସନଙ୍କ ମିଳିତ ବୋଲିଂ ସଫଳତା ବଳରେ ଅଷ୍ଟ୍ରେଲିଆ ଏଠାରେ ଅନୁଷ୍ଠିତ ୨ୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡକୁ ୨୪୭ ରନର ବୃହତ୍ ରନ୍ ବ୍ୟବଧାନରେ ପରାସ୍ତ କରିଛି। ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୮୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ଓପନର୍ ଟମ୍ ବଣ୍ଡେଲଙ୍କ ଶତକ ସତ୍ତ୍ୱେ ମ୍ୟାଚ୍‌ର ୪ର୍ଥ ଦିବସରେ ରବିବାର ୨୪୦ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବ୍‌ଜା କରିନେଇଛି। ପୂର୍ବରୁ ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଅଷ୍ଟ୍ରେଲିଆ ୨୯୬ ରନରେ ଜିତିଥିଲା। ସିରିଜର ଅନ୍ତିମ ତଥା ୩ୟ ମ୍ୟାଚ୍ ଜାନୁୟାରୀ ୩ରୁ ସିଡ୍‌ନୀରେ ଖେଳାଯିବ।

ବକ୍ସିଂ ଡେ ଅବସରରେ ଖେଳାଯାଇଥିବା ଏହି ଟେଷ୍ଟରେ ୪୮୮ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରି ରବିବାର ନ୍ୟୁଜିଲାଣ୍ଡ ପ୍ରାରମ୍ଭରୁ ୩୫ ରନରେ ଟମ୍ ଲଥାମ୍ (୮), ଅଧିନାୟକ କେନ୍ ୱିଲିୟମ୍ସ (୦) ଓ ରସ୍ ଟେଲର (୨)ଙ୍କ ଉଇକେଟ୍ ହରାଇ ସଙ୍କଟରେ ପଡ଼ିଥିଲା। ମଧ୍ୟକ୍ରମରେ ହେନରୀ ନିକୋଲାସ (୩୩ ରନ), ବିଜେ ୱାଟ୍‌ଲିଂ (୨୨) ଓ ମିଚେଲ ସାଣ୍ଟନର (୨୭) କିଛିଟା ସଂଘର୍ଷ କରିଥିଲେ ମଧ୍ୟ କିୱି ଦଳ ୭୧ ଓଭରରେ ୨୪୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।


ଶତକ ହାସଲକାରୀ ଟମ୍ ବଣ୍ଡେଲ

ଓପନର୍ ଟମ୍ ବଣ୍ଡେଲ ୧୨୧ ରନ (୨୧୦ ବଲ୍, ୧୫ ଚୌକା)ର ସଂଘର୍ଷପୂର୍ଣ୍ଣ ଶତକୀୟ ଇନିଂସ ଖେଳିଥିଲେ ମଧ୍ୟ ଏହା ବୃଥା ଯାଇଥିଲା। ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ବଣ୍ଡେଲଙ୍କୁ ଆଉଟ୍ କରି ମାର୍ନସ ଲାବୁସେନ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଥିଲେ। ଅନ୍ୟ ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଅଫ୍‌ସ୍ପିନର ଲିୟନ ୪, ପାଟିନସନ ୩ଟି ଉଇକେଟ୍ ନେଇଥିଲେ। ଆଘାତ ଲାଗି ଟ୍ରେଣ୍ଟ ବୋଲ୍ଟ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ପୂର୍ବରୁ ଟ୍ରାଭିସ ହେଡ୍ (୧୧୪)ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୬୭ ରନ କରିଥିଲା। ଜବାବରେ ପ୍ୟାଟ୍ କୁମିନ୍ସ (୫ ଉଇକେଟ୍)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୧୪୮ ରନରେ ସୀମିତ ରହିଥିଲା। ୩୧୯ ରନର ଅଗ୍ରଣୀ ଥାଇ ଅଷ୍ଟ୍ରେଲିଆ ୨ୟ ଇନିଂସରେ ୫ ଉଇକେଟ୍‌ରେ ୧୬୮ ରନ କରିବା ସହ ଇନିଂସ ଘୋଷଣା କରିଥିଲା। ଟ୍ରାଭିସ ହେଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୪୬୭/୧୦

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୧୪୮/୧୦

ଅଷ୍ଟ୍ରେଲିଆ ୨ୟ ଇନିଂସ- ୧୬୮/୫ ଘୋଷଣା

ନ୍ୟୁଜିଲାଣ୍ଡ ୨ୟ ଇନିଂସ- ୨୪୦/୧୦ (କଲିନ ଡି ଗ୍ରାଣ୍ଡହୋମ ୯, ଟିମ୍ ସୌଦୀ ୨, ବଣ୍ଡେଲ ୧୨୧, ଲିୟନ ୪/୮୧)।

## ସିଡ୍‌ଲେଙ୍କ ଅବସର

ମେଲବୋର୍ନ, ୨୯।୧୨

ଭେଟେରାନ ଅଷ୍ଟ୍ରେଲିଆନ ପେସର ପିଟର ସିଡ୍‌ଲେ ରବିବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିସହ ଦୀର୍ଘ ୧୧ ବର୍ଷର କ୍ୟାରିୟରର ଶେଷ ହୋଇଛି। ସେ ୬୭ ଟେଷ୍ଟ ଖେଳି ୩୦.୬୬ ହାରରେ ୨୨୧ ଉଇକେଟ ହାତେଇଛନ୍ତି। ଅନ୍ତିମ ଥର ଅଷ୍ଟ୍ରେଲିଆ ପାଇଁ ଆଶେସ ସିରିଜ୍‌ର ୫ମ ଟେଷ୍ଟ ଖେଳିଥିଲେ। ଏ ସମ୍ପର୍କରେ ଆଶେସ ସିରିଜ୍‌ବେଳେ ଆଲୋଚନା କରିଥିଲି। ଇଂଲଣ୍ଡରେ ଅବସର ଘୋଷଣା କରିବାର ସମ୍ଭାବନା ଥିଲା। କିନ୍ତୁ ଘରେ, ପରିବାର ଓ ବନ୍ଧୁଙ୍କ ଆଗରେ ଅବସର ନେବାକୁ ନିଷ୍ପତ୍ତି ନେଇଥିଲି ବୋଲି ସିଡ୍‌ଲେ କହିଛନ୍ତି। ସର୍ବାଧିକ ଟେଷ୍ଟ ଉଇକେଟ ହାତେଇଥିବା ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ସେ ୧୩ତମ ସ୍ଥାନରେ ରହିଛନ୍ତି।



ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କ ପ୍ରଥମ ଶିକାର ପାଲଟିଥିଲେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର। ୨୦୧୦ ଇଂଲଣ୍ଡ ବିପକ୍ଷରେ ନିଜ ଜନ୍ମଦିନରେ ସେ ହ୍ୟାଟ୍ରିକ ନେଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ଉଲ୍ଲେଖନୀୟ ଘଟଣା। ସେ ୨୦୦୮ ଅକ୍ଟୋବରରେ ମୋହାଲିଠାରେ ଭାରତ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଟେଷ୍ଟ କ୍ୟାରିୟରରେ ୮ ଥର ୫ ଉଇକେଟ ସଫଳତା ପାଇଥିଲେ। ୫୪ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିବା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ ଥିଲା। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ଧରି ଜାତୀୟ ଦଳରୁ ବାଦ୍ ପଡ଼ିଥିଲେ। ୨୦୧୮ ପାକିସ୍ତାନ ବିପକ୍ଷ ଦୁଇ ଟେଷ୍ଟରେ ସେ ପ୍ରତ୍ୟାବର୍ତ୍ତନ କରିଥିଲେ। ଟେଷ୍ଟ ବ୍ୟତୀତ ୨୦ ଦିନିକିଆ ଓ ଦୁଇଟି ଟି୨୦ରେ ମୋଟ ୩୪ ଉଇକେଟ ହାତେଇଥିଲେ।


ଜନ୍ମଦିନ ଶୁଭେଚ୍ଛା



ଆଦ୍ୟାଶା ବିଶ୍ୱାଳ(ଗୁଡୁଲୁ)
At: Solpat, Dist: Jajpur
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛାସହ:
ବାପା: ଜତେନ୍ଦ୍ର ବିଶ୍ୱାଳ, ମାମା: ଅମିତା ବିଶ୍ୱାଳ, କାହ୍ନା ମାମୁ, ସାନ୍ତୁ ମାମୁ, ନନ୍ଦିନୀ ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୯୮୪

୧୩ତମ ଜନ୍ମଦିନ ଶୁଭେଚ୍ଛା



ଖୁସି
ଅରୋଲିପ୍‌ସା ପ୍ରିୟଦର୍ଶିନୀ ଗୁରୁ
ବୋତଲମା ମେଡ଼ିକାଲ ପାର୍ଶ୍ୱ, ପାଟଣାହାଟ, ଖୋର୍ଦ୍ଧା
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି, ପ୍ରତିଟି ମୁହୂର୍ତ୍ତ ତୋ' ପାଇଁ ଶୁଭମୟ ହେଉ।
ଶୁଭେଚ୍ଛା ସହ:
ବାପା, ବୋଉ, କିସୁଦାଦା, ଖୁଡ଼ୀ, ପପୁ ଭାଇ, ବୁବୁ, ଗୁନୁ, ମଉସା, ମାଉସୀ ଓ ପୁପୁଲ୍।
ଧ-୧୫୯୪୨

Happy Birthday



Kim Taehyung
I hope i could personally tell you what a great angel you are. You deserve everything in this world.
From: Supriya
D-15933


## ରାଜ୍ୟ ଓପନ ରାପିଡ୍ ଚେସ୍: ଜିତେନ୍ଦ୍ର ଚାମ୍ପିୟନ

ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓପନ ର୍ୟାପିଡ୍ ଚେସ୍ ଚାମ୍ପିୟନଶିପ୍ ଗଞ୍ଜାମର ସୋରଡ଼ାଠାରେ ଅନୁଷ୍ଠିତ ହୋଇ ଯାଇଛି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ନୟାଗଡ଼ର ଜିତେନ୍ଦ୍ର କୁମାର ଦାସ ୬.୫ ପଏଣ୍ଟ ପାଇ ଚାମ୍ପିୟନ ଓ ବ୍ରହ୍ମପୁରର ସଞ୍ଜୀବ କୁମାର ଚର୍ଚ୍ଚୀ ୬ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବସନ୍ତ କୁମାର ବିଷୋୟୀ, ଶିବ ପ୍ରସାଦ ପଣ୍ଡା, ଲରେନ୍ସ ପ୍ରଧାନ, ସନ୍ତୋଷ କୁମାର ନାୟକ, ଅମରେନ୍ଦ୍ର ଖମାରି, ସନ୍ତୋଷ କୁମାର ମିଶ୍ର, ବଂଶୀଧର ଭୋଇ, ଗଙ୍ଗାଧର ଦାସ, ପ୍ରଜ୍ଞାଦୀପ୍ତ ପଣ୍ଡା, ରଶ୍ମିତା ପାତ୍ର, ସବିତା ତ୍ରିପାଠୀ, ଜଗନ୍ନାଥ ବଳବନ୍ତରାୟ ଓ ଧୀରେନ୍ଦ୍ର କୁମାର ଦାସ ପ୍ରଥମ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ଏମାନଙ୍କ ବ୍ୟତୀତ ୯ ଜଣ ସ୍କୁଲ ଛାତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରଶ୍ମିତା ପାତ୍ର ଶ୍ରେଷ୍ଠ ମହିଳା ଓ ଶ୍ୟାମ ସୁନ୍ଦର ଖାଡଙ୍ଗା ଶ୍ରେଷ୍ଠ ଭେଟେରାନ ବିବେଚିତ ହୋଇଥିଲେ।

## ପାକିସ୍ତାନ ଖେଳାଳି, ପିସିବି ଅଫିସିଆଲ ବୁକିଙ୍କୁ ଜାଣିଥିଲେ

କରାଚୀ, ୨୯।୧୨ (ପି.ଟି.)

**ଇଂଲିଶ କାଉଣ୍ଟି ସ୍କାଣ୍ଡାଲ**

ଇଂଲିଶ୍ କାଉଣ୍ଟି କ୍ରିକେଟରେ ୨୦୧୨ରେ ହୋଇଥିବା ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲରେ ସମ୍ପୃକ୍ତ ବୁକିଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଫିସିଆଲ ଏବଂ ଜାତୀୟ ଦଳର ଖେଳାଳିମାନେ ଭଲରୂପେ ଜାଣିଥିଲେ। ପାକିସ୍ତାନ ପୂର୍ବତନ ସ୍ପିନର ଡାନିଶ କନେରିଆ ରବିବାର ଏହା ପ୍ରକାଶ କରିଛନ୍ତି। ଏହି ମାମଲାରେ ମୋତେ ଭିନ୍ନରୂପେ ଚିତ୍ରଣ କରାଯାଇଥିଲା। ମୋ ସପକ୍ଷରେ କେହି ମୁହଁ ଖୋଲି ନ ଥିଲେ। ପିସିବିର ଆମନ୍ତ୍ରଣ କ୍ରମେ ବୁକି ଜଣକ ବହୁବାର ପାକିସ୍ତାନ ଆସିଛନ୍ତି। ଉଭୟ ସମଧର୍ମାବଲମ୍ବୀ ବୋଲି ଦର୍ଶାଇ ମୋତେ ଏହି ବୁକିଙ୍କ ସହିତ ପରିଚିତ କରାଯାଇଥିଲା। କିନ୍ତୁ ମୁଁ ବ୍ୟକ୍ତିଗତ ଭାବେ ତାଙ୍କୁ ଜାଣେନାହିଁ ବୋଲି ୩୯ ବର୍ଷୀୟ କନେରିଆ କହିଛନ୍ତି। ସ୍କାଣ୍ଡାଲ ପରେ କନେରିଆଙ୍କ ଏସେକ୍ସ ଟିମ୍‌ମେଟ୍ ମର୍ଭିନ ୱେଷ୍ଟଫିଲ୍ଡଙ୍କୁ ଲଣ୍ଡନସ୍ଥିତ ବେଲ୍‌ମାର୍ଶ କାରାଗାରରେ ୨ ବର୍ଷ ବନ୍ଦୀ ଜୀବନ ବିତାଇବାକୁ ପଡ଼ିଥିଲା। ଗୋଟିଏ ଓଭରରେ ୧୨ ରନ୍ ଦେବା ଲାଗି ବୁକ୍‌ମେକର ଅନୁ ଭଟ୍ଟଙ୍କଠାରୁ ସେ ୭.୮୬୨ ଡଲାର ଲାଞ୍ଚ ନେଇଥିବା ସ୍ୱୀକାର କରିଥିଲେ। କନେରିଆ ଯେହେତୁ ୱେଷ୍ଟଫିଲ୍ଡଙ୍କୁ ଭଟ୍ଟଙ୍କ ସହ ପରିଚିତ କରାଇଥିଲେ,ତେଣୁ ଏହି ସ୍କାଣ୍ଡାଲରେ ତାଙ୍କୁ ମଧ୍ୟସ୍ଥ ବୋଲି ଚିତ୍ରଣ କରାଯାଇଥିଲା। ମୋର ସମଗ୍ର କ୍ରିକେଟ କ୍ୟାରିୟରରେ ମୁଁ ସଚ୍ଚୋଟତା ଅବଲମ୍ବନ କରିଛି। ପିସିବି ମୋ ପ୍ରତି ବୈମାତୃକ ମନୋଭାବ ଅବଲମ୍ବନ କରିଛି। ବରଂ ଯେଉଁ ଖେଳାଳିମାନେ ଟଙ୍କା ପାଇଁ ଦେଶକୁ ବିକ୍ରି କରିଦେଇଛନ୍ତି ସେମାନଙ୍କ ପ୍ରତି ଧ୍ୟାନ ଦେଉଛି। ଜେଲ୍‌ରୁ ଆସିବା ପରେ ସେମାନଙ୍କୁ ଦଳ ପାଇଁ ସ୍ୱାଗତ କରାଯାଉଛି। କନେରିଆ ସମ୍ଭବତଃ ମହମ୍ମଦ ଅମିରଙ୍କୁ ଲକ୍ଷ୍ୟକରି ଏ କଥା କହିଛନ୍ତି। ୨୦୧୦ରେ ଇଂଲଣ୍ଡରେ ହୋଇଥିବା ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲରେ ଜଡ଼ିତ ଥିବା ଅଭିଯୋଗରେ ଏହି ପେସ୍ ବୋଲର ଜଣଙ୍କ ଜେଲଦଣ୍ଡ ସାରି ଫେରିବା ପରେ ପିସିବି ତାଙ୍କୁ ସ୍ୱାଗତ କରିଛି। କାଉଣ୍ଟି କ୍ରିକେଟର ସମସ୍ତ ୩ ଫର୍ମାଟରେ ମୋ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି, ମାତ୍ର ମୋତେ ଜଣେ ଟେଷ୍ଟ ଖେଳାଳି ଭାବେ ବବେଚନା କରାଯାଇଥାଏ।

# ଇଂଲଣ୍ଡକୁ ହରାଇଲା ଦକ୍ଷିଣ ଆଫ୍ରିକା

ସେଞ୍ଚୁରିଅନ୍, ୨୯।୧୨ (ଏଏଫ୍‌ପି)

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ସିରିଜରେ ଦକ୍ଷିଣ ଆଫ୍ରିକା ଏହାର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ ସୁପର ସ୍ପୋର୍ଟ୍ସ ପାର୍କଠାରେ ଦଳ ୧୦୭ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ୪ ଦିନରେ ଶେଷ ହୋଇଥିବା ଏହି ମ୍ୟାଚରେ ଇଂଲଣ୍ଡ ବିଜୟ ପାଇଁ ୩୭୬ ରନ ଆବଶ୍ୟକ କରୁଥିଲା। କିଛି ଭଲ ବ୍ୟାଟିଂ ସତ୍ତ୍ୱେ ଦଳ ଏହାର ଦ୍ୱିତୀୟ ଇନିଂସରେ ୨୬୮ରନ କରି ଅଲଆଉଟ ହୋଇଯାଇଥିଲା। ଏହି ରୋମାଞ୍ଚକ ମ୍ୟାଚରେ ଦ୍ୱିତୀୟ ନୂଆ ବଲ୍ ଆସିବା ପୂର୍ବରୁ ବେନ୍ ଷ୍ଟୋକ୍ସ ଏବଂ ଅଧିନାୟକ ଜୋ ରୁଟ୍ ଦ୍ରୁତ ରନ ସଂଗ୍ରହ କରି ଦଳର ସ୍କୋରକୁ ଆଗେଇ ନେବାକୁ ଚେଷ୍ଟା କରୁଥିବାବେଳେ ବାମହାତୀ ସ୍ପିନର କେଶବ ମହାରାଜ ଅନ୍ତରାୟ ସୃଷ୍ଟି କରିଥିଲେ। ସେ ଷ୍ଟୋକ୍ସଙ୍କୁ ବୋଲ୍ଡ କରିଦେଇଥିଲେ। ନୂଆ ବଲ୍ ଆସିବାପରେ ତାହାର ପ୍ରଭାବ ଦେଖିବାକୁ ମିଳିଥିଲା। କାଗିସୋ ରାବାଡା ଗଲି ଅଞ୍ଚଳରେ ଜନି ବେୟାରଷ୍ଟୋଙ୍କୁ ଆଉଟ୍ କରିଦେଇଥିଲେ। ପରେ ଏନ୍‌ରିଚ୍ ନୋର୍ଜେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ଙ୍କ ଉଇକେଟ ଅକ୍ତିଆର କରିଥିଲେ। କଟ୍ ବିହାଇଣ୍ଡ ହୋଇଥିବା ରୁଟ୍ ଲଢୁଆ ୪୮ରନ କରିଥିଲେ। ନୋର୍ଜେ ନୂଆବଲ୍‌ରେ ବୋଲିଂବେଳେ ତାଙ୍କ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ ଦ୍ୱିତୀୟ ଥର ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବାରେ ସଫଳ ରହିଥିଲେ। ରବିବାର ୪ର୍ଥ ଦିବସ ଖେଳରେ ସେ ଟପ୍ ସ୍କୋରର ରୋରି ବର୍ନ (୮୪ରନ)ଙ୍କୁ ଆଉଟ କରି ପ୍ରଥମ ବ୍ରେକ୍‌ଥ୍ରୁ ଆଣିଦେଇଥିଲେ। ଅବଶିଷ୍ଟ ଉଇକେଟଗୁଡ଼ିକର ଶୀଘ୍ର ପତନ ଘଟିଥିଲା। ଦକ୍ଷିଣ ଆଫ୍ରିକା ତରଫରୁ ସବୁଠାରୁ ସଫଳ ବୋଲର ରହିଥିଲେ ରାବାଡା ସେ ୧୦୩ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସାଥୀ ଫାଷ୍ଟ ବୋଲର ଏନରିଚ୍ ନୋର୍ଜେ ୫୬ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଇଂଲଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୨୧/୧ରୁ ଖେଳ ଆରମ୍ଭ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୨୮୪।

**ଇଂଲଣ୍ଡ ପ୍ରଥମ ଇନିଂସ:** ୧୮୧।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୨୭୨।

**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୨୬୮ (ବର୍ନ୍ସ- ୮୪, ରୁଟ୍-୪୮, ଜୋ ଡେନ୍‌ଲି-୩୧ ; ରାବାଡା- ୪/୧୦୩, ନୋର୍ଜେ-୩/୫୬, ମହାରାଜ- ୨/୩୭)।

## ଜଷ୍ଟିସ ଦୀପକ ବର୍ମା ଡିଡିସିଏର ନୂଆ ଓମ୍ବୁଡସମ୍ୟାନ

ନୂଆଦିଲ୍ଲୀ, ୨୯।୧୨(ପି.ଟି.)

ଅବସରପ୍ରାପ୍ତ ଜଷ୍ଟିସ ଦୀପକ ବର୍ମାଙ୍କୁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ରବିବାର ନୂଆ ଓମ୍ବୁଡସମ୍ୟାନ ଭାବେ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିଯୁକ୍ତ କରିଛି। ଡିଡିସିଏ ପକ୍ଷରୁ ଜାରି କରାଯାଇଥିବା ବିବୃତିରେ କୁହାଯାଇଛି, ସର୍ବସମ୍ମତିକ୍ରମେ ସମସ୍ତ ପ୍ରସ୍ତାବ ଓ ଏଜେଣ୍ଡା ପାରିତ ହୋଇଯାଇଛି। ଅବସରପ୍ରାପ୍ତ ଜଷ୍ଟିସ ଦୀପକ ବର୍ମାଙ୍କୁ ନୂଆ ଓମ୍ବୁଡସମ୍ୟାନ ଭାବେ ନିଯୁକ୍ତ କରାଯାଇଛି। ବୈଠକ ପାଇଁ ବର୍ଷର ସମସ୍ତ ଖର୍ଚ୍ଚ ବିବରଣୀ, ସାମ୍ବିଧାନିକ ଅଡିଟରଙ୍କ ନିଯୁକ୍ତି, ଅବସରପ୍ରାପ୍ତ ନିର୍ଦ୍ଦେଶକଙ୍କ ପୁନଃ ନିଯୁକ୍ତି, ନୂଆ ନିୟମ ଗ୍ରହଣ କରିବା ଓ ଓମ୍ବୁଡସମ୍ୟାନଙ୍କ ନିଯୁକ୍ତ ଆଦି ୫ ଏଜେଣ୍ଡା ଥିଲା।

## ଏଜିଏମ୍‌ରେ ମାର୍‌ପିଟ

ଡିଡିସିଏ ବାର୍ଷିକ ସାଧାରଣ ବୈଠକ ଅବସରରେ ଅଫିସିଆଲଙ୍କ ମଧ୍ୟରେ ମାର୍‌ପିଟ ହୋଇଥିବା ଜଣାପଡ଼ିଛି। ରୁଲିଂ ଗ୍ରୁପ୍‌ର ଯୁଗ୍ମ ସମ୍ପାଦକ ରଞ୍ଜନ ମାନଚାନ୍ଦଙ୍କୁ ପ୍ରତିପକ୍ଷ ଗ୍ରୁପ୍‌ର ମାସୁଦ ଆଲାମ ଚାପୁଡ଼ା ମାରିଥିବା ଭିଡିଓରେ ଜଣାପଡ଼ିଛି। ଏହି ଘଟଣା ପରେ ପୂର୍ବତନ କ୍ରିକେଟର୍ ଗୌତମ ଗମ୍ଭୀର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆସୋସିଏଶନକୁ ଭଙ୍ଗ କରିବା ପାଇଁ ସେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହଙ୍କୁ ଅନୁରୋଧ କରିଛନ୍ତି।

## ହମ୍ପି ୱାର୍ଲ୍ଡ ରାପିଡ୍ ଚାମ୍ପିୟନ

ମସ୍କୋ, ୨୯।୧୨ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ମହିଳା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ଜିତିଛନ୍ତି। ଏଠାରେ ଚାଇନାର ଲି' ଟିଙ୍ଗଜୀ ବିପକ୍ଷ ଆର୍ମାଗେଡନ ଗେମ୍ ଡ୍ର ରଖିବା ପରେ ସେ ଏହି ସଫଳତା ହାସଲ କରିଛନ୍ତି। ଭାରତର ଏହି ୩୨ ବର୍ଷୀୟା ଖେଳାଳି ୧୨ତମ ତଥା ଫାଇନାଲ ରାଉଣ୍ଡରେ ଚାଇନାର ଅନ୍ୟ ଜଣେ ଖେଳାଳି ଟାଙ୍ଗ୍ ଝୋଙ୍ଗୟିଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରିବା ଦ୍ୱାରା ଟିଙ୍ଗଜୀଙ୍କ ସହିତ ବ୍ରେକର ଖେଳିବାକୁ ବାଧ୍ୟ ହୋଇଥିଲେ। ୧୩ତମ ସିଡ୍‌ରୁ ଆରମ୍ଭ କରି ହମ୍ପି ତୁର୍କୀର ଏକାଟରିନା ଆଟାଲିକ୍ ଏବଂ ଟିଙ୍ଗଜୀଙ୍କ ସହିତ ସମାନ ୯ ପଏଣ୍ଟ ଅର୍ଜନ କରିଥିଲେ। ଇଭେଣ୍ଟରେ ହମ୍ପିଙ୍କ ଆରମ୍ଭ ଭଲ ଥିଲା। ପ୍ରଥମ ୫ ରାଉଣ୍ଡରୁ ସେ ୪.୫ ପଏଣ୍ଟ ସ୍କୋର କରିଥିଲେ। ମାତ୍ର ପରେ ସେ ରୁଷିଆର ଇରିନା ବୁଲ୍‌ମାଗାଙ୍କଠାରୁ ହାରି ଅଳ୍ପକେ ପଛରେ ପଡ଼ିଯାଇଥିଲେ। କିନ୍ତୁ ସେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ବିଜୟ ଲାଭ କରିଥିଲେ। ଏହା ସତ୍ତ୍ୱେ ଭାରତୀୟ ଖେଳାଳିଙ୍କୁ ଭାଗ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ଆଟାଲିକ୍‌ଙ୍କଠାରୁ ଟିଙ୍ଗଜୀ ପରାସ୍ତ ହେବା ଦରକାର ପଡୁଥିଲା। ତାହା ମଧ୍ୟ ଘଟିଥିଲା। ମାତ୍ର ଏତିକିରେ କାର୍ଯ୍ୟ ଶେଷ ହୋଇ ନ ଥିଲା। ହମ୍ପି ଟାଇବ୍ରେକ୍‌ର ପ୍ରଥମ ଗେମ୍‌ରେ ପରାଜିତ ହୋଇଥିଲେ। ମାତ୍ର ପରବର୍ତ୍ତୀ ଗେମ୍ ଜିତି ଆର୍ମାଗେଡନ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ସ୍ୱର୍ଣ୍ଣ ପଦକ ପାଇଁ ଏହି ଗେମ୍‌ରେ ଅତିକମ୍‌ରେ ଡ୍ର ଯଥେଷ୍ଟ ଥିଲା। ଟିଙ୍ଗଜୀଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଆଟାଲିକ୍ ବ୍ରୋଞ୍ଜ ପାଇଥିଲେ। ୨୦୧୭ରେ ବିଶ୍ୱନାଥନ ଆନନ୍ଦ ଓପନ ବିଭାଗରେ ଏହି ଟାଇଟଲ ଜିତିଥିବାବେଳେ ବର୍ତ୍ତମାର ଫର୍ମାଟରେ ହମ୍ପି ଦ୍ୱିତୀୟ ଭାରତୀୟ ଭାବେ ରାପିଡ୍ ସ୍ୱର୍ଣ୍ଣ ଜିତିଛନ୍ତି। ଅନ୍ୟପକ୍ଷରେ ନରୱେର ମାଗ୍ନସ କାର୍ଲସେନ ୧୧.୫ ପଏଣ୍ଟ ସ୍କୋର କରି ଓପନ୍ ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ଫିଡେ ଫ୍ଲାଗ୍ ଅଧୀନରେ ଖେଳୁଥିବା ଇରାନର ଫିରୋଜା ଅଲିରିଜା ଆମେରିକାର ହିକାରୁ ନାକାମୁରାଙ୍କୁ ପଛରେ ପକାଇ ରୌପ୍ୟ ଜିତିଥିଲେ।

# ଅଂଶୁମାନ, ସ୍ୱସ୍ତିକ ଚାମ୍ପିୟନ



ଟ୍ରଫି ଓ ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୨୯।୧୨(କ୍ରୀଡ଼ା ପ୍ରତିନିଧି)

**କଟକ ଜିଲା ଚେସ୍ ଉଦ୍‌ଯାପିତ**

କଟକସ୍ଥିତ ଇଷ୍ଟକୋଷ୍ଟ ରେଲୱେ ଇନ୍‌ଷ୍ଟିଚ୍ୟୁଟ୍‌ଠାରେ କଟକ ଜିଲା ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏହାର ସିନିୟର ବିଭାଗରେ ଅଂଶୁମାନ ସାମଲ ଓ ଜୁନିୟରରେ ସ୍ୱସ୍ତିକ ଶୁଭମ୍ ପଟ୍ଟନାୟକ ଚାମ୍ପିୟନ ହୋଇଛନ୍ତି। ସିନିୟରରେ ଅଂଶୁମାନ ଓ ଶ୍ରେୟାଂଶ ଶୁଭମ୍ ପଟ୍ଟନାୟକ ୬ ପଏଣ୍ଟ ଲେଖାଏ ରଖିଥିଲେ ହେଁ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇ ଟ୍ରଫି ସହ ୫୦୦୦ ଓ ୩୫୦୦ଟଙ୍କାର ପୁରସ୍କାର ରାଶି ଲାଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀୟଂଶ ଦାସ, ନୀଲସୁ ପଟ୍ଟନାୟକ, ରବୀନ୍ଦ୍ର କୁମାର ଓଝା, ବିଶାଳ ପଟ୍ଟନାୟକ, ଶଙ୍କର ପ୍ରସାଦ ରାଓ, ସଞ୍ଜୀବନ ନାୟକ, ସୂର୍ଯ୍ୟପ୍ରାଞ୍ଜଳ ଇନ୍ଦ୍ରଜିତ ଓ ପ୍ରୀୟଂଶ ଦାସ ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ଜୁନିୟରରେ ସ୍ୱସ୍ତିକ, ନିଖିଲ ସାହୁ, ଦେବୀ ପ୍ରସାଦ ନାୟକ ଓ ବିକାଶ କୁମାର ଲେଙ୍କା ୬ ପଏଣ୍ଟ ଲେଖାଏ ପାଇଥିଲେ ହେଁ ପ୍ରଥମରୁ ୪ର୍ଥ ସ୍ଥାନରେ ରହିଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ଟ୍ରଫି ସହ ୨୫୦୦ ଓ ୧୫୦୦ ଟଙ୍କା ପୁରସ୍କାରଭାବେ ପାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସାଇ ସୌରଭ ଦାସ, ସ୍ଥିତିପ୍ରଜ୍ଞ ସାହୁ, ସାଇ ସ୍ୱରୂପ ମିଶ୍ର, ପି. ସାଇରୂପା, ସୌରଭ କର, ରାଜଭୀର ବି. ପାଲ୍ ପ୍ରମୁଖ ଶୀର୍ଷ ୧୦ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୬, ୭, ୮, ୯, ୧୦ ଓ ୧୧ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ୪ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେ. କେ. ବିଶୋଇ ଶ୍ରେଷ୍ଠ ଭେଟେରାନ, ସୋଭନା ସୋନାଲି ଜେନା ଶ୍ରେଷ୍ଠ ମହିଳା ଓ ଭିନ୍ନକ୍ଷମ ଖେଳାଳି ନିପୁନ ଆଦିତ୍ୟ ମହାନ୍ତିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ଇନ୍‌କମ୍ ଟ୍ୟାକ୍ସ(ସର୍କଲ-୧, କଟକ) ଡେପୁଟି କମିଶନର ଡ. ଉମାକାନ୍ତ ଧୂପତି ମୁଖ୍ୟ ଅତିଥି, ଭାରତ ମସଲାର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟରଞ୍ଜନ ପଟ୍ଟନାୟକ, ରଞ୍ଜନ ମହାନ୍ତି, ବିବେକ ତିବରୱାଲ, ଆସିତ ମୁଖାର୍ଜୀ, ଶ୍ରୀମନ୍ତ କୁମାର ପଣ୍ଡା, ତାପସ ମହାନ୍ତି, ସନ୍ତୋଷ ପୃଷ୍ଟି, ଫନିନ୍ଦ୍ରନାଥ ମହାନତି, ସୂର୍ଯ୍ୟକାନ୍ତ ବିଷୋଇ, ଜ୍ୟୋତି ପ୍ରକାଶ ମହାପାତ୍ର, ଜୀବନ ବଲ୍ଲଭ ସାମଲ, ଏନ. ସରିଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସ.କେ. ମନସୁର ଅଲୀ ଓ ରାଜେନ୍ଦ୍ର କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କାଞ୍ଚନ ପ୍ରଭା କର
ସ୍ୱାମୀ ସ୍ୱର୍ଗତ ଡା. ଫକୀର ଚରଣ କର
ରାମଚନ୍ଦ୍ରପୁର, ଭିଙ୍ଗାରପୁର, ବାଲିଅନ୍ତା
ଆବିର୍ଭାବ: ୦୮।୦୫।୧୯୩୨
ତିରୋଧାନ: ୧୯।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ପବିତ୍ର, ବିରଞ୍ଚି, କନ୍ୟା: କଳ୍ପନା, ରଞ୍ଜନା, ନୟନା, ସ୍ୱପ୍ନା, ଜ୍ୟୋତ୍ସ୍ନା, ଜ୍ୱାଇଁ: ନୃସିଂହ, ଗୋପାଳ, ଚିତ୍ତରଞ୍ଜନ, ସଞ୍ଜୀବ, ଶାନ୍ତନୁ ଓ ନାତି-ନାତୁଣୀ, ଭଣଜା, ଭାଣିଜୀ ଓ ପରିବାରବର୍ଗ।
ଧ-୪୬୨୭୫

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୋମ୍ୟ ସନ୍ଦିପନ ମହାରଣା
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୨।୧୦।୨୦୦୧
ତିରୋଧାନ: ୩୦।୧୨।୨୦୧୫
ଧନରେ, ତୁ ସିନା ଚାଲିଗଲୁ ଆମ ସମସ୍ତଙ୍କୁ ପର କରିଦେଇ, ହେଲେ ଆମେ ସମସ୍ତେ ସବୁଦିନ ପାଇଁ ତତେ ମନେ ରଖିଛୁ। ତୋ' ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ:
ବାପା, ମମି, କୁନୁ, ଗୁଡୁ, ଟୁକୁନୁ, ମହେନ୍ଦ୍ର, ବଡ଼ବାପା, ମା, ନାନୀ, ବୁଢ଼ାବାପା, ମା ଓ ପରିବାରବର୍ଗ।
ଧ-୧୫୯୮୩

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ କସ୍ତୁରୀ ଚରଣ ସାହୁ
ରାଏସରପୁର, ବାଙ୍କେଶ୍ୱର, ଆଳି, କେନ୍ଦ୍ରାପଡ଼ା
ଭୂସ୍ପର୍ଶ: ୦୧।୦୧।୧୯୪୪
ଭୂତ୍ୟାଗ: ୨୦।୧୨।୨୦୧୯
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ଆଶୀର୍ବାଦ ଆମମାନଙ୍କ ଉପରେ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ଲାଗି ଶ୍ରୀଶ୍ରୀଠାକୁରଙ୍କ ରାତୁଳଚରଣ ତଳେ ଆମର ବିନମ୍ର ପ୍ରାର୍ଥନା।
ଦିଲ୍ଲୀପ, ପ୍ରଦୀପ, ଗୋଲକ, ବାବୁରଞ୍ଜନ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୫୧୮୧

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସ୍ନେହବାଳା ତ୍ରିପାଠୀ
ମହୁଖଣ୍ଡା, ବାଲିପାଟଣା, ଖୋର୍ଦ୍ଧା
ତୁମର ମୃତ୍ୟୁ ଦିବସ ଆମ ପାଇଁ ଅବିସ୍ମରଣୀୟ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ୧୯୮୩ ସିନିୟର ବ୍ୟାଚ ବାନ୍ଧବୀ-ବନ୍ଧୁମାନେ
ଧ-୬୮୭୪୪

## ସଂକ୍ଷେପରେ

### ନାବାଳିକା ଉଦ୍ଧାର: ଅପହରଣକାରୀ ଗଲେ ଜେଲ

**ଖୋର୍ଦ୍ଧା ଅଫିସ,୨୯।୧୨:** ଖୋର୍ଦ୍ଧା ସଦର ଥାନା ପୋଲିସ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ବେଙ୍ଗାଲୁରରୁ ଉଦ୍ଧାର କରିଛି। ପୋଲିସ ଅପହରଣକାରୀ ବାଣପୁରର ମୁନା ବାରିକ(୨୫)ଙ୍କୁ ବେଙ୍ଗାଲୁରରୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ମୁନାଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ବାଣପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ଡିସେମ୍ବର ୧ରେ ନାବାଳିକା ଜଣକ କଲେଜରୁ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କୁ ବାଣପୁରର ମୁନା ବିବାହର ମିଥ୍ୟ ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇଥିବା ଜଣାପଡିଥିଲା। ଏ ନେଇ ନାବାଳିକାଙ୍କ ପରିବାର ଅବଗତ ହେବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଦଫା ୩୬୩, ୩୬୬ରେ ନଂ. ୧୬୭/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୃତଦେହ ଉଦ୍ଧାର

**ବାରଙ୍ଗ,୨୯।୧୨(ଡି.ଏନ୍.ଏ):** ଚନ୍ଦକା କଲେଜ ନିକଟରେ କବାଡ଼ିଆ ଦୋକାନ କରିଥିବା ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ବିଳମ୍ବିତ ରାତିରେ ପୋଲିସ ଉଦ୍ଧାର କରିଛି। ସେ ହେଲେ ଉତ୍ତରପ୍ରଦେଶ ସୁରିଆମା ଥାନା ଅର୍ନ୍ତଗତ କାଶିଆ ଗ୍ରାମର ଜିତେନ୍ଦ୍ର ମୋରିଆ। ଜିତେନ୍ଦ୍ର ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଚନ୍ଦକା ଅଞ୍ଚଳରେ ରହୁଥିଲେ। ସୂଚନାଯୋଗ୍ୟ, ଶନିବାର ରାତିରେ ଚନ୍ଦକା ପୋଲିସ ପାଟ୍ରୋଲିଂ କରୁଥିବାବେଳେ କ୍ୟାବିନ ନିକଟରୁ ଜୋରଦାର ଧୂଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। କ୍ୟାବିନ ଭାଙ୍ଗିବାବେଳେ ଭିତରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜିତେନ୍ଦ୍ର ଥିବା ଦେଖି ପୋଲିସ ଉଦ୍ଧାର କରିଥିଲା। କିନ୍ତୁ ସେତେବେଳେ ତା'ର ମୃତ୍ୟୁ ହୋଇସାରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ରାତିରେ କ୍ୟାବିନରେ ଜିତେନ୍ଦ୍ର ଅତ୍ୟଧିକ ମଦ୍ୟପାନ କରି ଶୋଇଥିବାବେଳେ ସିଗାରେଟ କିମ୍ବା ମଶାଧୂପ ନିଆଁ ଲାଗି ଧୂଆଁ ହୋଇ ମୃତ୍ୟୁ ହୋଇଥିବା ପୋଲିସ କହିଛି।

■ମୋ ସରକାର କାର୍ଯ୍ୟକ୍ରମର ପ୍ରଭାବ

# ଗତବର୍ଷ ତୁଳନାରେ ବଢ଼ିଛି ମାମଲା

**ଭୁବନେଶ୍ୱର,୨୯।୧୨(ବ୍ୟୁରୋ)**

■ବିଭିନ୍ନ ଥାନାରେ ପଦବୀ ଖାଲି ଯୋଗୁ ତଦନ୍ତ ବାଟବଣା

■ନ୍ୟାୟ ପାଇବାରେ ଘଟୁଛି ବିଳମ୍ବ

ଆଉ ଦିନ କେଇଟା ପରେ ଆସିବ ନୂଆବର୍ଷ। ହେଲେ ୨୦୧୯ରେ ବିଭିନ୍ନ ଥାନାରେ ବଢିଥିବା ମାମଲା ସଂଖ୍ୟା କମିଶନରେଟ ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। କାରଣ ମୋ' ସରକାର କାର୍ଯ୍ୟକ୍ରମ ପରଠୁ କମିଶନରେଟ ପୋଲିସର ଏକାଧିକ ଥାନାରେ ମାମଲା ସଂଖ୍ୟା ଗତବର୍ଷ ତୁଳନାରେ ଅହେତୁକ ବୃଦ୍ଧି ପାଇଛି। ହେଲେ ଯେଉଁ ପରିମାଣର ମାମଲା ରୁଜୁ କରାଯାଉଛି ସେହି ଅନୁପାତରେ ଥାନାଗୁଡ଼ିକରେ ତଦନ୍ତକାରୀ ଅଧିକାରୀ ନ ଥିବାରୁ ତଦନ୍ତ ଦିଗହରା ହେଉଛି। ନା ଠିକ୍‌ରେ ମାମଲାର ତଦନ୍ତ ହୋଇଛି ନା ଅଭିଯୁକ୍ତ ଗିରଫ ହେଉଛନ୍ତି। ମୋ' ସରକାର କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଭୟରେ ଥାନାରେ ମାମଲାକୁ ରୁଜୁ କରିବାକୁ ପୋଲିସ ବାଧ ହେଉଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୮ରେ କ୍ୟାପିଟାଲ ଥାନାରେ ୫୩୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୧୯ ଡିସେମ୍ବର ୨୯ ତାରିଖ ସୁଦ୍ଧା ୫୪୫ ମାମଲା ରୁଜୁ ହୋଇଛି। ସେହିପରି ଖାରବେଳନଗର ଥାନାରେ ଗତ ବର୍ଷ ୩୪୭ ମାମଲା ରୁଜୁ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୩୬୦ରେ ପହଞ୍ଚିଛି। ଶହୀଦନଗର ଥାନାରେ ଗତ ବର୍ଷ ୫୭୩ଟି ମାମଲା ହୋଇଥିବା ବେଳେ ବର୍ତ୍ତମାନ ତାହା ୭୦୦ ଛୁଇଁଛି। ନୟାପଲ୍ଲୀ ଥାନାରେ ଗତବର୍ଷ ୫୮୯ ମାମଲା ରୁଜୁ ହୋଇଥିବାବେଳେ ବର୍ତ୍ତମାନ ୬୮୭ଟି ମାମଲା ରୁଜୁ କରାଯାଇଛି। ଖଣ୍ଡଗିରି ଥାନାରେ ଗତବର୍ଷ ୬୨୧ଟି ମାମଲା ହୋଇଥିବାବେଳେ ଚଳିତବର୍ଷ ଏବେ ସୁଦ୍ଧା ୭୫୬ଟି ମାମଲା ପଞ୍ଜୀକୃତ କରାଯାଇଛି। ମଞ୍ଚେଶ୍ୱର ଥାନାରେ ଗତବର୍ଷ ୬୦୫ଟି ମାମଲା ହୋଇଥିବା ବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୬୩୦ ଛୁଇଁଛି। ଚନ୍ଦ୍ରଶେଖରପୁର ଥାନାରେ ଗତବର୍ଷ ୫୩୪ ମାମଲା ରୁଜୁ ହୋଇଥିବା ବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୫୩୦ରେ ପହଞ୍ଚିଲାଣି। ଲିଙ୍ଗରାଜ ଥାନାରେ ଗତବର୍ଷ ୨୬୮ଟି ମାମଲା ରୁଜୁ ହୋଇଥିବା ବେଳେ ଚଳିତବର୍ଷ ୨୬୬ଟି ରୁଜୁ ହେଲାଣି। ସେହିପରି ବଡଗଡ ଥାନାରେ ଗତବର୍ଷ ୩୬୮ଟି ମାମଲା ହୋଇଥିବା ବେଳେ ଚଳିତବର୍ଷ ଅଦ୍ୟାବଧି ୪୫୦ ଛୁଇଁଲାଣି। ଏୟାରଫିଲ୍ଡ ଥାନାରେ ଗତ ବର୍ଷ ୪୨୬ଟି ମାମଲା ହୋଇଥିବା ବେଳେ ତାହା ଚଳିତବର୍ଷ ୨୪୫ଟିରେ ପହଞ୍ଚିଛି। ସେହିପରି ଲକ୍ଷ୍ମୀସାଗର ଥାନାରେ ଗତବର୍ଷ ୩୩୩ଟି ମାମଲା ହୋଇଥିବା ବେଳେ ବର୍ତ୍ତମାନ ତାହା ୪୦୦କୁ ଛୁଇଁଛି। ମହିଳା ଥାନାରେ ଗତବର୍ଷ ୧୨୫ଟି ମାମଲା ହୋଇଥିବା ବେଳେ ଚଳିତବର୍ଷ ୧୩୨ଟି ମାମଲା ପଞ୍ଜୀକୃତ କରାଯାଇଛି। ଇନ୍‌ଫୋସିଟି ଥାନାରେ ଗତବର୍ଷ ୨୬୩ଟି ମାମଲା ହୋଇଥିବା ବେଳେ ବର୍ତ୍ତମାନ ୨୭୦ଟି ମାମଲା ରୁଜୁ କରାଯାଇଛି। ଧଉଳି ଥାନାରେ ଗତବର୍ଷ ୧୮୫ଟି ମାମଲା ହୋଇଥିବା ବେଳେ ଚଳିତବର୍ଷ ୨୦୦ଟି ମାମଲା ରୁଜୁ କରାଯାଇଛି। ସେହିପରି ଏୟାରପୋର୍ଟ ଥାନାରେ ୧୧ଟି ମାମଲା ହୋଇଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୨୪୫ ହେଲାଣି। ଏ ନେଇ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କୁ ପଚାରିବାରେ କହିଛନ୍ତି, ଥାନାକୁ ଆସୁଥିବା ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଉଛି। ମୋ' ସରକାର କାର୍ଯ୍ୟକ୍ରମ ପରଠୁ ଲୋକଙ୍କୁ ଥାନାକୁ ଗଲେ ତ୍ୱରିତ ନ୍ୟାୟ ମିଳୁଛି।



ଶତାବ୍ଦିର କଳାକାର ନାଟ୍ୟ ସଂସ୍ଥା ପକ୍ଷରୁ ଭୁବନେଶ୍ୱର ଆଇଆରସି ଭିଲେଜସ୍ଥିତ ବିଜୁ ନାଟ୍ୟକେନ୍ଦ୍ର ପରିସରରେ ରବିବାର ପରିବେଷିତ ନାଟକ 'ନାଗମଣ୍ଡଳର'ର ଏକ ଦୃଶ୍ୟ।



ପୁରୀ ବେଳାଭୂମିରେ ଅର୍ନ୍ତଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ବାଲୁକା କଳାରେ ହାତୀଙ୍କ ବାସସ୍ଥଳ ସୁରକ୍ଷା ବାର୍ତ୍ତା

**ପୁରୀ ଅଫିସ,୨୯।୧୨**

ଦିନକୁ ଦିନ ବଢୁଛି କଂକ୍ରିଟ ଜଙ୍ଗଲ। ସେପଟେ ହ୍ରାସ ପାଉଛି ପ୍ରାକୃତିକ ଜଙ୍ଗଲ। ଘର ଓ କଳକାରଖାନା ପ୍ରତିଷ୍ଠା ପାଇଁ ବ୍ୟାପକ ସଂଖ୍ୟାରେ ଗଛ କଟାଯାଉଛି। ଏମିତି ଅନେକ ଜାଗାରେ ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ବନ୍ୟଜନ୍ତୁଙ୍କ ବାସସ୍ଥଳୀ ସଂକୁଚିତ ହେବାରେ ଲାଗିଛି। ତେଣୁ ବନ୍ୟଜନ୍ତୁ ଏବେ ସହର ଓ ଗାଁମୁହାଁ। ବିଶେଷକରି ହାତୀଙ୍କ ପ୍ରାକୃତିକ ବାସସ୍ଥଳୀ ନଷ୍ଟ ହେଉଥିବାରୁ ସେମାନେ ଖାଦ୍ୟ, ପାନୀୟ ଅନ୍ୱେଷଣରେ ଗାଁଗଣ୍ଡାରେ ପଶୁଛନ୍ତି। ଏଥିଯୋଗୁ ବିଭିନ୍ନ ସମୟରେ ହାତୀ-ମଣିଷ ଲଢେଇ ହେଉଛି। ହାତୀଙ୍କ ପ୍ରାକୃତିକ ବାସସ୍ଥଳୀକୁ ସୁରକ୍ଷା ଦେବା ଲାଗି ବାଲୁକା କଳାରେ ବାର୍ତ୍ତା ଦେଇଛନ୍ତି ଅର୍ନ୍ତଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ । ମେ' ଫେୟାର ହୋଟେଲ ପଛ ପାର୍ଶ୍ୱ ବେଳାଭୂମିରେ ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଚାଲିଛି ବାଲୁକା କଳା ଉତ୍ସବ। ରବିବାର ସୁଦର୍ଶନ ହାତୀଙ୍କ ବାସସ୍ଥଳୀ ସୁରକ୍ଷାର ବାର୍ତ୍ତା ଦେଇ ଏହି ବାଲୁକା କଳା ତିଆରି କରିଛନ୍ତି। ଏହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ହୋଇଥିଲା।

# ୩ ମନ୍ଦିରରୁ ଚୋରି

**ଖୋର୍ଦ୍ଧା ଅଫିସ,୨୯।୧୨**

ଖୋର୍ଦ୍ଧା ଜିଲା ବାଣପୁର ଥାନା ଘାସେଡିହର ରାମଚଣ୍ଡୀ ମନ୍ଦିର ଓ ଜଗନ୍ନାଥ ମନ୍ଦିର, ଗମ୍ଭାରୀମୁଣ୍ଡାର ତାରିଣୀ ମନ୍ଦିରରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ରାମଚଣ୍ଡୀ ମନ୍ଦିରରୁ ସୁନାର ମଙ୍ଗଳସୂତ୍ର, ଚିତାଉ, ସୁନାର ଧାନମାଳି, ରୁପା କିରଟ, ୧୦୦ ଗ୍ରାମର ବେଲପତ୍ର ମାଳ ଚୋରାଇ ନେଇଛନ୍ତି। ଯାହାର ଦାମ ପ୍ରାୟ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେହିଭଳି ଜଗନ୍ନାଥ ମନ୍ଦିର ହୁଣ୍ଡି ଭାଙ୍ଗି ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରାଇ ନେଇଛନ୍ତି। ଜଗନ୍ନାଥ ମନ୍ଦିରରୁ ମଧ୍ୟ ହୁଣ୍ଡି ଭାଙ୍ଗି ଚୋରି ହୋଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୬୫,୨୧୦ଟଙ୍କା ଆଦାୟ କରି ରେକର୍ଡ କଲା ପ୍ଲାନେଟାରିୟମ



ପ୍ଲାନେଟାରିୟମ ନିକଟରେ ଦର୍ଶକଙ୍କ ଗହଳି।

**ଭୁବନେଶ୍ୱର, ୨୯।୧୨(ବ୍ୟୁରୋ)**

ପଠାଣି ସାମନ୍ତ ପ୍ଲାନେଟାରିୟମ ପୁଣି ଏକ ରେକର୍ଡ ସୃଷ୍ଟି କରିଛି। ଗତ ୨୨ ତାରିଖରେ ପ୍ଲାନେଟାରିୟମ ଗୋଟିଏ ଦିନରେ ସର୍ବାଧିକ ୫୫ହଜାର୩୩୦ ଟଙ୍କା ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଥିଲା। କିନ୍ତୁ ରବିବାର ପ୍ଲାନେଟାରିୟମ ପୁଣି ସେହି ରେକର୍ଡକୁ ଭାଙ୍ଗିଛି। ରବିବାର ଦର୍ଶକଙ୍କଠାରୁ ୬୫,୨୧୦ଟଙ୍କା ଆଦାୟ କରାଯାଇଥିଲା, ଯାହା ପଠାଣି ସାମନ୍ତ ପ୍ଲାନେଟାରିୟମର ୩୦ବର୍ଷର ଇତିହାସରେ ସର୍ବାଧିକ ବୋଲି ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ସକାଳ ୧୦ଟାରୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁସାରେ ସକାଳ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରତି ଅଧଘଣ୍ଟା ବ୍ୟବଧାନରେ ଗୋଟିଏ ଲେଖାଏଁ ଶୋ ପରିବେଷଣ ହୋଇଥିଲା। ଶୋ ଗୁଡ଼ିକୁ କ୍ରମାନ୍ୱୟରେ ଓଡ଼ିଆ ଓ ହିନ୍ଦୀ ଭାଷାରେ ପରିବେଷଣ କରାଯାଇଥିଲା। ମୋଟ ୧୮ ଶୋ'କୁ ୨୫୭୯ ଦର୍ଶକ ଦେଖିଥିଲେ। ପ୍ଲାନେଟାରିୟମ ଅପରେଟର ସୁରେଶ ଚନ୍ଦ୍ର ପରିଚ୍ଛା, ସୁଶାନ୍ତ କୁମାର ବାନରା, ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ପରମାନନ୍ଦ ସୋରେନ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହାକୁ ପରିଚାଳନା କରାଯାଇଥିଲା।

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଶୋଷଣ

## ଶ୍ରୀଜୀଉଙ୍କ ଦର୍ଶନ କରାଇବା ପାଇଁ ଦାବି କରୁଛନ୍ତି ମୋଟା ଅଙ୍କର ଟଙ୍କା

**ପୁରୀ ଅଫିସ, ୨୯।୧୨**

ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ସବୁ ପ୍ରକାର ସୁବିଧା କର। ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେଥିଲାଗି ବ୍ୟବସ୍ଥା କର। ଶ୍ରଦ୍ଧାଳୁମାନେ ଯେପରି ଶୋଷଣ ନ ହୁଅନ୍ତି, ସେଥିପ୍ରତି ବି ନଜର ରଖିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏଥିପାଇଁ ଜିଲା ପ୍ରଶାସନ, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତମାନେ କିପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବେ ଏବଂ ସେମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ବି କରାଯାଉଛି। ହେଲେ ଭକ୍ତଙ୍କୁ ଶୋଷଣ ଉପରେ କିନ୍ତୁ ରୋକ୍ ଲଗାଯାଇ ପାରୁନାହିଁ। ସାଧାରଣ ଭକ୍ତ ନୁହନ୍ତି ଦିବ୍ୟାଙ୍ଗ ଏବଂ ବରିଷ୍ଠ ଭକ୍ତଙ୍କୁ ବି ଶୋଷଣ କରାଯାଉଛି। ଦର୍ଶନ କରାଇ ଦେବାକୁ କହି ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ଏହାକୁ ସମ୍ପୃକ୍ତ ଦିବ୍ୟାଙ୍ଗ ଭକ୍ତ ନାପସନ୍ଦ କରିଛନ୍ତି।

ଶ୍ରୀମନ୍ଦିରକୁ ଆସୁଥିବା ଦିବ୍ୟାଙ୍ଗ ଓ ଚାଲିବାକୁ ସକ୍ଷମ ନ ଥିବା ବରିଷ୍ଠ ନାଗରିକମାନଙ୍କ ଲାଗି ପୂର୍ବରୁ କାଠର ସ୍ୱତନ୍ତ୍ର ହ୍ୱିଲ ଚେୟାର କରାଯାଇଥିଲା। ଉତ୍ତର ଦ୍ୱାର ବାଟେ ର୍ୟାମ୍ପ ଦେଇ ଦିବ୍ୟାଙ୍ଗ ଭକ୍ତମାନେ ସାତପାହାଚ ପର୍ଯ୍ୟନ୍ତ ଯାଉଥିଲେ। ସେଠାରୁ ସମ୍ପର୍କୀୟମାନେ ତାଙ୍କୁ ନେଇ ଦର୍ଶନ କରାଇ ପାରୁଥିଲେ। କିନ୍ତୁ ପ୍ରାୟ ଦେଢ ବର୍ଷରୁ ଉର୍ଦ୍ଧ୍ୱ ହେବ କାଠ ଚେୟାର ବ୍ୟବସ୍ଥା ନାହିଁ। ଫଳରେ ଦିବ୍ୟାଙ୍ଗ ଓ ବରିଷ୍ଠ ଭକ୍ତମାନେ ଦର୍ଶନ ପାଇଁ ହଇରାଣ ହେଉଛନ୍ତି। ଶ୍ରୀମନ୍ଦିରକୁ କୌଣସି ଦିବ୍ୟାଙ୍ଗ କିମ୍ବା ଚାଲିବାକୁ ସକ୍ଷମ ନ ଥିବା ଭକ୍ତ ଆସିଲେ ସେମାନଙ୍କୁ ଶ୍ରୀଜଗନ୍ନାଥ ଭକ୍ତ ସେବା ସଂସ୍ଥା ଗାଡ଼ିରେ ନେଇ ଉତ୍ତର ଦ୍ୱାର ପାଖରେ ଛାଡୁଛନ୍ତି। ଯଦି କାହାର ସମ୍ପର୍କୀୟ ତାଙ୍କୁ ନେଇ ଦର୍ଶନ କରାଇବାରେ ସମର୍ଥ ହେଉଛନ୍ତି ତାହା ହେଲେ ଠିକ୍ ଅଛି, ନଚେତ ପହଞ୍ଚି ଯାଉଛନ୍ତି ଅନେକ ବ୍ୟକ୍ତି। ସେମାନେ ଦର୍ଶନ କରାଇବା ପାଇଁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି । ଏଥିପାଇଁ ୫୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରାଯାଉଥିବା ଜଣାପଡ଼ିଛି।

ରବିବାର ଜଣେ ବୃଦ୍ଧା (ଚାଲିବାକୁ ସକ୍ଷମ ନ ଥିବା) ବ୍ୟାଟେରି ଅଟୋରେ ଆସି ମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପାଖରେ ପହଞ୍ଚିଲେ। ତାଙ୍କ ସହିତ ଅନ୍ୟ ଜଣେ ମହିଳା ଓ ଜଣେ ପୁରୁଷ ଥିଲେ। ସେ ପହଞ୍ଚିବା କ୍ଷଣି କେତେଜଣ ଯୁବକ ତାଙ୍କ ପାଖରେ ପହଞ୍ଚି ଦର୍ଶନ କରାଇଦେବାକୁ କହିଥିଲେ। ଏଥିପାଇଁ ୧୦୦୦ ଟଙ୍କା ଦେବାକୁ ପଡ଼ିବ ବୋଲି ଦାବି କରିଥିଲେ। ଶେଷରେ ସେମାନେ ୫୦୦ ଟଙ୍କାରେ ରାଜି ହୋଇ ତାଙ୍କୁ ଶ୍ରୀମନ୍ଦିରକୁ ନେଇ ଦର୍ଶନ କରାଇଥିଲେ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏହିପରି ଭାବେ ଅନେକ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହେଉଛି। ୧୦୦୦ ଟଙ୍କା ପର୍ଯ୍ୟନ୍ତ ନିଆଯାଉଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହାର ଏକ ସ୍ଥାୟୀ ବ୍ୟବସ୍ଥା କରାଯିବା ଦରକାର ବୋଲି ଅନେକେ କହିଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ଉତ୍ତର ଦ୍ୱାର ଦେଇ ନୂଆ ର୍ୟାମ୍ପ ତିଆରି କରାଯାଇଛି। ଏହା ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ ଆନନ୍ଦ ବଜାର ଦେଇ ଯାଇଥିବାରୁ ସୁଆର ସେବକମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଶ୍ରୀଜଗନ୍ନାଥ ଭକ୍ତ ସେବା ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଗୋବିନ୍ଦ ପ୍ରସାଦ ମହାନ୍ତି କହିଛନ୍ତି, ଆମ ପାଖରେ କୌଣସି ଦିବ୍ୟାଙ୍ଗ କିମ୍ବା ଚାଲିବାକୁ ସକ୍ଷମ ନ ଥିବା ଭକ୍ତ ପହଞ୍ଚିଲେ ଆମେ ତାଙ୍କୁ ଗାଡ଼ିରେ ନେଇ ଉତ୍ତର ଦ୍ୱାର ପାଖରେ ଛାଡ଼ିଥାଉ। କିନ୍ତୁ ସେଠାରୁ ମନ୍ଦିର ଭିତରକୁ ନେବା ଲାଗି କୌଣସି ବ୍ୟବସ୍ଥା ନାହିଁ। ଫଳରେ ଯେଉଁମାନେ ନେଇ ଭିତରେ ଦର୍ଶନ କରାଉଛନ୍ତି, ସେମାନେ ଅଧିକ ଟଙ୍କା ନେଉଥିବା କେହି କେହି ଆମ ପାଖରେ ଯାଇ ଅଭିଯୋଗ କରୁଛନ୍ତି। ଦର୍ଶନ କରାଉଥିବା ବ୍ୟକ୍ତି ସେମାନଙ୍କଠାରୁ ଟଙ୍କା ନିଅନ୍ତୁ, କିନ୍ତୁ ଅଧିକ ନେଇ ଶୋଷଣ କରନ୍ତୁ ନାହିଁ। ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏହାର ସ୍ଥାୟୀ ସମାଧାନ କରିବା ଦରକାର ବୋଲି ମହାନ୍ତି ମତ ଦେଇଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯଦି ଆମେ ଅପରର ଦୁଃଖକୁ ପ୍ରକୃତ ବୁଝିପାରୁଥାନ୍ତେ, ତେବେ ଏ ସଂସାର ସ୍ୱର୍ଗରେ ପରିଣତ ହୋଇଯାନ୍ତା।

- ସକ୍ରେଟିସ୍



## ସଂକ୍ଷେପରେ

### ଆର୍‌ଆଇ ଧରିଲେ ଚୋରା ମାଙ୍କଡ଼ା ପଥର ଟ୍ରକ୍

**ଖୁଣ୍ଟୁଣୀ,୨୯।୧୨(ଡି.ଏନ.ଏ):** ଗୁରୁଡ଼ିଝାଟିଆ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ସୁଚନ୍ଦ୍ର ମହାନ୍ତି ରବିବାର ରାତି ପ୍ରାୟ ୯ଟା ସମୟରେ ୪ଟି ଚୋରା ମାଙ୍କଡ଼ା ପଥର ଟ୍ରକ ଧରିଥିଲେ। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା ବଳଦିଆବନ୍ଧରୁ କେତେକ ଚୋରା ମାଙ୍କଡ଼ା ପଥର ଗାଡ଼ି ଖୁଣ୍ଟୁଣୀ ରାସ୍ତା ଦେଇ ଆସୁଥିବା ଖବରପାଇ ଆର୍‌ଆଇ ମହାନ୍ତି ନିଜେ ରାସ୍ତାରେ ଜଗିଥିଲେ। ଟ୍ରକ୍‌ଗୁଡ଼ିକୁ ଅଟକାଇବାରୁ ନ ରହିବାରୁ ନିଜେ ଗୋଡ଼ାଇ ଧରିଥିଲେ। ସେଥିରୁ ୨ଟି ପଥର ବୋଝେଇ ଟ୍ରକ୍‌କୁ ଖୁଣ୍ଟୁଣୀ ଗୋଲେଇ ଛକ ନିକଟରେ କିଛି ସମୟ ରଖି ଛାଡ଼ିଦେଇଥିଲେ। ଅନ୍ୟ ୨ଟି ଟ୍ରକ୍(ଓଆର୦୪-ଇ-୪୬୪୭ ଏବଂ ଓଆର୦୫-ଏକ୍ସ-୧୦୪୮)କୁ ଖୁଣ୍ଟୁଣୀ ଥାନାରେ ଜିମା ଦେଇଛନ୍ତି। ସୋମବାର ତହସିଲଦାର୍ ଯାଞ୍ଚ କରିବା ପରେ ଜରିମାନା ଆଦାୟ କରାଯିବ।

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ଗୁରୁତର

**ନିଶ୍ଚିନ୍ତକୋଇଲି,୨୯।୧୨(ସ୍ୱ.ପ୍ର.)-** ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟକ ଚାନ୍ଦବାଲି ରାସ୍ତାର ଜହ୍ନିଆ ନିକଟରେ ରବିବାର ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ବ୍ଲକର ବୋହାଳ ପଞ୍ଚାୟତ ଅନ୍ତର୍ଗତ ସାଧକନଗରର ଗ୍ରାମର ପ୍ରଫୁଲ୍ଲ କୁମାର ସାମଲ (୪୬)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ପ୍ରଫୁଲ୍ଲ ଓ ଉକ୍ତ ଗ୍ରାମର ରଞ୍ଜନ ଓଝା ଏକ ବାଇକ୍‌ରେ ନିଶ୍ଚିନ୍ତକୋଇଲିରୁ ସାଲେପୁର ଅଭିମୁଖେ ଯାଉଥିଲେ।

ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଭୁବନେଶ୍ୱର ମୁନିସିପାଲିଟି କର୍ପୋରେଶନର ଏକ ବୋଲେରୋ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଫୁଲ୍ଲ ଗୁରୁତର ହୋଇଥିବା ବେଳେ ରଞ୍ଜନ ଆହତ ହୋଇଥିଲେ। ଖବରପାଇ ସାଲେପୁର ପୋଲିସ ଉଭୟ ଗାଡିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ଚିତ୍ରକଳା ପ୍ରତିଯୋଗିତା

**କଟକ ଅଫିସ, ୨୯।୧୨-** କଟକ ବାଖରାବାଦସ୍ଥିତ ନିଶାମୁକ୍ତି ସଭାଗୃହରେ ଏସ୍‌ଆର୍ ଆର୍ଟ ସେଣ୍ଟର ପକ୍ଷରୁ ବାର୍ଷିକ ଚିତ୍ରକଳା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଅଭୀପ୍‌ସାର ପ୍ରତିଷ୍ଠାତା ତଥା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚିତ୍ରଶିଳ୍ପୀ ସମାଜ ସଂସ୍କାରକ ବୋଲି ମଧ କହିଥିଲେ। ସୌମ୍ୟାୟ ରଞ୍ଜନ ସାହୁ, ଶ୍ୱେତାସ୍ୱିନୀ ସାହୁ, ସୁହାସିନୀ ସାହୁ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଜାନୁୟାରୀ ୧୮ ତାରିଖରେ ସ୍ଥାନୀୟ ଗାନ୍ଧୀଭବନଠାରେ ଅନୁଷ୍ଠିତ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।

### ୨ ବଖରା ଜଳିଗଲା

**ତିଗିରିଆ,୨୯।୧୨(ଡି.ଏନ୍.ଏ.)-** ତିଗିରିଆ ତହସିଲ ଅନ୍ତର୍ଗତ ବିରିପୁଟ ଗ୍ରାମର ଭୂତିଆଡ଼ିହ ଶବରସାହିରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଏଥିରେ ପ୍ରତାପ ଦେହୁରୀ ଓ ଅକ୍ଷୟ ଦେହୁରୀଙ୍କ ପରିବାର ଲୋକେ କ୍ଷତିଗ୍ରସ୍ତ ହୋଇଛନ୍ତି। ଉଭୟଙ୍କ ଗୋଟିଏ ଲେଖାଏ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ କାରଣରୁ ନିଆଁ ଲାଗିଥିଲା ବୋଲି ବିପନ୍ନ ପରିବାର ଲୋକେ କହିଛନ୍ତି। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର ଓ ଖାଦ୍ୟସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ତିଗିରିଆ ଅଗ୍ନିଶମ ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଁଚି ନିଆଁ ଲିଭାଇଥିଲେ।

### ସାଧନା ଶିବିର ଉଦ୍‌ଯାପିତ

**ବାଙ୍କୀ,୨୯।୧୨(ସ୍ୱ.ପ୍ର)-** ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରାରେ ଜଗତଗୁରୁ କୃପାଳିଜୀ ମହାରାଜଙ୍କ ଯୋଗ ଟ୍ରଷ୍ଟ ତରଫରୁ ୫ଦିନ ବ୍ୟାପୀ ଚାଲିଥିବା ସାଧନା ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଦେଶ ବିଦେଶରୁ ଆସିଥିବା ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶିବିରକୁ ସ୍ୱାମୀ ମୁକୁନ୍ଦାନନ୍ଦଜୀ ଉଦ୍‌ଯାପନ କରି ଯୋଗ ମାଧ୍ୟମରେ ଆଦର୍ଶ ଜୀବନଯାପନ କରିହେବ କହିଥିଲେ।

## ଜବରଦଖଲକାରୀଙ୍କ କବ୍‌ଜାରେ କାଞ୍ଜିଆହୁଦା

# ବୁଲା ଗୋରୁଙ୍କ ଉପରେ ଅଙ୍କୁଶ ନାହିଁ

**ବାଙ୍କୀ, ୨୯।୧୨(ସ୍ୱ.ପ୍ର.)**



ଜବରଦଖଲରେ ଥିବା କାଞ୍ଜିଆହୁଦା।

- କ୍ଷୟକ୍ଷତିର ସମ୍ମୁଖୀନ ହେଉଛନ୍ତି ଚାଷୀ
- ଆକ୍ରମଣର ଶିକାର ହେଉଛନ୍ତି ଗୋରୁ

ବୁଲା ଗୋରୁଙ୍କ ଦାଉରୁ ରକ୍ଷା ପାଇବା ପାଇଁ ବାଙ୍କୀ ଏନ୍‌ଏସି ପକ୍ଷରୁ ଥାନା ନିକଟରେ ବହୁ ବର୍ଷ ପୂର୍ବେ କାଞ୍ଜିଆହୁଦା ନିର୍ମାଣ କରାଯାଇଥିଲା। ଏବେ କାଞ୍ଜିଆହୁଦା ବନ୍ଦ ଥିବା ବେଳେ ଉକ୍ତ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ବୁଲା ଗାଇଗୋରୁଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଲୋକେ ଗାଇଗୋରୁମାନଙ୍କୁ ଘରୁ ଫିଟାଇ ମନଇଚ୍ଛା ଛାଡ଼ି ଦେଉଥିବାରୁ ବିଲବାଡ଼ିମାନଙ୍କରେ ପ୍ରବେଶ କରି ଫସଲ ଖାଇଦେଉଛନ୍ତି। ଏଥିଯୋଗୁ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଫସଲ ନଷ୍ଟ ରୋକିବାକୁ ଯାଇ ଲୋକେ ଗାଇଗୋରୁଙ୍କ ଉପରେ ଆକ୍ରମଣ କରୁଛନ୍ତି। ଫଳରେ ନିରୀହ ପ୍ରାଣୀମାନେ ଆହତ ହୋଇ କଷ୍ଟ ପାଉଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ କାଞ୍ଜିଆହୁଦା ଥିବା ଯୋଗୁ ଲୋକେ ଗୋରୁଙ୍କୁ ଖୋଲାରେ ଛାଡିବାକୁ ଭୟ କରୁଥିଲେ। ବୁଲା ଗୋରୁ ଫସଲ ନଷ୍ଟ କଲେ କାଞ୍ଜିଆହୁଦା ଦାୟିତ୍ୱରେ ଥିବା ବ୍ୟକ୍ତି ସେମାନଙ୍କୁ ଆଣି ହତା ଭିତରେ ରଖୁଥିଲେ। ପରେ ଗାଇ ଖୋଲାରେ ଛାଡିଥିବା ବ୍ୟକ୍ତି ଆସି ଜରିମାନା ଦେଇ ଏଠାରୁ ନେଉଥିଲେ। ମାତ୍ର ଏବେ କାଞ୍ଜିଆହୁଦା ବନ୍ଦ ହୋଇଯାଇଥିବାରୁ ଲୋକେ ଖୋଲାରେ ଗାଇ ଛାଡିବାକୁ ଭୟ କରୁନାହାନ୍ତି। ଏନେଇ ଚାଷୀମାନେ ପ୍ରଶାସନ ନିକଟରେ ବାରମ୍ବାର ଆପତ୍ତି କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ବହୁ ସମୟରେ ସେମାନେ ଉପାୟହୀନ ହୋଇ

ଗୋରୁମାନଙ୍କୁ ଭାଲି, ଠେଙ୍ଗାରେ ଆକ୍ରମଣ କରୁଛନ୍ତି। ଫଳରେ ଗୋରୁ ଆହତ ହେଉଛନ୍ତି। ରବିବାର ଏଭଳି ଆକ୍ରମଣର ଶିକାର ହୋଇଥିବା ଏକ ଗାଇ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ନିକଟରେ ପଡି ଛଟପଟ ହେଉଥିଲା। ଗାଇଟି ଜମିରେ ପଶି ଫସଲ ଖାଉଥିବା ବେଳେ କିଛି ଚାଷୀ ତାକୁ ଭାଲିମାରି କ୍ଷତାକ୍ତ କରିଥିବା ସୂଚନା ମିଳିଛି। ସ୍ଥାନୀୟ ଅଞ୍ଚଳର ସପନି ବେହେରା, ବିକାଶ ଚନ୍ଦ୍ର ରଥ, ହେମନ୍ତ ଚନ୍ଦ୍ର ପଣ୍ଡା, ଗୌତମ ମିଶ୍ର, ଛବିନ୍ଦ୍ର ଦାଶ, ସରୋଜ କୁମାର ମିଶ୍ର, ହିମାଂଶୁ ମହାପାତ୍ର ଓ ଦୀପକ ସାମନ୍ତରାୟ ପ୍ରମୁଖ ଆହତ ଗାଈର ଚିକିତ୍ସା କରିଛନ୍ତି।

ଏ ସମ୍ପର୍କରେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର କହିଛନ୍ତି,ଏହାର ତଦନ୍ତ କରାଯାଇ ଜବରଦଖଲ ଥିବା କାଞ୍ଜିଆହୁଦାକୁ ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରାଯିବ।

# ରାସ୍ତାରେ ଜମୁଛି ଡ୍ରେନ୍‌ପାଣି

**ଚୌଦ୍ୱାର,୨୯।୧୨(ଡି.ଏନ.ଏ)**

୫୫ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା କଳିଙ୍ଗ ଛକ-ଶଙ୍କରପୁର ରାସ୍ତାର କଳିଙ୍ଗଛକ ନିକଟରେ ରାସ୍ତାରେ ହମ୍ପ୍‌ସ ନିର୍ମାଣ ଯୋଗୁ ଆଖପାଖ ରାସ୍ତାରେ ନିୟମିତ ଡ୍ରେନପାଣି ଜମି ରହୁଛି। ସବୁବେଳେ ଏ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ଛୋଟବଡ଼ ଖାଲ ସୃଷ୍ଟି ହୋଇ ଯାତାୟତରେ ବାଧାସୃଷ୍ଟି କରୁଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନ ପଡ଼ିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, କଳିଙ୍ଗଛକ ନିକଟରେ ଏହି ହମ୍ପ୍‌ସ ଓ ରାସ୍ତାରେ ପାଣି ଚାଲୁଥିବା ଯୋଗୁ ପିଚୁ ଉଠିଯାଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାକଡ଼ରେ ନିର୍ମାଣ ହୋଇଥିବା ଡ୍ରେନଗୁଡିକ ମଧ୍ୟ ପୋତି ହୋଇଗଲାଣି। ଘର ଏବଂ ଦୋକାନରୁ ଆବର୍ଜନା ପାଣି ଡ୍ରେନରେ ଯାଇ ନ ପାରି ହମ୍ପସ୍‌ରେ ଜମି ରହୁଛି। ଦୀର୍ଘଦିନ ଧରି ପାଣି ଜମିରହି ଦୁର୍ଗନ୍ଧ ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଉକ୍ତ ରାସ୍ତାକୁ ଲାଗି ଲକ୍ଷ୍ମୀ ମନ୍ଦିର ରହିଛି। ହେଲେ ଲୋକମାନେ ଏହି ରାସ୍ତାରେ ଯିବାକୁ ନାପସନ୍ଦ କରୁଛନ୍ତି। ବ୍ୟସ୍ତବହୁଳ ଏହି ରାସ୍ତାଟିକୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ବରାଳ, ଶରତ କୁମାର ଖୁଣ୍ଟିଆ, କେ.ସି.ପ୍ରତାପ ସିଂ, ବସନ୍ତ ଦାସ, ଦିଲୀପ ସାହୁ, ସହଦେବ ବରାଳ, ଚୈତନ୍ୟ ସାହୁ, କରୁଣାକର ସାହୁ, ସ୍ମୃତିରଞ୍ଜନ ମହାପାତ୍ର, ଶରତ କୁମାର ନାୟକ ପ୍ରମୁଖ ଦାବି କରିଛନ୍ତି।

# କିଶନ ନଗର ବିକାଶ ମଞ୍ଚର ସାଧାରଣ ସଭା



ସଭାରେ ଉପସ୍ଥିତ ବିକାଶ ମଞ୍ଚର ସଭ୍ୟ।

**କଟକ ସଦର, ୨୯।୧୨(ଡି.ଏନ୍.ଏ.)**

କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ କିଶନ ନଗର ବିକାଶ ମଞ୍ଚର ସାଧାରଣ ସଭା ରବିବାର ବାଲିଶୁକ୍ରୀସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଞ୍ଚର ନୂତନ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟାସଭ୍ୟମାନେ ଆଲୋଚନା କରିଥିଲେ। କିଶନ ନଗର ଥାନା ଅଞ୍ଚଳରେ ଥିବା ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ, ରାଜକୃଷ୍ଣ ବୋଷ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ଦାବି ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଜଗତ୍‌ସିଂହପୁର ଜିଲାରୁ ଶିକ୍ଷା ବ୍ୟବସ୍ଥାକୁ କଟକ ଜିଲାକୁ ଆଣିବା ପାଇଁ ସରକାରୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀରେ ବିଳମ୍ବକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ଜାନୁୟାରୀ ୨୩ ତାରିଖରେ ମଞ୍ଚର ବାର୍ଷିକ ଉତ୍ସବ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସଭାରେ ପ୍ରତାପ ଚନ୍ଦ୍ର ବେହେରା, ଶୁକଦେବ ପରିଡ଼ା, ସତ୍ୟରଞ୍ଜନ ବାରିକ, ପ୍ରକାଶ ଚନ୍ଦ୍ର ସେଠୀ, ଅଧିର ଚନ୍ଦ୍ର ଖଟାଇ, ବାଉରୀବନ୍ଧୁ ମହାନ୍ତି ଓ ବାବା ଅଦ୍ୱୈତାନନ୍ଦ ମହାରାଜ ଉଦ୍‌ବୋଧନ ଦେଇଥିଲେ। ମଞ୍ଚର ସଭାପତି ସାଜିନ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ସୀତାରାମ ପଣ୍ଡା ବିବରଣୀ ପାଠ ଓ ଅଶୋକ ସାମଲ ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ ନିଶ୍ଚିନ୍ତକୋଇଲି ଗସ୍ତ

# ହିତାଧିକାରୀଙ୍କ ବାସ୍ତବ ସ୍ଥିତି ପରଖିଲେ

**ନିଶ୍ଚିନ୍ତକୋଇଲି,୨୯।୧୨(ସ୍ୱ.ପ୍ର.)**



ଜିଲାପାଳ ଭବାନୀ ଶଙ୍କର ଚଇନି ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

କଟକ ଜିଲାପାଳ ଅଚାନକ ନିଶ୍ଚିନ୍ତକୋଇଲି ବ୍ଲକ ଗସ୍ତରେ ଆସି ବାଲିଆପଦା ପଞ୍ଚାୟତର ତେନ୍ତଲପୁର ଓ ଜିଗ୍ନିପୁର ପଞ୍ଚାୟତର ଜିଗ୍ନିପୁର ଗାଁ ପରିଦର୍ଶନ କରି ଫନି ସହାୟତା ଓ ଆବାସିକ ଯୋଜନାର ହିତାଧିକାରୀଙ୍କ ବାସ୍ତବ ସ୍ଥିତି ପରଖିଛନ୍ତି। ଜିଲାପାଳ ଭବାନୀ ଶଙ୍କର ଚଇନି ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ପ୍ରକଳ୍ପର ମାଷ୍ଟରପ୍ଲାନ କରିବା ପାଇଁ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ପରେ ଜନଶୁଣାଣିରେ ହୋଇଥିବା ଫନି ଓ ଆବାସ ଯୋଜନା ସମ୍ପର୍କିତ ଅଭିଯୋଗଗୁଡିକର ତଦନ୍ତ ପାଇଁ ତେନ୍ତଲପୁର ଓ ଜିଗ୍ନିପୁର ଗାଁକୁ ଯାଇଥିଲେ। ଏହି ସମୟରେ ତାଙ୍କ ସହ ବିଡିଓ କର୍ଣ୍ଣଦେବ ସମାଦ୍ଦାର ଓ ତହସିଲଦାର ଜିତେନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ତେନ୍ତଲପୁର ଗ୍ରାମରେ ରାସ୍ତାଘାଟର ବାସ୍ତବ ସ୍ଥିତି ପରଖିଥିଲେ। ଗ୍ରାମରେ ଅଭିଯୋଗ ହୋଇଥିବା ୧୧ ଫନି ସହାୟତା ହିତାଧିକାରୀଙ୍କ ଘରକୁ ଯାଇ ସେଠାକାର ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଫନିର ପୂର୍ଣ୍ଣ ସହାୟତା ଜଣେ ହିତାଧିକାରୀଙ୍କୁ ଏକ ସମୟରେ ମିଳିପାରିବ ନାହିଁ ବୋଲି ଜିଲାପାଳ ସ୍ପଷ୍ଟ କରିଥିଲେ। ତେନ୍ତଲପୁର ଏକ ରାସ୍ତାକୁ ଗ୍ରାମର ସତ୍ୟାନନ୍ଦ ମଲ୍ଲିକ ଅବରୋଧ କରିଥିଲେ। ଜିଲାପାଳ ତାଙ୍କ ସମସ୍ୟାର ସମାଧାନ ନିମନ୍ତେ ହାତରୁ ଟଙ୍କା ଦେବା ସହ ରାସ୍ତା ଅବରୋଧ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଜିଗ୍ନିପୁର ଗ୍ରାମକୁ ଯାଇ ସେଠାରେ ୭ ଜଣ ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ଏହି ପଞ୍ଚାୟତରେ ଥିବା ଚନ୍ଦନ ପୋଖରୀର ଉନ୍ନତୀକରଣ ପାଇଁ ଜ୍ଞାନରଞ୍ଜନ ରାଉତ ଓ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଜିଲାପାଳ ଫେରି ଆସିଥିଲେ।

# ବିର୍ସାମୁଣ୍ଡା-ଭୁଆଶୁଣୀ ଫାଇନାଲ

**ଖୁଣ୍ଟୁଣୀ, ୨୯।୧୨ (ଡି.ଏନ୍.ଏ)**

ଆଠଗଡ଼ ବ୍ଲକ ଅନ୍ତର୍ଗତ ଓରନ୍ଦା ସମ୍ଭେଶ୍ୱର ଖେଳପଡ଼ିଆରେ ଚାଲିଥିବା ମହାଦେବ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ ମଙ୍ଗଳବାର ବିଡାନାସୀର ଭୁଆଶୁଣୀ କ୍ଲବ ଏବଂ ମୃଷୁଳିଆ ବନଦୁର୍ଗା ବିର୍ସାମୁଣ୍ଡା ମଧ୍ୟରେ ହେବ। ରବିବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ବନଦୁର୍ଗା ବିର୍ସାମୁଣ୍ଡା ୪-୨ ଟାଇବ୍ରେକରରେ କପୁରସିଂ ଶ୍ରୀଜଗନ୍ନାଥ ଯୁବ ସଂସଦକୁ ହରାଇ ଦେଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ରହିଥିଲା। ଟାଇବ୍ରେକରରେ ବନଦୁର୍ଗା ବିର୍ସାମୁଣ୍ଡା ବିଜୟୀ ହୋଇଥିଲା। ମ୍ୟାଚକୁ ସଞ୍ଜୀବ ଦାସ ପରିଚାଳନା କରିଥିଲେ। ତାଙ୍କୁ ଲାଇନ୍‌ରେ ରଜାକ୍ ଖାଁ ଏବଂ ସଫିକ୍ ଉଲ୍ଲା ସହାୟତା କରିଥିଲେ। ଅତିଥି ଭାବେ ଶିକ୍ଷାବିତ୍ ଗୁରୁଚରଣ ପ୍ରଧାନ ଯୋଗଦେଇଥିଲେ।

# ଶୀତରେ ଜନଜୀବନ ଅସ୍ତବ୍ୟସ୍ତ

**ନରସିଂହପୁର, ୨୯।୧୨ (ଡି.ଏନ୍.ଏ.)**

ନରସିଂହପୁର ଅଞ୍ଚଳରେ ୨ ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ରାସ୍ତାରେ ୨ ଚକିଆ ଯାନ, ସାଇକେଲ ତଥା ପଥଚାରୀ ଯିବା ଆସିବା ବନ୍ଦ କରିଦେଉଛନ୍ତି। ବ୍ଲକର ଓଲବ, ଦେବଭୂଇଁ, କମଳାଡିହ, ରେଗେଡା, ଚକାମୁଣ୍ଡା ଓ ବାଲିସାହି ପଞ୍ଚାୟତର ପାର୍ବତ୍ୟ ଅଞ୍ଚଳରେ ଥିବା ପ୍ରାୟ ୫୦ ଗ୍ରାମର ଲୋକେ ଶୀତରେ ଆଉଟୁପାଉଟୁ ହେଉଛନ୍ତି। ଏଠାରେ ତାପମାତ୍ରା ୫ ଡିଗ୍ରୀକୁ ଖସି ଆସିଛି। ସନ୍ଧ୍ୟା ୬ଟା ପରେ ଶୀତ ମାଡ଼ି ଆସୁଛି। ଗରିବ ଖଟିଖିଆ ଲୋକେ କମ୍ବଳ ଅଭାବରୁ ଛଟପଟ ହେଉଛନ୍ତି। ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ଲାଗି ସେମାନେ ସ୍ଥାନୀୟ ଆଦିବାସୀଙ୍କ ଦ୍ୱାରା ନିର୍ମିତ ପଟି, ହେଂସ ଘୋଡାଇ ହେଉଛନ୍ତି। ଏଥିସହ ନିଆଁ ଲଗାଇ ସେକି ହେଉଛନ୍ତି ବୋଲି ଓଲବ ଗ୍ରାମର ଗଦାଧର ପ୍ରଧାନ କହିଛନ୍ତି। ବହୁ ବୃଦ୍ଧା ବୃଦ୍ଧ ଶୀତରେ ଅନିଦ୍ରା ହୋଇ ରାତ୍ରି ଯାପନ କରୁଛନ୍ତି। ଗତ ୨୦ ବର୍ଷ ଭିତରେ ଏଭଳି ଶୀତ ସ୍ଥାନୀୟ ଅଞ୍ଚଳରେ ଅନୁଭୂତ ହୋଇ ନ ଥିଲା ବୋଲି କମଳାଡିହ ଅଞ୍ଚଳର ସାମାଜିକ କର୍ମୀ ପ୍ରତାପ ଖଟୁଆ କହିଛନ୍ତି। ପ୍ରବଳ ଶୀତ ଯୋଗୁ କଇଁତରା, ସିଆରଭୁଣ୍ଡି, ବାଲିକିଆରି ଓ ବାରଭାୟା ଅଞ୍ଚଳର ଗରିବ ବୃଦ୍ଧାବୃଦ୍ଧଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏନେଇ ଏଠାକାର ଆଦିବାସୀବହୁଳ ଲୋକମାନଙ୍କୁ ଶୀତ ବସ୍ତ୍ର ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ନରସିଂହପୁର ବିଡିଓ ପ୍ରସନ୍ନ କୁମାର ତରାଇ କହିଛନ୍ତି, ବ୍ଲକର ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଲୋକେ ଶୀତରେ ଦିନ କାଟୁଛନ୍ତି। ଏନେଇ ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ଆଗାମୀ ପଦକ୍ଷେପ ନିଆଯିବ।

## ପୂର୍ଣ୍ଣଚନ୍ଦ୍ର ଆଲୋକ ମେମୋରିଆଲ କ୍ରିକେଟ

# ସତ୍ୟବିହାରକୁ ଟାଇଟଲ

**କଣ୍ଟାପଡା,୨୯।୧୨(ଡି.ଏନ୍.ଏ.)**



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ବାରଙ୍ଗ ବ୍ଲକ ଅନ୍ତର୍ଗତ ଉଷୁମା ଖେଳପଡିଆରେ ନିୟୁଷ୍ଟାର ଯୁଥକ୍ଲବ ପକ୍ଷରୁ ଆୟୋଜିତ ପୂର୍ଣ୍ଣଚନ୍ଦ୍ର ଆଲୋକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ନଖରା ଦଳକୁ ୪୦ରନରେ ହରାଇ ଭୁବନେଶ୍ୱରର ସତ୍ୟବିହାର ଚାମ୍ପିୟନ ହୋଇଛି। ସତ୍ୟବିହାର ଦଳ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ହରାଇ ୧୧୨ ରନ କରିଥିଲା। ବିଜୟ ପାଇଁ ଆବଶ୍ୟକ ୧୧୩ ରନର ପିଛାକରି ନଖରାଦଳ ସମସ୍ତ ଉଇକେଟ ହରାଇ ମାତ୍ର ୭୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଟୁନା ବ୍ୟକ୍ତିଗତ ୨୬ ରନ କରିବା ସହ ୩ ଉଇକେଟ ନେଇ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଉଷୁମା ଗ୍ରାମପଞ୍ଚାୟତ ସରପଞ୍ଚ ଜୀତେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି, ଉଷୁମା ଗ୍ରାମ ଅଧିକାରୀ ଦିବାକର ପରିଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ୧୧୦୦୦ ଓ ରନର୍ସଅପ ଦଳକୁ ୭୦୦୦ ଟଙ୍କାସହ ଟ୍ରଫି ପ୍ରଦାନ କରିଥିଲେ। ଭାଜପା ଯୁବନେତା ପ୍ରଣୟ ସାମନ୍ତରାୟ, କ୍ଲବ ସଭାପତି ପ୍ରମୋଦ ବୈଠାଲୁ, ମନୋଜ ସାହୁ, ସୁକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିସାନ ସାମନ୍ତରା ଓ ଅଭିନାଷ ପ୍ରଧାନ ଖେଳ ପରିଚାଳନା କରିଥିଲେ।

# ଖରାପ ଗୁଣକୁ ସୁଧାରିଲେ ଭଲ ମଣିଷ ହେବ



ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ତିଗିରିଆ,୨୯।୧୨(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆରପି. ଆବାସିକ ଯୁକ୍ତ ୩ ବିଜ୍ଞାନ ମହାବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ରବିବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ପ୍ରଫେସର ଡ. ତୁଷାରକାନ୍ତୀ ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ଡ.ହରପ୍ରଶନ୍ନ ଦାଶ ଯୋଗଦେଇ ନିଜର ଖରାପ ଗୁଣକୁ ସୁଧାରିଲେ ଛାତ୍ରୀଛାତ୍ର ଭବିଷ୍ୟତରେ ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଆର.ପି. ମହାବିଦ୍ୟାଳୟର ପରିଚାଳନା ସଭାପତି ସୁବାସ ଚନ୍ଦ୍ର ଡାଲୁଆ ଯୋଗଦେଇଥିଲେ। ପ୍ରଫେସର ପଦ୍ମନାଭ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଓଡ଼ିଆ ଗୀତିକବି ସମାଜର ୨୭ମ ବାର୍ଷିକ ଅଧିବେଶନ

# ପ୍ରାଚୀନ ଚଉତିଶା ଗୀତିକବିତାର ମୂଳଉତ୍ସ

**କଟକ ଅଫିସ, ୨୯।୧୨**





ବାର୍ଷିକ ଅଧିବେଶନରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଓଡ଼ିଆ ଗୀତିକବି ସମାଜର ୨୭ତମ ବାର୍ଷିକ ଅଧିବେଶନ ରବିବାର କଟକ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ କଥାଶିଳ୍ପୀ ତରୁଣକାନ୍ତି ମିଶ୍ର ଯୋଗଦେଇ ଗୀତିକବିତା ଆତ୍ମା ଓ ହୃଦୟର ଭାଷା ଏବଂ ଏହାକୁ ରଚନା କରିବା କଷ୍ଟସାଧ୍ୟ ବୋଲି ଅଭିହିତ କରିଥିଲେ। ମୁଖ୍ୟଅତିଥି ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦି କହିଥିଲେ, ପ୍ରାଚୀନ ଚଉପଦୀ ଓ ଚଉତିଶା ପ୍ରଭୃତି ଗୀତିକବିତାର ମୂଳଉତ୍ସ। ଏଥିରେ ସମ୍ମାନିତ ଅତିଥି ଡ. ଗୌରହରି ଦାସ ଯୋଗଦେଇଥିଲେ।

ଏହି ସମାରୋହରେ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ଭରଦ୍ୱାଜ ସମ୍ମାନ, ମନୋଜ ମହାନ୍ତିଙ୍କୁ ଓଡ଼ିଆ ଗୀତିକବି ସମାଜ ସମ୍ମାନ, ପ୍ରହଲ୍ଲାଦ ସାଙ୍କୁ ଜିତେନ୍ଦ୍ର ପଟ୍ଟନାୟକ ଗୀତିକବି ସମ୍ମାନ, ପ୍ରେମଚାନ୍ଦ ମହାନ୍ତିଙ୍କୁ ବିନୋଦିନୀ ପଟ୍ଟନାୟକ ଗୀତିକବି ସମ୍ମାନ, ସନ୍ଧ୍ୟାରାଣୀ ମିତ୍ରଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ, ହଂସନାଥ ମୁଦୁଲିଙ୍କୁ ଅନ୍ନପୂର୍ଣ୍ଣା ନନ୍ଦ ଗୀତିକବି ସମ୍ମାନ, ସୁବାସ ଚନ୍ଦ୍ର ରାମଙ୍କୁ ଅନମୋଲ ସଙ୍ଗୀତ ନିର୍ଦ୍ଦେଶନା ସମ୍ମାନ ଓ ସୁବାସ ଦାଶଙ୍କୁ ଆୟୁଷ କଣ୍ଠଶିଳ୍ପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ରାଜେନ୍ଦ୍ର କିଶୋର ହରିଚନ୍ଦନ ସ୍ମାରକୀ ଗୀତିକବିତା ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଇନ୍ଦୁଭୂଷଣ ତ୍ରିପାଠୀ, ବର୍ଷା ବୈଶାଳୀ ବିଷ୍ଣୁଦର୍ଶିନୀ ଓ ରୁଚିତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାବାଜୀ ଚରଣ ବଳ, ରମେଶ ଚନ୍ଦ୍ର ବେହେରା, ଡା. ଉପେନ୍ଦ୍ର ପ୍ରସାଦ ନାୟକ, ଡ. ଚିନ୍ମୟୀ ମହାପାତ୍ର ଓ ପର୍ଶୁରାମ ନାଥଙ୍କ ଗୀତିକବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଚଳିତବର୍ଷ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ତରୁଣକାନ୍ତି ମିଶ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ମୀନାକ୍ଷୀ ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମୀନାକ୍ଷୀ ଦେବୀ ସ୍ୱାଗତ ଭାଷଣ, ଉପଦେଷ୍ଟା ଗୌର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ଉପ ସଭାପତି ପୀତାମ୍ବର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ. ଲିଙ୍ଗରାଜ ରଥଙ୍କ ସଭାପତିତ୍ୱରେ ଗୀତିକବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଝଙ୍କାର ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ଯୋଗଦେଇଥିବାବେଳେ ଉପଦେଷ୍ଟା ଗୌରହରି ଦଳାଇ ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବାବାଜୀ ଚରଣ ଜେନା, ଡ. ନାରାୟଣ ପ୍ରସାଦ ଜେନା, ପ୍ରମିଳା ପତି ଓ ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବେଗୁନିଆ/ବୋଲଗଡ଼, ୨୯।୧୨ (ଡି.ଏନ୍.ଏ):** ବେଗୁନିଆ ଥାନା ଅଧୀନ ଡିଙ୍ଗର ଗ୍ରାମ ୪ ଛକ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ରବିବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପଡ଼ିଥିବା ଲୋକଲୋଚନକୁ ଆସିଥିଲା। ତେବେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିନାହିଁ। ଏହା ପ୍ରଚାରିତ ହେବା ପରେ ଲୋକମାନେ ଦେଖିବାକୁ ସେଠାକୁ ଯାଇଥିଲେ। ଅପରାହ୍ନରେ ମୃତକଙ୍କ ପରିଚୟ ମିଳିଥିଲା। ମୃତକ ହେଲେ, ବୋଲଗଡ଼ ବ୍ଲକ ନାରାୟଣୀପଡ଼ା ଗ୍ରାମର ଭରତ ରାଉତରାୟ(୪୫)। ଭରତଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ଗତ ମଙ୍ଗଳବାରରୁ ସେ ଘରୁ କେଉଁଆଡେ ପଳାଇ ଥିଲେ। ପରିବାର ଲୋକେ ଭରତଙ୍କୁ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ମୃତଦେହ ମିଳିବା ପରେ ଲୋକଙ୍କଠାରୁ ଶୁଣି ପରିବାର ଲୋକେ ସେଠାକୁ ଯାଇ ଚିହ୍ନଟ କରିଥିଲେ। ଥାନାରେ ଏ ନେଇ କୌଣସି ଅଭିଯୋଗ ପରିବାର ପକ୍ଷରୁ କରାଯାଇନାହିଁ। ଫଳରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି।

### ଫୁଟବଲ: ସେମିରେ ରେଲୱେ କ୍ଲବ ଜଟଣୀ

**ଖୋର୍ଦ୍ଧା ଅଫିସ,୨୯।୧୨:** ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ନିଆଳ ଖେଳପଡ଼ିଆରେ ୮ମ ରାଜ୍ୟସ୍ତରୀୟ ରାଧାମୋହନ କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ସାମନ୍ତରାୟ ଓ ପୁତୁସାହି ପଞ୍ଚାୟତର ସରପଞ୍ଚ ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରବିବାର ମ୍ୟାଚରେ ଫାଇଭ ଷ୍ଟାର ଏକାଦଶ କଟକକୁ ୧-୦ ଗୋଲରେ ହରାଇ ରେଲୱେ କ୍ଲବ ଜଟଣୀ ସେମିକୁ ଉନ୍ନୀତ ହୋଇଛି। ରେଲୱେ ଦଳର ୧୪ ନଂ. ଖେଳାଳି ରଣଜିତ୍ ପାଇକାଲ ଖେଳର ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ କରି ଦଳକୁ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ଖେଳ ଅମିମାଂସିତ ଭାବେ ଶେଷ ହୋଇଥିଲା। କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପ୍ରଦୀପ କୁମାର ନାୟକ ଖେଳ ପରିଚାଳନା କରିଥିବା ବେଳେ, ଲାଇନରେ ସୁକାନ୍ତ କୁମାର ପ୍ରଧାନ ଓ ସୁଶାନ୍ତ କୁମାର ମିଶ୍ର ସହାୟତା କରିଥିଲେ। ସୋମବାରର ମ୍ୟାଚ ଭୁବନେଶ୍ୱରର ସଂଘର୍ଷ ଏକାଦଶ ଓ ଆକା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ।

### ଗରିବଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ଯୁବବର୍ଗ



**ବେଗୁନିଆ, ୨୯।୧୨ (ଡି.ଏନ୍.ଏ):** ଗ୍ରାମାଞ୍ଚଳର ଗରିବ ଓ ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଯୁବବର୍ଗ। ଦରିଦ୍ରଙ୍କୁ ଶୀତ ଦାଉରୁ ରକ୍ଷା ଦେବାକୁ ଶୀତବସ୍ତ୍ର ବାଣ୍ଟିବା ମନୋବୃତ୍ତି ନେଇ ରବିବାର ଏକ ସେବା ଉତ୍ସବ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବେଗୁନିଆ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଶିବିରରେ ଗ୍ରାମାଞ୍ଚଳର ବହୁ ଦୁଃଖି ରଙ୍କି ଏବଂ ଦିବ୍ୟାଙ୍ଗ ମହିଳାପୁରୁଷ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଯୁବବର୍ଗମାନେ ପ୍ରାୟ ୩୦ ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତଦାନ କରିଥିଲେ। ଶିବିରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଆୟୋଜକ ଯୁବବର୍ଗଙ୍କୁ ଉତ୍ସାହିତ କରିବା ସହ ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ବେଗୁନିଆ-ବୋଲଗଡ଼ ବ୍ଲକ ଅଞ୍ଚଳର କେତେଜଣ ଯୁବକ, ବୁଦ୍ଧିଜୀବୀଙ୍କୁ ନେଇ ଏକ ସେବା ଉତ୍ସବ କମିଟି ଗଠନ କରାଯାଇଛି। ଗ୍ରାମାଞ୍ଚଳର ଗରିବ ଏବଂ ଅସହାୟଙ୍କୁ ସେବା ଯୋଗାଇ ଦେବା କମିଟିର ମୂଳ ଲକ୍ଷ୍ୟ ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ୪ର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ୟା ଅନେକ

# ସୁବିଧାରେ ଡାକ୍ତର, ଗର୍ଭବତୀ ହଟହଟା

**ଖୋର୍ଦ୍ଧା ଅଫିସ,୨୯।୧୨**

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗର୍ଭବତୀ ମହିଳା ହଟହଟା ହେଉଛନ୍ତି। ଡାକ୍ତର ଫନ୍ଦି ଫିକର କରି ନିଜ ପାଇଁ ସୁବିଧା କରି ନେଇଥିବାବେଳେ ଗର୍ଭବତୀ ମହିଳା ଉପେକ୍ଷିତ ହୋଇ ରହିଥିବା ଅଭିଯୋଗ ହେଉଛି। ସପ୍ତାହକୁ ଜଣେ ଡାକ୍ତର ୪୮ଘଣ୍ଟା ଡ୍ୟୁଟି କରିବାର ନିୟମ ଥିବାବେଳେ ୩୬ ଘଣ୍ଟା ଡ୍ୟୁଟି କରୁଛନ୍ତି। ୩୬ ଘଣ୍ଟା ଡ୍ୟୁଟିରେ ୫ରୁ ୧୦ ଘଣ୍ଟା ଡାକ୍ତରଙ୍କୁ ବିଭିନ୍ନ ଦିବସରେ ଦେଖିବାକୁ ମିଳେନା। ଅଭିଯୋଗ କଲେ ସୁଫଳ ମିଳୁନାହିଁ। ଏଠାରେ ୨ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଅନ୍ୟ ଜଣେ ଚୁକ୍ତି ଭିତ୍ତିକ

**୪୮ ସ୍ଥାନରେ ୩୬ ଘଣ୍ଟାର ଡ୍ୟୁଟି**

ବିଶେଷଜ୍ଞ ନିଯୁକ୍ତି ପାଇଛନ୍ତି। ୨ ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ସବୁବେଳେ ଦେଖିବାକୁ ମିଳେନାହିଁ ବୋଲି ଅଭିଯୋଗ ରହିଛି। କାରଣ ପାଳିରେ ଚାଲିଛି ସ୍ୱାସ୍ଥ୍ୟ ସେବା। ନିଜର ୪୮ ଘଣ୍ଟାରୁ ଡ୍ୟୁଟିକୁ ଜଣେ ଲେଖାଏ ଭାଗ କରି ବାଣ୍ଟି ନେଇଛନ୍ତି। କିଏ ଦିନବେଳା ତ ଆଉ କିଏ ରାତିବେଳା ଡ୍ୟୁଟି କରୁଛନ୍ତି। ସେହିଭଳି ଚୁକ୍ତି ଭିତ୍ତିକ ବିଶେଷଜ୍ଞ ଆଉଟ ଡୋରରେ ଡ୍ୟୁଟି କରୁଛନ୍ତି। ତେବେ ଅସୁବିଧା ହେଉଛି ସପ୍ତାହକୁ ଥରେ ଚୁକ୍ତି ଭିତ୍ତିକ ସ୍ତ୍ରୀ ରୋଗ ବିଶେଷଜ୍ଞ ଛୁଟିରେ ରହିଲେ ଆୟୁଷ ଡାକ୍ତର ଗର୍ଭବତୀ ମହିଳାଙ୍କୁ ଚେକିଂ କରୁଛନ୍ତି। ପୁଣି ୨ଜଣ ସ୍ତ୍ରୀ ରୋଗ ବିଶେଷଜ୍ଞ ଭିନ୍ନ ଭିନ୍ନ ଦିବସରେ ଆସୁଥିବାରୁ ସପ୍ତାହକୁ ଥରେ ଛୁଟିରେ ରହିଲେ ସେହି ଦିବସରେ ଜିଲାର ଅନ୍ୟ ଡାକ୍ତରଖାନାରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଆଣି ଗର୍ଭବତୀ ମହିଳାଙ୍କୁ ଚିକିତ୍ସା କରାଯାଏ। ସ୍ତ୍ରୀ ରୋଗ ବିଶେଷଜ୍ଞ ଓ ଚୁକ୍ତି ଭିତ୍ତିକ ସ୍ତ୍ରୀ ରୋଗ ବିଶେଷଜ୍ଞ ସପ୍ତାହକୁ ଯେଉଁ ଗୋଟିଏ ଦିନ ଛୁଟି ପାଆନ୍ତି ସେ ଦିନ ଆଉଟ୍ ଡୋର, ଓଟି ଓ ଲେବର ରୁମ୍‌ରେ ଅସୁବିଧା ହୋଇଆସୁଛି।

### ରବିବାର ଅସ୍ତ୍ରୋପଚାର ବନ୍ଦ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଅସ୍ତ୍ରୋପଚାର ବନ୍ଦ ରହୁଛି। କାରଣ ରବିବାର ଓଟିରେ ବିଶୁଦ୍ଧୀକରଣ କରାଯାଏ। ଏ ସମ୍ପର୍କରେ ଅବଗତ ନ ଥିବା ଗର୍ଭବତୀ ମହିଳା ଚିକିତ୍ସାଳୟକୁ ଆସି ହଟହଟା ହୁଅନ୍ତି। ସେମାନଙ୍କୁ କଟକ, ଭୁବନେଶ୍ୱର ରେଫର କରାଯାଏ। ଏହି ରେଫର ସବୁ ଗର୍ଭବତୀ ମହିଳାଙ୍କୁ ସୁବିଧା ହୋଇ ନ ଥାଏ। ଏଣୁ ଅଧିକାଂଶ ଖୋର୍ଦ୍ଧାର ଘରୋଇ ଡାକ୍ତରଖାନାକୁ ପସନ୍ଦ କରନ୍ତି। ବିକଳ୍ପ କିଛି ନ ଥିବାରୁ ଖର୍ଚ୍ଚ ଅଧିକ ହେଲେ ବି ସେମାନେ ବେସରକାରୀ ହସ୍ପିଟାଲକୁ ଆଦରି ନିଅନ୍ତି। ରବିବାର ଓଟି ବନ୍ଦ ରହୁଥିବାରୁ ରବିବାର ପାଳିରେ ଆସୁଥିବା ଚୁକ୍ତି ଭିତ୍ତିକ ସ୍ତ୍ରୀ ରୋଗ ବିଶେଷଜ୍ଞ ରିଲାକ୍ସ ପାଇଥାନ୍ତି। ଏହାର ଫାଇଦା ନିଅନ୍ତି ଘରୋଇ କ୍ଲିନିକ୍। ଘରୋଇ କ୍ଲିନିକ୍ କର୍ତ୍ତୃପକ୍ଷ ଗର୍ଭବତୀ ମହିଳାଙ୍କୁ କ୍ଲିନିକ୍‌ରେ ଭର୍ତ୍ତି କରାଇ ରବିବାର ଭଲ ପଇସା ରୋଜଗାର କରି ପାରନ୍ତି।

### ହାତଗୁଞ୍ଜା କାରବାର ବନ୍ଦ ହେଉନି

ଜିଲା ମୁଖ୍ୟ ଚିକିତ୍ସାଳୟରେ ହାତଗୁଞ୍ଜା କାରବାରକୁ ରୋକ୍ ଲଗାଯାଇ ପାରୁ ନ ଥିବା ଅଭିଯୋଗ ହେଉଛି। ଅଭିଯୋଗ କଲେ ପ୍ରମାଣ ନାହିଁ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଉନି। ଏ ନେଇ ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ ପ୍ରତିକାର ନାହିଁ। ଜଣେ ଗର୍ଭବତୀ ମହିଳା ଚିକିତ୍ସା ପାଇଁ ଚିକିତ୍ସାଳୟରେ ଭର୍ତ୍ତି ହେବାପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ହାତଗୁଞ୍ଜା ଦେବା ପାଇଁ ବିଭିନ୍ନ ତରିକା ମାଧ୍ୟମରେ ସିଗ୍‌ନାଲ ଦିଆଯାଏ। ସିଗ୍‌ନାଲ ବୁଝି ନ ପାରିଲେ ଅଥବା ହାତଗୁଞ୍ଜା ଦେବାକୁ ଅରାଜି ହେଲେ ବାହାନା ଦେଖାଇ ରେଫର କରାଯାଏ। ହାତଗୁଞ୍ଜା ଦେଲେ ଆଜ୍ଞା ଆପଣ କହି ଚିକିତ୍ସା କରାଉଛନ୍ତି। ଅନ୍ୟପକ୍ଷେ କେତେଜଣ ଡାକ୍ତର ସରକାରୀ ଚିକିତ୍ସାଳୟରେ ସୁବିଧା ନାହିଁ କହି ବେସରକାରୀ କ୍ଲିନିକକୁ ଗର୍ଭବତୀ ମହିଳାଙ୍କୁ ପଠାଉଛନ୍ତି। ନିଜେ ସେଠାକୁ ଯାଇ ସେମାନଙ୍କ ଅସ୍ତ୍ରୋପଚାର କରାଉଛନ୍ତି।

## ଅରବିନ୍ଦ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ

# ଊଣ୍ଡ-୨୦୦୦ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ଜଟଣୀ, ୨୯।୧୨(ଡି.ଏନ.ଏ.)**

ଜଟଣୀ କୁଦିଆରୀ ଖେଳ ପଡିଆରେ ଚାଲିଥିବା ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କଟକର ଦୁଇଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଜିକ ଇଲେଭେନକୁ ୫ ରନ୍‌ରେ ପରାସ୍ତ କରି ଊଣ୍ଡ -୨୦୦୦ ଦଳ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଊଣ୍ଡ ଦଳ ପ୍ରଥମେ ବ୍ୟାଟିଂ କରି ୧୬୯ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ହିମାଂଶୁ ନାୟକ ଶତକ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ମ୍ୟାଜିକ୍ ଇଲେଭେନ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୬୫ରନ କରିଥିଲେ। ମ୍ୟାଜିକ ଇଲେଭେନ ର ଦେବାଶିଷ ସାନ୍ତରାୟ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ, ସୁଦୀପ୍ତ ରାୟ, ନବରଞ୍ଜନ ପଟ୍ଟନାୟକ, ପ୍ରମୋଦ ସାହାଣୀ, ଅନନ୍ତ ବେହେରା ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ ବିଦ୍ରୋହୀ କ୍ରିକେଟ କ୍ଲବ ସଦସ୍ୟଙ୍କ ଦ୍ୱାରା ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

## କଳା, ସାହିତ୍ୟ, ସଂସ୍କୃତି ମହୋତ୍ସବ ଉଦ୍‌ଯାପିତ



କୃତୀ ବ୍ୟକ୍ତିଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**କୃଷ୍ଣପ୍ରସାଦ,୨୯।୧୨(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡସ୍ଥିତ ରାଜା ସାହେବଙ୍କ ଚନ୍ଦନ ପଡିଆଠାରେ ଶ୍ରୀକମଳେଶ୍ୱର ଦେବ କଳା, ସାହିତ୍ୟ, ସଂସ୍କୃତି ପରିଷଦ ପକ୍ଷରୁ ୩ ଦିନ ଧରି ଚାଲିଥିବା ୫ମ ବାର୍ଷିକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ନାଚଗୀତ, ମୃଦଙ୍ଗ ବାଦ୍ୟ, ପାଇକ ଆଖଡା ଆଦି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଭୋର କରିଥିଲା। ଲୋକକଳା ଦଣ୍ଡଯାତ୍ରା ଗୁରୁ ଅର୍ଜୁନ ଜେନା ସ୍ମୃତି ସମ୍ମାନରେ ଦଳବେହେରାସାହିର ମାଷ୍ଟର ସୁବାସ ଚନ୍ଦ୍ର ସ୍ୱାଇଁ, ଚିଲିକା ଚନ୍ଦ୍ର ଉପାଧିରେ ବଳରାମପୁର ଗ୍ରାମର ଗୀତିକାର ସୁନୀଲ କୁମାର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦର ସଭାପତି ବନ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମଗିରି ଭାଜପାର ଯୁବନେତା ଡା. ଦେବେନ୍ଦ୍ର ନାଥ ତରେଇ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭ୍ୟା ମନ୍ଦାକିନୀ ପଟ୍ଟନାୟକ, ସ୍ୱଭାବ କବି ଆଳୁପାଟଣାର ଲକ୍ଷ୍ମୀଧର ଜେନା, ଜିଲାପରିଷଦ ସଭ୍ୟ ପ୍ରଭାତି ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। ପରିଷଦର ଉପସଭାପତି କାଶୀନାଥ ଜେନା, ସମ୍ପାଦକ ସନାତନ ତରେଇ, ଅଧ୍ୟାପକ ପ୍ରଦୀପ କୁମାର ଜେନା, ଖବରଦାତା କୈଳାସ ଚନ୍ଦ୍ର ପଟ୍ଟନାୟକ, ୨୪ ମୌଜା ପରିଚାଳନା କମିଟି ସମ୍ପାଦକ ବ୍ରଜ କିଶୋର ଗୌଡ, ମେ ଆଇ ହେଲପ ୟୁ ଟିମ୍‌ର ମୁଖ୍ୟ ପରିଚାଳକ ବିଷ୍ଣୁ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କଳାକାର, ମେଧାବୀ ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ଖୋର୍ଦ୍ଧା ଅଫିସ,୨୯।୧୨:** ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଭାରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଜ୍ଞାନ ରଞ୍ଜନ ଦାଶ, ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ସମ୍ପାଦକ ରାମଶଙ୍କର, ସହସମ୍ପାଦକ ତ୍ରିନାଥ ପାଲଟାସିଂହ, କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ଚନ୍ଦ୍ର ମହାରଣା ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଆଇନଜୀବୀ ବସନ୍ତ ଦାଶ, କିଶୋର ଛୋଟରାୟ, ନାରାୟଣ ଦାସ, ସମରଜିତ୍ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ଭାବେ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, ବୈକୁଣ୍ଠନାଥ ରାଜଗୁରୁ, ବିଧାନ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ଅନୁରୂପ ଭାବେ ମନୋନୀତ ହୋଇଛନ୍ତି।

## ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ଅବସରପ୍ରାପ୍ତ କର୍ମଚାରୀ

**ଜଟଣୀ,୨୯।୧୨(ଡି.ଏନ.ଏ):** ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଆବେଦନକୁ ବିଚାର ପାଇଁ ରାଜ୍ୟ ମାନବାଧିକାର କମିଶନ ଗ୍ରହଣ କରିଛନ୍ତି। କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ଗୁରୁତ୍ୱକୁ ଉପଲବ୍ଧି କରି ଏହାର ବିଚାର ପାଇଁ କମିଶନ ଏହାକୁ ଗ୍ରହଣ କରିଥିବା ଆବେଦନକାରୀ ସଂଘର ସଭାପତି ଆଇନଜୀବୀ ସୁବ୍ରତ କୁମାର ନନ୍ଦ କହିଛନ୍ତି। ଏହି ମ୍ୟୁନିସିପାଲିଟିରୁ ଦୀର୍ଘବର୍ଷ ହେବ ଅବସର ଗ୍ରହଣ କରିଥିବା କର୍ମଚାରୀ ସେମାନଙ୍କ ବକେୟା ପାଇ ନ ଥିବାବେଳେ ପୂର୍ଣ୍ଣ ପେନ୍‌ସନ ଲାଗୁ କରାଯାଇନାହିଁ। ଏହାକୁ ନେଇ କର୍ମଚାରୀମାନେ ଆପତ୍ତି ଅଭିଯୋଗ ଓ ଆନ୍ଦୋଳନ କରି ଆସୁଛନ୍ତି। ବିଭାଗୀୟ ଉଚ୍ଚ ଅଧିକାରୀ ପ୍ରତିଶ୍ରୁତି ଦେଲେ ହେଁ କାର୍ଯ୍ୟକାରୀ ହେଉ ନ ଥିବା ସଂଘ ସଭାପତି ସୁବ୍ରତ କହିଛନ୍ତି। ରୋଗାଗ୍ରସ୍ତ କେତେଜଣ କର୍ମଚାରୀ ଆର୍ଥିକ ଅନଟନରୁ ଚିକିତ୍ସା ସୁବିଧା ନ ପାଇ ମୃତ୍ୟୁବରଣ କଲେଣି। ଆଉ କେତେଜଣ ରୋଗରେ ପଡ଼ି ମୃତ୍ୟୁ ସହ ସଂଘର୍ଷ କରୁଥିବା ସେ କହିଛନ୍ତି। ଶହେରୁ ଅଧିକ କର୍ମଚାରୀ ଅବସର ଗ୍ରହଣ କରିଥିଲେ ମଧ୍ୟ ସେଥିରୁ ୧୦ ପ୍ରତିଶତ ବକେୟା ପ୍ରାପ୍ୟ ପାଇ ନ ଥିବା ଓ ସେମାନଙ୍କ ପୂର୍ଣ୍ଣ ପେନ୍‌ସନ ଲାଗୁ ହୋଇ ନ ଥିବା ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର କୁହନ୍ତି, କେତେଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କର ପ୍ରାପ୍ୟ ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଛି। ସେମାନଙ୍କର ରହିଥିବା ସମସ୍ୟା ଦୂର କରାଯାଇ ସେମାନେ କିପରି ପ୍ରାପ୍ୟ ପାଇ ପାରିବେ ସେଥିପାଇଁ ସମସ୍ତ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

## ଚିଲିକା ଭ୍ରମଣରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼

# ଡଙ୍ଗା ନ ପାଇ ନିରାଶରେ ଫେରିଲେ



କାଳିଜାଇ ପୀଠରେ ଲାଗିଥିବା ଡଙ୍ଗା।

**ବାଲୁଗାଁ, ୨୯।୧୨(ଡି.ଏନ.ଏ.)**

ନୂତନବର୍ଷର ଆଗମନ ସଙ୍ଗେ ସଙ୍ଗେ ବିଦାୟବର୍ଷର ଶେଷ ରବିବାର ଚିଲିକା ପରିଭ୍ରମଣରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଚିଲିକା ମଧ୍ୟରେ ଥିବା ମା' କାଳିଜାଇଙ୍କ ପୀଠ, ପକ୍ଷୀ ଅଭୟାରଣ୍ୟ ନଳବଣ ସମେତ ମା' ନାରାୟଣୀ ପୀଠ, ବାଣପୁରସ୍ଥିତ ମା' ଭଗବତୀ ପୀଠ, ଶାଳିଆ ଡ୍ୟାମ, ବରବରା ଜଙ୍ଗଲ ମଧ୍ୟରେ ଥିବା ମା' ବିରିଜାଇ ପୀଠ, ତାରିଣୀ ପୀଠ ଏବଂ ଢୁ-ଢୁଆ ଜଳପ୍ରପାତ ଆଦି ପର୍ଯ୍ୟଟନସ୍ଥଳଗୁଡ଼ିକରେ ରବିବାର ଭୋରରୁ ଦିନତମାମ ପର୍ଯ୍ୟଟକଙ୍କ ଶୁଅ ଛୁଟିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ସ୍ଥାନରେ ବଣଭୋଜିର ଆସର ଜମିବା ସହ ପ୍ରବଳ ଭିଡ଼ ହେତୁ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପ୍ରଶାସନ ପାଇଁ କଷ୍ଟକର ହୋଇପଡିଥିଲା। ଚଳିତବର୍ଷ ଚିଲିକା ଭ୍ରମଣରେ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଆସିଥିବା ଆକଳନ କରାଯାଇଛି। ତେବେ ଦୂରଦୂରାନ୍ତରୁ ଆସିଥିବା ବହୁ ପର୍ଯ୍ୟଟକ ପର୍ଯ୍ୟାପ୍ତ ଡଙ୍ଗାର ଅଭାବ ହେତୁ ଚିଲିକା ଭ୍ରମଣ କରି ନ ପାରି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା। ବାଲୁଗାଁ ଚିଲିକା କୂଳରେ ଥିବା କାଳିଜାଇ ମୋଟର ବୋଟ ଆସୋସିଏଶନ୍, ଅନ୍ତଃର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ ଏବଂ ବଡକୁଳସ୍ଥିତ ମା' କାଳିଜାଇ ମୋଟର ଡଙ୍ଗା ମାଲିକ ସଂଘ ଓ ଓଟିଡିସି ପକ୍ଷରୁ ୩୨୫ରୁ ଉର୍ଦ୍ଧ୍ୱ ଯାତ୍ରୀ ପରିବହନ ନିମନ୍ତେ ଡଙ୍ଗା ନିୟୋଜିତ କରାଯାଇଛି। ରବିବାର ମାତ୍ରାଧିକ ପର୍ଯ୍ୟଟକ ହେତୁ ଡଙ୍ଗାର ଅଭାବ ଦେଖାଯାଇଥିଲା। ତେବେ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚିଲିକାରେ ଯାତ୍ରୀ ପରିବହନ ନିମନ୍ତେ ସରକାରୀ କଟକଣା ଲାଗୁ କରାଯାଇଥିବା ବେଳେ ନିର୍ଦ୍ଧାରିତ ସମୟ ପରଠାରୁ ଯାତ୍ରୀ ସେବାକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଅପେକ୍ଷାରତ ପର୍ଯ୍ୟଟକମାନେ ଚିଲିକା ଭ୍ରମଣ କରି ନ ପାରି ନିରାଶ ମନରେ ଫେରିଥିଲେ। ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ମାସିକ ଆଲୋଚନାଚକ୍ରରେ ଶାମ୍ବ ଦଶମୀ

**ଖୋର୍ଦ୍ଧା ଅଫିସ,୨୯।୧୨:** ଶାମ୍ବ ଦଶମୀ ଓ ସୂର୍ଯ୍ୟ ଉପାସନାର ଧାର୍ମିକ ଏବଂ ଐତିହାସିକ ମହତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର ଖୋର୍ଦ୍ଧା ଚୈତନ୍ୟବିହାରରେ ଅନୁଷ୍ଠିତ ହୋଇଯାଇଛି। କଳା ବିନୋଦନ ଚେତନା ପରିଷଦ ପକ୍ଷରୁ ଆୟୋଜିତ ମାସିକ ସଂସ୍କୃତି ଚର୍ଚ୍ଚାରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଗୋପବନ୍ଧୁ ପଣ୍ଡା, ବୃତ୍ତଚିତ୍ର ନିର୍ମାତା ସମ୍ବିତ ପଟ୍ଟନାୟକ ପ୍ରମୁଖ ବକ୍ତାମାନେ ଯୋଗଦେଇ ଚର୍ଚ୍ଚାରେ ଅଂଶ କରିଥିଲେ। ଶାମ୍ବ ପୁରାଣ, କପିଳ ସଂହିତା ଆଦି ପୁରାଣଗୁଡିକରେ ବର୍ଣ୍ଣିତ ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବଙ୍କର ସୂର୍ଯ୍ୟ ଉପାସନାର ସ୍ଥଳ ମୈତ୍ରେୟ ବନ ଆଧୁନିକ କୋଣାର୍କରେ ଥିଲା। ସେହିଭଳି ସାଗର ତୀର ଚନ୍ଦ୍ରଭାଗା ଥିଲା ବୋଲି ମତ ପ୍ରକାଶ ପାଇଛି। ତେବେ ମୈତ୍ରେୟ ବନ ପଞ୍ଜାବର ମୁଲତାନ ନୁହେଁ ବୋଲି କୁହାଯାଇଛି। ସୂର୍ଯ୍ୟ ଉପାସନାର କ୍ଷେତ୍ର କୋଣାର୍କରେ ଶାମ୍ବ ସମୟ କଟାଇ କୁଷ୍ଠରୋଗରୁ ମୁକ୍ତ ହୋଇଥିବା ତଥ୍ୟ ଜଣାପଡିଛି।

# ଆକୃଷ୍ଟ କଲା ସମ୍ବଲପୁରୀ ନୃତ୍ୟ

**ବୋଲଗଡ଼,୨୯।୧୨(ଡି.ଏନ୍.ଏ.)**




ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

**ବୋଲଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ବୋଲଗଡ଼ ମହୋତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ, ବନପାଳ ପ୍ରଦୀପ କୁମାର ପଟ୍ଟନାୟକ, କମିଟି ଉପସଭାପତି କୃଷ୍ଣମୋହନ ପାଲଟାସିଂହ, ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର କୁମାର ସୁବୁଦ୍ଧି ଯୋଗଦେଇଥିଲେ। ବରିଷ୍ଠ ଉପଦେଷ୍ଟା ଐତିହାସିକ ରବୀନ୍ଦ୍ର କୁମାର ପରିଡା ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭୁବନେଶ୍ୱର କଳାକାରଙ୍କ ଦ୍ୱାରା ଓଡିଶୀ ଓ ଲୋକନୃତ୍ୟ, ଲୋଇସିଂଘା କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ଇଷ୍ଟର୍ଣ୍ଣ କଲଚୁରାଲ ସେଣ୍ଟର କୋଲକାତା ପ୍ରାୟୋଜିତ ପୁରୁଲିଆ ଛଉ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସ୍ଥାନୀୟ ଅସନପଲ୍ଲୀ ଗ୍ରାମର ଭାଗବତ ବଳବନ୍ତରାୟ ଓ ସାଥିଙ୍କ ଖଞ୍ଜଣୀ ଭଜନ, ସାନକୁମାରୀ ଗ୍ରାମର ସୁରେଶ ସେନାପତି ଓ ସାଥିଙ୍କ ଦ୍ୱାରା ଭାରତଲୀଳା ପରିବେଷିତ ହୋଇଥିଲା। ସିନେ କଳାକାର ଏଲିନା ଓ ଦୀପକ କୁମାର ନାୟକ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି ଅବସରରେ ଛାତ୍ରୀ ସମୀକ୍ଷା ନରେନ୍ଦ୍ର ଓ ସଙ୍ଗିତା ନାୟକଙ୍କୁ ବୋଲଗଡ ପ୍ରଦୀପ, କଳାକାର ବାନାମ୍ବର ମହାରଣା, କଣ୍ଠଶିଳ୍ପୀ ସୁଶ୍ରୀ ଖୁସି ରାଉତ, ଡାବରଧୁଆ ପ୍ରାଥମିକ କୃଷି ସମବାୟ ସମିତିକୁ ବୋଲଗଡ ସମ୍ମାନରେ ସମ୍ମାନିତ କରାଯାଇଛି। ମହୋତ୍ସବ କମିଟି ପକ୍ଷରୁ ପ୍ରଶାନ୍ତ କୁମାର ମହାପାତ୍ର ଓ ନବକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପାର୍ବତିକାନ୍ତ ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ।

# ଫାଇନାଲରେ ଓଡ଼ିଶା ପୋଲିସ

**ସର୍ବଭାରତୀୟ କୁହୁଡ଼ି ଫୁଟବଲ**

**ଖୋର୍ଦ୍ଧା ଅଫିସ/ ଟାଙ୍ଗୀ, ୨୯।୧୨ (ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମ୍‌ରେ ମହାବୀର ଆଥ୍‌ଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ୬୦ତମ ସର୍ବଭାରତୀୟ 'ମହାବୀର କପ୍' ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଚାଲିଛି। ଏହାର ଅଷ୍ଟମ ଦିବସ ମ୍ୟାଚରେ ସାଇ ଓଡ଼ିଶା ୧-୦ ଗୋଲରେ ଅଟ୍‌ଲାରୀ ଫୁଟ୍‌ବଲ୍ ଟିମ ହାଇଦ୍ରାବାଦକୁ ପରାସ୍ତ କରି ବିଜୟୀ ହୋଇଛି। ଖେଳର ୪୦ ତମ୍ ମିନିଟ୍‌ରେ ଓଡ଼ିଶା ପୋଲିସ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ କୁହୁଡିର ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, ଜନତା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଚନ୍ଦ୍ରଶେଖର ଦାଶ, ପୂର୍ବତନ ରତନପୁର ସରପଞ୍ଚ କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଓଡ଼ିଆ ଯାତ୍ରା ଜଗତର ସୁନାମଧନ୍ୟ ନାୟକ ହାପି କର ଓ କୁହୁଡି ସରପଞ୍ଚ ବିପିନ୍ ଉଦୟସିଂହ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନରେ ସୁବ୍ରତ କୁମାର ପୁରୋହିତ, ରମଣୀ ମାଝି ଓ ଦୁର୍ଗା ଆଚାର୍ଯ୍ୟ ସହଯୋଗ କରିଥିଲେ। ଆଜିର ବେଷ୍ଟ ପ୍ଲେୟାର ଭାବେ ସାଇ ଓଡ଼ିଶାର ୧୪ ନଂ. ଖେଳାଳି ପ୍ରଭାତ ଦଣ୍ଡସେନା ଓ ଓଡ଼ିଶା ପୋଲିସର ୪ ନଂ. ଖେଳାଳି ଚିୟୁଙ୍ଗ ଲିମା ପୁରସ୍କୃତ ହୋଇଥିଲେ। ସୋମବାର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ପୋଲିସକୁ ମୁକାବିଲା କରିବ ବରଗଡର ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଜାଗା ବିବାଦକୁ ନେଇ ଗଣ୍ଡଗୋଳ, ୨ ଗିରଫ

ନିମାପଡ଼ା,୨୯।୧୨(ଡି.ଏନ୍.ଏ): ଚାରିଛକ ଫାଣ୍ଡି ଅର୍ନ୍ତଗତ ଆମ୍ବୋର ଗ୍ରାମରେ ଜାଗା ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ରବୀନ୍ଦ୍ର ବିଶ୍ୱାଳ ଓ ଗୋପୀନାଥ ନାୟକ। ଏ ନେଇ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ରବୀନ୍ଦ୍ର ଓ ଗୋପୀନାଥଙ୍କ ମଧ୍ୟରେ ପୂର୍ବରୁ ଏକ ଜମିକୁ ନେଇ ବିବାଦ ଲାଗିରହିଥିଲା। ରବିବାର କୌଣସି କାରଣକୁ ନେଇ ଜମିକଥାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଉଭୟ ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଦୁଇ ପରିବାରର ରବୀନ୍ଦ୍ର, ଗୋପୀନାଥ, ପ୍ରୀତିରଞ୍ଜନ ନାୟକ ଓ ଜ୍ଞାନରଞ୍ଜନ ନାୟକ ଆହତ ହୋଇ ପ୍ରଥମେ ଚାରିଛକ ପରେ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଫଳରେ ଗୋଟିଏ ପରିବାର ପକ୍ଷରୁ ରବୀନ୍ଦ୍ର ବିଶ୍ୱାଳ ଦୁଇଜଣଙ୍କ ବିରୋଧରେ ଫାଣ୍ଡିରେ ଅଭିଯୋଗ କରିଥିବାବେଳେ ଅନ୍ୟ ଏକ ପରିବାର ପକ୍ଷରୁ ଗୋପୀନାଥ ୩ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ଗୋପୀନାଥ ନାୟକ, ଜ୍ଞାନରଂଜନ ନାୟକଙ୍କ ବିରୋଧରେ ନଂ. ୩୩୪।୧୯ରେ ଏକ ମାମଲା ରୁଜୁ କରିଛି। ସେହିଭଳି ଗୋପୀନାଥଙ୍କ ଅଭିଯୋଗକ୍ରମେ ରାମଚନ୍ଦ୍ର ବିଶ୍ୱାଳ, ପ୍ରତିରଂଜନ ବିଶ୍ୱାଳ ଏବଂ ଟୁଲୁ ବିଶ୍ୱାଳଙ୍କ ବିରୋଧରେ ନଂ. ୩୩୫।୧୯ରେ ମାମଲା ରୁଜୁ କରିଛି।

### କୋର୍ଟର ରୋକ୍ ସାକ୍ଷାତ୍କାର ପାଇଁ ଆସି ନିରାଶରେ ଫେରିଲେ

ଗୋପ,୨୯।୧୨(ଡ଼ି.ଏନ୍.ଏ.): ଗୋପ ମହାବିଦ୍ୟାଳୟର ୫ଟି ପଦବୀ ପାଇଁ ରବିବାର ସାକ୍ଷାତକାର ଦେବାକୁ ଆସିଥିବା ୬୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ନିରାଶରେ ଫେରିଛନ୍ତି। ଘଟଣା ହେଲା, ମହାବିଦ୍ୟାଳୟରେ ୫ଟି ପଦବୀ ପୂରଣ ପାଇଁ ବିଭିନ୍ନ ଗଣମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞାପନରେ ୨୯ ତାରିଖରେ ସାକ୍ଷାତକାରରେ ଯୋଗଦେବା ପାଇଁ ଦର୍ଶାଯାଇଥିଲା। କେତେକ ଆବେଦନକାରୀଙ୍କ ପାଖକୁ ଟେଲିଫୋନ୍ ଓ ମ୍ୟାସେଜ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଅନ୍ୟପଟେ ସାକ୍ଷାତକାରକୁ ନିୟମର ଉଲ୍ଲଂଘନ ଦର୍ଶାଇ ମାଧବିକା ମାଝି ନାମକ ଜଣେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲୁପିସି କେସ୍ ନଂ-୨୬୬୬୨/୨୦୧୯ ଜରିଆରେ ଏହି ସାକ୍ଷାତକାରକୁ ରୋକ ଲଗାଇବା ସହ ବିଚାର ନ ସରିବା ପର୍ଯ୍ୟନ୍ତ ସାକ୍ଷାତକାର ହୋଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କଲେଜ କର୍ତ୍ତୃପକ୍ଷ ସାକ୍ଷାତକାର ରଦ୍ଦ ହୋଇଥିବା ନେଇ ଗତ ୨୭ ତାରିଖରେ ନୋଟିସ୍ ମାରିଥିଲେ। କିନ୍ତୁ ଆବେଦନକାରୀଙ୍କୁ ଏ ସମ୍ପର୍କରେ ମ୍ୟାସେଜ୍ କି ଟେଲିଫୋନ୍ ମାଧ୍ୟମରେ ଅବଗତ କରି ନ ଥିଲେ। ଫଳରେ ରବିବାର ୬୦ରୁ ଊର୍ଦ୍ଧ୍ୱ ଆବେଦନକାରୀ କଲେଜରେ ପହଞ୍ଚିଥିବାବେଳେ କାହାରିକୁ ନ ପାଇ ନୋଟିସ୍ ଦେଖି ଅସନ୍ତୋଷ ପ୍ରକାଶ କରି ଫେରିଥିଲେ।

■ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଉଦ୍‌ଯାପିତ

# ଅଧ୍ୟାତ୍ମ ବିଦ୍ୟା ଅଭାବରେ ପ୍ରକୃତି ପଶୁତୁଲ୍ୟ ହେବ

ପୁରୀ ଅଫିସ, ୨୯।୧୨:

ଅଧ୍ୟାତ୍ମ ବିଦ୍ୟା ଅଭାବରେ ଆକୃତି ମଣିଷ ସଦୃଶ ହେଲେ ମଧ୍ୟ ବ୍ୟକ୍ତିର ପ୍ରକୃତି ପଶୁତୁଲ୍ୟ ହୋଇଯିବ। ମଣିଷ ଯେପରି ସମାଜ ସେପରି। ତେଣୁ ସମାଜକୁ ସଜାଡ଼ିବାକୁ ହେଲେ ମଣିଷକୁ ଶ୍ରୀମଦ୍ ଭଗବତ ଗୀତାର ଆଧାରରେ ଜୀବନକୁ ଗଢ଼ିବାକୁ ହେବ ବୋଲି କହିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍ ପରିସରରେ ରବିବାର ତୃତୀୟ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଗଜପତି ମହାରାଜା ଛାତ୍ରୀଛାତ୍ରମାନଙ୍କୁ ଗୀତା ଆବୃତ୍ତି ସହିତ ଅଧ୍ୟୟନ ଓ ଗୀତା ଆଧାରରେ ଜୀବନ ଗଢ଼ିବାକୁ ପରାମର୍ଶ ଦେଇଛନ୍ତି। ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଆସିଥିବା ସଂସ୍କୃତ ବିଦ୍ୱାନମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ସଂସ୍କୃତ ଭଳି ଭାଷା ନାହିଁ ଓ ସଂସ୍କୃତରେ ଲେଖାଯାଇଥିବା ଶାସ୍ତ୍ର ଭଳି ଶାସ୍ତ୍ର ନାହିଁ। ଗୀତା ହେଉଛି ସବୁ ଶାସ୍ତ୍ରର ସାର। ବେଦ ପାଠଶାଳା ପରି ଗୀତା ପାଠଶାଳାମାନ ପ୍ରତିଷ୍ଠା କରାଯାଇପାରିଲେ ଗୀତା ଆଦୃତ ଲାଭ କରିପାରିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି ଓ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ଏକ ଆଦର୍ଶ ଜୀବନ ଗଢ଼ିତୋଳିବା ଲାଗି ପରାମର୍ଶ ଦେଇଥିଲେ।

ପ୍ରଜ୍ଞାନ ମିଶନ ପକ୍ଷରୁ ୫ଟି ବିଭାଗରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ସବୁ ଜିଲାରୁ ୨୮୮ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ୭୫ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଚାରକମାନଙ୍କୁ ସମ୍ମାନିତ କରାଯାଇଥିଲା। କ ବିଭାଗରେ ସାଇ ପଦ୍ମିନୀ ଲେଙ୍କା, ପ୍ରଭୁଦତ୍ତ ସୁଆର, ସ୍ୱସ୍ତି ସ୍ୱରୂପ ସାହୁ, ଖ ବିଭାଗରେ ପ୍ରଜ୍ଞାପ୍ରକାଶ ପ୍ରିୟଦର୍ଶନ, ପ୍ରତୀକ୍ଷା ମହାପାତ୍ର, ଲିପି ଦେଓ, ଗ ବିଭାଗରେ ଅମିତା ରଥ, ମାଧବୀ ମଞ୍ଜରୀ ପଣ୍ଡା, ଓମ୍‌ପ୍ରିୟା ଷଡ଼ଙ୍ଗୀ, ଘ ବିଭାଗରେ ବିନୋଦିନୀ ସାମଲ, ଶ୍ୱେତପଦ୍ମା ପଟ୍ଟନାୟକ, ସୁଜାତା ମହାନ୍ତି, ଙ ବିଭାଗରେ ସୁପ୍ରିୟା ପଣ୍ଡା, ଇପ୍‌ସିତା ଦାଶ ଓ ଦେବରାଜ ଦାଶ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।



କାର୍ଯ୍ୟକ୍ରମରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

■ଗୀତା ହେଉଛି ସବୁ ଶାସ୍ତ୍ରର ସାର

■ଗୀତା ପାଠଶାଳା ପ୍ରତିଷ୍ଠା ହେବା ଦରକାର

■ ପୁରୀ ଏସ୍‌ପିଙ୍କ ସହ ଆଲୋଚନା କଲେ ଡିଜିପି

# ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷାକୁ ପ୍ରାଥମିକତା

ପୁରୀ ଅଫିସ, ୨୯।୧୨ :

ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର ଅଚାନକ ପୁରୀ ଗସ୍ତରେ ଆସି ଏସ୍‌ପି ଉମାଶଙ୍କର ଦାଶଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ପୁରୀ ଜିଲାର ଅପରାଧିକ ରେକର୍ଡପତ୍ର ଯାଞ୍ଚ କରିଛନ୍ତି। ଏହି ଆଲୋଚନା ସମ୍ପର୍କରେ ଏସ୍‌ପି ଦାଶ କୌଣସି ସୂଚନା ଦେଇନାହାନ୍ତି। ତେବେ ଡିଜିପି ଶ୍ରୀମନ୍ଦିର ସୁରକ୍ଷା ସମେତ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବାରମ୍ବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହେଉଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ସେ ବିରକ୍ତି ପ୍ରକାଶ କରିଥିଲେ। ନୂତନ ବର୍ଷରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ନିୟନ୍ତ୍ରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଜାନୁୟାରୀ ୧ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାପ୍ରଭୁଙ୍କ ଦର୍ଶନ ଲାଗି ଶ୍ରୀମନ୍ଦିର ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ବଡଦାଣ୍ଡରେ ଅତ୍ୟାଧୁନିକ ଶେଡ୍‌କୁ ଉଦ୍‌ଘାଟନ କରିବେ ବୋଲି ଶୁଣିବାକୁ ମିଳୁଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମ ନେଇ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବ ସେଥିପ୍ରତି ଦୃଷ୍ଟି ଦେବାକୁ ଏସ୍‌ପି ଦାଶଙ୍କୁ ଡିଜିପି ତାଗିଦ୍ କରିଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବଡଦାଣ୍ଡକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରିବା, ସାଦା ପୋଷାକଧାରୀ ପୋଲିସ ଏବଂ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ଲାଗି ସେ କହିଥିଲେ। ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ସମୁଦ୍ର ସ୍ନାନ ଯେପରି ବିପଦମୁକ୍ତ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। ଏହି ଆଲୋଚନାବେଳେ ଜିଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ତେବେ ଗୋଟିଏ ପଟେ ଡିଜିପି ଶ୍ରୀମନ୍ଦିର ସୁରକ୍ଷା ଉପରେ ଆଲୋଚନା କରୁଥିବାବେଳେ ସେପଟେ ବିଦେଶିନୀ ୱାଚଟାୱାର ଉପରେ ଚଢ଼ି ଶ୍ରୀମନ୍ଦିର ଭିତର ଫଟୋ ଉଠାଇବା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସେହିପରି ଭୁବନେଶ୍ୱରର ଶପିଂ ମଲ୍‌ରେ ଜଣେ ମହିଳା ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଚାଲିଥିଲା। ଖବରଦାତାମାନେ ଏ ସଂକ୍ରାନ୍ତରେ ଡିଜିପିଙ୍କ ପ୍ରତିକ୍ରିୟା ଲାଗି ଅପେକ୍ଷା କରିଥିଲେ। ମାତ୍ର ଡିଜିପି ପରେ ଖବରଦାତାମାନଙ୍କୁ ଡକାଯିବ କହି ଏସବୁ ପ୍ରସଙ୍ଗକୁ ଚତୁରତାର ସହିତ ଏଡ଼ାଇ ଯାଇଥିଲେ।

# ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ମହୋତ୍ସବ

କୋଣାର୍କ,୨୯।୧୨(ଡି.ଏନ.ଏ)

କୋଣାର୍କ ନିକଟସ୍ଥ ଅର୍ବାନ ହାଟ ପରିସର ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ମହୋତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ଗୁରୁ ଦେବୀପ୍ରସାଦ ପରିଡ଼ାଙ୍କ ପୌରୋହିତ୍ୟରେ କୋଣାର୍କ ସଂଗୀତ ପରିଷଦ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗୁରୁ ଚନ୍ଦ୍ରମଣୀ ଲେଙ୍କା, ଗୁରୁ ସତ୍ୟପ୍ରିୟ ମହାପାତ୍ର, ଗୁରୁ ବାନାମ୍ବର ସ୍ୱାଇଁ, ଗୁରୁ ଶ୍ରୀଧର ମହାପାତ୍ର, ସନ୍ଧ୍ୟାରାଣୀ ରାଉତ, ବସୁନ୍ଧରା ପରିଡ଼ା, ଗୁରୁ ବସନ୍ତ ମହାରଣା, ଶ୍ୱେତପଦ୍ମା ମହାରଣା, ରଞ୍ଜନ କୁମାର ମୁଦୁଲି, ସୁକାନ୍ତ ସାହୁ, ମଙ୍ଗରାଜ ରାଉତ ଏବଂ ଗୁରୁ ଦେବୀ ପ୍ରସାଦ ପରିଡ଼ା ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ। ଏଥିସହ ଦ୍ୱୈତ ଗାୟନରେ ବିଶ୍ୱଜିତ୍ ପ୍ରଧାନ ଓ ଅମରେଶ୍ୱର ବାରିକ ଏବଂ ବୃନ୍ଦ ଗାୟନରେ ପୁରୀର ମହାବୀର ସଙ୍ଗୀତ ପରିଷଦର କଳାକାରଙ୍କ ସହିତ ଅଭିପ୍ସା ପ୍ରିୟଦର୍ଶିନୀ ସ୍ୱାଇଁ ପରିବେଷଣ କରିଥିଲେ। ସେହିଭଳି ଯନ୍ତ୍ର ସଂଗୀତରେ ଥିଲେ ଗୁରୁ ରବିନାରାୟଣ ପାଣି, ମୁରଲୀଧର ସ୍ୱାଇଁ, ବଟଗୋପାଳ ତ୍ରିପାଠୀ, ଗୁରୁ ଭୀମସେନ ମହାରଣା, ଗୁରୁ ଲକ୍ଷ୍ମୀଧର ମଲ୍ଲିକ, ସୁବ୍ରତ ବେହେରା ଓ ବନେନ୍ଦ୍ର ଦାସ। କାର୍ଯ୍ୟକ୍ରମକୁ ସତ୍ୟଜିତ୍ ସ୍ୱାଇଁ ସଂଯୋଜନା କରିଥିଲେ। ସଂଗୀତ ପରିଷଦର ଉପଦେଷ୍ଟା ଉମେଶଚନ୍ଦ୍ର ସ୍ୱାଇଁ, ଗୁରୁ ଜୟକୃଷ୍ଣ ନାୟକ, ରୁକ୍ମିଣୀ ଦେବୀ, ହରିଶ୍ଚନ୍ଦ୍ର ଦାଶ, ଗୁରୁ ବାନାମ୍ବର ସ୍ୱାଇଁ, ପ୍ରତାପଚନ୍ଦ୍ର ରାଉତ ଓ ସଞ୍ଜୟ ବରାଳ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ମହୋତ୍ସବରେ କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

### ସିଂହଦ୍ୱାର ସୌନ୍ଦର୍ଯ୍ୟକରଣ କାମ ଦେଖିଲେ ମୁଖ୍ୟ ପ୍ରଶାସକ

ପୁରୀ ଅଫିସ,୨୯।୧୨:

ସିଂହଦ୍ୱାରରେ ସୌନ୍ଦର୍ଯ୍ୟକରଣ କାମ ଦ୍ରୁତଗତିରେ ଚାଲିଛି। ରବିବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏହି ସୌନ୍ଦର୍ଯ୍ୟକରଣ କାମ ବୁଲି ଦେଖିଛନ୍ତି। ସେହିପରି ନୂଆ ପାଦ ପ୍ରକ୍ଷାଳନ କାମ ବି ଆରମ୍ଭ ହୋଇଛି। ଆସୁଛି ନୂଆବର୍ଷ। ତେଣୁ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା କରାଯାଉଛି। ସିଂହଦ୍ୱାର ସମ୍ମୁଖ ଅଞ୍ଚଳକୁ ନୂଆ ରୂପ ଦିଆଯାଉଛି। ନୂଆ ବ୍ୟାରିକେଡ, ସ୍ଥାୟୀ ଜୋତା, ମୋବାଇଲ ଷ୍ଟାଣ୍ଡ ତିଆରି ଚାଲିଛି। ପାନୀୟ ଜଳ, ଟଏଲେଟ୍ ସୁବିଧା ବି କରାଯାଇଛି। ରବିବାରଠାରୁ ନୂଆ ପାଦ ପ୍ରେକ୍ଷାଳନ କାମ ଆରମ୍ଭ ହୋଇଛି। ପୂର୍ବରୁ ଯେଉଁ ପାଦ ପ୍ରକ୍ଷାଳନ ରହିଛି ତାହାକୁ ଭଙ୍ଗାଯାଇ ପାଦ ପ୍ରକ୍ଷାଳନ ତିଆରି ହେବ। ବ୍ୟାରିକେଡରେ ଭକ୍ତମାନେ ଯିବା ସମୟରେ ଏହା ମଧ୍ୟରେ ପଶି ଯିବେ। ଫଳରେ ସେମାନଙ୍କୁ ଆଉ ପାଦ ଧୋଇବା ପାଇଁ ବାହାରକୁ ଯିବାକୁ ପଡ଼ିବନି।

# ନିଃସ୍ୱାର୍ଥ ପରିବାରର ପଞ୍ଚମ ବାର୍ଷିକୋତ୍ସବ


ଗୋପ ଅଗ୍ନିଶମ ସେବାକେନ୍ଦ୍ରକୁ ନିଃସ୍ୱାର୍ଥ ପରିବାର ସେବା ସମ୍ମାନ ପ୍ରଦାନ କରାଯାଉଛି।

ଗୋପ,୨୯।୧୨(ଡି.ଏନ.ଏ)

ଗୋପର ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଃସ୍ୱାର୍ଥ ପରିବାରର ପଞ୍ଚମ ବାର୍ଷିକ ଉତ୍ସବ ରବିବାର ଅଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇଥିଲେ। କବି ପୁନେଶ କୁମାର ସେନାପତି ମୁଖ୍ୟବକ୍ତା, ଗଙ୍ଗାଧର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ସେବା କାର୍ଯ୍ୟକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋପ ବ୍ଲକ୍‌ର ବରିଷ୍ଠ ଆଶାକର୍ମୀ ପ୍ରତିମା ରଥ, ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ଗୋପ ଅଗ୍ନିଶମ ସେବାକେନ୍ଦ୍ର ଓ ଉତ୍ସର୍ଗ ପରିବାରକୁ ନିଃସ୍ୱାର୍ଥ ପରିବାର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ ସତ୍ୟପ୍ରିୟ ନାୟକ, ରାଧାଶ୍ୟାମ ମିଶ୍ର, ତାଲିମ ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ଗୋପ ଥାନାଧିକାରୀ ସୁଧୀର କୁମାର ସାହୁ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ବିରଞ୍ଚି ନାରାୟଣ ଗୋଚ୍ଛାୟତ, ରାଜସ୍ୱ ନିରୀକ୍ଷକ ଜଗନ୍ନାଥ ବିଶ୍ୱାଳ, ପ୍ରକୃତି ବନ୍ଧୁ ସୁଶାନ୍ତ ପ୍ରଧାନ, ଚନ୍ଦ୍ରଶେଖର ମିଶ୍ର, ସମରେନ୍ଦ୍ର ସିଂ, ସଦାଶିବ ବେହେରା, ପ୍ରଦୀପ୍ତ ସାହୁ ପ୍ରମୁଖ ଅନ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହାସହ ପୁରୀର ସାହିଭାଇ ଅନୁଷ୍ଠାନ, ଗୋପର ଉତ୍ସର୍ଗ ଅନୁଷ୍ଠାନ ଏବଂ ବଣିଆସାହି ଯୋଗ ଗ୍ରୁପ୍‌ର ମହିଳାମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ରତ୍ନାକର ସେଠୀ ସ୍ୱାଗତ ଭାଷଣ ଓ ଅର୍ଥ ସମ୍ପାଦକ ସିଲନ୍ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ସୁଦର୍ଶନ ସାହୁ, କିଶୋର ସାହୁ, ଶିବ ନାରାୟଣ ସାହୁ, ତ୍ରିଲୋଚନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ପୂର୍ବତଟ ରେଲୱେ ଚାମ୍ପିୟନ



ପୁରସ୍କାର ସହ ଚାମ୍ପିୟନ ଦଳର ଖେଳାଳିମାନେ।

ପୁରୀ ଅଫିସ, ୨୯।୧୨ :

ନିତା ଫୁଟବଲ ଏକାଡେମୀ ପୁରୀ ଆନୁକୂଲ୍ୟରେ ତାଳବଣିଆସ୍ଥିତ ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟରେ ପୂବତଟ ରେଲୱେ ଖୋର୍ଦ୍ଧା ଚାମ୍ପିୟନ ହୋଇଛି। ରବିବାର ନିପେନ୍ଦ୍ର ଫୁଟବଲ କ୍ଲବ କଟକ ଓ ପୂର୍ବତଟ ରେଲୱ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପୂର୍ବତଟ ୩-୦ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଜିଲା କ୍ରୀଡା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ,ଏକାଡେମୀ ଅଧ୍ୟକ୍ଷ ଇଂ. ସୁବ୍ରତ ଦାସ, ଇଂ. ଦେବବ୍ରତ ଷଡ଼ଙ୍ଗୀ, ଅଶୋକ କୁମାର ବରାଳ, ବିଶ୍ୱାନନ୍ଦ ଭ୍ରମରବର ରାଏ, ଦୁଗା ମାଧବ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏକାଡେମୀର ପୁରୀ ସଭାପତି ରାମ ନାୟକ, ସମ୍ପାଦକ ସତ୍ୟବ୍ରତ ଷଡ଼ଙ୍ଗୀ, କୋଚ୍ ଜଗଲୁର ମହମ୍ମଦ, ସସ୍ମିତା ଘଟୁଆରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କୁ ଆକ୍ରମଣକୁ ନିନ୍ଦା

ପୁରୀ ଅଫିସ/ ସାକ୍ଷୀଗୋପାଳ, ୨୯।୧୨(ଡି.ଏନ.ଏ):

ଭୁବନେଶ୍ୱରର ଏକ ଶପିଂ ମଲ୍‌ରେ ମହିଳା ଖବରଦାତାଙ୍କ ଉପରେ ଆକ୍ରମଣ ଘଟଣାକୁ ପୁରୀ ଓ ସତ୍ୟବାଦୀ ଖବରଦାତା ଏବଂ ବୁଦ୍ଧିଜୀବୀଙ୍କ ପକ୍ଷରୁ ନିନ୍ଦା କରାଯାଇଛି। ରବିବାର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପାଖରେ ପ୍ଲାକାର୍ଡ ଧରି ପ୍ରତିବାଦ କରାଯାଇଥିଲା। ସେହିପରି ପୁରୀରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଖବରଦାତାଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ ଆଇନ ଆଣନ୍ତୁ ବୋଲି ଦାବି କରାଯାଇଛି।

# ଶବ୍ଦରାଗ ଓ କବିତା ଆସର

ପୁରୀ ଅଫିସ, ୨୯।୧୨:

ସଂସ୍କୃତି ଭବନରେ ରବିବାର ଛାନ୍ଦ ସମ୍ରାଟ ହରିହର ମହାପାତ୍ର ଫାଉଣ୍ଡେଶନର ବାର୍ଷିକ ଉତ୍ସବରେ ସାହିତ୍ୟ ଓ ସଂସ୍କୃତିର ମହାମିଳନ 'ଶବ୍ଦରାଗ' ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଅଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଓ ପକ୍ଷୀଘର ସମ୍ପାଦକ ବନଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି, କବିତା ଓ ସାହିତ୍ୟର ଆବଶ୍ୟକତା ଏବଂ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟର ସମୃଦ୍ଧ ଭଣ୍ଡାର ସମ୍ବନ୍ଧରେ ଅତିଥିମାନେ ଆଲୋଚନା କରିଥିଲେ। ଫାଉଣ୍ଡେଶନର ମୁଖ୍ୟ ଗାୟକ ଗୁରୁ ସଚ୍ଚିଦାନନ୍ଦ ମହାପାତ୍ର ଆମ ପ୍ରାଚୀନ ସାହିତ୍ୟର ଗୌରବ ଓ ଗରିମା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଗୀତାଞ୍ଜଳି ପଣ୍ଡା, ସର୍ବାଣୀ ଦାସ, କ୍ରିଷ୍ଣା ମହାପାତ୍ର ଓ ପ୍ରବାସିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ଆସରରେ ବହୁ କବି, କବୟିତ୍ରୀ କବିତା ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶବ୍ଦରାଗର ବାର୍ଷିକ ସଂଖ୍ୟା ଏବଂ ପଣ୍ଡିତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ଦୁଇଟି ପୁସ୍ତକ ନାଗାନନ୍ଦ ଓ ଯନ୍ତ୍ରଣାର ପ୍ରଳାପ ଉନ୍ମୋଚିତ ହୋଇଥିଲା। ୨୦ ଜଣ ପାଲାଗାୟକ, ବାୟକ ଓ ପାଳିଆଙ୍କୁ ସମ୍ମାନ ପ୍ରଦାନ କରାଯିବା ସହ ଗାୟକ ନିରଞ୍ଜନ ବାହିନୀପତି ଏବଂ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇଙ୍କୁ ଗାୟକ ହରିହର ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ଡ. ଦେବୀପ୍ରସାଦମହାପାତ୍ରସଭା ପରିଚାଳନା କରିଥିବାବେଳେ ବିଜୟ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

■ ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ

# ଜଗତୀକରଣ ନାଁରେ ବିଦ୍ୟୁତ୍ ବିଭାଗକୁ ଖଣ୍ଡ ଖଣ୍ଡ କରାଯାଉଛି

ପୁରୀ ଅଫିସ,୨୯।୧୨:

ସରକାର ଜଗତୀକରଣର ଦ୍ୱାହି ଦେଇ ବିଦ୍ୟୁତ୍ ବିଭାଗକୁ ଖଣ୍ଡ ଖଣ୍ଡ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ବିଦ୍ୟୁତ୍ ସଂସ୍କାର ନାଁରେ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ତାହାର ସୁଫଳ ଜନସାଧାରଣ ପାଉନାହାନ୍ତି। ସଂସ୍କାର ଦ୍ୱାରା ବିଦ୍ୟୁତ୍ ବିଭାଗର ଉନ୍ନତି ହେବ ବୋଲି ଯେଉଁ ଲକ୍ଷ୍ୟ ରଖାଯାଇଥିଲା ତାହା ଆଜି ବିଫଳ ହୋଇଛି। ସରକାର ଗୋଟିଏ ପରେ ଗୋଟିଏ ଘରୋଇ କମ୍ପାନୀ ହାତରେ ବିଦ୍ୟୁତ୍ ବିଭାଗକୁ ଟେକିଦେବାରେ ଲାଗିଛନ୍ତି। ଫଳରେ ବିଦ୍ୟୁତ୍ କ୍ଷତି ବଢ଼ିବାରେ ଲାଗିଛି ବୋଲି କହିଛନ୍ତି ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସର ରାଷ୍ଟ୍ରୀୟ ସଚିବ ରାମକୃଷ୍ଣ ପଣ୍ଡା। ହୋଟେଲ ସ୍ୱସ୍ତିକ ମଣ୍ଡପରେ ରବିବାର ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ୪୭ତମ ବାର୍ଷିକ ଅଧିବେଶନରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ 'ଆମ ବିଦ୍ୟୁତ୍ ସେବା ବନାମ୍ ଆଚରଣରେ ବିଚାରର ସଂସ୍କାର' ଉପରେ ବକ୍ତବ୍ୟ ରଖି ଏହା କହିଥିଲେ ପଣ୍ଡା।

ସଂଘ ସଭାପତି କୈଳାସ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନକୁ ସେସୁର ପ୍ରାକ୍ତନ ମୁଖ୍ୟ ନିର୍ବାହୀ ଦେବରାଜ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଗାନ୍ଧୀବାଦୀ ଲେଖକ ଓ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା, ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ଯତୀନ୍ଦ୍ର କୁମାର ରାୟ, ଖବରଦାତା ନାରାୟଣ ପ୍ରସାଦ ସିଂ, ଇଂ. ପ୍ରତ୍ୟୁଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଆରମ୍ଭ ହେବାର ୨୪ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ତାହାର ଇପ୍‌ସିତ ସୁଫଳ ମିଳିନାହିଁ। ପୂର୍ବରୁ ବିଦ୍ୟୁତ୍ ସେବାରେ ନିୟୋଜିତ ଘରୋଇ ସଂସ୍ଥାଗୁଡ଼ିକ ଶହ ଶହ କୋଟି ଟଙ୍କା ଠକି ପଳାଇଛନ୍ତି। ଏବେ ଏକ ଘରୋଇ କମ୍ପାନୀକୁ ୫୧ ପ୍ରତିଶତ ମାଲିକାନା ଦିଆଯାଇଛି। ଏହାର ଯଥାର୍ଥତା ନେଇ ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘ ପ୍ରଶ୍ନ ଉଠାଇବା ସହ ବିଦ୍ୟୁତ୍ ସଂସ୍କାର ଓ ଘରୋଇକରଣ ନାଁରେ ଉପଭୋକ୍ତାଙ୍କ ସ୍ୱାର୍ଥପ୍ରତି ଆଖି ବୁଜି ଦିଆଯାଇଥିବା କହିଛି। ଅନ୍ୟପକ୍ଷରେ ଘରୋଇ ନିବେଶ ଓ ସେବା ସୁପରିଚାଳନା ନାଁରେ ନୂଆ ନୂଆ କୌଶଳରେ ଉପଭୋକ୍ତା ଓ କର୍ମଚାରୀଙ୍କୁ ଶୋଷଣ କରାଯାଉଛି। କୁପରିଚାଳନା ଓ ଅପାରଗତା ଯୋଗୁ ବିଦ୍ୟୁତ୍ ସଂସ୍କାର ପୂର୍ବର କ୍ଷତି ୨୩ ପ୍ରତିଶତ ଥିବା ବେଳେ ଏବେ ତାହା ୩୫ ପ୍ରତିଶତରୁ ଅଧିକ ହେଲାଣି। ଘରୋଇ ସଂସ୍ଥାମାନେ ମାଲାମାଲ୍ ହେଉଥିବା ବେଳେ ବିଦ୍ୟୁତ୍ ସେବା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି ବୋଲି ଅତିଥିମାନେ କହିଥିଲେ। ପୁରୀ ଡିଭିଜନ ସମ୍ପାଦକ ଜୟକୃଷ୍ଣ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବାବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ସାଧାରଣ ସମ୍ପାଦକ ରାଜକିଶୋର ପଟ୍ଟନାୟକ। ସଂଘର କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧିବେଶନ ପୂର୍ବରୁ ସଦସ୍ୟମାନେ ଶୋଭାଯାତ୍ରାରେ ବଡଦାଣ୍ଡ ପରିକ୍ରମା କରି ଅଧିବେଶନସ୍ଥଳକୁ ଆସିଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା।



ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।